# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, October 31/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 334 | ମୂଲ୍ୟ ₹୭/-




## ତନୁଷ କୋଟିଆନଙ୍କୁ ୪ ଉଇକେଟ ସଫଳତା

ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷ ପ୍ରଥମ ନନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ୪ ଉଇକେଟ ସଫଳତା ହାସଲ କରିଛନ୍ତି ଭାରତ 'ଏ' ଦଳର ତନୁଷ କୋଟିଆନ। ୧୪

୧୧

## ଟ୍ରମ୍ପ୍ ଟାରିଫ୍: ଚାଇନା ପାଇଁ ୪୭%

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦକ୍ଷିଣ କୋରିଆରେ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ୪୭%କୁ ହ୍ରାସ କରିଛନ୍ତି।



## ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ,୩୦।୧୦

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୨୦୨୫-୨୬ ଶିକ୍ଷାବର୍ଷ ଲାଗି ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଚୂଡ଼ାନ୍ତ କାର୍ଯ୍ୟସୂଚୀ ଗୁରୁବାର ପ୍ରକାଶ କରିଛି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫେଜ୍ ୧ ଫେବୃଆରୀ ୧୭ରୁ ଅରମ୍ଭ ହୋଇ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫେବୃଆରୀ ୧୭ରୁ ଏପ୍ରିଲ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ବୋର୍ଡ ୱେବ୍‌ସାଇଟ୍‌ରୁ ଦେଖିବା ସହ ଡାଉନ୍‌ଲୋଡ କରିପାରିବେ। ପରୀକ୍ଷା କାଗଜ କଲମ ଫର୍ମାଟ୍‌ରେ ହେବ। ବିଷୟ ଅନୁଯାୟୀ ଉଭୟ ବୋର୍ଡ ପରୀକ୍ଷା ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧୨ଟା ୩୦ କିମ୍ବା ୧ଟା ୩୦ ପର୍ଯ୍ୟନ୍ତ ହେବ। ପରୀକ୍ଷାର୍ଥୀମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଭଲ ଭାବେ ଦେଖି ସୁନିଶ୍ଚିତ ହେବା ଜରୁରୀ। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ର ସୁପାରିସ ଅନୁଯାୟୀ୨୦୨୬ରୁ ଗୋଟିଏ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ବୋର୍ଡ ପରୀକ୍ଷା ହେବ।



ଉତ୍ତରପ୍ରଦେଶ ପ୍ରୟାଗରାଜର ସଙ୍ଗମ ସ୍ଥଳ ନିକଟରେ ଗୁରୁବାର ଜଣେ ବ୍ୟକ୍ତି ବୋଟ୍‌ରେ ରହି ଅତିଥି ପକ୍ଷୀଙ୍କୁ କିଛି ଖାଦ୍ୟ ଦେଉଛନ୍ତି।

## ନଭେମ୍ବର ପହିଲାରୁ ତହସିଲରେ ଜମି ପଞ୍ଜୀକରଣ: ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର,୩୦।୧୦(ରବିନାରାୟଣ ଜେନା)

### ପ୍ରଥମ ପର୍ଯ୍ୟାୟରେ ୪୪ ତହସିଲ ସାମିଲ

ରାଜ୍ୟରେ ଜମି ପଞ୍ଜୀକରଣ ନେଇ ଲାଗି ରହୁଥିବା ସମସ୍ୟାର ସମାଧାନ ଲାଗି ରାଜସ୍ୱ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲରେ ନଭେମ୍ବର ପହିଲାରୁ ଜମି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗୁରୁବାର ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଲୋକେ ଆଉ ମୁଖ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଏଣିକି ତହସିଲରେ ଜମି କିଣାବିକା ସମାଧାନ ହେବ। ନଭେମ୍ବର ୧ରେ ଏସଂକ୍ରାନ୍ତୀୟ ଏକ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶୁଭରମ୍ଭ କରିବେ। ଜମି କିଣାବିକା ନେଇ ଲୋକେ ଯେପରି ହଇରାଣ ହରକତ ନ ହୁଅନ୍ତି ତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଅନ୍‌ଲାଇନରେ ସ୍ଲଟ ବୁକ୍ କରି ତହସିଲ ଅଫିସରେ ଜମି ପଞ୍ଜୀକରଣ କରିହେବ। ତେବେ ନଭେମ୍ବର ପହିଲାରୁ ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଅଫିସରେ ଜମି କିଣାବିକା ଆରମ୍ଭ ହେବାକୁ ରହିଛି। ଏହାପରେ ବାକି ୨୭୩ ତହସିଲ ସହିତ ଡିସେମ୍ବର ସୁଦ୍ଧା ସମସ୍ତ ତହସିଲରେ ଏହି ସେବା ଆରମ୍ଭ ହେବ। ଏନେଇ ଖୁବଶୀଘ୍ର ବିଭାଗ ପକ୍ଷରୁ ସବୁ ତହସିଲକୁ ନିର୍ଦ୍ଦେଶନାମା ଜାରି ହେବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।


**ଆଜିର ସମ୍ପାଦକୀୟ**

ପିଢ଼ିଗତ ପରିବର୍ତ୍ତନର ସୁଯୋଗ


## ଓଡ଼ିଶାରେ ହେବ ୯୨ ରେଳ ଓଭରବ୍ରିଜ୍

### ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୦(ସୁନିତ୍ ମିଶ୍ର)

ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଉଭୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍‌ଗୁଡ଼ିକୁ ୫୦:୫୦ ଅନୁପାତରେ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରଣାଳୟ ବହନ କରିବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷାକରି ରେଳ ମନ୍ତ୍ରଣାଳୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣହେବାକୁ ଥିବା ୯୨ଟି ରେଳ ଓଭରବ୍ରିଜ୍ ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରେଳପଥ, ସଡ଼କ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୫୩ତମ ସିଜେଆଇ ନିଯୁକ୍ତ



ନୂଆଦିଲ୍ଲୀ,୩୦।୧୦(ପି.ଟି.)

ସୁପ୍ରିମକୋର୍ଟରେ ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଗୁରୁବାର ଭାରତର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତ କରାଯାଇଛି। ସେ ନଭେମ୍ବର ୨୪ରେ କାର୍ଯ୍ୟଭାର ଗ୍ରହଣ କରିବେ। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ନୂଆ ସିଜେଆଇ ନିଯୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନର ସିଜେଆଇ ବି.ଆର୍. ଗବଇ ନଭେମ୍ବର ୨୩ରେ ଅବସର ଗ୍ରହଣ କରିବାକୁ ଯାଉଥିବାବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ତାଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ସେ ପାଖାପାଖି ୧୫ ମାସ ସିଜେଆଇ ରହିବା ପରେ ୨୦୨୭ ଫେବୃଆରୀ ୯ରେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରିବେ। ସମ୍ବିଧାନରେ ପ୍ରଦତ୍ତ କ୍ଷମତାର ପ୍ରୟୋଗକ୍ରମେ ରାଷ୍ଟ୍ରପତି ସୁପ୍ରିମକୋର୍ଟରେ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଭାରତର ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି, ଯାହା ୨୦୨୫ ନଭେମ୍ବର ୨୪ରୁ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ Xରେ ପୋଷ୍ଟ କରିଛନ୍ତି।

# ଷ୍ଟୁଡିଓରେ ୧୭ ପିଲା ପଣବନ୍ଦୀ

- ୨ ଘଣ୍ଟା ପରେ ପିଲାଙ୍କ ସମେତ ୧୯ ଉଦ୍ଧାର
- ମୁମ୍ବାଇ ପୋଲିସ ଗୁଳିରେ ଅପହର୍ତ୍ତା ମୃତ

ମାୟାନଗରୀ ମୁମ୍ବାଇର ଆର୍‌ଏ (ରା) ଷ୍ଟୁଡିଓରେ ଗୁରୁବାର ସମସ୍ତଙ୍କୁ ବିଚଳିତ କରିଦେବା ଭଳି ଭୟଙ୍କର ହାଇଡ୍ରାମା ଦେଖିବାକୁ ମିଳିଛି। ୱେବ୍ ସିରିଜ୍‌ରେ କାମ କରିବା ପାଇଁ ରୋହିତ ଆର୍ଯ୍ୟା ନାମକ ଜଣେ ବ୍ୟକ୍ତି ଶତାଧିକ ପିଲାଙ୍କୁ ଡାକିଥିଲେ। ଅଡିଶନ୍ ପାଇଁ ୧୭ ଝିଅ ଓ ପୁଅ ଆସିଥିଲେ, ଯାହାଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ହେବ। ରୋହିତ ଅଡିଶନ୍ ଲାଗି ଶୁଟିଂ କରିବା ପରିବର୍ତ୍ତେ ସେମାନଙ୍କୁ ପଣବନ୍ଦୀ କରି ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କ ସହ କଥା ହେବାକୁ ଉଦ୍ୟମ କରିବାବେଳେ ସେ ଗୁଳି ଚଳାଇଥିଲେ। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଆହତ ଅଭିଯୁକ୍ତ ରୋହିତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ମୁମ୍ବାଇ ସମେତ ମହାରାଷ୍ଟ୍ରରେ ଚିନ୍ତାର ବିଷୟ ପାଲଟିଥିବାବେଳେ ସାରା ଦେଶରେ ଏନେଇ ଚର୍ଚ୍ଚା ଲାଗିରହିଛି। ବିଶେଷକରି ଅଭିନୟ କ୍ଷେତ୍ରରେ ସ୍ୱଳ୍ପ ବୟସର ପିଲାଙ୍କୁ କ୍ୟାରିୟର ଗଢ଼ିବା ପାଇଁ ପ୍ରୋତ୍ସାହିତ କରୁଥିବା ଅଭିଭାବକ ମହଲରେ ଏହା ଉଦ୍‌ବେଗ ସୃଷ୍ଟି କରିଛି।



ମୃତ ଅଭିଯୁକ୍ତ ରୋହିତ ଆର୍ଯ୍ୟା।





ମୁମ୍ବାଇର ପୋୱାଇସ୍ଥିତ ରା ଷ୍ଟୁଡିଓ।

ମୁମ୍ବାଇ,୩୦।୧୦

ମୁମ୍ବାଇର ଅନ୍ଧେରିସ୍ଥିତ ପୋୱାଇର ସାକିବିହାର ଅଞ୍ଚଳରେ ରହିଛି ମନୋହରନଗର। ଏହାର ମରୋଲସ୍ଥିତ ପୋୱାଇରେ ମହାବୀର କ୍ଲାସିକ୍ ବିଲ୍ଡିଂର ତଳମହଲାରେ ରା ଷ୍ଟୁଡିଓ ଅବସ୍ଥିତ। ଏହି ଛୋଟ ଫିଲ୍ମ ଷ୍ଟୁଡିଓରେ କେତେଜଣ ପିଲାଙ୍କୁ ଜଣେ ବ୍ୟକ୍ତି ପଣବନ୍ଦୀ କରିଥିବା ନେଇ ଗୁରୁବାର ଅପରାହ୍ନ ୧ଟା ୪୫ ମିନିଟରେ ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ କଲ୍ କରି ସୂଚନା ଦିଆଯାଇଥିଲା। ଏହାର ୧୫ ମିନିଟ ଭିତରେ ପୋଲିସ ସେଠାରେ ପହଞ୍ଚି ପଣବନ୍ଦୀ ଥିବା ୧୭ ପିଲାଙ୍କ ସମେତ ଅନ୍ୟ ୨ ଜଣ ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଧାର ଉଦ୍ୟମ ଆରମ୍ଭ କରିଥିଲା। ପୋଲିସ ଟିମ୍ ବାଥ୍‌ରୁମ ବାଟ ଦେଇ ଅଭିଯୁକ୍ତ ରୋହିତ ଆର୍ଯ୍ୟାଙ୍କ ନିକଟରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଥିଲା। କିନ୍ତୁ ସେ ପିଲାଙ୍କୁ ଛାଡ଼ିବାକୁ ମନା କରିଦେଇଥିଲେ। ଇତିମଧ୍ୟରେ ସେ ଏକ ଭିଡିଓ ଜାରି କରି ନିଜ ବକ୍ତବ୍ୟ ରଖିଥିଲେ। ରୋହିତ ନିଜ ନାମ ପ୍ରକାଶ କରିବା ସହ କହିଥିଲେ, ସେ ଜଣେ ଆତଙ୍କବାଦୀ ନୁହନ୍ତି। ଆତ୍ମହତ୍ୟା କରିବା ପରିବର୍ତ୍ତେ ସେ କେତେଜଣ ପିଲାଙ୍କୁ ସେଠାରେ ପଣବନ୍ଦୀ କରି ରଖିବା ପାଇଁ ଯୋଜନା କରିଥିଲେ। ଅଧିକାରୀମାନଙ୍କ ଦ୍ୱାରା କରାଯାଉଥିବା 'ବ୍ୟବସ୍ଥାଗତ ବିଶ୍ୱାସଘାତ' ପ୍ରତିବାଦରେ ଏହା ତାଙ୍କର ସୁଚିନ୍ତିତ ବିରୋଧ। ସେ ସାଧାରଣ ଆଲୋଚନା, ନୈତିକ ଦାବି ପୂରଣ ଏବଂ ନୀତିଗତ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ନେଇ ଦାବି କରିଥିଲେ। ସେ ଟଙ୍କା ଦାବି କରୁନାହାନ୍ତି ବୋଲି କହିଥିଲେ। ଏପରି କି ପୋଲିସ କୌଣସି ଭୁଲ୍ ପଦକ୍ଷେପ ନେଲେ ସେ ରା ଷ୍ଟୁଡିଓରେ ନିଆଁ ଲଗାଇଦେବେ ବୋଲି ଧମକ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ରେସ୍କ୍ୟୁ ଅପରେଶନ୍ ଆରମ୍ଭ କରିବା ମାତ୍ରେ ରୋହିତ ଧରିଥିବା ଏକ ଏୟାରଗନ୍‌ରୁ ଗୁଳି ଚଳାଇଥିଲେ। ପୋଲିସ କର୍ମଚାରୀମାନେ ଏହାର ଜବାବରେ ପାଲଟା ଗୁଳି କରିଥିଲେ। ପୋଲିସ ଗୁଳିମାଡ଼ରେ ସେ ଆହତ ହୋଇଥିଲେ। ୨ଟା ୪୫ରେ ଅପହୃତ ପିଲାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରାଯିବା ସହ ରୋହିତଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ଅପରାହ୍ନ ୫ଟା ୩୦ରେ ଡାକ୍ତର ରୋହିତଙ୍କୁ ମୃତ ଘୋଷଣା କରିଥିଲେ।

ପୁଣେ ବାସିନ୍ଦା ରୋହିତ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଯୋଜନା 'ମୋ ସ୍କୁଲ, ସୁନ୍ଦର ସ୍କୁଲ' ଅଧୀନରେ କାର୍ଯ୍ୟ କରିଥିଲେ। ପିସିଏଲ୍ ସାନିଟେଶନ୍ ମନିଟର ପ୍ରକଳ୍ପରେ କରିଥିବା କାର୍ଯ୍ୟ ପାଇଁ ତାଙ୍କୁ ଅର୍ଥ ପଇଠ କରାଯାଇ ନ ଥିବା ସେ ଅଭିଯୋଗ ଆଣିଥିଲେ। ଏହି ସାନିଟେଶନ୍ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୨ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ୨୦୨୪ ଜାନୁଆରୀରେ ମହାରାଷ୍ଟ୍ରର ତତ୍କାଳୀନ ଶିକ୍ଷାମନ୍ତ୍ରୀ ଦୀପକ କେସର୍କାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ଅର୍ଥ ମିଳି ନ ଥିବା ଦର୍ଶାଇ ରୋହିତ ସେହିବର୍ଷ ୨ ଥର ଅନଶନ କରିଥିଲେ। ☞ପୃଷ୍ଠା-୧୨

## ୧ ଡଲାର=୮୮.୬୮ ଟଙ୍କା



ମୁମ୍ବାଇ,୩୦।୧୦

ଭାରତୀୟ ଟଙ୍କା ପୁଣି ତଳମୁହାଁ ହୋଇ ୨ ସପ୍ତାହରେ ସବୁଠୁ ଦୁର୍ବଳ ଅବସ୍ଥାକୁ ଖସିଆସିଛି। ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ବୁଧବାର ରାତିରେ ୦.୨୫ ପଏଣ୍ଟ ରେଟ୍ କଟ୍ ନେଇ ଘୋଷଣା କରିବା ପରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ପୁଣି ମୁହଁଫେରାଇବା ଆରମ୍ଭ କରିଛନ୍ତି। ଏଥିଯୋଗୁ ଡଲାର ସବଳ ହୋଇଥିବାରୁ ଟଙ୍କାର ଏପରି ଅବମୂଲ୍ୟାୟନ ହୋଇଥିବା ବଜାର ବିଶେଷଜ୍ଞ ମତ ଦେଇଛନ୍ତି। ଗୁରୁବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୦.୬% ହ୍ରାସ ଘଟିବାରୁ ଏହା ୮୮.୮୮କୁ ଖସିଥିଲା। କାରବାର ଶେଷରେ ଟଙ୍କା ୮୮.୬୮ରେ କ୍ଲୋଜ୍ ହୋଇଥିଲା।

## ବଦଳିବ ପୋଲିସ ଡ୍ରେସ୍ କୋଡ୍

ଭୁବନେଶ୍ୱର,୩୦।୧୦(ରବିନାରାୟଣ ଜେନା)

### ସାରା ଦେଶରେ ଲାଗୁ ହେବ ଏକକ ନୀତି

ସାରା ଦେଶରେ ପୋଲିସ ସେବାରେ କାର୍ଯ୍ୟରତ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଡିଏସ୍‌ପିଙ୍କ ପର୍ଯ୍ୟନ୍ତ ଗୋଟିଏ ପ୍ରକାର ପୋଷାକ ପିନ୍ଧିବେ। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତିକ୍ରମେ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ପି କେ.ଏଲ. ପୁରୀ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ପୁରୀ ପତ୍ରରେ ଦର୍ଶାଇଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏକକ ଡ୍ରେସ୍ କୋଡ୍(ୟୁନିଫର୍ମ) ନୀତି ଆପଣା ଯିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ୨୦୨୫ ମେ'୨୨ରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ ଲୋଡ଼ା ଯାଇଥିବା ତଥ୍ୟ ମିଳିନାହିଁ। ଏହିକ୍ରମରେ ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ମନ୍ତ୍ରଣାଳୟ ପକ୍ଷରୁ ଲୋଡ଼ା ଯାଇଥିବା ତଥ୍ୟ ତୁରନ୍ତ ପ୍ରଦାନ କରିବାକୁ ହେବ। ସେଥିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ପରିମାଣର ଡ୍ରେସ୍ ଆବଶ୍ୟକ ତାହା ଜଣାଇବାକୁ ହେବ। ଏହାସହିତ ବର୍ତ୍ତମାନ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ପର୍ଯ୍ୟନ୍ତ କର୍ମଚାରୀ ଓ ଅଧିକାରୀଙ୍କୁ କେତେ ଲେଖାଏ ଆଲାଉନ୍ସ ପ୍ରଦାନ କରାଯାଉଛି ତାହାର ବିବରଣୀ ଦେବାକୁ ହେବ। ବିଶେଷକରି ଗୋଟିଏ ହଳ ପୋଷାକ ପାଇଁ ହାରାହାରି କେତେ ଟଙ୍କା ପଡୁଛି ତାହା ଜଣାଇବାକୁ ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ପି ପତ୍ରରେ ଦର୍ଶାଇଛନ୍ତି। ତେବେ ସାରା ଦେଶରେ ଏହି ଏକକ ପୋଷାକ ନୀତି କାର୍ଯ୍ୟକାରୀ ହେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ତଥ୍ୟ ମଗାଯାଇଛି। ସେଥିମଧ୍ୟରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ଗୋଆ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କେରଳ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ଓଡ଼ିଶା, ସିକ୍କିମ, ତେଲଙ୍ଗାନା, ତ୍ରିପୁରା, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ରହିଛି।

## ଦାଦନ: ସମସ୍ୟା ନୁହେଁ, ଦୁଃଖ

ନୂଆପଡ଼ା,୩୦।୧୦(ପୀତାମ୍ବର ସାହୁ)

ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଘୋଷଣା ପରଠାରୁ ଯଦିଓ ବିଭିନ୍ନ ଦଳର ନେତାମାନେ ବଡ଼ ଗାଡ଼ି ଧରି ଏଠାକାର ମୁଖ୍ୟ ରାସ୍ତାରେ ବାରମ୍ବାର ଏପାଖସେପାଖ ହୋଇ ନିଜ ଉପସ୍ଥିତି ଦେଖାଉଛନ୍ତି, ତଥାପି ବାସ୍ତବ ସମସ୍ୟା ଭିତରକୁ ପଶିବାର ଆଗ୍ରହ ସେମାନଙ୍କଠାରେ ଦେଖିବାକୁ ମିଳୁନାହିଁ। ନୂଆପଡ଼ା ଓ ଖରିଆର ରୋଡ୍ ଏନ୍‌ଏସିଠାରୁ ଗୋଟିଏ ଗୋଟିଏ ଗାଁର ଦୂରତା ସର୍ବନିମ୍ନ ୧୦ରୁ ୪୦ କି.ମି. ହେବ। ପ୍ରମୁଖ ୩ ଦଳର ନେତାମାନେ ଏହିସବୁ ଦୂରଦୂରାନ୍ତ ଗାଁକୁ ମଧ୍ୟ ଯାଉଛନ୍ତି। ହେଲେ ସମସ୍ୟା ସମାଧାନର ଆନ୍ତରିକତା ନ ରଖି ନିଜ ଦଳର ବ୍ୟାନର, ପୋଷ୍ଟର ଲଗାଇ ଉପନିର୍ବାଚନରେ ବିଜୟୀ ହେବା ଏକମାତ୍ର ଲକ୍ଷ୍ୟ ଭାବେ ଧରି ନେଇଥିବା ମନେ ହେଉଛି। ଓଡ଼ିଶାର ଦାଦନ ସମସ୍ୟା ନେଇ ବିଭିନ୍ନ ସମୟରେ ଆଲୋଚନା ହୋଇଥାଏ। ଏହାର ସମାଧାନ କରିଦେବେ ବୋଲି ବିଭିନ୍ନ ଦଳର ନେତାମାନେ ଅନେକ ସମୟରେ କହିଥାନ୍ତି। ହେଲେ ଏବେ ଯେତେବେଳେ ଏକ ଦାଦନ ପ୍ରବଣ ଜିଲା ଭାବେ ପରିଚିତ ନୂଆପଡ଼ାରେ ବହୁ କ୍ଷମତାଶାଳୀ ନେତା ପହଞ୍ଚିଛନ୍ତି, କେବଳ ରାଜନୀତି କରିବା ଉଦ୍ଦେଶ୍ୟ ଛାଡ଼ିଦେଲେ ଲୋକଙ୍କ ରୋଜଗାର ବଢ଼ାଇବା ନେଇ ସେପରି କୌଣସି ଦୂରଦୃଷ୍ଟି ସମ୍ପନ୍ନ ପ୍ରସ୍ତାବ ରଖୁଥିବା ଦେଖିବାକୁ ମିଳୁନାହିଁ। ବୁଧବାର ଯେତେବେଳେ ନୂଆପଡ଼ାର ଉପନିର୍ବାଚନ ସ୍ଥିତି ପରଖିବା ଲାଗି କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରୀ, ପଲସିପାଣି ଓ ମାନିଗୋଡ଼ା ପଞ୍ଚାୟତ ଭଳି କେତେଗୁଡ଼ିଏ ପଞ୍ଚାୟତ ଓ ଏହା ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଗସ୍ତ କରିଥିଲୁ, ସ୍ଥାନୀୟ ଲୋକଙ୍କ ରୋଜଗାର ନେଇ ବିଚିତ୍ର କଥା ଦୃଷ୍ଟିକୁ ଆସିଛି। ଗୋଟିଏ ପଞ୍ଚାୟତରୁ ପ୍ରାୟ ୭ ଶହରୁ ଅଧିକ ଲୋକ ଦାଦନ ଖଟିବା ଲାଗି ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ନାଟକ, ଉତ୍ତରପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟକୁ ଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପ୍ରାୟ ୬୩ ପଞ୍ଚାୟତ ରହିଛି। ଏଥିରୁ ଜଣେ ସାଧାରଣ ଲୋକ ଅନୁମାନ କରିପାରିବେ, କେବଳ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଦାଦନ କେତେବଡ଼ ସମସ୍ୟା। ହେଲେ ଏକଥାକୁ ରାଜ୍ୟର ତିନି ପ୍ରମୁଖ ଦଳ କେବେହେଲେ ଗୋଟିଏ ମୁଖ୍ୟ ପ୍ରସଙ୍ଗ କରିପାରିବେ ନାହିଁ ବୋଲି କୋମନା ବ୍ଲକ ବାସିନ୍ଦା ଶ୍ୟାମ ଶବର ଭୟଭୀତ ଅବସ୍ଥାରେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ରାଜ୍ୟରେ ୨୪ ବର୍ଷର ବିଜେଡି ସରକାର ଏଇ କେତେଦିନ ହେବ କ୍ଷମତାର ଅଳିନ୍ଦ ଭିତରୁ ବାହାରି ବିରୋଧୀ ଦଳର ଆସନ ମଣ୍ଡନ କରିଛି। ଯଦି ଏବେକାର ମୁଖ୍ୟ ବିରୋଧୀ ଦଳ ଦାଦନ କଥା ଉଠାନ୍ତି, ତେବେ ସେମାନେ ୨୪ ବର୍ଷ ଧରି ଦେଇଆସିଥିବା ମିଛ ପ୍ରତିଶ୍ରୁତି ଉପନିର୍ବାଚନରେ ବିଜେଡି ପାଇଁ ଆପଣା ହସ୍ତେ ଜିହ୍ୱା ଛେଦିବା ଭଳି ହୋଇଯିବ। ନୂଆକରି ଶାସନକୁ ଆସିଥିବା ଭାଜପା କାହିଁକି ବା ଏକଥା କହି ନିଜ ପାଇଁ ଏକ ନୂଆ ସମସ୍ୟା ସୃଷ୍ଟି କରିବ। କଂଗ୍ରେସ ଅମଳରୁ ହିଁ ଦାଦନ ସମସ୍ୟା ☞ପୃଷ୍ଠା-୧୨



### ନୂଆପଡ଼ା ଉପନିର୍ବାଚନରେ ପ୍ରସଙ୍ଗ ଉଭାନ୍

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, October 31/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 334 | ମୂଲ୍ୟ₹୭/-



DSPL-335




A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




# ଶିଶୁପୁତ୍ରକୁ ସାକ୍ଷାତ କରିପାରିବେ ବାପା, ଜେଜେ: ହାଇକୋର୍ଟ

**ଛାଡ଼ପତ୍ର ମାମଲା ସାଜିବନି ବାଧକ**

କଟକ,୩୦।୧୦(କାର୍ତ୍ତିକ ସାହୁ)

ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ମାମଲା ଅଦାଲତରେ ବିଚାରାଧୀନ ଥିବାବେଳେ ସ୍ତ୍ରୀଙ୍କ ନିକଟରେ ରହୁଥିବା ନାବାଳକ ସନ୍ତାନଙ୍କୁ ବାପା, ଜେଜେମା'ଜେଜେବାପା ସାକ୍ଷାତ କରିପାରିବେ। ଜନ୍ମଦିନରେ ବା ଅନ୍ୟ ସାକ୍ଷାତ୍ ସମୟରେ ଉପହାର ବି ଦେଇପାରିବେ। ଭିଡିଓ କଲ୍‌ରେ କଥା ମଧ୍ୟ ହୋଇପାରିବେ। ଶିଶୁର କଲ୍ୟାଣ ଦୃଷ୍ଟିରୁ ବାପା ଓ ଜେଜେବାପାଙ୍କ ଉପସ୍ଥିତି ଆବଶ୍ୟକ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୈବାହିକ ବିବାଦ ଲାଗିଥିବା ବେଳେ ସନ୍ତାନଙ୍କୁ ସାକ୍ଷାତ ପାଇଁ କେହି ବାରଣ କରିପାରିବେ ନାହିଁ। ବୈବାହିକ ବିବାଦ ଏଥିରେ ବାଧକ ସାଜିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ସ୍ପଷ୍ଟ କରିଛନ୍ତି। କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ରାୟଗୁରୁ ହାଇକୋର୍ଟରେ କରିଥିବା ଆବେଦନର ବିଚାର କରି ବିଚାରପତି ଏସ୍. କେ. ମିଶ୍ର ଏପରି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ସୌରଭଙ୍କ ସ୍ତ୍ରୀ ପାରିବାରିକ ବିବାଦରୁ ତାଙ୍କ ଶାଶୁଘରୁ ଯାଇ ବାପ ଘରେ ରହୁଛନ୍ତି। ତାଙ୍କ ନିକଟରେ ଦୁଇ ବର୍ଷର ନାବାଳକ ପୁତ୍ର ରହୁଛି। ସୌରଭ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପରିବାର ଅଦାଲତରେ ଛାଡ଼ପତ୍ର ମାମଲା ସମେତ ଅନେକଗୁଡ଼ିଏ ମାମଲା ଅଦାଲତରେ ବିଚାରାଧୀନ ରହିଛି। ତେବେ ଶିଶୁପୁତ୍ରକୁ ସାକ୍ଷାତ୍ କରିବା ପାଇଁ ସୌରଭ ପରିବାର ଅଦାଲତରେ କରିଥିବା ଆବେଦନକୁ ଗତ ମାର୍ଚ୍ଚ ୨୦ତାରିଖରେ ଅଦାଲତ ଖାରଜ କରିଦେଇଥିଲେ। ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ହାଇକୋର୍ଟରେ କରିଥିବା ଆବେଦନର ଶୁଣାଣି ଗତ ୧୫ ତାରିଖରେ ଶେଷ ହୋଇଥିବାବେଳେ ୨୮ ତାରିଖରେ ରାୟ ପ୍ରକାଶ ପାଇଛି। ହାଇକୋର୍ଟ ଉକ୍ତ ରାୟରେ ଦର୍ଶାଇଛନ୍ତି ଯେ, ସୌରଭ ତାଙ୍କ ମାତାପିତାଙ୍କ ସହିତ ମାସରେ ୨ଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ମହିଳା ମଧ୍ୟସ୍ଥଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ତାଙ୍କ ଶିଶୁପୁତ୍ରକୁ ସାକ୍ଷାତ୍ କରିପାରିବେ। ଏଥିସହ ସୌରଭ ତାଙ୍କ ମାତାପିତାଙ୍କ ସହିତ ପ୍ରତି ୨ୟ ଓ ୪ର୍ଥ ଶନିବାର ଓ ରବିବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ହ୍ୱାଟ୍ସଆପ୍ ଭିଡିଓ କଲିଂ କରିପାରିବେ। ଭିଡିଓ କଲିଂ କରିବା ପାଇଁ ସୌରଭ ତାଙ୍କ ସ୍ତ୍ରୀଙ୍କୁ ଏକ ଆଣ୍ଡ୍ରଏଡ୍ ମୋବାଇଲ ସିମ୍ କାର୍ଡ ସହିତ ଦେବେ। ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ୍ ବେଳେ ପିତା ଓ ଜେଜେ, ଜେଜେମା' ତାଙ୍କ ନାତିକୁ ଉପହାର ମଧ୍ୟ ଦେଇପାରିବେ। ଏହି ଦିନ ବ୍ୟତୀତ ସେମାନେ ମଧ୍ୟ ନାତି ଜନ୍ମଦିନରେ ତାକୁ ସାକ୍ଷାତ କରିପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ଓ ପ୍ରତିପକ୍ଷରୁ ଆଇନଜୀବୀ ଏସ୍. କେ. ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

## ୪ ମେମୁ ଟ୍ରେନ୍ ବାତିଲ

ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)

ଦକ୍ଷିଣ -ପୂର୍ବ ରେଳପଥର ଖଡ଼ଗପୁର ମଣ୍ଡଳ ଅନ୍ତର୍ଗତ ଅମର୍ଦ୍ଦା ରୋଡ ରେଳ ଷ୍ଟେଶନର ୟାର୍ଡ ପୁନଃମଡେଲିଂ କାର୍ଯ୍ୟ ହେତୁ ୪ଟି ମେମୁ ଟ୍ରେନ୍ ନଭେମ୍ବର ୨ତାରିଖରେ ବାତିଲ ରହିବ। ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୬୮୦୪୯ ଖଡ଼ଗପୁର-ଭଦ୍ରକ ମେମୁ, ୬୮୦୫୦ ଭଦ୍ରକ-ଖଡ଼ଗପୁର ମେମୁ, ୬୮୦୫୨ ଭଦ୍ରକ-ବାଲେଶ୍ୱର ମେମୁ ଓ ୬୮୦୫୧ ବାଲେଶ୍ୱର-ଭଦ୍ରକ ମେମୁ ରହିଛି।

## ଏମ୍‌ସିସି ଉଲ୍ଲଂଘନ: ଓଆଇଏସ୍ ତନୁଜା ନିଲମ୍ବିତ

ଭୁବନେଶ୍ୱର,୩୦।୧୦ (ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଉଲ୍ଲଂଘନ ନେଇ ଓଆଇଏସ୍-୨ ତନୁଜା ମହାନ୍ତିଙ୍କୁ ସରକାର ନିଲମ୍ବନ କରିଛନ୍ତି। ଗୁରୁବାର ଏସଂକ୍ରାନ୍ତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଆଦର୍ଶ ଆଚରଣବିଧି ଉଲ୍ଲଂଘନକୁ ନେଇ ତନୁଜା ମହାନ୍ତିଙ୍କୁ ନିଲମ୍ବନ କରାଯାଉଛି। ନିଲମ୍ବନ ଅବଧି ମଧ୍ୟରେ ଭୁବନେଶ୍ୱର ମୁଖ୍ୟାଳୟ ଛାଡ଼ି, ବିନା ଅନୁମତିରେ ସେ ଅନ୍ୟତ୍ର ଯାଇପାରିବେ ନାହିଁ। ସୂଚନାଯୋଗ୍ୟ, ତନୁଜା ଏକ ରାଜନୈତିକ ଦଳର ପ୍ରଚାର ଓ ପ୍ରସାର କରୁଥିବା ନେଇ ବିରୋଧୀଦଳ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

# ନିଶାମୁକ୍ତ ହେବ ଶିକ୍ଷାନୁଷ୍ଠାନ କ୍ୟାମ୍ପସ

**ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହେବେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର**

ଭୁବନେଶ୍ୱର, ୨୫।୧୦ (ସୁଚିସ୍ମିତା ସାହୁ)

ଶିକ୍ଷାନୁଷ୍ଠାନ କ୍ୟାମ୍ପସଗୁଡ଼ିକୁ ନିଶାମୁକ୍ତ କରାଯିବ। ପିଲାମାନେ ଶୈକ୍ଷିକ ବାତାବାରଣରେ ପାଠପଢ଼ିବେ। ପିଲାମାନେ ନିଶାଠାରୁ ଦୂରେଇ ରହି ଯେପରି ପାଠପଢ଼ା ପ୍ରତି ଆଗ୍ରହ ବଢ଼ାଇବେ ସେଥିପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏନେଇ ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ କରାଯିବ। ଏନେଇ ଜଣେ ଲେଖାଏ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। କ୍ୟାମ୍ପସକୁ ନିଶାମୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ବିଶେଷକରି ଛାତ୍ରୀଛାତ୍ରଙ୍କ ମନରେ ନିଶାମୁକ୍ତ ପରିବେଶ ପ୍ରତି ସଚେତନତା ସୃଷ୍ଟିକରିବା ସହ ନିଜ ଲୁକ୍କାୟିତ ପ୍ରତିଭା ଯଥା ଖେଳ, ଯୋଗ ଭଳି ବିଭିନ୍ନ କାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। କ୍ୟାମ୍ପସଗୁଡିକରେ ସିସିଟିଭି ଲଗାଇ ନିୟମିତ ଭାବେ ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି ୟୁଜିସି ମାର୍ଗଦର୍ଶିକାରେ କୁହାଯାଇଛି। ସେହି ଆଧାରରେ ରାଜ୍ୟ ସରକାର ସପ୍ତାହବ୍ୟାପୀ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ଆଲୋଚନା ସହ ଯୋଗ, ଶାରୀରିକ ଦକ୍ଷତା ଏଂ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବେ। ଏନେଇ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜଣେ ଅଧିକାରୀ ନିଯୁକ୍ତ ହେବେ। ସେ ସେହି କଲେଜ କିମ୍ବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହୋଇଥିବେ। ବିଶେଷକରି ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଜେଲ ଜଗିବେ ହୋମ୍‌ଗାର୍ଡ

**ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଲେ ଜେଲ ଡିଜି**

ଭୁବନେଶ୍ୱର,୩୦।୧୦ (ସତ୍ୟଜିତ ରାଉତ)

ରାଜ୍ୟରେ ଥିବା ଜେଲଗୁଡିକର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବାକୁ ସେଠାରେ ହୋମ୍‌ଗାର୍ଡ (ଗୃହରକ୍ଷୀ)ମାନେ ନିୟୋଜିତ ହେବେ। ଜେଲଗୁଡ଼ିକରେ ଏବେ ପର୍ଯ୍ୟାପ୍ତ ୱାର୍ଡର ନ ଥିବାରୁ ଜେଲ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜେଲ ଡିଜି ସୁଶାନ୍ତ କୁମାର ନାଥ ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ଜେଲରେ ଖାଲି ଥିବା ୱାର୍ଡର ପଦବୀ ପୂରଣ ହେବା ପର୍ଯ୍ୟନ୍ତ ହୋମ୍‌ଗାର୍ଡମାନେ ଅସ୍ଥାୟୀ ଭାବେ ପ୍ରାୟ ବର୍ଷେ ଯାଏ ଡ୍ୟୁଟି କରିବେ। ଆବଶ୍ୟକ ପଡ଼ିଲେ ୱାର୍ଡରଙ୍କ ନିୟମିତ ନିଯୁକ୍ତି ହେବା ଯାଏ ମଧ୍ୟ ସେମାନେ କାର୍ଯ୍ୟ କରିବେ। ସୂଚନା ଅନୁଯାୟୀ, ରାଜ୍ୟର ୮୭ଟି ଜେଲରେ ୨୪ ହଜାର ୧୯୬ କଏଦୀ ରହିପାରିବାର କ୍ଷମତା ରହିଥିବାବେଳେ ଏବେ ୧୭ ହଜାର ୩୦୦ କଏଦୀ ରହୁଛନ୍ତି। ଏସବୁ ଜେଲରେ ଥିବା ମୋଟ ୧୮୫୬ ୱାର୍ଡର ପଦବୀରୁ ୬୦୦ଟି ପଦବୀ ଖାଲି ପଡ଼ିଛି। ନୂଆ ୱାର୍ଡର ନିଯୁକ୍ତି ପାଇଁ ପ୍ରକ୍ରିୟା ଚାଲୁରହିଥିବା ବେଳେ ଜେଲ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏଭଳି ଅନ୍ତରୀଣ ପଦକ୍ଷେପ ନିଆଯାଇଛି। କିଛି ମାସ ମଧ୍ୟରେ ଏକାଧିକ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ତ୍ରୁଟି ଦେଖିବାକୁ ମିଳିଛି। ଏପରିକି ଜେଲରେ ସୁରକ୍ଷା ଢିଲା କାରଣରୁ କଏଦୀମାନେ ଫେରାର ହୋଇଯାଉଥିବା ନଜିର ରହିଛି। କିଛିଦିନ ତଳେ ଚୌଦ୍ୱାର ଜେଲରେ ରହୁଥିବା ୨ ପେସାଦାର ଅପରାଧୀ ଫେରାର ହୋଇଯାଇଥିଲେ। ସେହିପରି ଏହାର କିଛିଦିନ ପରେ ସୋର ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ମଧ୍ୟ ଖସିଯାଇଥିଲେ। ତେଣୁ ଜେଲ ସୁରକ୍ଷାକୁ ଅଧିକ ମଜଭୁତ କରିବାକୁ ଗୃହରକ୍ଷୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଜେଲଗୁଡ଼ିକୁ ଏସ୍‌ପି ଓ ଜିଲାପାଳ ଅଚାନକ ଗସ୍ତ କରିବାକୁ କିଛିଦିନ ତଳେ ଜେଲ ଡିଜି ଚିଠି ଲେଖିଥିଲେ। ଜେଲରେ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟକର ପରିବେଶର ସ୍ଥିତି ପରଖିବାକୁ ଚିଠିରେ କୁହାଯାଇଥିଲା।

# ୧ରୁ ସୁଭଦ୍ରା ଶକ୍ତି ମେଳା

**ଓଡ଼ିଶା ସମେତ ୧୧ ରାଜ୍ୟର ଏସ୍‌ଏଚ୍‌ଜି ମହିଳା ସାମିଲ ହେବେ**




ଖବରଦାତା ସମ୍ମିଳନୀରେ ସୁଭଦ୍ରା ଶକ୍ତିମେଳା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୩୦।୧୦(ସୁଚିସ୍ମିତା ସାହୁ)

ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ନିଜ ସାମର୍ଥ୍ୟ ଓ ସୃଜନଶୀଳତା ପ୍ରତିପାଦିତ କରିଥିବା ଉଦ୍ୟୋଗୀ ନାରୀଙ୍କୁ ନେଇ ନଭେମ୍ବର ୧ରୁ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଓଡ଼ିଶା ସମେତ ୧୧ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନେ ଭାଗନେଇ ନିଜ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ ପ୍ରଦର୍ଶନ କରିବେ। ରାଜ୍ୟର ସମସ୍ତ ଜିଲାରୁ ୩ଶହରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଯୋଗଦେବ। ଏହି ମେଳାରେ ଏସ୍‌ଏଚ୍‌ଜି ଦ୍ୱାରା ୫୦ରୁ ଅଧିକ ଖାଦ୍ୟ ଷ୍ଟଲ ଖୋଲିବ ବୋଲି ଗୁରୁବାର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଶକ୍ତି ମେଳାରେ ଓଡ଼ିଶା ସମେତ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ଏସ୍‌ଏଚ୍‌ଜିର ମହିଳାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳା କେବଳ କ୍ରୟ ବିକ୍ରୟର ମଞ୍ଚ ନୁହେଁ, ନାରୀମାନଙ୍କର ଆତ୍ମବିଶ୍ୱାସ, ସଫଳତା ଓ ସାମାଜିକ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଏଠାରେ ବିବିଧ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ ଅଣ କାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ଓ ବିକ୍ରୟ ହେବ। ପରିଦର୍ଶକ ଓ ଅତିଥିମାନେ ଲୁଗାପଟା, ଖାଦ୍ୟଶସ୍ୟ, ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ। ଏହି ମେଳାରେ ଓଡ଼ିଶା ସଂସ୍କୃତି, ନାରୀ ଶକ୍ତି ଓ ପାରମ୍ପରିକ ସ୍ୱାଦର ମଜା ନେଇପାରିବେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମଥର ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ ଶୋ ଆୟୋଜିତ ହେବ। ଲୋକେ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲରେ ମିଲେଟଭିତ୍ତିକ ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ବିବିଧ ପାରମ୍ପରିକ ଓ ଖାଦ୍ୟ ଉପଭୋଗ କରିପାରିବେ। ଏହି ମେଳା ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଲକ୍ଷପତି ଦିଦି ହେବା ସ୍ୱପ୍ନକୁ ସାକାର କରିବ। ମିଶନ ଶକ୍ତିର ଏହି ପଦକ୍ଷେପ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବ। ଏହି ମେଳାକୁ ସପରିବାର ଆସି ଓଡ଼ିଶାର ନାରୀ ଶକ୍ତିର ସୃଜନଶୀଳତା, ହସ୍ତଶିଳ୍ପ ଓ ସଂସ୍କୃତିର ଏହି ଅନୁପମ ସମାହାରକୁ ସଫଳ କରିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆମନ୍ତ୍ରଣ କରିଛନ୍ତି। ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ଗିରିଶ ଏସ.ଏନ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ରାଧାପାଦ ଦର୍ଶନ

ସାକ୍ଷୀଗୋପାଳ, ୩୦।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଅଁଳାନବମୀ ତିଥିରେ ଶୁକ୍ରବାର ପୁରୀ ଜିଲାର ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେହିପରି ଏହିଦିନ ଶ୍ରୀରାଧା ଠାକୁରାଣୀ ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ଦର୍ଶନ ଦେବେ। ଏଥିପାଇଁ ଗୁରୁବାର ସକାଳୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ବେଢ଼ା ଓ ସିଂହଦ୍ୱାରରେ ଝୋଟିରେ ରଙ୍ଗୋଲି କରାଯାଇଛି। ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ରଙ୍ଗିନ ଆଲୋକରେ ସଜାଯାଇଛି। ଓଡ଼ିଆଣୀ ଓ ନଟବର ବେଶ ପାଇଁ ମନ୍ଦିର ରିଜର୍ଭ ଭଣ୍ଡାରରୁ ସ୍ୱର୍ଣ୍ଣ ଅଳଙ୍କାରମାନ କଢ଼ାଯାଇ ଦୈନିକ ପାଳିଆ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି। ଠାକୁରଙ୍କ ପହୁଡ଼ ନୀତି ଶୀଘ୍ର କରାଯାଇ ରାତି ୧୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ ସହ ମଙ୍ଗଳ ଆଳତି ଆଦି ଦେବନୀତି ଆରମ୍ଭ କରାଯାଇଛି।

# ପୁରୀ, ଭୁବନେଶ୍ୱରରେ ବିକଶିତ ହେବ ମଡ୍ୟୁଲାର ରେଳଯାତ୍ରୀ ଧାରଣ କ୍ଷେତ୍ର

ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)

ଦେଶର ବିଭିନ୍ନ ରେଳ ଷ୍ଟେଶନରେ ୭୬ଟି ମଡ୍ୟୁଲାର ଯାତ୍ରୀ ଧାରଣ କ୍ଷେତ୍ର ବିକାଶ ପାଇଁ ଏକ ଯୋଜନାକୁ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଯାତ୍ରୀ ଧାରଣ କ୍ଷେତ୍ରର ସଫଳତା ପରେ ଏହି ପଦକ୍ଷେପ ନିଆଯାଇଛି। ଦେଶବ୍ୟାପୀ ଯୋଜନା କରାଯାଇଥିବା ନୂଆ ଧାରଣ କ୍ଷେତ୍ରଗୁଡ଼ିକ ମଡ୍ୟୁଲାର ଡିଜାଇନ ଅନୁସରଣ କରିବ ଏବଂ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯିବ। ଏହି କ୍ରମରେ ପୂର୍ବତଟ ରେଳପଥ ଅଧୀନରେ ଭୁବନେଶ୍ୱର, ପୁରୀ ଓ ବିଶାଖାପାଟଣାରେ ଏହି ଯାତ୍ରୀ ଧାରଣ କ୍ଷେତ୍ର ବିକାଶ କରାଯିବ। ସମସ୍ତ ଧାରଣ କ୍ଷେତ୍ର ୨୦୨୬ ପାର୍ବଣ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହେବା ପାଇଁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ଦୀପାବଳି ଓ ଛଟ୍ ସମୟରେ ନୂଆଦିଲ୍ଲୀ ରେଳ ଷ୍ଟେଶନ ଅତ୍ୟଧିକ ଯାତ୍ରୀ ଭିଡ଼କୁ ତା'ର ନୂଆ ବିକଶିତ ଧାରଣ କ୍ଷେତ୍ର ସାହାଯ୍ୟରେ ପରିଚାଳନା କରିଥିଲା। ଏହି ଧାରଣ କ୍ଷେତ୍ରର ନିର୍ମାଣ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା। ଏହା ଯେକୌଣସି ସମୟରେ ପ୍ରାୟ ୭,୦୦୦ ଯାତ୍ରୀଙ୍କୁ ଧାରଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ବୋର୍ଡିଂ ପୂର୍ବରୁ ସୁବିଧା ଏବଂ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଏଠାରେ ପୁରୁଷ ଓ ମହିଳାଙ୍କ ପାଇଁ ୧୫୦ଟି ଲେଖାଏ ଶୌଚାଳୟ, ଟିକେଟ କାଉଣ୍ଟର, ସ୍ୱୟଂଚାଳିତ ଟିକେଟ ବିକ୍ରୟ ଯନ୍ତ୍ର ଏବଂ ମାଗଣା ଆର୍‌ଓ ଜଳ ସୁବିଧା ଉପଲବ୍ଧ ରହିଛି। ଏହି ସୁବିଧା ଯାତ୍ରୀ ଚଳନକୁ ସୁଗମ କରିବା ପାଇଁ ୩ଟି ଜୋନ୍ ଟିକେଟିଂ, ପୋଷ୍ଟ-ଟିକେଟିଂ ଏବଂ ପ୍ରି-ଟିକେଟିଂରେ ବିଭକ୍ତ ହୋଇଛି।

# ମହିଳାଙ୍କୁ ମୃତ ଭାବି ରାତିସାରା ଜଗି ରହିଲା ପୋଲିସ

**ହତ୍ୟା ସନ୍ଦେହ କରି ତଥ୍ୟ ଦେବାକୁ ଗାଁରେ ମରାଗଲା ନୋଟିସ**

**ଅଜବ ଘଟଣା**




ଗିରାସିଙ୍ଗା ଗ୍ରାମରେ ପୋଲିସ ନୋଟିସ ମାରିଛି।



ଥାନାରେ ଲକ୍ଷ୍ମୀପ୍ରିୟା ନାଏକ।

ବୌଦ୍ଧ,୩୦।୧୦ (ଅଜିତ କୁମାର ବାରିକ)

ବୌଦ୍ଧ ଥାନା ଅଞ୍ଚଳରେ ଗତ ବୁଧବାର ଏକ ଅଜବ ଘଟଣା ଘଟିଛି। ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଭାବି ପୋଲିସ ରାତିସାରା ଜୀବିତ ମହିଳାଙ୍କ ସନ୍ଦେହଜନକ ମୃତଦେହକୁ ଜଗି ରହିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏପଟେ ଗୁରୁବାର ସକାଳୁ ମହିଳା ଜଣଙ୍କ ଘଟଣାସ୍ଥଳରୁ ଉଠିବା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା।

ସୂଚନା ଅନୁସାରେ, ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମର ଲକ୍ଷ୍ମୀପ୍ରିୟା ନାୟକ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ନାୟକ ବୁଧବାର ସନ୍ଧ୍ୟାରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗିରାସିଙ୍ଗା ଗ୍ରାମକୁ ଯାଇ ଉକ୍ତ ମହିଳାଙ୍କୁ ଖୋଜାଖୋଜି କରିବା ବେଳେ ଲକ୍ଷ୍ମୀପ୍ରିୟା ଘର ନିକଟରେ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରି ପୋଲିସ ରାତିସାରା ଜଗି ରହିଥିଲା। ଏହା ସହ ପୋଲିସ ଗ୍ରାମର ବିଭିନ୍ନ ସ୍ଥାନରେ ନୋଟିସ ଲଗାଇଥିଲା। ଲକ୍ଷ୍ମୀପ୍ରିୟା ନାଏକ ମର୍ଡର କେସ୍‌ର ତଦନ୍ତରେ କୌଣସି ତଥ୍ୟ ଦେବାକୁ ଚାହୁଁଥିଲେ ପୋଲିସକୁ ୭୦୦୮୭୦୪୫୯୮ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। ତଥ୍ୟ ପ୍ରଦାନକାରୀଙ୍କ ନାମ ଓ ଠିକଣା ଗୋପନ ରଖାଯିବା ସହ ଉପଯୁକ୍ତ ପୁରସ୍କାର ପ୍ରଦାନ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ଗୁରୁବାର ସକାଳୁ ପୋଲିସର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଲକ୍ଷ୍ମୀପ୍ରିୟାଙ୍କ ଗୋଡ଼ ହାତ ହଲିଥିଲା। ପରେ ପୋଲିସ ଉକ୍ତ ମହିଳା ଜୀବିତ ଥିବା ଜାଣି ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସିତ ହୋଇ ଲକ୍ଷ୍ମୀପ୍ରିୟା ସୁସ୍ଥ ଅନୁଭବ କରିବା ପରେ ପୋଲିସ ଥାନାକୁ ନେଇ ପଚରାଉଚୁରା କରିଥିଲା। ବୌଦ୍ଧ ପୋଲିସ ଏକ ମାମଲା (ନଂ.୪୧୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ, ମହିଳା ଜଣଙ୍କ ଯେପରି ଘଟଣାସ୍ଥଳରେ ପଡିରହିଥିଲା ତାଙ୍କୁ ଦେଖିବା ପରେ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ତେଣୁ ପୋଲିସ କର୍ମଚାରୀ ରାତିସାରା ଜଗି ରହିଥିଲେ ଓ ସକାଳୁ ସାଇଣ୍ଟିଫିକ୍ ଟିମ୍ ଦେଖିବା ପରେ ମହିଳା ଜଣଙ୍କ ଜୀବିତ ଥିବା ଜଣାପଡିଥିଲା। ଏହାସହ ମହିଳାଙ୍କୁ କିଏ ପଛରୁ ଆଘାତ ଦେଇଥିବା ଯୋଗୁ ସେ ଅଚେତ ହୋଇପଡିଥିବା ଦାସ କହିଥିଲେ।

# ପରଲୋକରେ ବରିଷ୍ଠ ନେତା ଶଙ୍କର୍ଷଣ ପରିଡ଼ା

- **ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦିଆଗଲା ଶ୍ରଦ୍ଧାଞ୍ଜଳି**
- **ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)



ବରିଷ୍ଠ ରାଜନେତା ତଥା ଭାଜପା ପଞ୍ଚାୟତ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡା (୬୫)ଙ୍କ ଗୁରୁବାର ବିୟୋଗ ଘଟିଛି। ତାଙ୍କ ବିୟୋଗରେ ରାଜ୍ୟ ଭାଜପା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶୋକ ପ୍ରକାଶ କରିବା ସହିତ ପରିଡାଙ୍କ ବିୟୋଗ ରାଜ୍ୟ ରାଜନୀତି ଓ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ପରିଡା ପୁରୀ ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ରହିଥିଲେ। ପୁରୀ ଜିଲାର ସେ ଜଣେ ଜଣାଶୁଣା ଚେହେରା ଥିଲେ। ତାଙ୍କ ପାର୍ଥିବ ଶରୀର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପତାକା ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ସ୍ୱର୍ଗତ ପରିଡାଙ୍କ ସମର୍ଥକ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ପରିଡାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରଲୋକ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତ ପରିଡା କିଛିଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କର ଚିକିତ୍ସା ଚାଲିଥିଲା।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ | Bhubaneswar, Friday, October 31/2025

STATUE OF UNITY
एक भारत, श्रेष्ठ भारत

सत्यमेव जयते
Government of India

# ଏକତା ଦିବସ
୩୧ ଅକ୍ଟୋବର

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ
## 150ତମ ଜୟନ୍ତୀ ଅବସରରେ
## କୃତଜ୍ଞ ରାଷ୍ଟ୍ରର
## ଶତ-ଶତ ପ୍ରଣାମ

ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀ**
ଭାରତର ଲୌହ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସ୍ମୃତିରେ ରାଷ୍ଟ୍ରକୁ ସମ୍ବୋଧିତ କରିବେ

ଏହି ଏକତା ଦିବସ ଉପଲକ୍ଷେ, ଆସନ୍ତୁ ନିଜ ଜିଲ୍ଲାରେ ହେଉଥିବା ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଭାଗ ନେବା ଏବଂ ଏକ ଭାରତ ଶ୍ରେଷ୍ଠ ଭାରତ ଭାବନାକୁ ଆହୁରି ମଜବୁତ କରିବା

### ଏକତା ଦିବସ କାର୍ଯ୍ୟକ୍ରମ

- ଏକତା ପରେଡ୍
- ବ୍ରାସ୍ ବ୍ୟାଣ୍ଡ ପ୍ରଦର୍ଶନ
- ଘୋଡ଼ା, ଶ୍ୱାନ ଏବଂ ଓଟ ସୈନ୍ୟଦଳ
- ମହିଳା କଳାକାରଙ୍କ ଦ୍ୱାରା ପ୍ରଦର୍ଶନ
- ବିଏସ୍ଏଫ୍ ଡଗ୍ ଶୋ (ସ୍ୱଦେଶୀ ପ୍ରଜାତି)
- ଡେୟାରଡେଭିଲ୍ ରାଇଡର୍ସର ପ୍ରଦର୍ଶନ
- ସ୍କୁଲ୍ ବ୍ୟାଣ୍ଡର ପ୍ରସ୍ତୁତି
- ଭାରତୀୟ ବାୟୁ ସେନା ଦ୍ୱାରା ଏୟାର ଶୋ'
- ''ଲୌହ ପୁରୁଷ'' – ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଧାରିତ ଏକ ନାଟ୍ୟ ପ୍ରସ୍ତୁତି
- ଏକତା ପ୍ରକାଶ ଉତ୍ସବର ଆୟୋଜନ
- ଭାରତ ପର୍ବ ଅନ୍ତର୍ଗତ 1ରୁ 15 ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟସ୍ତରରେ ପ୍ରଦର୍ଶନୀ





" ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ସର୍ଦ୍ଦାର ପଟେଲଙ୍କ ଅମୂଲ୍ୟ ଯୋଗଦାନକୁ ରାଷ୍ଟ୍ରୀୟ ଏକତା ଦିବସ ସମ୍ମାନ ଜଣାଉଛି । ଆସନ୍ତୁ, ଏହି ଦିନ ଆମେ ଆମ ସମାଜରେ ଏକତାର ବନ୍ଧନକୁ ଆହୁରି ମଜବୁତ କରିବା । "

– ନରେନ୍ଦ୍ର ମୋଦୀ

CBC 19101/13/0022/2526

**ତାରିଖ:** ଶୁକ୍ରବାର 31 ଅକ୍ଟୋବର 2025 | **ସ୍ଥାନ:** ପରେଡ଼ ଗ୍ରାଉଣ୍ଡ, ଷ୍ଟାଚ୍ୟୁ ଅଫ୍ ୟୁନିଟି, ଏକତା ନଗର, ଗୁଜରାଟ | **ସମୟ:** ସକାଳ 7ଟାରୁ

ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏଆଇଟିୟୁସିର ୧୦୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ୍ ଛକ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଅଁଳା ନବମୀ ଓ ରାଧାପାଦ ଦର୍ଶନ ଉତ୍ସବ, ସ୍ଥାନ: ସାକ୍ଷୀ ଗୋପୀନାଥ ଦେବଙ୍କ ମନ୍ଦିର, କନ୍ତିଆ, ଜଟଣୀ, ସମୟ: ସକାଳ ୬ଟା।
- ରାଧାକାନ୍ତ ଦେବ ସାଂସ୍କୃତିକ ପରିଷଦ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୨୨ତମ ଅଁଳା ନବମୀ ଉତ୍ସବ-୨୦୨୫, ସ୍ଥାନ:କନ୍ତିଆ,ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ସ୍ଥାନ: ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅବସର ସମାରୋହ, ସ୍ଥାନ: ଅଣ୍ଡରାଇ ହାଇସ୍କୁଲ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଇତ ବନ୍ଦାଣ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ପାର୍ବତୀ କଲ୍ୟାଣମଣ୍ଡପ, ବେଣାପୁରା, ବସ୍ତା, ସମୟ: ଅପରାହ୍ନ ୪ଟା।
- ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଦ୍ୱାଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ ଫାଷ୍ଟ ଫୁଡ୍ ମାର୍କେଟ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଏକତା ପାଇଁ ଗଣଦୌଡ଼, ସ୍ଥାନ: ଏସ୍‌ପି ଅଫିସ ନିକଟରୁ ରିଜର୍ଭ ପୋଲିସ ପଡ଼ିଆ, ଚରମ୍ପା, ଭଦ୍ରକ, ସମୟ: ସକାଳ ୭ଟା।
- ଏକତା ପାଇଁ ଦୌଡ଼, ସ୍ଥାନ: ତିହିଡ଼ି ଥାନା, ସମୟ: ସକାଳ ୭ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ରାଷ୍ଟ୍ରୀୟ ଏକତା ଦିବସ ପାଇଁ ୱାକଥନ(ରନ ଫର୍ ୟୁନିଟ),ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ ଅଫିସରୁ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ : ସକାଳ ୬ଟା ୪୫।
- ରାଷ୍ଟ୍ରୀୟ ଏକତା ଦିବସ ପାଇଁ ୱାକାଥନ,ସ୍ଥାନ: ଏସ୍‌ଡିପିଓ ଅଫିସରୁ ବିକାଶ ମହଲ, ବଡ଼ବିଲ,ସମୟ: ସକାଳ ୭ଟା।
- ପାଟଣା ପୋଲିସ ପକ୍ଷରୁ ଗଣଦୌଡ଼, ସ୍ଥାନ: ପାଟଣା ଥାନା, ସମୟ: ସକାଳ ୭ଟା।

## ମୟୂରଭଞ୍ଜ
- ଜଗଧାତ୍ରୀ ପୂଜା,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ସୁରଭି ୨୦୨୫,ସ୍ଥାନ:ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ,ଆମ୍ବଯୋଡ଼ା,କୁଶଳଦା ପଞ୍ଚାୟତ, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାସନଲ ହାଇ ସ୍କୁଲ ଦୁରା, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ହରିହର ହାଇସ୍କୁଲ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ଏକତା ଦିବସରେ ଶପଥ, ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଜିଲାସ୍ତରୀୟ ମିନି ମାରାଥନ, ସ୍ଥାନ: ଫୁଲବାଣୀ କରୋନେସନ ପଡ଼ିଆ, ସମୟ: ସକାଳ ୬ଟା ୪୫।
- ମା' ମହାମାୟୀ ମନ୍ଦିରର ୧୬ତମ ବାର୍ଷିକୋତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମା' ମହାମାୟୀ ମନ୍ଦିର ଭଗାମୁଣ୍ଡା ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦।
- ଶିଶୁମଙ୍ଗଳ କମିଟିର ସମୀକ୍ଷା ବୈଠକ, ସ୍ଥାନ: ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣ ଧାରଣା, ସ୍ଥାନ: ଫୁଲବାଣୀ, ସମୟ: ପୂର୍ବାହ୍ନ୧୧ଟା।
- ଦୁର୍ନୀତି ନିବାରଣ ଉପରେ ଆଲୋଚନାଚକ୍ର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ଟା।
- ଯୋଗାଣ ସାମଗ୍ରୀ ଉପରେ ସମୀକ୍ଷା, ସ୍ଥାନ: ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ
- ଏକତା ପାଇଁ ଦୌଡ, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସକାଳ ୬ଟା୩୦।
- ମିନି ମାରାଥନ, ସ୍ଥାନ: ଯୋରନ୍ଦା ମହାବିଦ୍ୟାଳୟ, ସମୟ: ସକାଳ ୭ଟା।
- ଦୁର୍ନୀତି ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦଘାଟନ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ
- ରନ ଅଫ ୟୁନିଟି , ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦।
- ଅନ୍ତର୍ଜାତୀୟ ସୋମବାୟ ଦିବସ ୨୦୨୫, ସ୍ଥାନ : ମ୍ୟୁନିସପାଲିଟି ଟାଉନ ହଲ , ଅନୁଗୋଳ, ସମୟ : ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ, ସ୍ଥାନ: ପୌରପାଳିକା ଟାଉନହଲ, ସମୟ: ପୂର୍ବାହ୍ନ ୧୦ ଟା।
- ଅନୁଗୋଳ: 'ମୟୂରୀ' ମହୋତ୍ସବ, ସ୍ଥାନ: ମଧୁକେଶରୀ ପଡିଆ, ମହୀଧରପୁର, ସମୟ: ସନ୍ଧ୍ୟା ୬ଟା।
- ଅନୁଗୋଳ ବସ୍ ଆସୋସିଏଶନର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ : ଲକ୍ଷ୍ମୀ ନାରାୟଣ ମନ୍ଦିର , ଆଠମଲ୍ଲିକ, ସମୟ: ସନ୍ଧ୍ୟା ୭ ଟା।

## ଜଗତ୍‌ସିଂହପୁର
- ୱାକାଥନ୍ ରନ୍ ଫର ୟୁନିଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ: ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ଜଗତ୍‌ସିଂହପୁର, ସମୟ: ସକାଳ ୬ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଶ୍ରୀକୃଷ୍ଣ ଏକାଡେମୀଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ମଣିଚରଣ ଶାରଳା ଏକାଡେମୀ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ଜିଲାସ୍ତରୀୟ ଉତ୍ସବ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିହପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ କାନମାସ ପକ୍ଷରୁ ପଥପ୍ରାନ୍ତ ନାଟକ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମହାକାଳପଡ଼ା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ, ସ୍ଥାନ: ଗୋପାଳପୁର, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ଇନ୍ଦୁପୁର ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଜିଲା ଚେସ ଆସୋସିଏଶନ ପକ୍ଷରୁ ଆନ୍ତରାଜ୍ୟ ମହିଳା ଚେସ ଚାମ୍ପିଅନସିପ୍, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତର ଉଦ୍‌ଘାଟନ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ମଧ୍ୟାହ୍ନ ୧୨ଟା।

## ଯାଜପୁର
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ମାରାଥନ ରନ ଫର ୟୁନିଟି, ସ୍ଥାନ : ଯାଜପୁର ଏନସି ସ୍ୱୟଂଶାସିତ କଲେଜଠାରୁ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା୩୦।
- ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ : ଯାଜପୁର ରୋଡ ନହକା ଛକଠାରୁ ଭିଏନ କଲେଜ, ସମୟ : ସକାଳ ୮ଟା।
- ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ ପାଠ, ସ୍ଥାନ : ଭିଏନ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଦଯାତ୍ରା ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧ଟା।
- ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ, ସ୍ଥାନ: କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଏଆଇଟିୟୁସିର ଦାବିପତ୍ର ପ୍ରଦାନ, ସ୍ଥାନ: ଲେବର ଅଫିସ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଶ୍ରୀଅରବିନ୍ଦ ଶିକ୍ଷା ନିକେତନ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ମିନି ମାରାଥନ , ସ୍ଥାନ : ଜିଲା ସ୍କୁଲ ଛକ, ସମୟ : ସକାଳ ୫ଟା ୩୦।
- ଶ୍ରୀଗୋପଷ୍ଟମୀ ମହୋତ୍ସବ ଓ ଅଁଳା ନବମୀ କାର୍ଯ୍ୟକ୍ରମ, ସ୍ଥାନ : ଗୋଲାବନ୍ଧ ଶ୍ରୀମନକାମେଶ୍ୱର ମହାଦେବ ମନ୍ଦିର, ସମୟ : ସକାଳ ୯ଟା ୪୫।
- ପବିତ୍ର କାର୍ତ୍ତିକ ମାସରେ ଅଳାଁ ନବମୀ କାର୍ଯ୍ୟକ୍ରମ, ସ୍ଥାନ : ଶୁଭମ କଲୋନୀ, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଆର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର
- ଲୋଇସିଂହା ପୋଲିସ ପକ୍ଷରୁ ମିନି ମାରାଥନ, ସ୍ଥାନ: ବୁର୍ଡା ଛକରୁ ଲୋଇସିଂହା ଥାନା ପର୍ଯ୍ୟନ୍ତ, ସମୟ: ସକାଳ ୭ଟା।
- ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତିର ବୈଠକ, ସ୍ଥାନ: ରୁଗୁଡିଖାଲ ରାମମନ୍ଦିର, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୨ଟା।

## ରାଉରକେଲା
- ଶ୍ରୀ ରାଧାପାଦ ଦର୍ଶନ ଓ ଅଁଳା ନବମୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ଟ୍ରାଫିକ୍ ଗେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ବିମାନ ବନ୍ଦର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ମହାବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।
- ସର୍ଦ୍ଦାର ପଟେଲ କଲଚରାଲ ଆସୋସିଏଶନ ପକ୍ଷରୁ ସର୍ଦ୍ଦାର ଜୟନ୍ତୀ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ପୁସ୍ତକ ଉନ୍ମୋଚନ, ସ୍ଥାନ: କଲ୍ୟାଣୀ କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ୧୫୦ତମ ଜନ୍ମବାର୍ଷିକୀ ଅବସରରେ "ଏକତା ପାଇଁ ଦୌଡ" କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ପଡିଆ ସମ୍ମୁଖ ବୀର୍ସାମୁଣ୍ଡା ଛକ ସୁନ୍ଦରଗଡ, ସମୟ ସକାଳ:୬ଟା।
- ବିଶ୍ୱ ମିତବ୍ୟୟତା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବିକାଶ ଭବନ, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ତାଲଶ୍ରୀଗିଡା, ବରଗଡ଼, ସମୟ:ସକାଳ ୯ଟା ।
- ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ,ସ୍ଥାନ: ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ସମୟ: ପୂର୍ବାହ୍ନ ୧୧ଟା।
- ନାଟକ ଜୀବନ ତାକର୍, ସ୍ୱାଧୀନତା ଆମର୍ (ମାଧୋ ସିଂ) ମଞ୍ଚସ୍ଥ, ସ୍ଥାନ: ସମଲେଶ୍ୱରୀ ମଣ୍ଡପ, ତଳିପଡ଼ା, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଓଡ଼ିଶା ପୋଲିସ ଆହ୍ୱାନ କ୍ରମେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ରନ ଫର୍ ୟୁନିଟି କାର୍ଯ୍ୟକ୍ରମ, ସ୍ଥାନ: ତହସିଲ ଛକଠାରୁ ଏମ୍‌ଏମ୍‌ପିଏସ୍ କଲେଜ ଥୁଆମୂଳ ରାମପୁର, ସମୟ: ସକାଳ ୭ଟା।
- ରନ ଫର ୟୁନିଟି କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବିକାଶ ଇଣ୍ଟିଚ୍ୟୁଶନ,ସମୟ:ସକାଳ ୯ଟା।
- କୃଷି ବିଭାଗର ସମୀକ୍ଷା ବୈଠକ,ସ୍ଥାନ:ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ :ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରୁଣାକଟକ, ହରଭଙ୍ଗା ବ୍ଲକ, ସମୟ: ସକାଳ ୯ଟା ।

## ଦେବଗଡ଼
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଛେଳି ପାଳନ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୟ ଏକତା ଦିବସ ପାଳନ, ସ୍ଥାନ: ରିଆମାଳ ଥାନା ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ଏକତା ପାଇଁ ଗଣଦୌଡ, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୬ଟା ୩୦।
- ଅଁଳା ନବମୀ ପାଳନ, ସ୍ଥାନ: କମଳପୁର ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ସମୟ: ସକାଳ ୯ଟା ।
- ଅଲେଖ ମହିମା ଅଖଣ୍ଡ ବ୍ରହ୍ମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବିନିକା ମହିମା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ରାହାଁସ ଲୀଳା ପରିବେଷଣ, ସ୍ଥାନ: ଖଡିଆଳ ବ୍ରାହ୍ମଣପଡା, ସମୟ: ରାତି ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ମହୋତ୍ସବ, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମଭାବରେ ଚନ୍ଦ୍ରଙ୍କ ଅବସ୍ଥାନ କାରଣରୁ ଲକ୍ଷ୍ୟ ପୂରଣ ସକାଶେ ସମସ୍ତ ସୁବିଧା ସୁଯୋଗ ପାଇପାରନ୍ତି। ପରୋକ୍ଷ ଶତ୍ରୁତାଜନିତ କାମ ହାସଲରେ ବାଧା ହେତୁ ଅସ୍ଥିରତା ସୃଷ୍ଟି ହେବ। ବିବାଦୀୟ ବିଷୟକୁ କେନ୍ଦ୍ରକରି ପଡୋଶୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ପରିସ୍ଥିତିବଶତଃ କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ୍ୟ ହେବେ।

**ବୃଷ** ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ଆପଣ ସାମାଜିକ ସମ୍ମାନ ପାଇପାରନ୍ତି। ସକାଳୁ ଘରେ କିଏ ଜୋର୍ ଦେଇ କଥା କହିବା କାରଣରୁ ମତାନ୍ତର ସୃଷ୍ଟି ହେବ। ଯେତେ ଅନୁନୟ ହେଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ଛୋଟ କଥାଟିକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରେ ଆଜି ପ୍ରୟୋଗାତ୍ମକ କୌଶଳ ମାଧ୍ୟମରେ ସଫଳତା ପାଇବେ। କଳେବଳେ କୌଶଳେ ଅର୍ଥ ପାଇବା ସକାଶେ ଚେଷ୍ଟା କରି ଆଶାକୁ ଚରିତାର୍ଥ କରିପାରନ୍ତି । ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ପ୍ରଶଂସା ଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମ ହାସଲ କଷ୍ଟକର ହେବ।

**କର୍କଟ** ରାଶିରେ ଗୁରୁଙ୍କ ସ୍ଥିତି ଯୋଗୁ ଆଦୌ ପଡୁ ନ ଥିବା ବ୍ୟକ୍ତି ଆପଣଙ୍କ ଦ୍ୱାରା ପ୍ରଭାବିତ ହେବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ। ବିବାଦୀୟ ସ୍ଥିତିରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରି ପ୍ରଶଂସିତ ହେବେ।

**ସିଂହ** ରାହୁଙ୍କ ପ୍ରଭାବଜନିତ ଭୁଲ୍‌ବୁଝାମଣାରୁ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ, କିନ୍ତୁ ଋଣ ପରିଶୋଧର ଚିନ୍ତା ଘାରିପାରେ। ଆଜି ପରିସ୍ଥିତିବଶତଃ ଦୁଇ ପଇସା ଜାଗାରେ ଛ'ପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସଭାସମିତିରେ ସମ୍ମାନିତ ହେବେ କିନ୍ତୁ ଏଥିପାଇଁ ଲବି କରିବାକୁ ପଡିପାରେ।

**କନ୍ୟା** ମୁଖଭାବରେ ବୁଧ ଓ ମଙ୍ଗଳ ଯୋଗୁ ଆପଣଙ୍କ ବ୍ୟବହାରରେ କଠୋରତା ପରିଲକ୍ଷିତ ହେବ। ପାଖରେ ଥିବା ଲୋକଟି ଆପଣଙ୍କ ସକାଶେ ଉପକାରୀ ସାବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଅବଦାନ ରହିବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** ଶନିଙ୍କ ଷଷ୍ଠସଂସ୍ଥାନ ହେତୁ ଭୁଲ୍ ବୁଝାମଣାରୁ କଳହର ଆଶଙ୍କା ରହିଛି। ଆଜିର ଯାତ୍ରା କାଳରେ କୌଣସି ଯୁବ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ବନ୍ଧୁଙ୍କ ଜରିଆରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସଫଳତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ଆଲୋଚନା ମଧ୍ୟ ଫଳପ୍ରଦ ହେବ।

**ବିଛା** ସ୍ୱଗୃହାଭିମୁଖୀ ମଙ୍ଗଳ ହେତୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। ବହୁତ ଦିନର ଆଶା ପୂରଣ ହେବା ସହ ନୂତନ କାମରେ ଯୋଗ ଦେଇପାରନ୍ତି। ପରିବାରର ଖର୍ଚ୍ଚ ଦିଗୁଣା ହେବାରୁ ଅର୍ଥସଙ୍କଟର ଭରଣା ସକାଶେ ଆଲୋଚନା କରିପାରନ୍ତି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ଧନୁ** ଅଷ୍ଟମ ବୃହସ୍ପତି ଯୋଗୁ ସମସ୍ୟା ଲାଗିରହିବାରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପଡୋଶୀମାନେ କଣ୍ଟାବାଡରେ ଲୁଗାଛାଟି କଳହ କରିପାରନ୍ତି । ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବେ।

**ମକର** ଚନ୍ଦ୍ରଙ୍କ ପ୍ରଭାବରୁ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ। ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆଜି କାମଗୁଡିକ ଠିକ୍ ଭାବେ ସମ୍ପନ୍ନ ହେବା ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ।

**କୁମ୍ଭ** ଧନସ୍ଥାନସ୍ଥ ଶନି ପ୍ରଭାବରେ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ଆଜି ଆନୁଷ୍ଠାନିକ କାମରେ, ପ୍ରଶାସନିକ ସ୍ତରରେ କିମ୍ବା ରାଜନୀତିରେ ସୁଫଳ ପାଇବେ। ବନ୍ଧୁଙ୍କ ସହ ଆଲୋଚନା ସମୟରେ ବୃଥା ତର୍କ କରିବା ଠିକ୍ ହେବନାହିଁ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମ୍ପର୍କ ବ୍ୟାହତ ହେବ। ବ୍ୟବସାୟିକ କ୍ଷେତ୍ରରେ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ଅକ୍ଟୋବର ୩୧ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ, କାର୍ତ୍ତିକ ଶୁକ୍ଳପକ୍ଷର ଅଁଳାନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଜଗଦ୍ଧାତ୍ରୀ ପୂଜା, ସାକ୍ଷୀଗୋପାଳଙ୍କ ବିଶିଷ୍ଟ ଉତ୍ସବ, ଶ୍ରୀରାଧାଙ୍କ ପାଦଦର୍ଶନ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୧ ଗତେ, ଘ.୦୬।୩୬ ମଧ୍ୟେ, ଘ.୦୭।୨୧ ଗତେ, ଘ. ୦୮।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୦।୦୫ ଗତେ, ଘ. ୧୧।୩୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓକିଲ ଆଉ ଗାଡ଼ିର ଅଖ**
**ଘିଅ ତେଲ ଦେଇ ରଖ ।**

ଗାଡ଼ି ଚାଲିବା ପାଇଁ ତେଲର ଆବଶ୍ୟକତା ପଡ଼ିଥାଏ। ବିନା ତେଲରେ ଗାଡ଼ି ଚାଲିପାରି ନ ଥାଏ। ଠିକ୍ ସେହିପରି ଓକିଲଙ୍କୁ ମଙ୍ଗେଇ ରଖିବା ପାଇଁ ବା ହାତରେ ରଖିବା ପାଇଁ ଧନ ଖର୍ଚ୍ଚ କରିବାକୁ ପଡିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଓଲୁଅ ଖାଇ ତୁଣ୍ଡ ଗଲୁ**
**ତେନ୍ତୁଳି ଚକଟା ଆପେ ଦେଲୁ ।**

ସାଧାରଣତଃ ଓଲୁଅ ଖାଇଲେ ତୁଣ୍ଡ ଗଲୁ ବା କୁଣ୍ଡେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ତେବେ ଏଭଳି ସ୍ଥିତିରେ ତେନ୍ତୁଳି ଚକଟା ଖାଇବା ଲାଗି ପରାମର୍ଶ ଦିଆଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲୋକପ୍ରିୟତା ସହିପାରୁନି ଶାସକଦଳ: କଂଗ୍ରେସ

## କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ ପ୍ରସଙ୍ଗ

ଭୁବନେଶ୍ୱର,୩୦।୧୦
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସର ବିଜୟ ସୁନିଶ୍ଚିତ ଜାଣି ସରକାରୀ ଦଳ ଭାଜପା ଭୟଭୀତ ହୋଇପଡ଼ିଛି ବୋଲି କଂଗ୍ରେସ କହିଛି। ଗୁରୁବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ନୂଆପଡ଼ା କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ ଆଳରେ ପୋଲିସ ଜବରଦସ୍ତ ପଶି ନେତା ଓ କର୍ମୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଛି ।

ସେ କହିଛନ୍ତି, ନିର୍ବାଚନ ଜିତିବା ପାଇଁ ସମସ୍ତ ରାଜନୈତିକ ଦଳ ନିଜର ପ୍ରଚାର ପ୍ରସାର କରୁଛନ୍ତି । ହେଲେ କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ଲୋକପ୍ରିୟତା ବଢୁଥିବାରୁ ଭାଜପା ସହି ନ ପାରି ପୋଲିସ ଲଗାଇ ଭୟଭୀତ କରିବାକୁ ଅପଚେଷ୍ଟା କରୁଛି। ମହାପାତ୍ର କହିଛନ୍ତି, ପୋଲିସ କେବେ ଭାଜପା କିମ୍ବା ବିଜେଡି ଅଫିସକୁ ଯାଇ ଏଭଳି ଅନୁସନ୍ଧାନ କରି ନ ଥିବାବେଳେ କଂଗ୍ରେସ କାର୍ଯ୍ୟାଳୟକୁ ପଶିବା ପଛରେ କ'ଣ ରହସ୍ୟ ଅଛି ସରକାର ଜବାବ ରଖନ୍ତୁ। କଂଗ୍ରେସ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଅଭିଯୋଗ କରୁଛି, ପୋଲିସ ଏ ସମସ୍ତ ନିର୍ବାଚନବିରୋଧୀ କାର୍ଯ୍ୟକଳାପରେ ରୋକ ଲଗାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଭାରତ ନିର୍ବାଚନ କମିଶନ(ଇସିଆଇ) ନୂଆପଡ଼ା ଉପନିର୍ବାଚନ ପାଇଁ ଗତ ୬ ତାରିଖରେ ବିଧିବଦ୍ଧ ଭାବେ ନିର୍ବାଚନ ଲାଗି ଘୋଷଣା କଲେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଏଆଇସିସି ଅନୁମୋଦନ କରି ୭ ତାରିଖରେ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଗଲା। ହେଲେ ୨୪ ବର୍ଷର ଲୋକଙ୍କ ଦଳ କହୁଥିବା ବିଜେଡି ଓ ଦେଢ଼ ବର୍ଷ ଧରି ଶାସନରେ ବସିଥିବା ଡବଲ ଇଞ୍ଜିନ ଜାତୀୟ ଦଳଙ୍କୁ ପ୍ରାର୍ଥୀ ଖୋଜା ପଡ଼ିଲା। ଏପରି କି ପ୍ରାର୍ଥୀକୁ ନେଇ ଟଣାଭିଡ଼ା ଲାଗିଲା। ନିକଟରେ ମୁଖ୍ୟମନ୍ତ୍ରୀ ଏଠାରେ ୧୧୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି । ନୂଆପଡ଼ାର ଦାୟିତ୍ୱ ନେବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସତ୍ତ୍ୱେ କଂଗ୍ରେସ ଶିବିରରେ ପୋଲିସ ଲଗାଇ ଏଭଳି ଜୋର ଜବରଦସ୍ତ କରିବା ଅର୍ଥ କ'ଣ। ଏହାକୁ ନୂଆପଡ଼ାବାସୀ ବୁଝି ଠିକ୍‌ଣା ଜବାବ ଦେବେ ବୋଲି ଡ. ମହାପାତ୍ର କହିଛନ୍ତି।

# ଏକ ଭାରତ, ଆତ୍ମନିର୍ଭର ଭାରତ

## ଆଜି ଜାତୀୟ ଏକତା ଦିବସ

ପ୍ରତିବର୍ଷ ଅକ୍ଟୋବର ୩୧ରେ ଜାତୀୟ ଏକତା ଦିବସ ପାଳନ କରାଯାଇଆସୁଛି। ଭାରତର ଏକତା ଏବଂ ଅଖଣ୍ଡତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଲୌହ ମାନବ ଭାବରେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ଦିବସ ପାଳନ କରାଯାଉଛି। ସ୍ୱାଧୀନ ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ୫୬୫ଟି ଅର୍ଦ୍ଧ-ସ୍ୱାୟତ୍ତ ଗଡ଼ଜାତ ରାଜ୍ୟ ଏବଂ ବ୍ରିଟିଶ ଉପନିବେଶବାଦୀ ପ୍ରଦେଶକୁ ମିଶ୍ରଣ କରି ଏକ ଅଖଣ୍ଡ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୧୪



ମସିହାରେ କେନ୍ଦ୍ର ସରକାର ପଟେଲଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କ ଜନ୍ମ ଦିବସରେ 'ଜାତୀୟ ଏକତା ଦିବସ' ପାଳନ ଆରମ୍ଭ କରିଥିଲେ। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ ତାଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ତେବେ ଚଳିତବର୍ଷ ଜାତୀୟ ଏକତା ଦିବସ ଲାଗି ବିଷୟବସ୍ତୁ ରହିଛି 'ଏକ ଭାରତ, ଆତ୍ମନିର୍ଭର ଭାରତ'। ଏହି ବିଷୟବସ୍ତୁ ସଂଯୋଗର ଧାରଣାକୁ ପ୍ରତିନିଧିତ୍ୱ କରେ ଓ ଲୋକଙ୍କୁ ଏକତା ଏବଂ ସ୍ୱାବଲମ୍ବୀ ହେବାର ଗୁରୁତ୍ୱକୁ ବୁଝାଏ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏଆଇଟିୟୁସିର ୧୦୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ୍ ଛକ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଅଁଳା ନବମୀ ଓ ରାଧାପାଦ ଦର୍ଶନ ଉତ୍ସବ, ସ୍ଥାନ: ସାକ୍ଷୀ ଗୋପୀନାଥ ଦେବଙ୍କ ମନ୍ଦିର, କନ୍ତିଆ, ଜଟଣୀ, ସମୟ: ସକାଳ ୬ଟା।
- ରାଧାକାନ୍ତ ଦେବ ସାଂସ୍କୃତିକ ପରିଷଦ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୨୨ତମ ଅଁଳା ନବମୀ ଉତ୍ସବ-୨୦୨୫, ସ୍ଥାନ:କନ୍ତିଆ,ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ସ୍ଥାନ: ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅବସର ସମାରୋହ, ସ୍ଥାନ: ଅଣ୍ଡରାଇ ହାଇସ୍କୁଲ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଇତ ବନ୍ଦାଣ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ପାର୍ବତୀ କଲ୍ୟାଣମଣ୍ଡପ, ବେଣାପୁରା, ବସ୍ତା, ସମୟ: ଅପରାହ୍ନ ୪ଟା।
- ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଦ୍ୱାଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ ଫାଷ୍ଟ ଫୁଡ୍ ମାର୍କେଟ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଏକତା ପାଇଁ ଗଣଦୌଡ଼, ସ୍ଥାନ: ଏସ୍‌ପି ଅଫିସ ନିକଟରୁ ରିଜର୍ଭ ପୋଲିସ ପଡ଼ିଆ, ଚରମ୍ପା, ଭଦ୍ରକ, ସମୟ: ସକାଳ ୭ଟା।
- ଏକତା ପାଇଁ ଦୌଡ଼, ସ୍ଥାନ: ତିହିଡ଼ି ଥାନା, ସମୟ: ସକାଳ ୭ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ରାଷ୍ଟ୍ରୀୟ ଏକତା ଦିବସ ପାଇଁ ୱାକଥନ(ରନ ଫର୍ ୟୁନିଟ),ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ ଅଫିସରୁ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ : ସକାଳ ୬ଟା ୪୫।
- ରାଷ୍ଟ୍ରୀୟ ଏକତା ଦିବସ ପାଇଁ ୱାକାଥନ,ସ୍ଥାନ: ଏସ୍‌ଡିପିଓ ଅଫିସରୁ ବିକାଶ ମହଲ, ବଡ଼ବିଲ,ସମୟ: ସକାଳ ୭ଟା।
- ପାଟଣା ପୋଲିସ ପକ୍ଷରୁ ଗଣଦୌଡ଼, ସ୍ଥାନ: ପାଟଣା ଥାନା, ସମୟ: ସକାଳ ୭ଟା।

## ମୟୂରଭଞ୍ଜ
- ଜଗଧାତ୍ରୀ ପୂଜା,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ସୁରଭି ୨୦୨୫,ସ୍ଥାନ:ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ,ଆମ୍ବଯୋଡ଼ା,କୁଶଳଦା ପଞ୍ଚାୟତ, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାସନଲ ହାଇ ସ୍କୁଲ ଦୁରା, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ହରିହର ହାଇସ୍କୁଲ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ଏକତା ଦିବସରେ ଶପଥ, ସ୍ଥାନ: ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଜିଲାସ୍ତରୀୟ ମିନି ମାରାଥନ, ସ୍ଥାନ: ଫୁଲବାଣୀ କରୋନେସନ ପଡ଼ିଆ, ସମୟ: ସକାଳ ୬ଟା ୪୫।
- ମା' ମହାମାୟୀ ମନ୍ଦିରର ୧୬ ତମ ବାର୍ଷିକୋତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମା' ମହାମାୟୀ ମନ୍ଦିର ଭଗାମୁଣ୍ଡା ବାଲିଗୁଡ଼ା, ସମୟ: ପୂବାହ୍ନ ୧୦।
- ଶିଶୁମଙ୍ଗଳ କମିଟିର ସମୀକ୍ଷା ବୈଠକ, ସ୍ଥାନ: ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣ ଧାରଣା, ସ୍ଥାନ: ଫୁଲବାଣୀ, ସମୟ: ପୂର୍ବାହ୍ନ୧୧ଟା।
- ଦୁର୍ନୀତି ନିବାରଣ ଉପରେ ଆଲୋଚନାଚକ୍ର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ଟା।
- ଯୋଗାଣ ସାମଗ୍ରୀ ଉପରେ ସମୀକ୍ଷା, ସ୍ଥାନ: ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ
- ଏକତା ପାଇଁ ଦୌଡ, ସ୍ଥାନ: ବାଜିଚୌକ ଢେଙ୍କାନାଳ, ସମୟ: ସକାଳ ୬ଟା୩୦।
- ମିନି ମାରାଥନ, ସ୍ଥାନ: ଯୋରନ୍ଦା ମହାବିଦ୍ୟାଳୟ, ସମୟ: ସକାଳ ୭ଟା।
- ଦୁର୍ନୀତି ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦଘାଟନ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ
- ରନ ଅଫ ୟୁନିଟି , ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦।
- ଅନ୍ତର୍ଜାତୀୟ ସୋମବାୟ ଦିବସ ୨୦୨୫, ସ୍ଥାନ : ମ୍ୟୁନିସପାଲଟି ଟାଉନ ହଲ , ଅନୁଗୋଳ, ସମୟ : ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ, ସ୍ଥାନ: ପୌରପାଳିକା ଟାଉନହଲ, ସମୟ: ପୂର୍ବାହ୍ନ ୧୦ ଟା।
- ଅନୁଗୋଳ: 'ମୟୂରୀ' ମହୋତ୍ସବ, ସ୍ଥାନ: ମଧୁକେଶରୀ ପଡିଆ, ମହୀଧରପୁର, ସମୟ: ସନ୍ଧ୍ୟା ୬ଟା।
- ଅନୁଗୋଳ ବସ୍ ଆସୋସିଏଶନର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ : ଲକ୍ଷ୍ମୀ ନାରାୟଣ ମନ୍ଦିର , ଆଠମଲ୍ଲିକ, ସମୟ: ସନ୍ଧ୍ୟା ୭ ଟା।

## ଜଗତ୍‌ସିଂହପୁର
- ୱାକାଥନ୍ ରନ୍ ଫର ୟୁନିଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ: ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ଜଗତ୍‌ସିଂହପୁର, ସମୟ: ସକାଳ ୬ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଶ୍ରୀକୃଷ୍ଣ ଏକାଡେମୀଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ମଣିଚରଣ ଶାରଳା ଏକାଡେମୀ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ଜିଲାସ୍ତରୀୟ ଉତ୍ସବ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିହପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ କାନମାସ ପକ୍ଷରୁ ପଥପ୍ରାନ୍ତ ନାଟକ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମହାକାଳପଡ଼ା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ, ସ୍ଥାନ: ଗୋପାଳପୁର, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଗଣଦୌଡ଼, ସ୍ଥାନ: ଇନ୍ଦୁପୁର ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଜିଲା ଚେସ ଆସୋସିଏଶନ ପକ୍ଷରୁ ଆନ୍ତରାଜ୍ୟ ମହିଳା ଚେସ ଚାମ୍ପିଅନସିପ୍, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ତ୍ତିକ ହବିଷ୍ୟାଳିଙ୍କ ପଞ୍ଚୁକ ବ୍ରତର ଉଦ୍‌ଘାଟନ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ମଧ୍ୟାହ୍ନ ୧୨ଟା।

## ଯାଜପୁର
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ମାରାଥନ ରନ ଫର ୟୁନିଟି, ସ୍ଥାନ : ଯାଜପୁର ଏନସି ସ୍ୱୟଂଶାସିତ କଲେଜଠାରୁ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା୩୦।
- ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ : ଯାଜପୁର ରୋଡ ନହକା ଛକଠାରୁ ଭିଏନ କଲେଜ, ସମୟ : ସକାଳ ୮ଟା।
- ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ ପାଠ, ସ୍ଥାନ : ଭିଏନ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଦଯାତ୍ରା ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧ଟା।
- ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ, ସ୍ଥାନ: କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଏଆଇଟିୟୁସିର ଦାବିପତ୍ର ପ୍ରଦାନ, ସ୍ଥାନ: ଲେବର ଅଫିସ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଶ୍ରୀଅରବିନ୍ଦ ଶିକ୍ଷା ନିକେତନ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ମିନି ମାରାଥନ , ସ୍ଥାନ : ଜିଲା ସ୍କୁଲ ଛକ, ସମୟ : ସକାଳ ୫ଟା ୩୦।
- ଶ୍ରୀଗୋପଷ୍ଟମୀ ମହୋତ୍ସବ ଓ ଅଁଳା ନବମୀ କାର୍ଯ୍ୟକ୍ରମ, ସ୍ଥାନ : ଗୋଲାବନ୍ଧ ଶ୍ରୀମନକାମେଶ୍ୱର ମହାଦେବ ମନ୍ଦିର, ସମୟ : ସକାଳ ୯ଟା ୪୫।
- ପବିତ୍ର କାର୍ତ୍ତିକ ମାସରେ ଅଳାଁ ନବମୀ କାର୍ଯ୍ୟକ୍ରମ, ସ୍ଥାନ : ଶୁଭମ କଲୋନୀ, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଆର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର
- ଲୋଇସିଂହା ପୋଲିସ ପକ୍ଷରୁ ମିନି ମାରାଥନ, ସ୍ଥାନ: ବୁର୍ଡା ଛକରୁ ଲୋଇସିଂହା ଥାନା ପର୍ଯ୍ୟନ୍ତ, ସମୟ: ସକାଳ ୭ଟା।
- ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତିର ବୈଠକ, ସ୍ଥାନ: ଗୁଗୁଡିଖାଲ ରାମମନ୍ଦିର, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୨ଟା।

## ରାଉରକେଲା
- ଶ୍ରୀ ରାଧାପାଦ ଦର୍ଶନ ଓ ଅଁଳା ନବମୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ଟ୍ରାଫିକ୍ ଗେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ବିମାନ ବନ୍ଦର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ମହାବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।
- ସର୍ଦ୍ଦାର ପଟେଲ କଲଚରାଲ ଆସୋସିଏଶନ ପକ୍ଷରୁ ସର୍ଦ୍ଦାର ଜୟନ୍ତୀ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ପୁସ୍ତକ ଉନ୍ମୋଚନ, ସ୍ଥାନ: କଲ୍ୟାଣୀ କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ୧୫୦ତମ ଜନ୍ମବାର୍ଷିକୀ ଅବସରରେ "ଏକତା ପାଇଁ ଦୌଡ" କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ପଡିଆ ସମ୍ମୁଖ ବୀର୍ସାମୁଣ୍ଡା ଛକ ସୁନ୍ଦରଗଡ, ସମୟ ସକାଳ:୬ଟା।
- ବିଶ୍ୱ ମିତବ୍ୟୟତା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବିକାଶ ଭବନ, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ତାଲଶ୍ରୀଗିଡା, ବରଗଡ଼, ସମୟ:ସକାଳ ୯ଟା ।
- ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ,ସ୍ଥାନ: ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ସମୟ: ପୂର୍ବାହ୍ନ ୧୧ଟା।
- ନାଟକ ଜୀବନ ଡାକର୍, ସ୍ୱାଧୀନତା ଆମର୍ (ମାଧୋ ସିଂ) ମଞ୍ଚସ୍ଥ, ସ୍ଥାନ: ସମଲେଶ୍ୱରୀ ମଣ୍ଡପ, ତଳିପଡ଼ା, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଓଡ଼ିଶା ପୋଲିସ ଆହ୍ୱାନ କ୍ରମେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ରନ ଫର୍ ୟୁନିଟି କାର୍ଯ୍ୟକ୍ରମ, ସ୍ଥାନ: ତହସିଲ ଛକଠାରୁ ଏମ୍‌ଏମ୍‌ପିଏସ୍ କଲେଜ ଥୁଆମୂଳ ରାମପୁର, ସମୟ: ସକାଳ ୭ଟା।
- ରନ ଫର ୟୁନିଟି କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବିକାଶ ଇଣ୍ଟିଚ୍ୟୁଶନ,ସମୟ:ସକାଳ ୯ଟା।
- କୃଷି ବିଭାଗର ସମୀକ୍ଷା ବୈଠକ,ସ୍ଥାନ:ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ :ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରୁଣାକଟକ, ହରଭଙ୍ଗା ବ୍ଲକ, ସମୟ: ସକାଳ ୯ଟା ।

## ଦେବଗଡ଼
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଛେଳି ପାଳନ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୟ ଏକତା ଦିବସ ପାଳନ, ସ୍ଥାନ: ରିଆମାଳ ଥାନା ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ଏକତା ପାଇଁ ଗଣଦୌଡ, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୬ଟା ୩୦।
- ଅଁଳା ନବମୀ ପାଳନ, ସ୍ଥାନ: କମଳପୁର ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ସମୟ: ସକାଳ ୯ଟା ।
- ଅଲେଖ ମହିମା ଅଖଣ୍ଡ ବ୍ରହ୍ମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବିନିକା ମହିମା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ରାହାଁସ ଲୀଳା ପରିବେଷଣ, ସ୍ଥାନ: ଖଡିଆଳ ବ୍ରାହ୍ମଣପଡା, ସମୟ: ରାତି ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ମହୋତ୍ସବ, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମଭାବରେ ଚନ୍ଦ୍ରଙ୍କ ଅବସ୍ଥାନ କାରଣରୁ ଲକ୍ଷ୍ୟ ପୂରଣ ସକାଶେ ସମସ୍ତ ସୁବିଧା ସୁଯୋଗ ପାଇପାରନ୍ତି। ପରୋକ୍ଷ ଶତ୍ରୁତାଜନିତ କାମ ହାସଲରେ ବାଧା ହେତୁ ଅସ୍ଥିରତା ସୃଷ୍ଟି ହେବ। ବିବାଦୀୟ ବିଷୟକୁ କେନ୍ଦ୍ରକରି ପଡୋଶୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ପରିସ୍ଥିତିବିଶତଃ କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ ହେବେ।

**ବୃଷ** ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ଆପଣ ସାମାଜିକ ସମ୍ମାନ ପାଇପାରନ୍ତି। ସକାଳୁ ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ମତାନ୍ତର ସୃଷ୍ଟି ହେବ। ଯେତେ ଅନୁନୟ ହେଲେ ମଧ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ଛୋଟ କଥାଟିକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରେ ଆଜି ପ୍ରୟୋଗାତ୍ମକ କୌଶଳ ମାଧ୍ୟମରେ ସଫଳତା ପାଇବେ। କଳେବଳେ କୌଶଳେ ଅର୍ଥ ପାଇବା ସକାଶେ ଚେଷ୍ଟା କରି ଆଶାକୁ ଚରିତାର୍ଥ କରିପାରନ୍ତି । ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ପ୍ରଶଂସା ଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମ ହାସଲ କଷ୍ଟକର ହେବ।

**କର୍କଟ** ରାଶିରେ ଗୁରୁଙ୍କ ସ୍ଥିତି ଯୋଗୁ ଆଦୌ ପଢୁ ନ ଥିବା ବ୍ୟକ୍ତି ଆପଣଙ୍କ ଦ୍ୱାରା ପ୍ରଭାବିତ ହେବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ। ବିବାଦୀୟ ସ୍ଥିତିରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରି ପ୍ରଶଂସିତ ହେବେ।

**ସିଂହ** ରାହୁଙ୍କ ପ୍ରଭାବଜନିତ ଭୁଲ୍‌ବୁଝାମଣାରୁ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ, କିନ୍ତୁ ଋଣ ପରିଶୋଧର ଚିନ୍ତା ଘାରିପାରେ। ଆଜି ପରିସ୍ଥିତିବିଶତଃ ଦୁଇ ପଇସା ଜାଗାରେ ଛ'ପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସଭାସମିତିରେ ସମ୍ମାନିତ ହେବେ କିନ୍ତୁ ଏଥିପାଇଁ ଲବି କରିବାକୁ ପଡିପାରେ।

**କନ୍ୟା** ମୁଖଭାବରେ ବୁଧ ଓ ମଙ୍ଗଳ ଯୋଗୁ ଆପଣଙ୍କ ବ୍ୟବହାରରେ କଠୋରତା ପରିଲକ୍ଷିତ ହେବ। ପାଖରେ ଥିବା ଲୋକଟି ଆପଣଙ୍କ ସକାଶେ ଉପକାରୀ ସାବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଅବଦାନ ରହିବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** ଶନିଙ୍କ ଷଷ୍ଠସଂସ୍ଥାନ ହେତୁ ଭୁଲ୍ ବୁଝାମଣାରୁ କଳହର ଆଶଙ୍କା ରହିଛି। ଆଜିର ଯାତ୍ରା କାଳରେ କୌଣସି ଯୁବ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ବନ୍ଧୁଙ୍କ ଜରିଆରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସଫଳତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ଆଲୋଚନା ମଧ ଫଳପ୍ରଦ ହେବ।

**ବିଛା** ସ୍ୱଗୃହାଭିମୁଖୀ ମଙ୍ଗଳ ହେତୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। ବହୁତ ଦିନର ଆଶା ପୂରଣ ହେବା ସହ ନୂତନ କାମରେ ଯୋଗ ଦେଇପାରନ୍ତି। ପରିବାରର ଖର୍ଚ୍ଚ ଦ୍ୱିଗୁଣା ହେବାରୁ ଅର୍ଥସଙ୍କଟର ଭରଣା ସକାଶେ ଆଲୋଚନା କରିପାରନ୍ତି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ଧନୁ** ଅଷ୍ଟମ ବୃହସ୍ପତି ଯୋଗୁ ସମସ୍ୟା ଲାଗିରହିବାରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପଡୋଶୀମାନେ କଣ୍ଟାବାଡରେ ଲୁଗାଛାଟି କଳହ କରିପାରନ୍ତି । ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବେ।

**ମକର** ଚନ୍ଦ୍ରଙ୍କ ପ୍ରଭାବରୁ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ। ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆଜି କାମଗୁଡିକ ଠିକ୍ ଭାବେ ସମ୍ପନ୍ନ ହେବା ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ।

**କୁମ୍ଭ** ଧନସ୍ଥାନସ୍ଥ ଶନି ପ୍ରଭାବରେ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ଆଜି ଆନୁଷ୍ଠାନିକ କାମରେ, ପ୍ରଶାସନିକ ସ୍ତରରେ କିମ୍ବା ରାଜନୀତିରେ ସୁଫଳ ପାଇବେ। ବନ୍ଧୁଙ୍କ ସହ ଆଲୋଚନା ସମୟରେ ବୃଥା ତର୍କ କରିବା ଠିକ୍ ହେବନାହିଁ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମ୍ପର୍କ ବ୍ୟାହତ ହେବ। ବ୍ୟବସାୟିକ କ୍ଷେତ୍ରରେ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ଅକ୍ଟୋବର ୩୧ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ, କାର୍ତ୍ତିକ ଶୁକ୍ଳପକ୍ଷର ଅଁଳାନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଜଗଦ୍ଧାତ୍ରୀ ପୂଜା, ସାକ୍ଷୀଗୋପାଳଙ୍କ ବିଶିଷ୍ଟ ଉତ୍ସବ, ଶ୍ରୀରାଧାଙ୍କ ପାଦଦର୍ଶନ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୧ ଗତେ, ଘ.୦୬।୩୬ ମଧ୍ୟେ, ଘ.୦୭।୨୧ ଗତେ, ଘ. ୦୮।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୦।୦୫ ଗତେ, ଘ. ୧୧।୩୦ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓକିଲ ଆଉ ଗାଡ଼ିର ଅଖ**
**ଘିଅ ତେଲ ଦେଇ ରଖ ।**

ଗାଡ଼ି ଚାଲିବା ପାଇଁ ତେଲର ଆବଶ୍ୟକତା ପଡ଼ିଥାଏ। ବିନା ତେଲରେ ଗାଡ଼ି ଚାଲିପାରି ନ ଥାଏ। ଠିକ୍ ସେହିପରି ଓକିଲଙ୍କୁ ମଙ୍ଗେଇ ରଖିବା ପାଇଁ ବା ହାତରେ ରଖିବା ପାଇଁ ଧନ ଖର୍ଚ୍ଚ କରିବାକୁ ପଡିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଓଲୁଅ ଖାଇ ତୁଣ୍ଡ ଗଲୁ**
**ତେନ୍ତୁଳି ଚକଟା ଆପେ ଦେଲୁ ।**

ସାଧାରଣତଃ ଓଲୁଅ ଖାଇଲେ ତୁଣ୍ଡ ଗଲୁ ବା କୁଣ୍ଡେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ତେବେ ଏଭଳି ସ୍ଥିତିରେ ତେନ୍ତୁଳି ଚକଟା ଖାଇବା ଲାଗି ପରାମର୍ଶ ଦିଆଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲୋକପ୍ରିୟତା ସହିପାରୁନି ଶାସକଦଳ: କଂଗ୍ରେସ

### କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ ପ୍ରସଙ୍ଗ

ଭୁବନେଶ୍ୱର,୩୦।୧୦
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସର ବିଜୟ ସୁନିଶ୍ଚିତ ଜାଣି ସରକାରୀ ଦଳ ଭାଜପା ଭୟଭୀତ ହୋଇପଡ଼ିଛି ବୋଲି କଂଗ୍ରେସ କହିଛି। ଗୁରୁବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ନୂଆପଡ଼ା କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ ଆଳରେ ପୋଲିସ ଜବରଦସ୍ତ ପଶି ନେତା ଓ କର୍ମୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଛି ।

ସେ କହିଛନ୍ତି, ନିର୍ବାଚନ ଜିତିବା ପାଇଁ ସମସ୍ତ ରାଜନୈତିକ ଦଳ ନିଜର ପ୍ରଚାର ପ୍ରସାର କରୁଛନ୍ତି । ହେଲେ କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ଲୋକପ୍ରିୟତା ବଢୁଥିବାରୁ ଭାଜପା ସହି ନ ପାରି ପୋଲିସ ଲଗାଇ ଭୟଭୀତ କରିବାକୁ ଅପଚେଷ୍ଟା କରୁଛି। ମହାପାତ୍ର କହିଛନ୍ତି, ପୋଲିସ କେବେ ଭାଜପା କିମ୍ବା ବିଜେଡି ଅଫିସକୁ ଯାଇ ଏଭଳି ଅନୁସନ୍ଧାନ କରି ନ ଥିବାବେଳେ କଂଗ୍ରେସ କାର୍ଯ୍ୟାଳୟକୁ ପଶିବା ପଛରେ କ'ଣ ରହସ୍ୟ ଅଛି ସରକାର ଜବାବ ରଖନ୍ତୁ। କଂଗ୍ରେସ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଅଭିଯୋଗ କରୁଛି, ପୋଲିସ ଏ ସମସ୍ତ ନିର୍ବାଚନବିରୋଧୀ କାର୍ଯ୍ୟକଳାପରେ ରୋକ ଲଗାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଭାରତ ନିର୍ବାଚନ କମିଶନ(ଇସିଆଇ) ନୂଆପଡ଼ା ଉପନିର୍ବାଚନ ପାଇଁ ଗତ ୬ ତାରିଖରେ ବିଧିବଦ୍ଧ ଭାବେ ନିର୍ବାଚନ ଲାଗି ଘୋଷଣା କଲେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଏଆଇସିସି ଅନୁମୋଦନ କରି ୭ ତାରିଖରେ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଗଲା। ହେଲେ ୨୪ ବର୍ଷର ଲୋକଙ୍କ ଦଳ କହୁଥିବା ବିଜେଡି ଓ ଦେଢ଼ ବର୍ଷ ଧରି ଶାସନରେ ବସିଥିବା ଡବଲ ଇଞ୍ଜିନ ଜାତୀୟ ଦଳଙ୍କୁ ପ୍ରାର୍ଥୀ ଖୋଜା ପଡ଼ିଲା। ଏପରି କି ପ୍ରାର୍ଥୀଙ୍କୁ ନେଇ ଟଣାଭିଡ଼ା ଲାଗିଲା। ନିକଟରେ ମୁଖ୍ୟମନ୍ତ୍ରୀ ଏଠାରେ ୧୧୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି । ନୂଆପଡ଼ାର ଦାୟିତ୍ୱ ନେବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସତ୍ତ୍ୱେ କଂଗ୍ରେସ ଶିବିରରେ ପୋଲିସ ଲଗାଇ ଏଭଳି ଜୋର ଜବରଦସ୍ତ କରିବା ଅର୍ଥ କ'ଣ। ଏହାକୁ ନୂଆପଡ଼ାବାସୀ ବୁଝି ଠିକ୍‌ଣା ଜବାବ ଦେବେ ବୋଲି ଡ. ମହାପାତ୍ର କହିଛନ୍ତି।

# ଏକ ଭାରତ, ଆତ୍ମନିର୍ଭର ଭାରତ

### ଆଜି ଜାତୀୟ ଏକତା ଦିବସ



ପ୍ରତିବର୍ଷ ଅକ୍ଟୋବର ୩୧ରେ ଜାତୀୟ ଏକତା ଦିବସ ପାଳନ କରାଯାଇଆସୁଛି। ଭାରତର ଏକତା ଏବଂ ଅଖଣ୍ଡତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଲୌହ ମାନବ ଭାବରେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ଦିବସ ପାଳନ କରାଯାଉଛି। ସ୍ୱାଧୀନ ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ୫୬୫ଟି ଅର୍ଦ୍ଧ-ସ୍ୱାୟତ୍ତ ଗଡ଼ଜାତ ରାଜ୍ୟ ଏବଂ ବ୍ରିଟିଶ ଉପନିବେଶବାଦୀ ପ୍ରଦେଶକୁ ମିଶ୍ରଣ କରି ଏକ ଅଖଣ୍ଡ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୧୪ ମସିହାରେ କେନ୍ଦ୍ର ସରକାର ପଟେଲଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କ ଜନ୍ମ ଦିବସରେ 'ଜାତୀୟ ଏକତା ଦିବସ' ପାଳନ ଆରମ୍ଭ କରିଥିଲେ। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ ତାଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ତେବେ ଚଳିତବର୍ଷ ଜାତୀୟ ଏକତା ଦିବସ ଲାଗି ବିଷୟବସ୍ତୁ ରହିଛି 'ଏକ ଭାରତ, ଆତ୍ମନିର୍ଭର ଭାରତ'। ଏହି ବିଷୟବସ୍ତୁ ସଂଯୋଗର ଧାରଣାକୁ ପ୍ରତିନିଧିତ୍ୱ କରେ ଓ ଲୋକଙ୍କୁ ଏକତା ଏବଂ ସ୍ୱାବଲମ୍ବୀ ହେବାର ଗୁରୁତ୍ୱକୁ ବୁଝାଏ।



ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି ଗ୍ରାମର ମହିଳାମାନେ ଅସୁରମୁଣ୍ଡା ବଙ୍ଗାବାହାଲ ସଂରକ୍ଷିତ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ଫେରୁଛନ୍ତି।

# 'ମୋନ୍ଥା' ପ୍ରଭାବରେ ଫସଲ ନଷ୍ଟ

**କ୍ଷୟକ୍ଷତି ଆକଳନ କଲେ କୃଷି ଓ ରାଜସ୍ୱ ବିଭାଗ ଅଧିକାରୀ**

ଦେଓଗାଁ,୩୦।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ମଙ୍ଗଳବାର ରାତିରେ ବାତ୍ୟା ମୋନ୍ଥାର ପ୍ରଭାବରେ ହୋଇଥିବା ବର୍ଷା ଓ ପବନରେ ଅନେକ ଚାଷୀଙ୍କ ଧାନ ଓ ପନିପରିବା ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏନେଇ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସମେତ ବ୍ଲକ କୃଷି ଅଧିକାରୀ ତିଷାରକାନ୍ତ ସେଠୀ, ସହକାରୀ ବ୍ଲକ କୃଷି ଅଧିକାରୀ ରୋହନ କୁମାର ଭୋଇ, ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ କର୍ମଚାରୀମାନେ ଧଣ୍ଡାମାଲ ପଞ୍ଚାୟତର ଅନ୍ତର୍ଲା ଓ ବନ୍ଧପଡା ପଞ୍ଚାୟତର ଟେପ୍ରେନ ଗାଁକୁ ଯାଇ କ୍ଷତି ହୋଇଥିବା ଚାଷଜମି ବୁଲି ଦେଖିଥିଲେ। ଏହାସହ ଚଳିତବର୍ଷ ବିଳମ୍ବରେ ବର୍ଷା ଯୋଗୁ ଧାନଚାଷ ହୋଇ ପାରିନଥିବା କ୍ଷେତ୍ର ମଧ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଚାଷୀମାନେ ଯେତିକି ଚାଷ ହୋଇଛି ତାର ସିଂହଭାଗ ନଷ୍ଟ ହୋଇ ଯାଇଥିବା ଦେଖାଇଥିଲେ। ଏଥିସହ ଅନେକ ଚାଷୀଙ୍କ ଧାନଚାଷ ହୋଇପାରି ନ ଥିବାରୁ ଚଳିତବର୍ଷ କ୍ଷତିପୂରଣ ଦେବାପାଇଁ ଅଧିକାରୀ ମାନଙ୍କ ନିକଟରେ ନିବେଦନ କରିଥିଲେ । ଧଣ୍ଡାମାଳ ଓ ବନ୍ଧପଡା ପଞ୍ଚାୟତ ସମେତ ବ୍ଲକର ପ୍ରାୟ ସମସ୍ତ ଗାଁରେ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏ ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟିଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ଦେବା ପାଇଁ ଚାଷୀ ମହଲରେ ଦାବି ହେଉଛି ।

# ସାଇବର ସଚେତନତା କାର୍ଯ୍ୟକ୍ରମ




ସାଇବର ସଚେତନତା ସଭାରେ ମଞ୍ଚାସୀନ ଅତିଥି

କଣ୍ଟାବାଞ୍ଜି,୩୦।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଦ୍ୱାରା ମଙ୍ଗଳବାର ଦିନ ସାଇବର ସଚେତନତା ରାଲି ତଥା ସଚେତନତା ସଭା ତୁରେକେଲାରେ ହୋଇଯାଇଛି। ଏହି ସଭାରେ କଣ୍ଟାବାଞ୍ଜି ପୋଲିସ ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ମୁଖ୍ୟଅତିଥି ଭାବେ ତୁରେକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ,ସମ୍ମାନିତ ଅତିଥି ଭାବେ ତୁରେକେଲା ସରପଞ୍ଚ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଳନ୍ଧର ମହାକୁଡ, ଇନ୍ସପେକ୍ଟର ଅଲେଖ ଗର୍ଡିଆ, ତୁରେକେଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ଚରଣ ବିଶି, ତୁରେକେଲା ଥାନାଧିକାରୀ ରାକେଶ ବେହେରା, ଅଧାପକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଯୋଗ ଦେଇଥିଲେ । ସଭା ପୂର୍ବରୁ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ରାଲି ନଗର ପରିକ୍ରମା କରିଥିଲା। ସାଇବର କ୍ରାଇମ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ପ୍ରତ୍ୟେକ ଜନସାଧାରଣ ନିଜ ନିଜର ମୋବାଇଲ ବ୍ୟବହାର କରିବା ବେଳେ ସାବଧାନତା ଅବଲମ୍ବନ କରିବା ଉଚିତ। ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ମେସେଜ୍ ଏବଂ କଲ୍ ଆସିଥାଏ।

ତେଣୁ ସତର୍କତା ସହ ତାର ଉଚିତ ବ୍ୟବହାର କଲେ ହିଁ କୌଣସି ପ୍ରକାର ଠକାମିରେ ପଡିବେ ନାହିଁ ବୋଲି ବକ୍ତାମାନେ କହିଥିଲେ । ଏପରି କି ବର୍ତ୍ତମାନର ଡିଜିଟାଲ ଯୁଗରେ ଛାତ୍ରୀଛାତ୍ରମାନେ ମୋବାଇଲ ବ୍ୟବହାର କରୁଥିବାରୁ ସଚେତନତା ଅବଲମ୍ବନ କରିବା ଉଚିତ ବୋଲି କହିଥିଲେ । ସଭା ପରେ ତୁରେକେଲା ଥାନାଧିକାରୀ ବେହେରା ଟୋଲ ଫ୍ରି ନମ୍ବର ଏବଂ ଥାନାର ନମ୍ବର ଠିକ୍ ସମୟରେ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ ।

## ସଂକ୍ଷେପରେ

### ଜଳୁନି ଷ୍ଟ୍ରିଟ୍ ଲାଇଟ: ମରାମତି ପାଇଁ ଦାବି

ଲାଠୋର,୩୦।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ । ଦୀର୍ଘ ଦିନରୁ ମରାମତି ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ।

ପ୍ରକାଶ ଯେ, ଗ୍ରାମର ମୁଖ୍ୟ ରାସ୍ତା ତଥା ବିଭିନ୍ନ ପଡ଼ାରେ ପଞ୍ଚାୟତ ପକ୍ଷରୁ ଷ୍ଟ୍ରିଟ୍ ଲାଇଟର ବ୍ୟବସ୍ଥା କରାଯାଇଛି। ହେଲେ ଅଧିକାଂଶ ସ୍ଥାନର ଷ୍ଟ୍ରିଟ୍ ଲାଇଟ ଜଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାତିରେ ଯିବା ଆସିବା ବେଳେ ଅନ୍ଧାରରେ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏନେଇ ସରପଞ୍ଚ ଜପସ୍ମିନୀ ସାହୁଙ୍କୁ ପଚାରିବାରେ ଯେଉଁ ସ୍ଥାନରେ ଷ୍ଟ୍ରିଟ ଲାଇଟ ଜଳୁନାହିଁ ଆମେ ଯଥାଶୀଘ୍ର ମରାମତି କରି ଲଗେଇବା ବ୍ୟବସ୍ଥା କରିବୁ ବୋଲି କହିଥିଲେ।

### ଉଚ୍ଚ ନ୍ୟାୟାଳୟ ପକ୍ଷରୁ ରାଜ୍ୟ ଆଇନ ବିଭାଗକୁ ଚିଠି

ଖପ୍ରାଖୋଲ,୩୦।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ସିଭିଲ କୋର୍ଟ ସହ ଜେଏମଏଫସି କୋର୍ଟ ଖୋଲିବାକୁ ଉଚ୍ଚ ନ୍ୟାୟାଳୟ ତରଫରୁ ରାଜ୍ୟ ଆଇନ ବିଭାଗକୁ ବିଜ୍ଞାପନ ପାଇଁ ଚିଠି ଲେଖିଥିବା ଜଣାଯାଇଛି। ଚିଠି ନମ୍ବର ୧୬୪୪୪/୧୪/୧୦/୨୦୨୫। ଏନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସାମାଜିକ ଗଣମାଧ୍ୟମରେ ଚିଠି ଛାଡିଥିବା ଜଣାଯାଇଛି। ଯାହାକୁ ନେଇ ଖପ୍ରାଖୋଲ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

### ପ୍ରେମ ହେଲା କାଳ: କୁମାରୀ ମାତୃତ୍ୱ ଲାଭ କଲେ ଛାତ୍ରୀ

- ପ୍ରେମିକ ବାହା ହେବାକୁ ଅମଙ୍ଗ
- ଟିଟିଲାଗଡ଼ ଥାନାରେ ଅଭିଯୋଗ

ଟିଟିଲାଗଡ଼,୩୦।୧୦(ଶରତ ମିଶ୍ର)

ଟିଟିଲାଗଡ଼ ସହରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜନୈକ କଲେଜ ଛାତ୍ରୀ ପ୍ରେମରେ ପଡି କୁମାରୀ ମାତୃତ୍ୱ ଲାଭ କରିଥିବା ବେଳେ ବାହା ହେବା ପାଇଁ କୁଆଡେ ପ୍ରେମିକ ମନା କରି ଦେଇଛନ୍ତି। ଫଳରେ ପ୍ରେମିକା ନ୍ୟାୟ ପାଇଁ ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସେହି ସ୍କୁଲର ଜଣେ ଛାତ୍ର ତାଙ୍କୁ ପ୍ରେମ ନିବେଦନ କରିଥିଲେ । ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଫଳରେ ସେ ଗର୍ଭବତୀ ହେବା ନେଇ ପ୍ରେମିକଙ୍କୁ ଜଣାଇଥିଲେ। ହେଲେ ପ୍ରେମିକ ଜଣକ ବିବାହ ପାଇଁ ରାଜି ହୋଇ ନ ଥିଲେ। ଶେଷରେ ସମ୍ପୃକ୍ତ ଛାତ୍ରୀ ଜଣକ ଟିଟିଲାଗଡ଼ ଏମସିଏଚରେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । ଉଭୟ ମା ଓ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ରହିଥିବା ଡାକ୍ତରଖାନା ତରଫରୁ ସୂଚନା ଦିଆଯାଇଛି।

# ଲୋଇସିଂହାରେ ଗର୍ଜିଲା ବ୍ଲକ କଳାକାର ସଂଘ




କଳାକାରମାନେ ଦାବିପତ୍ର ପ୍ରଦାନ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ଦାବିପତ୍ର ପ୍ରଦାନ
- ପ୍ରତ୍ୟେକ ବ୍ଲକରେ କଳାକାର ଭବନ ନିର୍ମାଣ ଦାବି

ଲୋଇସିଂହା,୩୦।୧୦(ସୁଶାନ୍ତ ବାରିକ)

ଗୁରୁବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କଳାକାରମାନେ ବିଭିନ୍ନ ଦାବି ନେଇ ଗର୍ଜିଛନ୍ତି। କଳାକାରମାନେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବିଡିଓ ଅକ୍ଷୟପାଣି ଉଦ୍ଧୁଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘର ଆହ୍ୱାନ କ୍ରମେ ଲୋଇସିଂହା ସାପ୍ତାହିକ ବଜାର ନିକଟସ୍ଥ କଲ୍ୟାଣ ମଣ୍ଡପରେ ବ୍ଲକର ୨୦ଟି ପଞ୍ଚାୟତର ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ କଳାକାର ସମବେତ ହୋଇଥିଲେ। ସଂଘ ସଭାପତି ସରୋଜ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲେ। ଏଥିରେ କାର୍ଯ୍ୟକାରୀ ସଭାପତି ନାରାୟଣ ବାରିକ, ସମ୍ପାଦକ ବ୍ରଜମୋହନ ବିଶାଇ, ଲମ୍ବୋଦର ସାହୁ, ଦେବେନ୍ଦ୍ର କହ୍ନେର, ଫିରୋଜ ଦାଶ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। କଳକାର ଭତ୍ତା ପାଇଁ ବହୁ କଳାକାର ଆବେଦନ କରିଛନ୍ତି। କିନ୍ତୁ ପରିତାପର ବିଷୟ ଗତ ୨ ବର୍ଷ ହେଲା ନୂତନ କଳାକାର ଚୟନ କରାଯାଇନାହିଁ। ଏହାକୁ ନେଇ ବୈଠକରେ କାର୍ଯ୍ୟକର୍ତ୍ତା ଏବଂ ଉପସ୍ଥିତ କଳାକାର ସରକାର ବଦଳିଲେ ନୀତି ବଦଳି ଯାଉଛି କହି ଉଦ୍‌ବେଗ ପ୍ରକାଶ କରିଥିଲେ।

ସୂଚନା ଅନୁଯାୟୀ, ସରକାର ପ୍ରଦାନ କରୁଥିବା ବିଭିନ୍ନ ଭତ୍ତା ମଧ୍ୟରେ କଳକାର ଭତ୍ତା ସର୍ବାଧିକ ରହିଥିଲା। ଏବେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ସରକାର ୩ ହଜାର ଟଙ୍କା ଭତ୍ତା ଦେବାକୁ ଚିନ୍ତା କରୁଛନ୍ତି। ଏଣୁ କଳକାର ଭତ୍ତାକୁ ୫ ହଜାର ଟଙ୍କା ବୃଦ୍ଧି କରିବାକୁ ସଂଘ ଦାବି ରଖିଛି। ଭତ୍ତା ପାଉଥିବା ପୁରଷ କଳାକାରଙ୍କ ମୃତ୍ୟୁ ହେଲେ ସ୍ତ୍ରୀ ଏବଂ ମହିଳା କଳାକାର ହୋଇଥିଲେ ସ୍ୱାମୀଙ୍କୁ ସେହି ଭତ୍ତା ପ୍ରଦାନ କରାଯିବା ପାଇଁ ଦାବି ହୋଇଛି। କଳକାରଙ୍କୁ ମଧ୍ୟ ନିର୍ମାଣ ଶ୍ରମିକ ଯୋଜନାରେ ମିଳୁଥିବା ସୁବିଧା, ସୁଯୋଗରେ ସାମିଲ ଦାବି ହୋଇଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ପ୍ରଦର୍ଶନ ବେଳେ ନିୟୋଜିତ କଳକାରଙ୍କ ମୃତ୍ୟୁ ହେଲେ କେହି ତାଙ୍କ କଥା ଜାଣୁନାହାନ୍ତି। ଏଣୁ ସ୍ୱତନ୍ତ୍ର ଦୁର୍ଘଟଣାଜନିତ ବୀମାର ବ୍ୟବସ୍ଥା ଏବଂ ରାଜ୍ୟର ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ଏକ କଳକାର ଭବନ ନିର୍ମାଣ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି।

## ୨ ବେଆଇନ କରତ କଳ ଉପରେ ବନ ବିଭାଗର ଚଢ଼ାଉ

ଲୋଇସିଂହା,୩୦।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ସାଲେଭଟା ସେକ୍ସନ ଉଚ୍ଚବାହାଲରେ ବେଆଇନ ଭାବେ ଚାଲିଥିବା ୨ଟି କରତ କଳ ଉପରେ ବଲାଙ୍ଗୀର ଡିଏଫଓଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିବା ଜଣାପଡିଛି। ସୂଚନା ଅନୁସାରେ ଆଗଲପୁର ବ୍ଲକ ଉଚ୍ଚବାହାଲରେ ୨ଟି ବେଆଇନ କରତ କଳ ଗତ କିଛି ମାସ ହେଲା ଚାଲୁଥିବା ବଲାଙ୍ଗୀର ଡିଏଫଓ ଜାଣିବାକୁ ପାଇ ଚଢାଉ କରିଥିଲେ। ୨ କରତ କଳରୁ ଯନ୍ତ୍ରାଂଶ ସହ ବିପୁଳ ପରିମାଣର କାଠ ଜବତ କରାଯାଇଛି। ସ୍ଥାନୀୟ ଫରେଷ୍ଟରଙ୍କ ପ୍ରୋତ୍ସାହନରେ ଉଭୟ କଳ ଚାଲିଥିଲା ବୋଲି ସ୍ଥାନୀୟ ଲୋକେ ବରିଷ୍ଠ ଅଧିକାରୀଙ୍କ ନିକଟର ଅଭିଯୋଗ କରିଛନ୍ତି।

## ଲାଞ୍ଚ ମାମଲା: ପୂର୍ବତନ ସେକ୍ସନ ଅଫିସରଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ଲୋଇସିଂହା,୩୦।୧୦(ସୁଶାନ୍ତ ବାରିକ)



କିଶୋର ଚନ୍ଦ୍ର ଖର୍ସେଲ।

ଗତ ୨୦୨୨ ମସିହାରେ ବେଆଇନ ବାଲି ଗଚ୍ଛିତ ଓ ଚାଲାଣ ପାଇଁ ଲାଗୁ ହୋଇଥିବା ଜରିମାନାକୁ ସମ୍ପୂର୍ଣ୍ଣ ଛାଡ଼ ଲାଗି ଜଣେ ଟ୍ରାକ୍ଟର ମାଲିକଙ୍କ ଠାରୁ ୩୫ ହଜାର ଟଙ୍କା ଲାଞ୍ଚ ନେଇ ଆଗଲପୁର ତହସିଲ ସେକ୍ସନ ଅଫିସର କିଶୋର ଚନ୍ଦ୍ର ଖର୍ସେଲ ବଲାଙ୍ଗୀର ଭିଜିଲାନ୍ସ ଜାଲରେ ପଡିଥିଲେ। ଗୁରୁବାର ଏହି ମାମଲାରେ ଅବସରପ୍ରାପ୍ତ ଖର୍ସେଲଙ୍କୁ ବଲାଙ୍ଗୀର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଏହି ମାମଲାରେ ସ୍ୱତନ୍ତ୍ର ବିଚାରପତି ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା ଭିଜିଲାନ୍ସ ବିଭାଗ ଦୋଷୀ ସାବ୍ୟସ୍ତ ଖର୍ସେଲଙ୍କ ପେନସନ ବନ୍ଦ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିବେ ବୋଲି ବଲାଙ୍ଗୀର ଭିଜିଲାନ୍ସ ଅଧିକାରୀ ପୂଳସ୍ତି ଛତ୍ରିଆ ଜଣାଇଛନ୍ତି। ]

ପ୍ରକାଶ ଯେ, ଅଞ୍ଚଳର ଜଣେ ଟ୍ରାକ୍ଟର ମାଲିକ ତାଙ୍କ ଟ୍ରାକ୍ଟରରେ ବେଆଇନ ଭାବେ ବାଲି ପରିବହନ କରିବା ଓ ନିଜ ବ୍ୟବହାର ପାଇଁ ବାଲି ଗଦା କରିବା କାରଣରୁ ତହସିଲ ପକ୍ଷରୁ ମୋଟା ଅଙ୍କର ଜରିମାନା କରାଯାଇଥିଲା। ସେହି ଜରିମାନା ଛାଡ଼ ପାଇଁ କୁଆଡ଼େ ସେକ୍ସନ ଅଫିସର ଖର୍ସେଲ ଟ୍ରାକ୍ଟର ମାଲିକଙ୍କୁ ୩୫ ହଜାର ଟଙ୍କା ଦାବି କରିଥିଲେ। ସମ୍ପୃକ୍ତ ଟ୍ରାକ୍ଟର ମାଲିକ ବଲାଙ୍ଗୀର ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରି ଲାଞ୍ଚ ଟଙ୍କା ସେକ୍ସନ ଅଫିସର ଖର୍ସେଲଙ୍କୁ ଦେଇଥିଲେ। ଏହି ସମୟରେ ସେକ୍ସନ ଅଫିସର ଖର୍ସେଲଙ୍କୁ ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଧରିଥିଲେ। ସମ୍ବଲପୁର ଭିଜିଲାନ୍ସ ପିଏସ କେସ ନଂ ୧୪ (ତା ୩୦ ମାର୍ଚ୍ଚ ୨୦୨୨)ରେ ଏକ ମାମଲା ରୁଜୁ ହୋଇଥିଲା।

## ବଳାତ୍କାର କି ହତ୍ୟା ହୋଇନି: ଏସ୍‌ପି

**ଧାନ କିଆରିରୁ ଯୁବତୀଙ୍କ ମୃତଦେହ ଜବତ ଘଟଣା**

**ପ୍ରେସମିଟରେ ଏସ୍‌ପିଙ୍କ ଖୁଲାସା**

ଦେଓଗାଁ,୩୦।୧୦(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ବଲାଙ୍ଗୀରରେ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ।

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମ ନିକଟସ୍ଥ ଧାନ କିଆରି ପାର୍ଶ୍ୱରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଜବତ ହୋଇଥିଲା । ଗୁରୁବାର ଅପରାହ୍ଣରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜୀ ଖବରଦାତା ସମ୍ମିଳନୀ କରି ଏହା ବଳାତ୍କାର କି ହତ୍ୟାକାଣ୍ଡ ନୁହେଁ ବୋଲି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ସଂପୃକ୍ତ ଯୁବତୀଙ୍କ ନାମ କୁନ୍ତି ଧରୁଆ(୨୯) ଓ ତାଙ୍କ ଘର ପାଟଣାଗଡରେ। ସେ ଦେଓଗାଁ ଥାନା ଅନ୍ତର୍ଗତ ଖଲିଆପାଲି ଗାଁରେ ବିବାହ କରିଥିଲେ। ଆଜକୁ ୫ ବର୍ଷ ହେଲା ମାନସିକ ବିକାରଗ୍ରସ୍ତ ହୋଇ ବଲାଙ୍ଗୀରରେ ଚିକିତ୍ସିତ ହେଉଥିଲେ। ଆଗରୁ ମଧ୍ୟ ସେ କେତେଥର ଘରୁ କୁଆଡେ ଚାଲିଯାଇଥଲେ ଏବଂ ଘର ଲୋକେ ଖୋଜାଖୋଜି କରି ଆଣୁଥିଲେ ବୋଲି କହିଛନ୍ତି । ତେବେ ସେ ଗତ ୨୦ ତାରିଖରୁ ତାଙ୍କ ବାପାଙ୍କ ଘରୁ ନିଖୋଜ ଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ ଧାନ କିଆରି ପାର୍ଶ୍ୱରେ ପଡିଥିବା ଖବର ପାଇ ପୋଲିସ ଓ ସାଇଣ୍ଟିଫିମ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନଭିନ କରିଥିଲା। ପୋଲିସର ପ୍ରାଥମିକ ତଦନ୍ତ ଏବଂ ଭୀମଭୋଇ ମେଡିକାଲ କଲେଜର ବ୍ୟବଚ୍ଛେଦ ରିପୋର୍ଟରୁ ଏହା ହତ୍ୟାକାଣ୍ଡ କି ବଳାତ୍କାର ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଯୁବତୀ ଜଣକ ମାନସିକ ବିକାରଗ୍ରସ୍ତ ହେବା ପରେ ତାଙ୍କ ସ୍ୱାମୀ ତାଙ୍କୁ ବାପଘରେ ଛାଡି ଦେଇଥିଲେ। ସେଠାରୁ ସେ କୁଆଡେ ଚାଲି ଯାଇଥିଲେ। ମୃତ ମହିଳାଙ୍କ ଆଭ୍ୟନ୍ତରୀଣ ଅଙ୍ଗକୁ ଫରେନସିକ ଲ୍ୟାବ୍‌କୁ ଉଚ୍ଚତର ପରୀକ୍ଷା ପାଇଁ ପଠାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ଧୁମ୍‌ଧାମରେ ପାଳନ ହେବ ପଟେଲଙ୍କ ଜନ୍ମବାର୍ଷିକୀ

ବଲାଙ୍ଗୀର,୩୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)




ଜିଲାପାଳ ସୂଚନା ଦେଉଛନ୍ତି।

ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀକୁ ସାରା ରାଜ୍ୟରେ ଧୂମଧାମରେ ପାଳନ କରାଯିବ। ବଲାଙ୍ଗୀର ଜିଲାରେ ଆଡମ୍ବର ସହକାରେ ଉତ୍ସବ ପାଳନ ନିମନ୍ତେ ଗୁରୁବାର ଅପରାହ୍ଣରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଗୌରବ ଶିଭାଜୀ ଇସଲୱାର ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି । ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ 'ଏକତା ପଦଯାତ୍ରା' ଆୟୋଜନ କରାଯାଉଛି। ଏଥିନିମନ୍ତେ ଜିଲାସ୍ତରୀୟ କୋର କମିଟି ଓ ସବ୍‌କମିଟି ଗଠନ କରାଯାଇଛି। ଏହି ଏକତା ପଦଯାତ୍ରା ୩୧ ଅକ୍ଟୋବରରୁ ୨୫ ନଭେମ୍ବର ମଧ୍ୟରେ ବଲାଙ୍ଗୀର ଠାରେ ଆୟୋଜନ କରାଯିବ। ଏହି ପଦଯାତ୍ରାରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଜନପ୍ରତିନିଧି ସାମିଲ ହେବେ । ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ସମାଜର ସବୁ ବର୍ଗର ଲୋକଙ୍କୁ 'ଏକ ଭାରତ ଆତ୍ମନିର୍ଭର ଭାରତ'ର ବାର୍ତ୍ତା ଦେବା ବୋଲି କୁହାଯାଇଛି। ଜିଲା ସ୍ତରରେ କଲେଜ ଓ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଉପରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ, ସଫେଇ କାର୍ଯ୍ୟକ୍ରମ, ଏକ ଭାରତ-ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ଶୁକ୍ରବାର ସକାଳ ୭ଟାରେ ଏକତା ପାଇଁ ଗଣଦୌଡ ଜିଲାପାଳ କାର୍ଯ୍ୟାଳୟ ଠାରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ | Bhubaneswar, Friday, October 31/2025 | ପୃଷ୍ଠା-୧



## ତନୁଷ କୋଟିଆନଙ୍କୁ ୪ ଉଇକେଟ ସଫଳତା

ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷ ପ୍ରଥମ ନନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ୪ ଉଇକେଟ ସଫଳତା ହାସଲ କରିଛନ୍ତି ଭାରତ 'ଏ' ଦଳର ତନୁଷ କୋଟିଆନ।

୧୨ ୦୯

## ଟ୍ରମ୍ପ୍ ଟାରିଫ୍: ଚାଇନା ପାଇଁ ୪୭%

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦକ୍ଷିଣ କୋରିଆରେ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ୪୭%କୁ ହ୍ରାସ କରିଛନ୍ତି।



# ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ଭାରତ

**ନବୀ ମୁମ୍ବାଇ, ୩୦।୧୦**

ଚଳିତ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ରେ ଭାରତ ଇତିହାସ ରଚିବା ସହ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଭାରତୀୟ ଦଳ ୫ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫୋଏବ ଲିଚ୍‌ଫିଲ୍ଡଙ୍କ ୧୧୯ ରନର ଶତକୀୟ ପାଳି ବଳରେ ଅଷ୍ଟ୍ରେଲିଆ ୪୯.୫ ଓଭରରେ ୩୩୮ ରନରେ ଅଲଆଉଟ୍ ହୋଇଥିଲା। ଜବାବରେ ଜେମିମା ରୋଡ୍ରିଗ୍ସଙ୍କ ଅପରାଜିତ ୧୨୭ ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ୮୯ ରନର ଇନିଂସ ଯୋଗୁ ଭାରତ ୪୮.୩ ଓଭରରେ ୫ ଉଇକେଟ ହରାଇ ୩୪୧ ରନ କରି ମ୍ୟାଚ୍ ଜିତି ନେଇଥିଲା। ଟାର୍ଗେଟର ପିଛା କରି ବିଜୟ ହାସଲ କରିବାରେ ଏହା ମହିଳା ଦିନିକିଆ କ୍ରିକେଟ୍ ଇତିହାସର ସର୍ବବୃହତ୍ ବିଜୟ। ଏହି ବିଜୟ ସହ ଭାରତୀୟ ତୃତୀୟ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଏଥିପୂର୍ବରୁ ଭାରତ ୨୦୦୫ ଓ ୨୦୧୭ ସଂସ୍କରଣରେ ରନରଅପ୍ ହୋଇଥିଲା। ଅନ୍ୟପକ୍ଷରେ ଡିଫେଣ୍ଡିଂ ତଥା ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରୁ ବିଦାୟ ନେଇଛି। ଆସନ୍ତା ୨ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବାକୁ ଥିବା ଫାଇନାଲରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଦୁଇ ଦଳ ପୂର୍ବରୁ ଚାମ୍ପିୟନ ହୋଇ ନ ଥିବାରୁ ଚଳିତ ଥର ବିଶ୍ୱ କ୍ରିକେଟ୍‌କୁ ନୂଆ ମହିଳା ଚାମ୍ପିୟନ ମିଳିବା ନିଶ୍ଚିତ ହୋଇଛି।

(ଅଧିକ ରିପୋର୍ଟ: ଖେଳ ପୃଷ୍ଠା)

ମହିଳା କ୍ରିକେଟ୍ ବିଶ୍ୱକପ୍



ରନ୍ ସଂଗ୍ରହ ବେଳେ ଅଧିନାୟିକା ହରମନପ୍ରୀତ କୌର ଏବଂ ଜେମିମା ରୋଡ୍ରିଗ୍ସ।

## ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା

**ନୂଆଦିଲ୍ଲୀ,୩୦।୧୦**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୨୦୨୫-୨୬ ଶିକ୍ଷାବର୍ଷ ଲାଗି ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଚୂଡ଼ାନ୍ତ କାର୍ଯ୍ୟସୂଚୀ ଗୁରୁବାର ପ୍ରକାଶ କରିଛି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫେଜ୍ ୧ ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫେବୃଆରୀ ୧୭ରୁ ଏପ୍ରିଲ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ବୋର୍ଡ ୱେବ୍‌ସାଇଟ୍‌ରୁ ଦେଖିବା ସହ ଡାଉନ୍‌ଲୋଡ କରିପାରିବେ। ପରୀକ୍ଷା କାଗଜ କଲମ ଫର୍ମାଟ୍‌ରେ ହେବ। ବିଷୟ ଅନୁଯାୟୀ ଉଭୟ ବୋର୍ଡ ପରୀକ୍ଷା ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧୨ଟା ୩୦ କିମ୍ବା ୧ଟା ୩୦ ପର୍ଯ୍ୟନ୍ତ ହେବ। ପରୀକ୍ଷାର୍ଥୀମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ଭଲ ଭାବେ ଦେଖି ସୁନିଶ୍ଚିତ ହେବା ଜରୁରୀ। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ର ସୁପାରିସ ଅନୁଯାୟୀ୨୦୨୬ରୁ ଗୋଟିଏ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ବୋର୍ଡ ପରୀକ୍ଷା ହେବ।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୫୩ତମ ସିଜେଆଇ ନିଯୁକ୍ତ



**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଗୁରୁବାର ଭାରତର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତ କରାଯାଇଛି। ସେ ନଭେମ୍ବର ୨୪ରେ କାର୍ଯ୍ୟଭାର ଗ୍ରହଣ କରିବେ। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ନୂଆ ସିଜେଆଇ ନିଯୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନର ସିଜେଆଇ ବି.ଆର୍. ଗବଇ ନଭେମ୍ବର ୨୩ରେ ଅବସର ଗ୍ରହଣ କରିବାକୁ ଯାଉଥିବାବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ତାଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ସେ ପାଖାପାଖି ୧୫ ମାସ ସିଜେଆଇ ରହିବା ପରେ ୨୦୨୭ ଫେବୃଆରୀ ୯ରେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରିବେ। ସମ୍ବିଧାନରେ ପ୍ରଦତ୍ତ କ୍ଷମତାର ପ୍ରୟୋଗକ୍ରମେ ରାଷ୍ଟ୍ରପତି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଭାରତର ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି, ଯାହା ୨୦୨୫ ନଭେମ୍ବର ୨୪ରୁ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ଆଇନ ମନ୍ତ୍ରୀ ଅର୍ଜ୍ଜୁନରାମ ମେଘୱାଲ Xରେ ପୋଷ୍ଟ କରିଛନ୍ତି।

## ୧ ଡଲାର=୮୮.୬୮ ଟଙ୍କା



**ମୁମ୍ବାଇ,୩୦।୧୦**

ଭାରତୀୟ ଟଙ୍କା ପୁଣି ତଳମୁହାଁ ହୋଇ ୨ ସପ୍ତାହରେ ସବୁଠୁ ଦୁର୍ବଳ ଅବସ୍ଥାକୁ ଖସିଆସିଛି। ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ବୁଧବାର ରାତିରେ ୦.୨୫ ପଏଣ୍ଟ ରେଟ୍ କଟ୍ ନେଇ ଘୋଷଣା କରିବା ପରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ପୁଣି ମୁହଁଫେରାଇବା ଆରମ୍ଭ କରିଛନ୍ତି। ଏଥିଯୋଗୁ ଡଲାର ସବଳ ହୋଇଥିବାରୁ ଟଙ୍କାର ଏପରି ଅବମୂଲ୍ୟାୟନ ହୋଇଥିବା ବଜାର ବିଶେଷଜ୍ଞ ମତ ଦେଇଛନ୍ତି। ଗୁରୁବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୦.୬% ହ୍ରାସ ଘଟିବାରୁ ଏହା ୮୮.୮୮କୁ ଖସିଥିଲା। କାରବାର ଶେଷରେ ଟଙ୍କା ୮୮.୬୮ରେ କ୍ଲୋଜ୍ ହୋଇଥିଲା।

## ନଭେମ୍ବର ପହିଲାରୁ ତହସିଲରେ ଜମି ପଞ୍ଜୀକରଣ: ରାଜସ୍ୱମନ୍ତ୍ରୀ

### ପ୍ରଥମ ପର୍ଯ୍ୟାୟରେ ୪୪ ତହସିଲ ସାମିଲ

**ଭୁବନେଶ୍ୱର,୩୦।୧୦(ରବିନାରାୟଣ ଜେନା)**

ରାଜ୍ୟରେ ଜମି ପଞ୍ଜୀକରଣ ନେଇ ଲାଗି ରହୁଥିବା ସମସ୍ୟାର ସମାଧାନ ଲାଗି ରାଜସ୍ୱ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲରେ ନଭେମ୍ବର ପହିଲାରୁ ଜମି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗୁରୁବାର ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଲୋକେ ଆଉ ମୁଖ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଏଣିକି ତହସିଲରେ ଜମି କିଣାବିକା ସମାଧାନ ହେବ। ନଭେମ୍ବର ୧ରେ ଏସଂକ୍ରାନ୍ତୀୟ ଏକ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବେ। ଜମି କିଣାବିକା ନେଇ ଲୋକେ ଯେପରି ହଇରାଣ ହରକତ ନ ହୁଅନ୍ତି ତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ☞ପୃଷ୍ଠା-୧୦

## ଓଡ଼ିଶାରେ ହେବ ୯୨ ରେଳ ଓଭରବ୍ରିଜ୍

### ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୧୦(ସୁନିତ୍ ମିଶ୍ର)**

ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଉଭୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍‌ଗୁଡ଼ିକୁ ୫୦:୫୦ ଅନୁପାତରେ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରଣାଳୟ ବହନ କରିବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷାକରି ରେଳ ମନ୍ତ୍ରଣାଳୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣହେବାକୁ ଥିବା ୯୨ଟି ରେଳ ଓଭରବ୍ରିଜ୍ ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ☞ପୃଷ୍ଠା-୧୦

# ଷ୍ଟୁଡିଓରେ ୧୭ ପିଲା ପଣବନ୍ଦୀ

- ୨ ଘଣ୍ଟା ପରେ ପିଲାଙ୍କ ସମେତ ୧୯ ଉଦ୍ଧାର
- ମୁମ୍ବାଇ ପୋଲିସ ଗୁଳିରେ ଅପହର୍ତ୍ତା ମୃତ

ମାୟାନଗରୀ ମୁମ୍ବାଇର ଆର୍‌ଏ (ରା) ଷ୍ଟୁଡିଓରେ ଗୁରୁବାର ସମସ୍ତଙ୍କୁ ବିଚଳିତ କରିଦେବା ଭଳି ଭୟଙ୍କର ହାଇଡ୍ରାମା ଦେଖିବାକୁ ମିଳିଛି। ୱେବ୍ ସିରିଜ୍‌ରେ କାମ କରିବା ପାଇଁ ରୋହିତ ଆର୍ଯ୍ୟ ନାମକ ଜଣେ ବ୍ୟକ୍ତି ଶତାଧିକ ପିଲାଙ୍କୁ ଡାକିଥିଲେ। ଅଡିଶନ୍ ପାଇଁ ୧୭ ଝିଅ ଓ ପୁଅ ଆସିଥିଲେ, ଯାହାଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ହେବ। ରୋହିତ ଅଡିଶନ୍ ଲାଗି ଶୁଟିଂ କରିବା ପରିବର୍ତ୍ତେ ସେମାନଙ୍କୁ ପଣବନ୍ଦୀ କରି ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କ ସହ କଥା ହେବାକୁ ଉଦ୍ୟମ କରିବାବେଳେ ସେ ଗୁଳି ଚଳାଇଥିଲେ। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଆହତ ଅଭିଯୁକ୍ତ ରୋହିତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ମୁମ୍ବାଇ ସମେତ ମହାରାଷ୍ଟ୍ରରେ ଚିନ୍ତାର ବିଷୟ ପାଲଟିଥିବାବେଳେ ସାରା ଦେଶରେ ଏନେଇ ଚର୍ଚ୍ଚା ଲାଗିରହିଛି। ବିଶେଷକରି ଅଭିନୟ କ୍ଷେତ୍ରରେ ସ୍ୱଳ୍ପ ବୟସର ପିଲାଙ୍କୁ କ୍ୟାରିୟର ଗଢ଼ିବା ପାଇଁ ପ୍ରୋତ୍ସାହିତ କରୁଥିବା ଅଭିଭାବକ ମହଲରେ ଏହା ଉଦ୍‌ବେଗ ସୃଷ୍ଟି କରିଛି।



ମୃତ ଅଭିଯୁକ୍ତ ରୋହିତ ଆର୍ଯ୍ୟ।





ମୁମ୍ବାଇର ପୋଓ୍ୱାଇସ୍ଥିତ ରା ଷ୍ଟୁଡିଓ।

**ମୁମ୍ବାଇ,୩୦।୧୦**

ମୁମ୍ବାଇର ଅନ୍ଧେରିସ୍ଥିତ ପୋଓ୍ୱାଇର ସାକିବିହାର ଅଞ୍ଚଳରେ ରହିଛି ମନୋହରନଗର। ଏହାର ମରୋଲସ୍ଥିତ ପୋଓ୍ୱାଇରେ ମହାବୀର କ୍ଲାସିକ୍ ବିଲ୍ଡିଂର ତଳମହଲାରେ ରା ଷ୍ଟୁଡିଓ ଅବସ୍ଥିତ। ଏହି ଛୋଟ ଫିଲ୍ମ ଷ୍ଟୁଡିଓରେ କେତେଜଣ ପିଲାଙ୍କୁ ଜଣେ ବ୍ୟକ୍ତି ପଣବନ୍ଦୀ କରିଥିବା ନେଇ ଗୁରୁବାର ଅପରାହ୍ନ ୧ଟା ୪୫ ମିନିଟରେ ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ କଲ୍ କରି ସୂଚନା ଦିଆଯାଇଥିଲା। ଏହାର ୧୫ ମିନିଟ ଭିତରେ ପୋଲିସ ସେଠାରେ ପହଞ୍ଚି ପଣବନ୍ଦୀ ଥିବା ୧୭ ପିଲାଙ୍କ ସମେତ ଅନ୍ୟ ୨ ଜଣ ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଧାର ଉଦ୍ୟମ ଆରମ୍ଭ କରିଥିଲା। ପୋଲିସ ଟିମ୍ ବାଥ୍‌ରୁମ ବାଟ ଦେଇ ଅଭିଯୁକ୍ତ ରୋହିତ ଆର୍ଯ୍ୟଙ୍କ ନିକଟରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଥିଲା। କିନ୍ତୁ ସେ ପିଲାଙ୍କୁ ଛାଡ଼ିବାକୁ ମନା କରିଦେଇଥିଲେ। ଇତିମଧ୍ୟରେ ସେ ଏକ ଭିଡିଓ ଜାରି କରି ନିଜ ବକ୍ତବ୍ୟ ରଖିଥିଲେ। ରୋହିତ ନିଜ ନାମ ପ୍ରକାଶ କରିବା ସହ କହିଥିଲେ, ସେ ଜଣେ ଆତଙ୍କବାଦୀ ନୁହନ୍ତି। ଆତ୍ମହତ୍ୟା କରିବା ପରିବର୍ତ୍ତେ ସେ କେତେଜଣ ପିଲାଙ୍କୁ ସେଠାରେ ପଣବନ୍ଦୀ କରି ରଖିବା ପାଇଁ ଯୋଜନା କରିଥିଲେ। ଅଧିକାରୀମାନଙ୍କ ଦ୍ୱାରା କରାଯାଉଥିବା 'ବ୍ୟବସ୍ଥାଗତ ବିଶ୍ୱାସଘାତ' ପ୍ରତିବାଦରେ ଏହା ତାଙ୍କର ସୁଚିନ୍ତିତ ବିରୋଧ। ସେ ସାଧାରଣ ଆଲୋଚନା, ନୈତିକ ଦାବି ପୂରଣ ଏବଂ ନୀତିଗତ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ନେଇ ଦାବି କରିଥିଲେ। ସେ ଟଙ୍କା ଦାବି କରୁନାହାନ୍ତି ବୋଲି କହିଥିଲେ। ଏପରି କି ପୋଲିସ କୌଣସି ଭୁଲ୍ ପଦକ୍ଷେପ ନେଲେ ସେ ରା ଷ୍ଟୁଡିଓରେ ନିଆଁ ଲଗାଇଦେବେ ବୋଲି ଧମକ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ରେସ୍କ୍ୟୁ ଅପରେଶନ୍ ଆରମ୍ଭ କରିବା ମାତ୍ରେ ରୋହିତ ଧରିଥିବା ଏକ ଏୟାରଗନ୍‌ରୁ ଗୁଳି ଚଳାଇଥିଲେ। ପୋଲିସ କର୍ମଚାରୀମାନେ ଏହାର ଜବାବରେ ପାଲଟା ଗୁଳି କରିଥିଲେ। ପୋଲିସ ଗୁଳିମାଡ଼ରେ ସେ ଆହତ ହୋଇଥିଲେ। ୨ଟା ୪୫ରେ ଅପହୃତ ପିଲାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରାଯିବା ସହ ରୋହିତଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ଅପରାହ୍ନ ୫ଟା ୩୦ରେ ଡାକ୍ତର ରୋହିତଙ୍କୁ ମୃତ ଘୋଷଣା କରିଥିଲେ।

ପୁଣେ ବାସିନ୍ଦା ରୋହିତ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଯୋଜନା 'ମୋ ସ୍କୁଲ, ସୁନ୍ଦର ସ୍କୁଲ' ଅଧୀନରେ କାର୍ଯ୍ୟ କରିଥିଲେ। ପିସିଏଲ୍ ସାନିଟେଶନ୍ ମନିଟର ପ୍ରକଳ୍ପରେ କରିଥିବା କାର୍ଯ୍ୟ ପାଇଁ ତାଙ୍କୁ ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

**ପିଢ଼ିଗତ ପରିବର୍ତ୍ତନର ସୁଯୋଗ**

## ସାରା ଦେଶରେ ପୋଲିସ ପାଇଁ ସମାନ ପୋଷାକ

**ଭୁବନେଶ୍ୱର,୩୦।୧୦(ରବିନାରାୟଣ ଜେନା)**

ସାରା ଦେଶରେ ପୋଲିସ ସେବାରେ କାର୍ଯ୍ୟରତ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଡିଏସ୍‌ପିଙ୍କ ପର୍ଯ୍ୟନ୍ତ ଗୋଟିଏ ପ୍ରକାର ପୋଷାକ ପିନ୍ଧିବେ। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତିକ୍ରମେ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ପି କେ.ଏଲ. ପୁରୀ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ପୁରୀ ପତ୍ରରେ ଦର୍ଶାଇଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏକକ ଡ୍ରେସ୍ କୋଡ୍(ୟୁନିଫର୍ମ) ନୀତି ଆପଣା ଯିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ୨୦୨୫ ମେ'୨୨ରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ ଲୋଡ଼ା ଯାଇଥିବା ତଥ୍ୟ ମିଳିନାହିଁ। ଏହିକ୍ରମରେ ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ମନ୍ତ୍ରଣାଳୟ ପକ୍ଷରୁ ଲୋଡ଼ା ଯାଇଥିବା ତଥ୍ୟ ତୁରନ୍ତ ପ୍ରଦାନ କରିବାକୁ ହେବ। ସେଥିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ପରିମାଣର ଡ୍ରେସ୍ ଆବଶ୍ୟକ ତାହା ଜଣାଇବାକୁ ହେବ। ଏହାସହିତ ବର୍ତ୍ତମାନ କନଷ୍ଟେବଲଙ୍କଠାରୁ ଆରମ୍ଭ କରି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ପର୍ଯ୍ୟନ୍ତ କର୍ମଚାରୀ ଓ ଅଧିକାରୀଙ୍କୁ କେତେ ଲେଖାଏ ଆଲାଉନ୍ସ ପ୍ରଦାନ କରାଯାଉଛି ତାହାର ବିବରଣୀ ଦେବାକୁ ହେବ। ବିଶେଷକରି ଗୋଟିଏ ହଳ ପୋଷାକ ପାଇଁ ହାରାହାରି କେତେ ଟଙ୍କା ପଡୁଛି ତାହା ଜଣାଇବାକୁ ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ପି ପତ୍ରରେ ଦର୍ଶାଇଛନ୍ତି। ତେବେ ସାରା ଦେଶରେ ଏହି ଏକକ ପୋଷାକ ନୀତି କାର୍ଯ୍ୟକାରୀ ହେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ତଥ୍ୟ ମଗାଯାଇଛି। ସେଥିମଧ୍ୟରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ଗୋଆ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କେରଳ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ଓଡ଼ିଶା, ସିକ୍କିମ, ତେଲଙ୍ଗାନା, ତ୍ରିପୁରା, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ରହିଛି।

# ଦାଦନ: ସମସ୍ୟା ନୁହେଁ, ଦୁଃଖ

**ନୂଆପଡ଼ା,୩୦।୧୦(ପୀତାମ୍ବର ସାହୁ)**

ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଘୋଷଣା ପରଠାରୁ ଯଦିଓ ବିଭିନ୍ନ ଦଳର ନେତାମାନେ ବଡ଼ ଗାଡ଼ି ଧରି ଏଠାକାର ମୁଖ୍ୟ ରାସ୍ତାରେ ବାରମ୍ବାର ଏପାଖସେପାଖ ହୋଇ ନିଜ ଉପସ୍ଥିତି ଦେଖାଉଛନ୍ତି, ତଥାପି ବାସ୍ତବ ସମସ୍ୟା ଭିତରକୁ ପଶିବାର ଆଗ୍ରହ ସେମାନଙ୍କଠାରେ ଦେଖିବାକୁ ମିଳୁନାହିଁ। ନୂଆପଡ଼ା ଓ ଖରିଆର ରୋଡ୍ ଏନ୍‌ଏସିଠାରୁ ଗୋଟିଏ ଗୋଟିଏ ଗାଁର ଦୂରତା ସର୍ବନିମ୍ନ ୧୦ରୁ ୪୦ କି.ମି. ହେବ। ପ୍ରମୁଖ ୩ ଦଳର ନେତାମାନେ ଏହିସବୁ ଦୂରଦୂରାନ୍ତ ଗାଁକୁ ମଧ୍ୟ ଯାଉଛନ୍ତି। ହେଲେ ସମସ୍ୟା ସମାଧାନର ଆନ୍ତରିକତା ନ ରଖି ନିଜ ଦଳର ବ୍ୟାନର, ପୋଷ୍ଟର ଲଗାଇ ଉପନିର୍ବାଚନରେ ବିଜୟୀ ହେବା ଏକମାତ୍ର ଲକ୍ଷ୍ୟ ଭାବେ ଧରି ନେଇଥିବା ମନେ ହେଉଛି। ଓଡ଼ିଶାର ଦାଦନ ସମସ୍ୟା ନେଇ ବିଭିନ୍ନ ସମୟରେ ଆଲୋଚନା ହୋଇଥାଏ। ଏହାର ସମାଧାନ କରିଦେବେ ବୋଲି ବିଭିନ୍ନ ଦଳର ନେତାମାନେ ଅନେକ ସମୟରେ କହିଥାନ୍ତି। ହେଲେ ଏବେ ଯେତେବେଳେ ଏକ ଦାଦନ ପ୍ରବଣ ଜିଲା ଭାବେ ପରିଚିତ ନୂଆପଡ଼ାରେ



**ନୂଆପଡ଼ା ଉପନିର୍ବାଚନରେ ପ୍ରସଙ୍ଗ ଉଭାନ୍**

ବହୁ କ୍ଷମତାଶାଳୀ ନେତା ପହଞ୍ଚିଛନ୍ତି, କେବଳ ରାଜନୀତି କରିବା ଉଦ୍ଦେଶ୍ୟ ଛାଡ଼ିଦେଲେ ଲୋକଙ୍କ ରୋଜଗାର ବଢ଼ାଇବା ନେଇ ସେପରି କୌଣସି ଦୂରଦୃଷ୍ଟି ସମ୍ପନ୍ନ ପ୍ରସ୍ତାବ ରଖୁଥିବା ଦେଖିବାକୁ ମିଳୁନାହିଁ। ବୁଧବାର ଯେତେବେଳେ ନୂଆପଡ଼ାର ଉପନିର୍ବାଚନ ସ୍ଥିତି ପରଖିବା ଲାଗି କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରୀ, ପଲସିପାଣି ଓ ମାନିଗୋଡ଼ା ପଞ୍ଚାୟତ ଭଳି କେତେଗୁଡ଼ିଏ ପଞ୍ଚାୟତ ଓ ଏହା ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଗସ୍ତ କରିଥିଲୁ, ସ୍ଥାନୀୟ ଲୋକଙ୍କ ରୋଜଗାର ନେଇ ବିଚିତ୍ର କଥା ଦୃଷ୍ଟିକୁ ଆସିଛି। ଗୋଟିଏ ପଞ୍ଚାୟତରୁ ପ୍ରାୟ ୭ ଶହରୁ ଅଧିକ ଲୋକ ଦାଦନ ଖଟିବା ଲାଗି ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟକୁ ଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପ୍ରାୟ ୬୩ ପଞ୍ଚାୟତ ରହିଛି। ଏଥିରୁ ଜଣେ ସାଧାରଣ ଲୋକ ଅନୁମାନ କରିପାରିବେ, କେବଳ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଦାଦନ କେତେବଡ଼ ସମସ୍ୟା। ହେଲେ ଏକଥାକୁ ରାଜ୍ୟର ତିନି ପ୍ରମୁଖ ଦଳ କେବେହେଲେ ଗୋଟିଏ ମୁଖ୍ୟ ପ୍ରସଙ୍ଗ କରିପାରିବେ ନାହିଁ ବୋଲି କୋମନା ବ୍ଲକ ବାସିନ୍ଦା ଶ୍ୟାମ ଶବର ଭୟଭୀତ ଅବସ୍ଥାରେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ରାଜ୍ୟରେ ୨୪ ବର୍ଷର ବିଜେଡି ସରକାର ଏଇ କେତେଦିନ ହେବ କ୍ଷମତାର ଅଳିନ୍ଦ ଭିତରୁ ବାହାରି ବିରୋଧୀ ଦଳର ଆସନ ମଣ୍ଡନ କରିଛି। ଯଦି ଏବେକାର ମୁଖ୍ୟ ବିରୋଧୀ ଦଳ ଦାଦନ କଥା ଉଠାନ୍ତି, ତେବେ ସେମାନେ ୨୪ ବର୍ଷ ଧରି ଦେଇଆସିଥିବା ମିଛ ପ୍ରତିଶ୍ରୁତି ଉପନିର୍ବାଚନରେ ବିଜେଡି ପାଇଁ ଆପଣା ହସ୍ତେ ଜିହ୍ୱା ଛେଦିବା ଭଳି ହୋଇଯିବ। ନୂଆକରି ଶାସନକୁ ଆସିଥିବା ଭାଜପା କାହିଁକି ବା ଏକଥା କହି ନିଜ ପାଇଁ ଏକ ନୂଆ ସମସ୍ୟା ସୃଷ୍ଟି କରିବ। କଂଗ୍ରେସ ଅମଳରୁ ହିଁ ଦାଦନ ସମସ୍ୟା ☞ପୃଷ୍ଠା-୧୦

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। -ଶ୍ରୀଅରବିନ୍ଦ

-ଅଁଳା ନବମୀ, ଜଗଦ୍ଧାତ୍ରୀ ପୂଜା
ଓ ଶ୍ରୀରାଧାଙ୍କ ପାଦ ଦର୍ଶନ



# ପିଢ଼ିଗତ ପରିବର୍ତ୍ତନର ସୁଯୋଗ



ୟୁଏନ୍ ୟୁଏନ୍ ଆଙ୍ଗ୍

ଏବେ ସଂଘର୍ଷ, ବାଣିଜ୍ୟ ଯୁଦ୍ଧ, ଅସମାନତା ଏବଂ ଗଣତନ୍ତ୍ରର ଅଧୋଗତି ଶୀର୍ଷକ ଖବର ଅଧିକ ପ୍ରକାଶ ପାଉଛି। ସଙ୍କଟ ପରେ ସଙ୍କଟ ସୃଷ୍ଟିହେବାରେ ଲାଗିଛି ଏବଂ ମନେହେଉଛି ସତେ ଯେମିତି ବିଶ୍ୱ ଅଲଗା ହୋଇଯାଉଛି। ପାଶ୍ଚାତ୍ୟ ନେତା ଓ ବିଶେଷଜ୍ଞମାନେ ଏହିସବୁ ସଙ୍କଟର ଜଟିଳ ସ୍ଥିତିକୁ ଆୟତ୍ତ କରିବା ପାଇଁ 'ପଲିକ୍ରାଇସିସ୍' ବା ବହୁସଙ୍କଟ ଭଳି ଶବ୍ଦକୁ ଗ୍ରହଣ କରିଛନ୍ତି। ୨୦୨୩ରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ଐତିହାସିକ ଆଡାମ୍ ଟୋଜେ ଏହି ଶବ୍ଦକୁ ଲୋକପ୍ରିୟ କରିଥିଲେ। ସେ କହିଥିଲେ- ''ତୁମର ଏଠି ଭୟ ଅଛି, ଏଠି ବି କିଛି ଅଛି ଯାହା ତୁମକୁ ବିଶେଷକରି ଦୁଃଖ ଦେଉଛି ଏବଂ ତାକୁ ଏହା( ପଲିକ୍ରାଇସିସ୍) କୁହାଯାଇପାରେ।'' କିନ୍ତୁ ଭୟ ଯେତେବେଳେ ମୂଳ ବିଷୟ ପାଲଟିଯାଏ, ସେତେବେଳେ କେବଳ ଚିନ୍ତା ଓ ଅକ୍ଷମତା ପ୍ରକାଶ ପାଇଥାଏ ବୋଲି ୨୦୨୪ ଡାଭୋସ୍ ବିଶ୍ୱ ଆର୍ଥିକ ମଞ୍ଚ ପରେ ମାର୍କ ଲିଓନାର୍ଡ ଅନୁଧ୍ୟାନ କରିଥିଲେ।

ତେବେ ସଙ୍କଟଗୁଡ଼ିକ ପରେ ପତନ ଅନିବାର୍ଯ୍ୟ ନୁହେଁ। ଅବଶ୍ୟ, ଅନେକ ସମୟରେ ବାଧା ବା ସଙ୍କଟ ନବୀକରଣ ପାଇଁ ବାଟ ଦେଖାଇଥାଏ ଏବଂ ପୁରୁଣା ବ୍ୟବସ୍ଥାକୁ ଯିବା ଲାଗି ଯେଉଁମାନେ ଚାହିଁଥାନ୍ତି ସେମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ । ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଏହି ପ୍ରକାର ଅଭିଯାନକୁ ମୁଁ 'ପଲିଟ୍ୟୁନିଟି' ଶବ୍ଦ ନଭେମ୍ବର ୨୦୨୪ର ଏକ ପ୍ରୋଜେକ୍ଟ ସିଣ୍ଡିକେଟ କମେଣ୍ଟ୍ରିରେ ସାମ୍ନାକୁ ଆଣିଥିଲି ଏବଂ ଜାତିସଂଘ ବିକାଶ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ବିସ୍ତାରଭାବେ ବର୍ଣ୍ଣନା କରିଥିଲି। ଏହିସିଦ୍ଧାନ୍ତ ଅତ୍ୟନ୍ତ ସରଳ। ଲଗାତର ଜାରିରହିଥିବା ବାଧା ବା ସମସ୍ୟାଗୁଡ଼ିକ ବୈଶ୍ୱିକ ସଂସ୍ଥା ଓ ବିଚାରଗୁଡ଼ିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବା ପାଇଁ ଗୋଟିଏ ପିଢ଼ିରେ ଥରେ ମାତ୍ର ସୁଯୋଗ ଦେଇଥାଏ। ହଠାତ୍ ସବୁକିଛି ଯେତେବେଳେ ଭୁଶୁଡ଼ିପଡ଼ିବା ମନେହୁଏ, ସେତେବେଳେ ଆମେ ସମସ୍ତେ ତାଳିପକା ସମାଧାନଠାରୁ ଆଗକୁ ବଢ଼ିବାକୁ ବାଧ୍ୟ ହେଉ ଏବଂ ତୃଣମୂଳ ସ୍ତରରେ ବ୍ୟବସ୍ଥାଗୁଡ଼ିକର ପୁନର୍ଗଠନ କରିଥାଉ।

ଆରମ୍ଭରୁ ଆମେ ସ୍ୱୀକାର କରିବା ଉଚିତ ଯେ, ପଲିକ୍ରାଇସିସ୍ ହେଉଛି ଏକ ପାଶ୍ଚାତ୍ୟ କୈନ୍ଦ୍ରିକ ବ୍ୟାଖ୍ୟାନ ଯାହାକୁ ବୈଶ୍ୱିକ ବୋଲି ବାହାନା କରାଯାଉଛି। ଦୁଇ ୟୁରୋପୀୟ ସିଦ୍ଧାନ୍ତବାଦୀ ଏହି ଶବ୍ଦକୁ ୧୯୯୩ରେ ସାମ୍ନାକୁ ଆଣିଥିବାବେଳେ ନିକଟରେ ଅନ୍ୟ ୟୁରୋପୀୟ ବିଶେଷଜ୍ଞମାନେ ଏହାର ପ୍ରଚାର କରିଥିଲେ। ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇ ପାଶ୍ଚାତ୍ୟରେ କରାଯାଇଥିବା ଏକ ସମ୍ମିଳନୀରେ ଏହି ଶବ୍ଦକୁ ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ଦିଆଯାଇଥିଲା ଏବଂ ପାଶ୍ଚତ୍ୟ ଗଣମାଧ୍ୟମ, ଥିଙ୍କ ଟ୍ୟାଙ୍କ୍ ଓ ଶିକ୍ଷାବିତ୍‌ଙ୍କ ଦ୍ୱାରା ଏହାକୁ ଭାଇରାଲ କରିବା ସକାଶେ ପ୍ରୋତ୍ସାହିତ କରାଯାଇଛି। ଏକ 'ଭୟଙ୍କର ଭବିଷ୍ୟତ' ସମ୍ପର୍କରେ ବିଳାପ କରିବା ପରିବର୍ତ୍ତେ ପଲିକ୍ରାଇସିସ୍ ଉପରେ ଯଦି କେବେ ବି ଆଲୋଚନା ହୁଏ , ତେବେ ଅଣ ପାଶ୍ଚାତ୍ୟ ଦେଶଗୁଡ଼ିକ ( ଏବେ ଯାହାଙ୍କୁ କୁହାଯାଉଛି ସାଉଥ୍ ଗ୍ଲୋବାଲ)ର ସଂସ୍ଥାଗୁଡ଼ିକୁ କିମ୍ବା ଏହାର ପ୍ରଦତ୍ତ ସମାଧାନକୁ ସ୍ୱୀକାର କରାଯିବା ଦରକାର। ଏପରିକି କେତେଜଣ ସିଦ୍ଧାନ୍ତବାଦୀ 'ନବୀକୃତ ମାନବବାଦ' ପାଇଁ ଦାବି କରୁଥିବାରୁ ସେମାନେ ଢାଞ୍ଚାଗତ ଭାବେ ରହିଥିବା ଏକ ଅସମାନ ବ୍ୟବସ୍ଥା ଓ ଏହାକୁ ନେଇ ବୃଦ୍ଧିପାଉଥିବା ନିରାଶାର ବାସ୍ତବତାକୁ ସାମ୍ନା କରିବାରେ ବିଫଳ ହୋଇଛନ୍ତି। ଅନ୍ତଃରାଷ୍ଟ୍ରୀୟ ବିତ୍ତୀୟ ବ୍ୟବସ୍ଥା ତଥା ସଂସ୍ଥାଗତ ଅସ୍ତିତ୍ୱ ଉପରେ ପାଶ୍ଚାତ୍ୟର ପ୍ରାଧାନ୍ୟ ରହିଥିବାବେଳେ ବୈଶ୍ୱିକ ଆଇନ ବା ସିଦ୍ଧାନ୍ତରେ ଅଣ ପାଶ୍ଚାତ୍ୟର ସ୍ୱର ତଥା ବିଚାର ସୀମିତ ହୋଇଯାଇଛି।



ପଲିକ୍ରାଇସିସ୍ ଶବ୍ଦ ବୈଶ୍ୱିକ ଅସଫଳତାର ମୂଳ କାରଣଗୁଡ଼ିକୁ ଅସ୍ପଷ୍ଟ କରିଦେବା ସହ ସଙ୍କଟଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି ଦର୍ଶାଉଛି। ବାସ୍ତବରେ, ବାରମ୍ବାର ଘଟୁଥିବା ସମାନ ପ୍ରକାର ସଙ୍କଟଗୁଡ଼ିକ ଉପନିବେଶୀୟ ଶିଳ୍ପ ସମୟରେ ସୃଷ୍ଟିହୋଇ ଶିଳ୍ପ ବିପ୍ଳବ ଠାରୁ ପ୍ରକାଶ ପାଇ ଆସିଛି। ପ୍ରଗତି କହିଲେ ନିୟନ୍ତ୍ରଣ ବୋଲି ଧରିନିଆଯାଇଛି ଯେଉଁଥିରେ ପ୍ରକୃତି ଉପରେ ଯାନ୍ତ୍ରିକ ନିୟନ୍ତ୍ରଣ ଏବଂ ବିଶ୍ୱର ଅନ୍ୟ ସବୁ ଦେଶ ଉପରେ ପାଶ୍ଚାତ୍ୟର ନିୟନ୍ତ୍ରଣ ଦେଖାଯାଇଛି। ଏହା ନିଶ୍ଚିତ ଯେ, ଆଧୁନିକୀକରଣର ଅଧ୍ୟାୟ ପର୍ଯ୍ୟାପ୍ତ ଭୌତିକ ଓ ସାମାଜିକ ସୁବିଧା ଯୋଗାଇଦେଇଛି। କିନ୍ତୁ ଏହା ମଧ୍ୟ ଆମ ସମୟର ଜଟିଳ ସ୍ଥିତି ସୃଷ୍ଟିକରିବାର କାରଣ ପାଲଟିଛି। ଆମ ସମୟର ଏକ ବଡ଼ ସଙ୍କଟ ବିଶ୍ୱତାପନ ଉତ୍ପାଦନକ୍ଷମ ଶିଳ୍ପ ମଡେଲ ଯୋଗୁ ହୋଇଛି।

ଏହି ମଡେଲକୁ ବାଣିଜ୍ୟ ବ୍ୟବସ୍ଥା ସହଯୋଗ କରୁଛି ଯେଉଁଥିରେ ଗରିବ ଦେଶଗୁଡ଼ିକରେ ଶ୍ରମିକମାନେ କମ୍ ଦରମାରେ ଉତ୍ପାଦନ କରୁଛନ୍ତି, ଯାହାକୁ ଧନୀ ଦେଶର ଉପଭୋକ୍ତାମାନେ ଅଧିକ ମୂଲ୍ୟରେ କିଣୁଛନ୍ତି।

ଏକ ଅତି ଜଟିଳ ଓ ବହୁଧ୍ରୁବୀୟ ବିଶ୍ୱରେ ଉପନିବେଶୀୟ ଶିଳ୍ପ ମଡେଲର ସମୟ ଶେଷ ହୋଇଯାଇଛି। ଆମକୁ ଏକ ନୂତନ ମାନସିକତା ଗ୍ରହଣ କରିବାକୁହେବ, ଯାହାକୁମୁଁକହେ-ଆଡପ୍‌ଟିଭ, ଇନ୍‌କ୍ଲୁସିଭ ଆଣ୍ଡ ମୋରାଲ ପଲିଟିକାଲ ଇକୋନୋମୀ(ଏଆଇଏମ୍) ଅର୍ଥାତ୍ ପରିବର୍ତ୍ତନ ପାଇଁ ଅନୁକୂଳ ସ୍ଥିତି, ସମାବେଶୀ ଭାବନା ଏବଂ ନୈତିକ ରାଜନୈତିକ ଅର୍ଥ ବ୍ୟବସ୍ଥା। ଏକ ଅନୁକୂଳ ସ୍ଥିତିକୁ ପରିବର୍ତ୍ତନ କରିବାକୁ ହେଲେ ସମାଜକୁ ଏକ ଅଶୋଧିତ ମେଶିନ ଭାବେ ନ ଚଳାଇ ଏକ ଜୀବନ୍ତ ନେଟ୍‌ୱର୍କ ପରି ସଞ୍ଚାଳନ କରାଯିବା ଦରକାର, ଯେଉଁଥିରେ ଶିଖିବାକୁ ମିଳିବ ଓ ବିକାଶ ବି ହେବ। ସମାବେଶୀ ହେବାକୁ ହେଲେ, ଆମ ପାଖରେ ଯାହା ଅଛି ତାହା ଉପରେ ପ୍ରଗତି ନିର୍ଭରକରେ ବୋଲି ଆମକୁ ସ୍ୱୀକାର କରିବାକୁ ହେବ। ଅର୍ଥାତ୍ ଶକ୍ତିଶାଳୀ ଓ ଧନୀ ଦେଶଗୁଡ଼ିକର ମଡେଲକୁ ନକଲ ନ କରି ସ୍ଥାନୀୟ ସୃଜନଶୀଳତାକୁ ଗତିଶୀଳ କରିବାକୁ ପଡ଼ିବ। ଏହାବ୍ୟତୀତ ଅସନ୍ତୁଳନ ଦୂରକରିବା ସହ ରାଜନୈତିକ କ୍ଷମତା ସତ୍ତା ଦ୍ୱାରା ଗଢ଼ାଯାଇଥିବା ସନ୍ଧାନ୍ତଗୁଡ଼ିକୁ ଗ୍ରହଣ କରିବାକୁ ହେଲେ ଆମକୁ ନୀତିସଙ୍ଗତ( ମୋରାଲ) ହେବାକୁ ପଡ଼ିବ।

ପାଶ୍ଚାତ୍ୟର ପଦ୍ଧତିକୁ ଅନୁସରଣ କରିବା କିମ୍ବା ଦାରିଦ୍ର୍ୟରୁ ମୁକ୍ତି ପାଇଁ ଅନୁଦାନକୁ ଚାହିଁ ରହିବା ପରିବର୍ତ୍ତେ ବିଶ୍ୱର ଅନ୍ୟ ସବୁ ଦେଶ ନିଜ ବିକାଶ କଥା ନିଜେ ବୁଝୁଥିବା ବେଳେ ଏଆଇଏମ୍ ନୀତିନିର୍ଦ୍ଧାରଣ ପାଇଁ ଏକ ଦିଶା ଯୋଗାଇଦେବ। ଉଦାହରଣ ସ୍ୱରୂପ, ଚାଇନା, ଭାରତ ଏବଂ ସାଉଦି ଆରବ ଭଳି ଦେଶ ସବୁଜ ଶକ୍ତି ଉପରେ ଅତ୍ୟଧିକ ନିବେଶ କରୁଥିବାବେଳେ ସବ୍-ସାହାରାନ ଆଫ୍ରିକୀୟ ଦେଶଗୁଡ଼ିକ ଶକ୍ତି କ୍ଷେତ୍ରରେ ନୂତନତ୍ୱ ଆଣିବା ଲାଗି ପରୀକ୍ଷା ଚଳାଇଛନ୍ତି। ତେବେ ଆମେରିକାର ଟାରିଫ ଧୀରେ ଧୀରେ ବିକାଶ ପଥରେ ଆଗଉଥିବା ଭିଏଟ୍‌ନାମ ଓ ଇଥୋପିଆ ଭଳି ଦେଶଗୁଡ଼ିକ ପାଇଁ ଆୟଭିତ୍ତିକ ମାର୍କେଟଗୁଡ଼ିକୁ ରପ୍ତାନିକୁ ହ୍ରାସ କରିଥିବାରୁ ସାଉଥ- ସାଉଥ-ବାଣିଜ୍ୟ ଆକାର ନର୍ଥ-ସାଉଥ ବାଣିଜ୍ୟ ଆକାରକୁ ଟପିଯାଇଛି।

ବୌଦ୍ଧିକ ଦୃଷ୍ଟିକୋଣରୁ, ୟୁରୋପ ଓ ଉତ୍ତର ଆମେରିକାରେ ' ନ୍ୟାୟିକ ରାଜନୈତିକ ଅର୍ଥ ବ୍ୟବସ୍ଥା' 'ସର୍କୁଲାର (ଚକ୍ରୀୟ) ଅର୍ଥ ବ୍ୟବସ୍ଥା'ସମ୍ପର୍କରେ ଶିକ୍ଷା ଦେବାକୁ ଯେଉଁ ବିଶେଷଜ୍ଞମାନେ ଅଧିକ ଯୋଗ୍ୟ ସେମାନେ ଦାର୍ଶନିକ କିମ୍ବା ପରାମର୍ଶଦାତା ନୁହନ୍ତି। ବରଂ ସେମାନେ ହେଉଛନ୍ତି ସ୍ଥାନୀୟ ଆଦିବାସୀ ଗୋଷ୍ଠୀ, ଯେଉଁମାନେ ପରିସଂସ୍ଥାକୁ ସୁରକ୍ଷିତ ରଖିଛନ୍ତି। ଅସ୍ତିତ୍ୱଗତ ସଙ୍କଟ ଦୃଷ୍ଟିକୋଣରୁ ଅନୁଭବହୀନ ଆଶାବାଦ ପାଇଁ ପଲିଟ୍ୟୁନିଟି ଏକ ଆହ୍ୱାନ ନୁହେଁ। ବରଂ ଏହା ଏକ ଉଦ୍ଦେଶ୍ୟପୂର୍ଣ୍ଣ ବାସ୍ତବତାକୁ ଦର୍ଶାଏ, ଯାହା କୌଣସି ଗୋଟିଏ ଅଞ୍ଚଳ କିମ୍ବା ସୁବିଧାବାଦୀ ଶ୍ରେଣୀ ପରିବର୍ତ୍ତେ ବାସ୍ତବରେ ବୈଶ୍ୱିକ ସମୁଦାୟର ଏକ ସୃଜନଶୀଳତାକୁ ସୂଚିତକରେ। ଏହା ସାମାନ୍ୟ ବାର୍ତ୍ତା କିମ୍ବା ଉତ୍ସାହକୁ ପ୍ରେରିତକରେ ନାହିଁ, ବରଂ ଏହା ହେଉଛି ଏକ ଗଠନମୂଳକ କାର୍ଯ୍ୟକ୍ରମ ଯାହା ଏକ ପ୍ରୟୋଗଶୀଳ ଆଧାର ଉପରେ ଆଧାରିତ। ଏହାକୁ ଗମ୍ଭୀରତାର ସହ ଏବଂ ଠିକ୍ ଭାବେ ପ୍ରୟୋଗ କଲେ ଆମେ ଆହ୍ୱାନଗୁଡ଼ିକୁ ଯେଭଳି ମୁକାବିଲା କିମ୍ବା ଅନୁଧ୍ୟାନ କରୁଛି, ସେଥିରେ ନିଶ୍ଚିତ ପରିବର୍ତ୍ତନ ଆସିବ । ଆମେ ଯାହା ଦେଖୁଛୁ ତାହା ପ୍ରଗତିର ଶେଷ ନୁହେଁ, ବରଂ ଏହା ଉପନିବେଶୀୟ ଶିଳ୍ପ ମଡେଲର ଅନ୍ତ। ଯଦି ଆମେ ବିକାଶ ଉପରେ ଦୃଢ଼ ବିଶ୍ୱାସ କରୁଛୁ ତେବେ ବୁଝିବାକୁ ହେବ ଯେ, ଆଉ ଏକ ମଡେଲ ଏବେ ଆରମ୍ଭ ହେଉଛି।

**ପ୍ରଫେସର, ପଲିଟିକାଲ ଇକୋନୋମୀ,**
**ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି**

# ଜୀବର ସ୍ୱରୂପ



ଡା. ଗୋପାଳ ଚନ୍ଦ୍ର ଦାଶ

ପତଞ୍ଜଳି ଯୋଗ ଦର୍ଶନର ଦ୍ୱିତୀୟ ପାଦ ସୂତ୍ର ସଂଖ୍ୟା ୨୦ରେ କୁହାଯାଇଛି ''ଦ୍ରଷ୍ଟା ଦୃଷ୍ଟିମାତ୍ରଃ ଶୁଦ୍ଧୋପି ପ୍ରତ୍ୟୟାନୁପଶ୍ୟ।'' ଏହାର ଅର୍ଥ ଚେତନ ପୁରୁଷ ବା ଜୀବାତ୍ମା ଶୁଦ୍ଧ, ନିର୍ମଳ ଓ ନିର୍ବିକାର ହେଲେ ମଧ୍ୟ ତ୍ରିଗୁଣାତ୍ମକ ବୁଦ୍ଧି ସାହାଯ୍ୟରେ ଜ୍ଞାନପ୍ରାପ୍ତ ହୋଇ ବାହ୍ୟ ଜଗତର ବୃତ୍ତିଗୁଡ଼ିକୁ ଗ୍ରହଣ କରି ବିକାରଗ୍ରସ୍ତ ହୋଇଥାଏ। ବେଦ ତ୍ରୈତ୍ୟ ବିଦ୍ୟା ଉପରେ ଆଧାରିତ। ତ୍ରୈତ୍ୟ ବିଦ୍ୟା ହେଉଛି- ଈଶ୍ୱର, ଜୀବ ଓ ପ୍ରକୃତି।

ପରିବର୍ତ୍ତନୀୟ ସୃଷ୍ଟି ଭିତରେ ଅଦୃଶ୍ୟ ଭାବରେ ଅବସ୍ଥିତ ଚେତନ ସତ୍ତା ହେଉଛି ବ୍ରହ୍ମ ବା ଈଶ୍ୱର। ଏହି ଚେତନ ସତ୍ତା ଜୀବର ଜଡ଼ ଶରୀରକୁ ଜାଗ୍ରତ, ସ୍ୱପ୍ନ ଓ ସୁସୁପ୍ତି ଅବସ୍ଥାରେ କ୍ରିୟାଶୀଳ କରିରଖିଥାଏ, ଯାହାକୁ ପ୍ରାଣବାୟୁ (ଶ୍ୱାସ-ପ୍ରଶ୍ୱାସ) କୁହାଯାଏ। ତେଣୁ ବ୍ୟକ୍ତିଗତ ଚେତନ ସତ୍ତାକୁ ଜୀବାତ୍ମା ଓ ବ୍ରହ୍ମକୁ ପରମାତ୍ମା ଭାବରେ ଉପନିଷଦ ସ୍ୱୀକାର କରିଥାଏ। ଉପନିଷଦ କହେ ଶରୀର ଯଦି ଏକ ରଥ ହୁଏ, ଆତ୍ମା ହେଉଛି ସେହି ରଥର ପ୍ରଭୁ ବା ରଥୀ। (କଠୋପନିଷଦ ୧.୩୩) ଚେତନ ଆତ୍ମା ଜଡ଼ ଶରୀର ସହିତ ତାଦାତ୍ମ୍ୟ କରି ନିଜର ଏକ ସ୍ୱତନ୍ତ୍ର ସତ୍ତା ନିର୍ମାଣ କରିଥାଏ। ଏହି ସ୍ୱତନ୍ତ୍ର ସତ୍ତାକୁ ଅହମ୍ କୁହାଯାଏ। ସୁଖ-ଦୁଃଖ ଭଳି ସମସ୍ତ ପରିବର୍ତ୍ତନଶୀଳ ବିକାର ଜଡ଼ ଅଂଶରୁ ଉତ୍ପନ୍ନ ହୋଇଥାଏ। ଜଡ଼ ସହିତ ସମ୍ବନ୍ଧ ଥିବାରୁ ଚେତନ ଆତ୍ମା ଉପରେ ଏହାର ପ୍ରଭାବ ପଡ଼ିଥାଏ। ମାତ୍ର ଚେତନ ସତ୍ତା ଏହି ସବୁ ବିକାରର ଊର୍ଦ୍ଧ୍ୱରେ ଅବସ୍ଥିତ। ଉପନିଷଦ କହେ ଶରୀର ଯଦି ଏକ ବୃକ୍ଷ ହୁଏ, ଆତ୍ମା ଓ ପରମାତ୍ମା ଏହି ବୃକ୍ଷରେ ବସିଥିବା ଦୁଇଗୋଟି ସୁବର୍ଣ୍ଣ ପକ୍ଷୀ ଅଟନ୍ତି। ଆତ୍ମାରୂପୀ ପକ୍ଷୀ ମାୟାରେ ପଡ଼ି କର୍ମବନ୍ଧନରେ ଆବଦ୍ଧ ହୋଇ ଭୋକ୍ତା ଭାବରେ ଶରୀର ରୂପୀ ବୃକ୍ଷର ଫଳ ଭକ୍ଷଣ କରି ସୁଖ-ଦୁଃଖ ଅନୁଭବ ପୂର୍ବକ ଜନ୍ମ-ମୃତ୍ୟୁ ଚକ୍ରରେ ଗତି କରୁଥିବାବେଳେ ପରମାତ୍ମାରୂପୀ ପକ୍ଷୀ ଦ୍ରଷ୍ଟା ଭାବରେ ଆତ୍ମାର ସମସ୍ତ କାର୍ଯ୍ୟକୁ ନିରୀକ୍ଷଣ କରି କର୍ମଫଳ ପ୍ରଦାନ କରିଥାଆନ୍ତି। (ମୁଣ୍ଡକ ଉପନିଷଦ- ୩.୧.୧) ଭଗବଦ୍‌ଗୀତା ଅନୁସାରେ ଆତ୍ମା ଜଡ଼ ଶରୀର ସହିତ ସମ୍ବନ୍ଧ ରଖିଥିବାରୁ ଉପଦ୍ରଷ୍ଟା, ଶରୀରର ସମସ୍ତ କ୍ରିୟା ସମ୍ପାଦନ ପାଇଁ ଅନୁମତି ପ୍ରଦାନ କରୁଥିବାରୁ ଅନୁମନ୍ତା, ଶରୀରର ପାଳନ ପୋଷଣ କରୁଥିବାରୁ ଭର୍ତ୍ତା ଓ ଜଡ଼ ପ୍ରକୃତିର ଗୁଣଗୁଡ଼ିକୁ ଗ୍ରହଣ କରି ବିକାରଗ୍ରସ୍ତ ହୋଇ ସୁଖ-ଦୁଃଖ ଭୋଗ କରୁଥିବାରୁ ଭୋକ୍ତା ଅଟନ୍ତି (ଗୀତା ୧୩/୨୨)। ଏକମାତ୍ର ଚେତନ ପୁରୁଷ ଆତ୍ମା ଶରୀର ମଧ୍ୟରେ ପୃଥକ୍ ପୃଥକ୍ ଉପାଧି ଧାରଣ କରି କର୍ମ ସମ୍ପାଦନ କରିଥାଆନ୍ତି। ବେଦାନ୍ତ ଦର୍ଶନରେ ବ୍ରହ୍ମ ଓ ଜୀବକୁ ଏକ ସମାନ ସତ୍ତା ଭାବରେ ବର୍ଣ୍ଣନା କରାଯାଇଥିବାରୁ ଏହା ବେଦ ବିରୋଧ ବୋଲି କେତେଜଣ ଭାଷ୍ୟକାର ମତ ପ୍ରଦାନ କରିଥାଆନ୍ତି। ମାତ୍ର ଅଦ୍ୱୈତ ବେଦର ସିଦ୍ଧାନ୍ତ ଅନୁସାରେ ବ୍ରହ୍ମ ଅଦ୍ୱିତୀୟ ହୋଇଥିବାରୁ ଜୀବ ଓ ପ୍ରକୃତିଠାରୁ ପୃଥକ୍ ଅଟନ୍ତି। ସର୍ବ ବ୍ୟାପକ ପରମାତ୍ମା ଜୀବ ମଧ୍ୟରେ ଥିବାରୁ ଜୀବଠାରୁ ପୃଥକ୍ ନୁହନ୍ତି। ମାତ୍ର ଗୁଣ, କର୍ମ ଓ ସ୍ୱଭାବ ଦୃଷ୍ଟିରୁ ପରମାତ୍ମା ଜୀବ ସହିତ ସମାନ ନୁହନ୍ତି। ଈଶ୍ୱର ଓ ଜୀବ ଉଭୟ ଚେତନ ସତ୍ତା ତଥା ଶୁଦ୍ଧ, ପୂତ, ନିର୍ମଳ, ଅଜର, ଅମର ଓ ସାରସତ୍ୱ। ମାତ୍ର ଈଶ୍ୱର ସର୍ବଜ୍ଞ ଓ ଆନନ୍ଦମୟ ହୋଇଥିବାବେଳେ ଜୀବ ଅଳ୍ପଜ୍ଞ ଓ ଆନନ୍ଦମୟ ନୁହେଁ। ପରମାତ୍ମା ଏକ, ଅଦ୍ୱିତୀୟ ଓ ସର୍ବବ୍ୟାପକ ହୋଇଥିବାବେଳେ ଜୀବ ଦେହରୂପୀ ହୋଇଥିବାରୁ ଅନେକ ଓ ସର୍ବବ୍ୟାପକ ନୁହେଁ। ଈଶ୍ୱର ଦ୍ରଷ୍ଟା ହୋଇଥିବାବେଳେ ଜୀବ ଭୋକ୍ତା । ପରମାତ୍ମା ସର୍ବଦା ମୁକ୍ତ, ମାତ୍ର ଜୀବ ଉଭୟ ବଦ୍ଧ ଓ ମୁକ୍ତ । ଏହା ହେଉଛି ଈଶ୍ୱର ଓ ଜୀବ ମଧ୍ୟରେ ଥିବା ସମ୍ବନ୍ଧ ଓ ବୈଷମ୍ୟ। ଅଜ୍ଞାନତା ଦୃଷ୍ଟିରୁ ଈଶ୍ୱର ଓ ଜୀବ ମଧ୍ୟରେ ଥିବା ବୈଷମ୍ୟତାକୁ ନ ଦେଖି କେବଳ ସମ୍ବନ୍ଧକୁ ଗ୍ରହଣ କରିବା ଦ୍ୱାରା ଜୀବ ଓ ବ୍ରହ୍ମ ଏକ ବୋଲି ପ୍ରତୀୟମାନ ହୋଇଥାଏ। (ସତ୍ୟାର୍ଥ ପ୍ରକାଶ- ସପ୍ତମ ସମୁଲ୍ଲାସ)। ଶରୀର ମଧ୍ୟରେ ଯେପରି ଆତ୍ମା ବ୍ୟାପକ ଥାଏ, ସେହିପରି ଆତ୍ମା ମଧ୍ୟରେ ପରମାତ୍ମା ବ୍ୟାପକ ଥାଆନ୍ତି। ମୂଢ଼ ଜୀବାତ୍ମା ଏହା ଜାଣି ନ ପାରି ବିଷୟ ବାସନାରେ ଲିପ୍ତ ରହିଥାଏ। ଆତ୍ମଜ୍ଞାନ ପ୍ରାପ୍ତ ହେଲେ ଜୀବ ସମାଧି ଅବସ୍ଥାରେ ନିଜର ଶରୀରରେ ପରମାତ୍ମାଙ୍କର ବ୍ୟାପକତା ଉପଲବ୍ଧି କରିଥାଏ।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ପ୍ରଦୂଷିତ ପରିବେଶ, ଖାଦ୍ୟ ଓ ବାସସ୍ଥାନ ଅଭାବରୁ ବନ୍ୟଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଛି। ଏହା ସହ ବେଆଇନ ଶିକାର ଯୋଗୁ ବହୁ ପ୍ରାଣୀଙ୍କ ଜୀବନ ଯାଉଛି। ଅନେକେ ମଧ୍ୟ କୌଣସି କାରଣରୁ ଆହତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଶିକାରୀଙ୍କୁ ରୋକିବା ବନ ବିଭାଗର ଦାୟିତ୍ୱ ହୋଇଥିବାବେଳେ ବେସରକାରୀ ସ୍ତରରେ ପ୍ରାଣୀଙ୍କ ଜୀବନ ବଞ୍ଚାଇବା ମଧ୍ୟ ଏକ ବଡ଼ ଦାୟିତ୍ୱ ବୋଲି ଗ୍ରହଣ କରିବାକୁ ହେବ। ଏଭଳି ଦାୟିତ୍ୱ ନିର୍ବାହ କରୁଛନ୍ତି ମହାରାଷ୍ଟ୍ର ୱାର୍ଦ୍ଧାର ଏକ ଟିମ୍। ସେମାନେ ଆହତ ବନ୍ୟଜୀବଙ୍କୁ ଉଦ୍ଧାର କରି ସେମାନଙ୍କ ଜୀବନ ବଞ୍ଚାଉଛନ୍ତି। ୱାର୍ଦ୍ଧାରେ ଥିବା ପିଏଫ୍ଏ ୱାଇଲ୍ଡ ଲାଇଫ ରେସ୍କ୍ୟୁ ଆଣ୍ଡ ରିହାବିଲିଟେଶନ ସେଣ୍ଟରରେ ସେମାନେ ଆହତ ପ୍ରାଣୀଙ୍କ ଚିକିତ୍ସା କରୁଛନ୍ତି। ସେମାନେ ଉଦ୍ଧାର କରୁଥିବା ପ୍ରାଣୀଙ୍କ ମଧ୍ୟରେ ରହିଛନ୍ତି ବାଘ, ବିଲୁପ୍ତି ପଥରେ ଥିବା ବିଭିନ୍ନ ପକ୍ଷୀ, ବଜ୍ରକାପ୍ତା, ସ୍ଲଥ ବିୟର, ହରିଣ, କୁକୁରା, ମାଙ୍କଡ଼ ଇତ୍ୟାଦି। ଏହି କାର୍ଯ୍ୟରେ ମହାରାଷ୍ଟ୍ର ଜଙ୍ଗଲ ବିଭାଗ ସହଯୋଗ କରୁଛି। ମୋଟରେ ୯ଟି ଟିମ୍ ରହିଛି। ପ୍ରତ୍ୟେକରେ ୫ ଜଣ ଜଙ୍ଗଲ ଅଧିକାରୀ ମଧ୍ୟ ରହିଛନ୍ତି। ୨୫ ଏକର ଜମି ପରିମିତ ଏହି ସେଣ୍ଟର ଆଶିଷ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଚାଲୁଛି। ଏଯାବତ ଏହି ଟିମ୍ ୪୦,୦୦୦ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦେଇସାରିଲେଣି। ଗତବର୍ଷ କେବଳ ୫,୬୦୦ ପ୍ରାଣୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୩୧ ଅକ୍ଟୋବର ୧୯୭୬

- ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ସୁନ୍ଦରଗଡ଼ରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବସୁନ୍ଧରା ପୋଲ ଉଦ୍‌ଘାଟନ କରିଛନ୍ତି।
- ପ୍ରତିରକ୍ଷା ଓ ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା କମ୍ପ୍ୟୁଟର ଚୀନକୁ ବିକିବା ପ୍ରସ୍ତାବକୁ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜେରାଲଡ ଫୋର୍ଡଙ୍କ ଅନୁମୋଦନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 5 | | 8 | | | | | 4 |
| | | 1 | 9 | 4 | | | | |
| | | | | | | | 8 | |
| 6 | | | | 8 | | | 4 | 5 |
| | 8 | 3 | | 5 | | | 7 | 9 |
| | | | 4 | 1 | | | | |
| | | 2 | | | 1 | | | 3 |
| | 6 | | | | | | 5 | |
| 9 | | | | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 4 | 8 | 2 | 9 | 1 | 7 | 3 |
| 7 | 9 | 8 | 1 | 3 | 4 | 6 | 2 | 5 |
| 2 | 1 | 3 | 7 | 6 | 5 | 9 | 4 | 8 |
| 1 | 5 | 9 | 3 | 7 | 8 | 2 | 6 | 4 |
| 3 | 8 | 7 | 6 | 4 | 2 | 5 | 1 | 9 |
| 6 | 4 | 2 | 5 | 9 | 1 | 3 | 8 | 7 |
| 9 | 2 | 6 | 4 | 5 | 7 | 8 | 3 | 1 |
| 8 | 7 | 5 | 2 | 1 | 3 | 4 | 9 | 6 |
| 4 | 3 | 1 | 9 | 8 | 6 | 7 | 5 | 2 |

ଗତକାଲିର ଉତ୍ତର

# ଅରାଜକତା ବନାମ ମାନବାଧିକାର



ଅସୀମା ପଟ୍ଟନାୟକ

ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ଘଟିଥିବା ଅରାଜକତାକୁ ରାଜନୈତିକ ଦୃଷ୍ଟିକୋଣରୁ ଚିନ୍ତା କଲେ ତାହା ଭାରତ ପାଇଁ ଅନୁକୂଳ ନ ଥିଲା। ପ୍ରତିଟି ଦେଶରେ ଚାଇନା ତା'ର ବିସ୍ତାରବାଦୀ ରଣକୌଶଳର ପ୍ରୟୋଗ କରି ସଫଳ ହୋଇଛି। ଚାଇନା ପ୍ରଥମରୁ ପାକିସ୍ତାନ ସହ ରହିଛି। ତେଣୁ ପ୍ରଥମେ ପାକିସ୍ତାନ, ଶ୍ରୀଲଙ୍କା, ମାଳଦ୍ୱୀପ, ବାଂଲାଦେଶ ଓ ଏବେ ନେପାଳ ମଧ୍ୟ ଚାଇନାର ନିୟନ୍ତ୍ରଣକୁ ଆସିଯାଇଛି। ବାକି ଗୋଟିଏ 'ଭୁଟାନ' ଓ ଅନ୍ୟଟି 'ମ୍ୟାନ୍‌ମାର' ଚାଇନାର ଅର୍ଥନୈତିକ ଚାପରେ ନିୟନ୍ତ୍ରିତ ହୋଇରହିଛି। କେବଳ ଭୁଟାନ ହିଁ ରହିଯାଇଛି କାରଣ ତା'ର ସାମରିକ ବ୍ୟବସ୍ଥା ଭାରତ ସହ ସଂଲଗ୍ନିତ। ତଥାପି ସେଇ ସୀମାନ୍ତରେ ଚାଇନା ବାରମ୍ବାର ଉତ୍ତେଜନା ଜାରି ରଖିଛି।

ଏଥିରୁ ଏତିକି ସ୍ପଷ୍ଟ ଯେ ଭାରତକୁ ଚତୁଃପାର୍ଶ୍ୱରୁ ଘେରିବାର ଏହା ଏକ ଚାଲ୍। ଏକଥା କୁହାଯାଇପାରେ କି ଭାରତକୁ ଦକ୍ଷିଣ ପୂର୍ବ ଏସିଆ ତଥା ବିଶ୍ୱରେ ଏକଘରିକିଆ କରାଇବାରେ ଚାଇନାର ଉଦ୍ୟମ ସଫଳ ହୋଇପାରିଛି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ପ୍ରତିକ୍ରିୟାଶୀଳ ବୈଦେଶିକ ନୀତି ଦ୍ୱାରା ପାଶ୍ଚାତ୍ୟ ଦେଶମାନଙ୍କ ସହ ଭାରତର ସମ୍ପର୍କ ତିକ୍ତ ପ୍ରାୟ। ତେଣୁ ଭାରତର ବୈଦେଶିକ ନୀତିକୁ ଅନ୍ୟୋନପାୟ ଭାବରେ ଋଷ୍‌ର ମଧ୍ୟସ୍ଥତାରେ ଚାଇନା ସହ ସୁସମ୍ପର୍କ ସ୍ଥାପନ କରିବା ବ୍ୟତୀତ ବୋଧହୁଏ ଆଉ କୌଣସି ବିକଳ୍ପ ନ ଥିଲା। ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହିଭଳି ପଦକ୍ଷେପଟିଏ ନେଇଥିଲେ ଏବଂ 'ପଞ୍ଚଶୀଳ ନୀତି'କୁ ନେଇ ଚାଇନା ସହ ଏକ ବନ୍ଧୁତାର ଚୁକ୍ତି ସ୍ୱାକ୍ଷରିତ କରିଥିଲେ । ହେଲେ ଚାଇନା ବିଶ୍ୱାସଘାତକତା କଲା। ଆଉ ଏ ଚୁକ୍ତି ସ୍ୱାକ୍ଷରିତ ହେବାର ଅଳ୍ପଦିନ ପରେ ଭାରତ ଉପରେ ଆକ୍ରମଣ କଲା।

ଇତିହାସର ଏଇ ଅନୁଭୂତିକୁ ଅନୁଶୀଳନ କଲେ ଜଣାଯାଏ କି ଚାଇନା ସମାନ ଢଙ୍ଗରେ ବିଶ୍ୱାସଘାତକତା କରିପାରେ। ଆଗରୁ ଉତ୍ତର (ଚାଇନା) ଏବଂ ପଶ୍ଚିମ (ପାକିସ୍ତାନ) ସୀମାନ୍ତରେ ଆମର ଶତ୍ରୁରାଷ୍ଟ୍ରମାନେ ଥିଲେ, ହେଲେ ପୂର୍ବ ଏବଂ ଦକ୍ଷିଣ ଦିଗରୁ ଆମେ ପ୍ରାୟତଃ ସୁରକ୍ଷିତ ଅନୁଭବ କରୁଥିଲେ, ମାତ୍ର ଏସବୁ ରାଷ୍ଟ୍ରର ଅରାଜକତା ପର ସ୍ଥିତି ଯୋଗୁଁ ସେ ଦୁଇପାର୍ଶ୍ୱ ମଧ୍ୟ ଏବେ ଚାଇନା ଦ୍ୱାରା ପ୍ରଭାବିତ ହୋଇଯାଇଛି।

ଅର୍ଥନୈତିକ ଦୃଷ୍ଟିରୁ ଏସବୁ ଦେଶ ଭାରତ ଉପରେ ଅତ୍ୟନ୍ତ ନିର୍ଭରଶୀଳ। ମାତ୍ର ନେପାଳ ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ, ଯେଉଁଠି କୌଣସି ଚାଷଜମି ନାହିଁ ଓ ଶିଳ୍ପ ମଧ୍ୟ ନାହିଁ। ସେମାନେ ବିଦେଶ, ମୁଖ୍ୟତଃ ଭାରତରେ ଆସି ବିଭିନ୍ନ କାର୍ଯ୍ୟ କରିଥାନ୍ତି ଓ ଅର୍ଜିତ ଅର୍ଥକୁ ନିଜ ଦେଶକୁ ପଠାଇଥାନ୍ତି। ଆଉ ସେଥିରୁ ପ୍ରାପ୍ତ ବୈଦେଶିକ ମୁଦ୍ରା ଓ ପର୍ଯ୍ୟଟନରୁ ଆୟ ହିଁ ନେପାଳର ମୁଖ୍ୟ ଜାତୀୟ ଆୟ।

ଆଉ ଏକ ଚିନ୍ତାର ବିଷୟ ହେଲା ମାନବ ଅଧିକାରର ଉଲ୍ଲଂଘନ, ଶ୍ରୀଲଙ୍କା, ବାଂଲାଦେଶ ଓ ନେପାଳରେ ସମାନ ଭାବରେ ତାହା ସଂଘଟିତ ହୋଇପାରିଛି। ପ୍ରଥମେ ଶାସନତନ୍ତ୍ରରେ ରହିଥିବା ବ୍ୟକ୍ତିମାନେ ଓ ପରେ ଅନ୍ୟାନ୍ୟ ରାଜନୈତିକ ବ୍ୟକ୍ତି ବିଶେଷ ତଥା ସର୍ବୋପରି ସାଧାରଣ ଜନତାଙ୍କୁ ମଧ୍ୟ ସେମାନେ ଛାଡ଼ିଲେ ନାହିଁ।



ଚାଇନାର ମାଓ-ସେ-ତୁଙ୍ଗ ଦେଶରେ ଗଣତନ୍ତ୍ରବାଦୀ ବା ମାନବାଧିକାରବାଦୀମାନଙ୍କୁ ସମୂଳ ଧ୍ୱଂସ କରିଦେବାର ଏକ ଅମାନବୀୟ ପ୍ରକ୍ରିୟାକୁ ଆପଣେଇ ଥିଲେ। ଘୋଷଣା କଲେ କି ଯେଉଁମାନେ ଗଣତନ୍ତ୍ର ବା ମାନବ ଅଧିକାରକୁ ପ୍ରାଧାନ୍ୟ ଦେବାକୁ ଇଚ୍ଛା କିମ୍ବା ଚିନ୍ତା କରୁଥାନ୍ତି ସେମାନେ ତାଙ୍କର ମତାମତକୁ ସରକାରଙ୍କୁ ଜଣାନ୍ତୁ। ତାହାର ଉପଯୁକ୍ତ ଭାବରେ ତର୍ଜମା କରାଯିବ। ତାଙ୍କ କଥାରେ ବିଶ୍ୱାସ କରି ଅନେକ ହଜାର ବୁଦ୍ଧିଜୀବୀ, ଛାତ୍ର, ଅଧ୍ୟାପକ, ଦାର୍ଶନିକମାନେ ନିଜ ନିଜର ମତାମତ ସରକାରଙ୍କୁ ଜଣାଇଲେ। ସେଥିପାଇଁ ଦିଆଯାଇଥିବା ସମୟ ଅବଧିର ପରିସମାପ୍ତି ପରେ ସରକାର ଗଣତନ୍ତ୍ର ତଥା ମାନବ ଅଧିକାର ସପକ୍ଷରେ ମତ ଦେଇଥିବା ହଜାର ହଜାର ବୁଦ୍ଧିଜୀବୀଙ୍କୁ ତଥା ପ୍ରଗତିଶୀଳ ଚିନ୍ତାଧାରାର ବ୍ୟକ୍ତିମାନଙ୍କୁ ଚିହ୍ନଟ କଲେ। ସେମାନଙ୍କୁ ତାଙ୍କ ଘରୁ ନିମନ୍ତ୍ରଣ କରି ଡାକି ଆଣିଲେ ଓ ଗୋଟିଏ ଧାଡ଼ିରେ ଠିଆ କରାଇ ଏକ ସର୍ବସାଧାରଣ ସ୍ଥାନରେ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଦେଲେ, ଫଳରେ ଉଦାରବାଦୀ ଚିନ୍ତାଧାରାର ମୂଳୋତ୍ପାଟନ ହୋଇଗଲା। ଆଉ କମ୍ୟୁନିଷ୍ଟ ପାର୍ଟିରେ ଏକଚ୍ଛତ୍ରବାଦୀ ଶାସନ ବ୍ୟବସ୍ଥା ବଳବତ୍ତର ହୋଇ ରହିଲା।

କ୍ରମେ ଶାସନର ପରିବର୍ତ୍ତନ ଘଟିଲା। ମାଓ ଚାଲିଗଲେ ଉତ୍ତରାଧିକାରୀ ଭାବରେ ଚାଓ-ଏନ୍-ଲାଇ ତାଙ୍କ ଦଳର ତଥା ଦେଶର ଶାସନ ମୁଖ୍ୟ ହେଲେ, ମାତ୍ର ସେହି ସମୟରେ ଚାଇନାର ବୁଦ୍ଧିଜୀବୀଙ୍କ ଭିତରେ ପୁନଶ୍ଚ ସେଇ ମାନବାଧିକାର ପ୍ରାପ୍ତ କରିବାର ତଥା ଗଣତନ୍ତ୍ରକୁ ଆପଣେଇବାର ମନୋଭାବ ଜାଗ୍ରତ ହେଲା, ବିଶେଷ ଭାବରେ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ପ୍ରଭାବିତ ହୋଇ ଆଗକୁ ବାହାରିଲେ ଓ କ୍ରମେ ଗଣତନ୍ତ୍ରବାଦ ପାଇଁ ଆନ୍ଦୋଳନ ଆରମ୍ଭ କରିଦେଲେ। ଚାହୁଁ ଚାହୁଁ ହଜାର ହଜାର ଛାତ୍ରୀଛାତ୍ର ସେଥିରେ ଯୋଗଦେବାକୁ ଲାଗିଲେ, ଆଉ ସେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ଅଂଶଟିଏ ଭାବରେ ଦିନେ ଐତିହାସିକ 'ତିଆନେନ୍ ମେନ୍' ଛକଠାରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଏକତ୍ରିତ ହେଲେ। ଚାରିକଡୁ ଆବଦ୍ଧ କରି ଟ୍ୟାଙ୍କ୍‌ରେ ଅନ୍ଧାଧୁନିଆ ଗୁଳି ଚାଳନା ହେଲା, ଫଳତଃ ୧୦ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ହତ୍ୟା କରାଗଲା।

ଭାରତର ସମ୍ବିଧାନ ପ୍ରଣେତାଙ୍କର ମାନବ ଅଧିକାରକୁ ନେଇ ଅତ୍ୟନ୍ତ ଉଦାରବାଦୀ ଓ ରଚନାତ୍ମକ ଭାବନା ଯୋଗୁ ଆମେ ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥା ତଥା ସମ୍ବିଧାନକୁ ପ୍ରାପ୍ତ କରିଅଛେ, ତାହା ପ୍ରାୟ ସମଗ୍ର ବିଶ୍ୱରେ ବିରଳ। ସେଥିପାଇଁ ନେପାଳ ଓ ବାଂଲାଦେଶର ସ୍ଥିତି ଉପରେ ଟିପ୍ପଣୀ ଦେଇ ଆମ ସୁପ୍ରିମକୋର୍ଟରେ ଦୁଇଜଣ ବିଚାରପତି କହିଛନ୍ତି 'ଭାରତବର୍ଷରେ ଏଭଳି କାଣ୍ଡ ଘଟିବାର ସମ୍ଭାବନା ନାହିଁ କାରଣ ଆମ ସମ୍ବିଧାନ ବେଶ୍ ମଜଭୁତ 'ଅବଶ୍ୟ ଏହା ଆମର ଗର୍ବ ଓ ସନ୍ତୋଷ ପ୍ରାପ୍ତିର କାରଣ ହୋଇପାରେ ହେଲେ ଆମ ସୀମାନ୍ତରେ ଚାଲିଥିବା ପାରିପାର୍ଶ୍ୱିକ ଅବ୍ୟବସ୍ଥାକୁ ଅଣଦେଖା ନ କରି ଆମ ସାମ୍ବିଧାନିକ ମୂଲ୍ୟବୋଧକୁ ବିଚାର ରଖିବାର ଗୁରୁଦାୟିତ୍ୱ ଆମ ସମସ୍ତ ଦେଶବାସୀ ଏବଂ ନାଗରିକଙ୍କର ହେବା ଉଚିତ।

ମୋ: ୮୨୪୯୨୯୯୭୮୭

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରପ୍ରାପ୍ତଙ୍କୁ ନିଯୁକ୍ତି

ମହାଶୟ,

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକୁ ଅସ୍ଥାୟୀ ଭାବେ ପୂରଣ କରିବା ପାଇଁ ଅବସରପ୍ରାପ୍ତ ଶିକ୍ଷାବିତ୍‌ମାନେ ଅତିଥି ଭାବେ ନିଯୁକ୍ତି ପାଇବେ। ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସହିତ ସଂସ୍କୃତ କଲେଜଗୁଡ଼ିକରେ ଏହି ପଦକ୍ଷେପ ୨୦୨୫-୨୬ ଶିକ୍ଷାବର୍ଷରୁ ଲାଗୁ ହେବାକୁ ଯାଉଛି। ଚୟନ ପ୍ରକ୍ରିୟା, ନିଯୁକ୍ତି, ଦରମା ଓ କାର୍ଯ୍ୟ ଦିନ ଆଦି ସମସ୍ତ ବିବରଣୀ ଉଚ୍ଚଶିକ୍ଷା ସୂଚନା ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ସ୍ୱଚ୍ଛତାର ସହିତ ହେବ। ଏହି ଅତିଥି ଅଧ୍ୟାପକମାନେ ଚୁକ୍ତିଭିତ୍ତିକ ଭାବେ ଗୋଟିଏ ଶିକ୍ଷାବର୍ଷ କିମ୍ବା ନିୟମିତ ପଦବୀ ପୂରଣ ପର୍ଯ୍ୟନ୍ତ ରହିପାରିବେ। ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଶିକ୍ଷାସେବା ଦୃଷ୍ଟିରେ ଦରକାର ପଡ଼ିଲେ ତାଙ୍କର ନିଯୁକ୍ତି ଅବଧି ବଢ଼ାଯାଇପାରେ ବୋଲି ସରକାର ଘୋଷଣା କରିଛନ୍ତି। ଶିକ୍ଷା ସମାପ୍ତ ହେବା ପରେ ବର୍ଷ ପରେ ବର୍ଷ ବେରୋଜଗାରୀ ଯୁବଗୋଷ୍ଠୀ ନିଯୁକ୍ତିର ଅପେକ୍ଷା କରୁଛନ୍ତି, ଆଉ ସେହି ସମୟରେ ଅବସରପ୍ରାପ୍ତ ପ୍ରଫେସରମାନଙ୍କୁ ପୁଣି ଅତିଥି ଶିକ୍ଷକ ଭାବେ ନିଯୁକ୍ତ କରାଯିବା ପ୍ରସଙ୍ଗ ଏହା କି ନ୍ୟାୟସଂଗତ ? ଅତିଥି ଶିକ୍ଷକ ପଦବୀ ମଧ୍ୟ ଯୁବଗୋଷ୍ଠୀଙ୍କ ହାତରୁ ଛଡାଇ ନିଆଯାଉଛି। ବ୍ୟବସ୍ଥା ମନେକରୁଛି ଅନୁଭବ ଅଛି, ତେଣୁ ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକଭାବେ ନିଯୁକ୍ତି ଦେଲେ କିଛି ଭୁଲ୍ ହେବ ନାହିଁ । ପ୍ରଶ୍ନ ହେଉଛି, ଯଦି ଯୁବ ଶିକ୍ଷିତଗୋଷ୍ଠୀ ଅନୁଭବ ନ ପାଇବେ, ତେବେ ସେମାନେ କେବେ ଅନୁଭବୀ ହେବେ ?

**-ଅଜିତ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର**

## ଚିରନ୍ତନୀ

ଏ ଦେହି ମୋର ସାଜଇଁ ବସି
ତୁମରି ପ୍ରେମ ଲାଗି ଯେ
ନିଜକୁ ମୁଁ ଯେ କରଇଁ ପ୍ରେମ
ତୁମରି ଅନୁରାଗୀ ହେ ।
-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ସହାନୁଭୂତି'ର ଆୟୁଧରେ ଲଢ଼େଇ

ନୂଆପଡ଼ା,୩୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ନୂଆପଡ଼ା ଉପନିର୍ବାଚନ**

ନୂଆପଡା ଉପନିର୍ବାଚନ ଜିଣିବାକୁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଛି। ପ୍ରମୁଖ ଦଳର ପ୍ରାର୍ଥୀ ଓ ହେଭିୱେଟ ନେତାମାନେ ନୂଆପଡାର ପ୍ରତି ପଞ୍ଚାୟତ ଓ ଗାଁ ଗାଁରେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ପ୍ରାୟ ପ୍ରତିଦିନ ସକାଳୁ ନୂଆପଡା ଜିଲା ସଦର ମହକୁମା ଓ ଖରିଆର ରୋଡ୍ ଭଳି ସହରାଞ୍ଚଳର ଚା' ଖଟିରେ ନେତା, ମନ୍ତ୍ରୀମାନେ କର୍ମୀଙ୍କ ଗହଣରେ ଆଲୋଚନା କରି ନିର୍ବାଚନୀ ପରିବେଶକୁ ଉଷ୍ମ କରୁଛନ୍ତି। ହେଲେ ସେଠାକାର ଆଲୋଚନା ଓ ନିର୍ବାଚନୀ ସଭାମାନଙ୍କରୁ ଚଳିତ ଉପନିର୍ବାଚନଟି ପ୍ରସଙ୍ଗବିହୀନ ପ୍ରତୀୟମାନ ହେଉଛି। ପ୍ରାୟ ୩ ପ୍ରମୁଖ ଦଳର ପ୍ରାର୍ଥୀ ଓ ନେତାମାନେ ସେମାନଙ୍କ ଭାଷଣରେ 'ନୂଆପଡାର ବିକାଶ' ପ୍ରମୁଖ ପ୍ରସଙ୍ଗ ବୋଲି କହୁଥିଲେ ମଧ୍ୟ ପଛୁଆ ଜିଲା ନୂଆପଡାର ବିକାଶର ରୂପରେଖ ବାସ୍ତବରେ କ'ଣ ହେବ ତାହା ବ୍ୟାଖ୍ୟା କରୁନାହାନ୍ତି। ଦାଦନ ଶ୍ରମିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ନିଯୁକ୍ତି, ରୋଜଗାର ଓ ଆଦିବାସୀଙ୍କ ବିକାଶକୁ ପ୍ରାଥମିକତା ଦିଆଯିବ ବୋଲି ଉପରଠଉରିଆ ଭାବେ କହି ଦେଉଛନ୍ତି। ବାସ୍ତବରେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନିର୍ବାଚନୀ ସଭାର ଭାଷଣକୁ ବିଶ୍ଳେଷଣ କଲେ କେବଳ, 'ସହାନୁଭୂତି'କୁ ପାଥେୟ କରି ପ୍ରାର୍ଥୀମାନେ ନିର୍ବାଚନୀ ବୈତରଣୀ ପାରି ହେବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ଦିବଂଗତ ପିତା ରାଜେନ୍ଦ୍ର ଢୋଲକିଆଙ୍କ ଲୋକପ୍ରିୟତା, ସେବାକାର୍ଯ୍ୟ ତଥା ଭାଜପାର ଡବଲ ଇଞ୍ଜିନ ସରକାରଙ୍କ ବିକାଶ କଥା କହି ଭୋଟ ଭିକ୍ଷା କରୁଛନ୍ତି। ରାଜେନ୍ଦ୍ର କିଭଳି ନୂଆପଡାର ସାଧାରଣ ଲୋକଙ୍କ ସୁଖଦୁଃଖରେ ସହଭାଗୀ ହେଉଥିଲେ, କିଭଳି ଲୋକଙ୍କ ସାଧାରଣ ବିବାହ, ବ୍ରତ, ଶ୍ରାଦ୍ଧ କାର୍ଯ୍ୟରେ ଯୋଡି ହେଉଥିଲେ, କେହି ରୋଗରେ ପଡିଲେ କିମ୍ୱା କାହାର ଶିକ୍ଷା ଅଟକିଲେ ସହାୟତା ଯୋଗାଇ ଦେଉଥିଲେ ସେ କଥା କହି ସହାନୁଭୂତିର ବାତାବାରଣ ସୃଷ୍ଟି କରି ଭୋଟ ହାତେଇବାକୁ ଚେଷ୍ଟା କରୁଛନ୍ତି। ଜୟ ଢୋଲକିଆ କି ଭାଜପା ନେତାମାନଙ୍କ ପାଖରେ ନୂଆପଡା ଠୋସ୍ ବିକାଶ ପାଇଁ କିଛି ଯୋଜନା ଥିବା ଭଳି ଲୋକେ ଜାଣିପାରୁନାହାନ୍ତି।

ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନିର୍ବାଚନୀ ସଭାଗୁଡିକରେ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ, ରାଜେନ୍ଦ୍ର ଢୋଲକିଆଙ୍କ ନାମୋଚ୍ଚାରଣ ଏବଂ ନିଜକୁ ନୂଆପଡାର ଭାଣିଜୀ କହି ସହାନୁଭୂତି ଗୋଟାଇବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ପାଖରେ କିମ୍ୱା ବିଜେଡିର ନେତାମାନଙ୍କ ପାଖରେ ବି ନୂଆପଡା ବିକାଶର କିଛିବି ରୂପରେଖ ଥିବା ଭଳି ଜଣାପଡୁନାହିଁ। ସବୁଠୁ ବଡ କଥା ହେଲା ସ୍ନେହାଙ୍ଗିନୀ ବିଜେଡି ସରକାରରେ ମନ୍ତ୍ରୀ ଥିଲାବେଳେ ତାଙ୍କ ମାମୁଘର ନୂଆପଡା ବୋଲି କେବେ ମନେ ପକାଇଥିବା ନୂଆପଡାର ଲୋକେ ସ୍ମରଣ କରିପାରୁନାହାନ୍ତି। ହଠାତ୍ ତାଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା ହେବା ପରେ ସେ ମାମୁଘର କଥା ଉଠାଇ ସହାନୁଭୂତିରେ ଭୋଟ ସାଉଁଟିବାକୁ ଚେଷ୍ଟା କରୁଥିବା ଆଲୋଚନା ହେଉଛି। ବିଶେଷକରି ନିର୍ବାଚନୀ ସଭାରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ତାଙ୍କୁ କଡା ସମାଲୋଚନା କରୁଛନ୍ତି। ସ୍ନେହାଙ୍ଗିନୀ ନୂଆପଡାରୁ କେବେ ବି ପ୍ରାର୍ଥୀ ଆଶାୟୀ ନ ଥିଲେ। ଜୟ ଢ଼ୋଲକିଆଙ୍କୁ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ଅଡୁଆରେ ପଡି ବିଜେଡି ତାଙ୍କୁ ପ୍ରାର୍ଥୀ କରିଛି। ଏହାଛଡା ତାଙ୍କ ପାଖରେ ମଧ୍ୟ ନୂଆପଡାର ବିକାଶ ପ୍ରସଙ୍ଗରେ କିଛି ମଧ୍ୟ ପ୍ରସ୍ତାବ ନ ଥିବା ଲୋକେ ଆଲୋଚନା କରୁଛନ୍ତି।

କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ତାଙ୍କର ଅନ୍ୟ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ନୂଆପଡାରେ ଜଣେ ଜଣାଶୁଣା ନେତା ଓ ସଙ୍ଗଠକ ଭାବେ ପରିଚିତ ଥିଲେ ମଧ୍ୟ ସେ କେବଳ ଆଦିବାସୀ କାର୍ଡରେ ସୀମିତ ରହିଥିବା ଆଲୋଚନାର ବିଷୟ ହୋଇଛି। ନୂଆପଡାର ବିକାଶ ପ୍ରସଙ୍ଗକୁ ପାଥେୟ କରି ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ୍ୟ ବିକାଶ ପ୍ରସଙ୍ଗରେ ତାଙ୍କୁ ଭୋଟ ମିଳି ନ ଥିଲା, ବରଂ ଆଦିବାସୀ କାର୍ଡରେ ଏବଂ କଂଗ୍ରେସର ଛଳନାକୁ ନେଇ ତାଙ୍କୁ ୨୦୨୪ରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିବା ଚର୍ଚ୍ଚା ହେଉଛି। ଏଥର କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ଅଧିକ ଭୋଟରଙ୍କ ସମର୍ଥନ ମିଳିବ ବୋଲି ଆଶା ରଖିଛନ୍ତି। ଏଭଳି ସ୍ଥିତିରେ ନିଜ ଶୈଳୀରେ 'ସହାନୁଭୂତି'କୁ ପାଥେୟ କରି ୩ ପ୍ରମୁଖ ଦଳ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଥିବା ଲକ୍ଷ୍ୟ କରାଯାଉଛି।

## ଆରମ୍ଭ ହେଲା ହୋମ୍ ଭୋଟିଂ



ହୋମ୍ ଭୋଟିଂ ପାଇଁ ଜଣଙ୍କ ଘରେ ପହଞ୍ଚିଥିବା ଟିମ୍।

ନୂଆପଡ଼ା,୩୦।୧୦(ପୀତାମ୍ବର ସାହୁ)

**୨୫୧ ମତଦାତା ଘରେ ଦେବେ ଭୋଟ**

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଗୁରୁବାରଠାରୁ ହୋମ୍ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ୧୫ଟି ପୋଲିଂ ଦଳ ନିଯୁକ୍ତ ହୋଇଛନ୍ତି। ପ୍ରତି ଦଳରେ ୨ଜଣ ପୋଲିଂ ଅଫିସର, ଜଣେ ମାଇକ୍ରୋ ନିରୀକ୍ଷକ, ଜଣେ ସୁରକ୍ଷା ଅଧିକାରୀ ଓ ଜଣେ ଭିଡିଓଗ୍ରାଫର ରହିଛନ୍ତି। ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ମତଦାତା ୨୫୧ଜଣ ଏହି ପ୍ରକ୍ରିୟାରେ ନିଜ ଘରେ ଥାଇ ଗୋପନୀୟ ଭାବରେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବେ। ୩୦ ଅକ୍ଟୋବରରୁ ୨ ନଭେମ୍ବର ଭିତରେ ଏହି ହୋମ୍ ଭୋଟିଂ ହେବ। ସ୍ୱଚ୍ଛତା ପାଇଁ ଏହି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ବୋଲି ରିଟର୍ନିଂ ଅଫିସର ସୁର୍ମି ସୋରେନ ପ୍ରକାଶ କରିଛନ୍ତି। ଏହି ସୁବିଧାରୁ କେହି ଜଣେ ବି ଯୋଗ୍ୟ ମତଦାତା ଯେମିତି ବଞ୍ଚିତ ନ ହୁଅନ୍ତି ତାକୁ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ମଧୁସୂଦନ ଦାଶ ନିୟୋଜିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାଜପାର ପ୍ରତିଶ୍ରୁତି ପାଣିର ଗାର: ନିରଞ୍ଜନ ବିଶି

ନୂଆପଡ଼ା,୩୦।୧୦(ମକାରୁ ବେମାଲ)

ଭାଜପା ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ବୋଲି ନୂଆପଡ଼ା ବ୍ଲକ୍ ଖୋଗସା ଆଦିବାସୀ ଭବନରେ ଗୁରୁବାର ଆୟୋଜିତ ମହିଳା ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି କହିଛନ୍ତି। ସେ ଆହୁରି କହିଛନ୍ତି, କେବଳ ଭାଷଣ ଆଶ୍ୱାସନା ମହିଳାଙ୍କୁ ନିରାଶ କରିଛି ବୋଲି ସେ କହିଥିଲେ। ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ଭାଜପା ଦେଇଥିବା ବହୁ ପ୍ରତିଶ୍ରୁତି ପୂରଣ ହୋଇନାହିଁ। ମହିଳା, ଯୁବକ, ଚାଷୀ, ଆଦିବାସୀ, ଅନୁସୂଚିତ ଜାତିଙ୍କ ପ୍ରତି ବିଶ୍ୱାସଘାତକ କରାଯାଇଛି ବୋଲି ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଥିଲେ। ସମ୍ମିଳନୀରେ ଯୋଗଦେଇଥିବା ୨ ହଜାରରୁ ଊର୍ଦ୍ଧ୍ୱ ମହିଳା ବିଜେଡିର ବିଜୟକୁ ସ୍ପଷ୍ଟ ପ୍ରମାଣ କରିଛି ବୋଲି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଯୁବ ଛାତ୍ର ନେତା ଇପ୍ସିତା ସାହୁ ଓ ଚିନ୍ମୟ ସାହୁ ଉପସ୍ଥିତ ଥିଲେ। ଶେଷରେ ତେଜରାଜ ଶବର ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାରରେ ସାମିଲ ହୋଇଥିବା ନେତାମାନେ।

## କଂଗ୍ରେସ ପ୍ରାର୍ଥୀଙ୍କ ମାରାଥନ୍ ପ୍ରଚାର

ନୂଆପଡ଼ା,୩୦।୧୦(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ଜିଲା ପରିଷଦ ଜୋନ୍ ୧ର ବିଭିନ୍ନ ଗାଁରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ହେଭିୱେଟ ନେତାମାନଙ୍କ ସହ ମାରାଥନ ପ୍ରଚାର କରିଛନ୍ତି। ଅଗ୍ରେନ, ଗୋଇଜର, ରଘୁପାଲି, ଉଲଭା, ସୋଲବନ୍ଧ, ସନବାହାଲି, ରଜନା, ବେଲଗାଁ, ମାଠିଆପଦର, କାଳିମାଟି, ଢୋର୍ଲାମୁଣ୍ଡା, ଛତା, ଦେଓଦରହା, ଧଅରାଭଟା ଆଦି ଗ୍ରାମରେ ଦଳୀୟ ନେତା ପ୍ରଚାରକରି ପ୍ରାର୍ଥୀ ମାଝିଙ୍କ ସପକ୍ଷରେ ମତଦାନ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଏହି ସମୟରେ ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, କୋରାପୁଟ ବିଧାୟକ ରାମଚନ୍ଦ୍ର କାଡ଼ାମ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ବରିଷ୍ଠ ନେତା କମଳ ଚରଣ ତାଣ୍ଡି, ଜିଲା କଂଗ୍ରେସ ମିଡିଆ ସେଲ୍ ସଂଯୋଜକ ସୁଧୀର ମିଶ୍ର, ଷ୍ଟାର ପ୍ରଚାରକ ଅନିତା ବିଶ୍ୱାଳ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସିଦ୍ଧେଶ୍ୱରୀ ଠାକୁର, ସରୋଜିନୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଚାର କାର୍ଯ୍ୟରେ ସାମିଲ ନେତାମାନେ।

## ସ୍ନେହାଙ୍ଗିନୀଙ୍କ ପାଇଁ ଭୋଟଭିକ୍ଷା କରୁଛନ୍ତି ହେଭିୱେଟ ନେତା

ନୂଆପଡ଼ା,୩୦।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନରେ ହେଭିୱେଟ ନେତାମାନେ ଘର ଘର ବୁଲି ଭୋଟ ଭିକ୍ଷା କରୁଥିବା ବେଳେ ପ୍ରାର୍ଥୀମାନେ ନିଜ ସମର୍ଥକ ଓ କର୍ମୀଙ୍କୁ ଧରି ନିର୍ବାଚନୀ ମଇଦାନରେ ପ୍ରଚାର ଚଳାଇଛନ୍ତି । ଗୁରୁବାର ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡା ସଦର ବ୍ଲକର ବିଭିନ୍ନ ଗାଁରେ ପ୍ରଚାର କରିଥିଲେ। ଏହି ସମୟରେ ଭୋଟରଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, ୨୫ ବର୍ଷର ନବୀନ ସରକାର ନୂଆପଡା ଜିଲା ଗଠନ କରିଥିଲେ । ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ବିଜେଡିରେ ଥାଇ ନୂଆପଡାର ବିକାଶ କରିଥିଲେ। ନୂଆପଡା ମାଟି, ପାଣି, ପବନରେ ମୁଁଇ ବଢିଛି, ଖେଳିଛି, ଇମାଟି ଝିଅକୁ ଥରେ ସୁଯୋଗ ଦିଅନ୍ତୁ ବୋଲି ଛୁରିଆ କହିଥିଲେ । ତାଙ୍କ ସହିତ ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ, ଭାନୁ ପ୍ରତାପ ସିଂ ମାଝି, ନବରଙ୍ଗପୁର ପୂର୍ବତନ ଏମ୍ପି ରମେଶ ମାଝି, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ରିତା ସାହୁ, ନୟାଗଡ ବିଧାୟକ ଅରୁଣ ସାହୁ ପ୍ରମୁଖ ଛୁରିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

## ଉପନିର୍ବାଚନ ସ୍ଥିତିର ସମୀକ୍ଷାକଲେ ବଂଶଲ



ବୈଠକରେ ଯୋଗଦେଇଥିବା ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା।

ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ଦିନକୁ ଦିନ ରାଜନୀତିକ ଉଷ୍ମତା ବଢ଼ିବାରେ ଲାଗିଛି। ଏହି ମର୍ମରେ ଗୁରୁବାର ନୂଆପଡ଼ାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟଠାରେ ଦଳର ଏକ ପ୍ରମୁଖ କାର୍ଯ୍ୟକର୍ତ୍ତାମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଦଳର ସବୁ ଶୀର୍ଷ ନେତା ଉପସ୍ଥିତ ରହିଥିଲେ। ମିଳିଥିବା ସୂଚନା ମୁତାବକ, ନୂଆପଡ଼ାରେ ବିଜେଡିର ସ୍ଥିତି ପୂର୍ବାପେକ୍ଷା ସାମାନ୍ୟ ଭଲ ହୋଇଥିବା ଖବର ଆସିବା ପରେ ବଂଶଲ ସେଠାରେ ପହଞ୍ଚିଛନ୍ତି। ଉପନିର୍ବାଚନରେ ଦଳର ବାସ୍ତବ ସ୍ଥିତି ଏବଂ ଭୋଟରଙ୍କ ମୁଡ୍ ପ୍ରକୃତରେ କିପରି ରହିଛି ତା'ର ସମୀକ୍ଷା କରିଛନ୍ତି।

ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ବିଷ୍ଣୁ ଦାସ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଉପନିର୍ବାଚନ ନେଇ ଦଳ କିପରି ପ୍ରଚାର କରୁଛି ସ୍ଥିତି ଆହୁରି ଅଧିକ କେମିତି ସୁଦୃଢ଼ କରାଯାଇପାରିବ ଏବଂ ଭଲ ଭୋଟ୍ ବ୍ୟବଧାନରେ ଦଳ କେମିତି ବିଜୟୀ ହେବ ତାକୁ ନେଇ ବଂଶଲ ତନ୍ନ ତନ୍ନ କରି ରିପୋର୍ଟ ନେବା ସହ ସେଠାରେ ଉପସ୍ଥିତ ନେତା ଓ କାର୍ଯ୍ୟକର୍ତ୍ତାମାନଙ୍କୁ ଗୁରୁମନ୍ତ୍ର ଦେଇଥିବା ଜଣାପଡିଛି।

## ବିଜେଡିର ବିଜୟ ସୁନିଶ୍ଚିତ: ଅରୁଣ ସାହୁ

ନୂଆପଡ଼ା,୩୦।୧୦ (ମକାରୁ ବେମାଲ)



ଅରୁଣ ସାହୁ

ନୂଆପଡ଼ା ଉପନିର୍ବାଚନରେ ବିଜୁ ଜନତା ଦଳର ବିଜୟ ସୁନିଶ୍ଚିତ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ବିଜେଡି ଉପସଭାପତି ତଥା ବିଧାୟକ ଅରୁଣ ସାହୁ। ସେ କହିଥିଲେ, ଗତ ୨୫ ବର୍ଷରେ ହୋଇଥିବା ଉପନିର୍ବାଚନରେ ୯୦ ପ୍ରତିଶତ ସଫଳତା ପାଇବାରେ ବିଜୁ ଜନତା ଦଳର ରେକର୍ଡ ରହିଛି। ନୂଆପଡ଼ା ଉପନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ପ୍ରଚାରରେ ଭାଜପା ନେତାମାନେ ନିର୍ବାଚନ ମୈଦାନକୁ ନ ଆସି ବହୁତ କଥା କହୁଥିଲେ। କିନ୍ତୁ ବର୍ତ୍ତମାନ ନୂଆପଡାବାସୀ କହୁଛନ୍ତି ବିଜେଡିର ବିଜୟ ସୁନିଶ୍ଚିତ। ବିଜୁ ଜନତା ଦଳ ପ୍ରଚାର ପ୍ରସାରରେ ବହୁତ ଆଗରେ ରହିଛି। ବର୍ତ୍ତମାନ ନୂଆପଡାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି, ଏନ୍ଏସି, ପଞ୍ଚାୟତ, ଗାଁ, ଗଳିକନ୍ଦିରେ ବିଜେଡି ନେତା, କର୍ମୀ ଓ ଶୁଭେଚ୍ଛୁମାନେ ଦଳ ପାଇଁ ଜୋରଦାର ପ୍ରଚାର କରୁଛନ୍ତି। ବିଫଳତାର ସବୁ ରେକର୍ଡ ଭାଙ୍ଗୁଛି ଭାଜପା ସରକାର। ୫୦୦ ଦିନ ହେଲା ଡବଲ ଇଞ୍ଜିନ ସରକାର ନୂଆପଡ଼ାରେ ମାଟି ଗାଣ୍ଡୁଏ ମଧ୍ୟ ପକେଇ ନାହିଁ। ସାଧାରଣ ନିର୍ବାଚନ ପୂର୍ବରୁ ମାଳ ମାଳ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କୌଣସି ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ସେହିଭଳି ଉପନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ନେତାମାନେ ନୂଆପଡା ପାଇଁ ବହୁ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ଉପନିର୍ବାଚନରେ ନୂଆପଡାବାସୀ ବିଜୁ ଜନତା ଦଳକୁ ବିପୁଳ ଭୋଟ ଦେଇ ସମଗ୍ର ଓଡିଶାକୁ ସଂକେତ ଦେବେ ଯେ, ଭାଜପା ସରକାର ସମସ୍ତ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆଗାମୀ ଦିନରେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ଗଢିବା ସହ ରାଜ୍ୟରେ ପୁଣି ଥରେ ସୁଶାସନ ଫେରି ଆସିବ। ଖାଲି ବାହାସ୍ଫୋଟ ମାରି କଥା କହିବାରେ ସୀମିତ ଭାଜପା ସରକାର। ସାଧାରଣ ଲୋକଙ୍କ ସାମଗ୍ରିକ ବିକାଶ ପ୍ରତି ସେମାନଙ୍କ ନିଘା ନାହିଁ। ପରିଣାମ ସ୍ୱରୂପ ରାଜ୍ୟରେ ଦୁର୍ନୀତି, ବଳାତ୍କାର ଓ ଅପରାଧ ବଢିବାରେ ଲାଗିଛି। ତେଣୁ ଏହି ବିଫଳ ସରକାରଙ୍କୁ ଜବାବ ଦେବା ପାଇଁ ନୂଆପଡା ଉପନିର୍ବାଚନ ହେଉଛି ଉପଯୁକ୍ତ ସମୟ ବୋଲି ସାହୁ ଏକ ପ୍ରେସ ବାର୍ତ୍ତାରେ କହିଛନ୍ତି।

## ନାଚଗୀତରେ ଜମୁଛି ପ୍ରଚାର ମଇଦାନ

ନୂଆପଡ଼ା,୩୦।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନରେ ଭୋଟ ହାତେଇବା ପାଇଁ ବିଭିନ୍ନ ଦଳ ପକ୍ଷରୁ ଅଭିନବ ଉପାୟରେ ଭୋଟଙ୍କେ ଆକୃଷ୍ଟ କରାଯାଉଛି। କେହି କୋମଳମତି ଛୁଆଙ୍କୁ ଧରି ସ୍ନେହ ଶ୍ରଦ୍ଧା କରୁଛନ୍ତି ତ ଅନ୍ୟ କିଏ ନାଚଗୀତ ମାଧ୍ୟମରେ ଲୋକଙ୍କୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ଗୁରୁବାର ଅପରାହ୍ନରେ କୋମନା ବ୍ଲକର ଲଖନାଠାରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପ୍ରଚାର ସମୟରେ ଏଭଳି ଦେଖିବାକୁ ମିଳିଥିଲା। ସମ୍ବଲପୁରୀ ଗୀତରେ ଯୁବତୀଯୁବକ ନୃତ୍ୟ କରି ଲୋକଙ୍କ ମନ ମୋହିଥିଲେ। ଏହି ପ୍ରଚାର ସମୟରେ ତରଭା ମହିଳା ମୋର୍ଚ୍ଚା ସଭାନେତ୍ରୀ ରସ୍ମିତା ଷଡଙ୍ଗୀ, ସମ୍ବଲପୁର ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ କୁମାର ମାଝି, ଅଜୟ ଗହିର, ରଫିକ ମହମ୍ମଦ, କୁଶ ଜୈନ, ସବିର ହୁସେନ, ବୁଲୁ ପଣ୍ଡା, ରାଜ ନାରାୟଣ ସାହୁ, ଛବି ବରିହା, ଗୋଲାପ ଚନ୍ଦ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁରୀ ଗୀତରେ ନୃତ୍ୟ ପରିବେଷଣ।

## ଭାଜପାର 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମ

ନୂଆପଡ଼ା,୩୦।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ଗୁରୁବାର ସକାଳେ ନୂଆପଡ଼ା ଏନ୍ଏସିର ଏକତା ଛକରେ ଭାଜପା ପକ୍ଷରୁ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସାମିଲହୋଇ ସ୍ଥାନୀୟ ବାସିନ୍ଦାଙ୍କ ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଏହି ସମୟରେ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବାଟମାରଣା ରୋକିବା ପାଇଁ ଡିବିଟି ମାଧ୍ୟମରେ ହିତାଧିକାରୀଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ମୋଦି ସରକାରଙ୍କ ଏକ ବଡ ଉପଲବ୍ଧି ବୋଲି ଲୋକଙ୍କଠାରୁ ଶୁଣିବାକୁ ମିଳିଥିଲା। ୧୬ ମାସର ମୋହନ ମାଝୀଙ୍କ ସରକାର ଯେଉଁ ଜନହିତକର ଯୋଜନା ହାତକୁ ନେଇଛନ୍ତି ତାହା ଧୀରେ ଧୀରେ ଲୋକାଲୋଚନକୁ ଆସିଲାଣି ବୋଲି କୁହାକୁହି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ବିଧାୟକ ବାବୁ ସିଂ, ପୂର୍ବତନ ସାଂସଦ ପ୍ରଭାସ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।



ଚା' ଖଟିରେ ଚର୍ଚ୍ଚା ଚାଲିଛି।

## ବିବିଧ କାର୍ଯ୍ୟକ୍ରମରେ ଭାଜପାର ଭୋଟ ଭିକ୍ଷା

ନୂଆପଡ଼ା,୩୦।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନକୁ ନେଇ ବିବିଧ କାର୍ଯ୍ୟକ୍ରମ ଜରିଆରେ ଭୋଟ ଭିକ୍ଷା କରୁଛନ୍ତି ଭାଜପାର ମନ୍ତ୍ରୀ, ସାଂସଦ ଓ ବିଧାୟକ। ଏହି କ୍ରମରେ ବୁଧବାର ନୂଆପଡ଼ା ଜିଲା କୋମନା ବ୍ଲକ୍ ସୁନାବେଢ଼ା ପଞ୍ଚାୟତର ମା' ସୁନାଦେଇ ମନ୍ଦିର ପରିସରରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ସୁନାବେଢ଼ା ପଞ୍ଚାୟତର ଗୁରୁଜନ ଓ ମା'ମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାର୍ତ୍ତାଳାପ କରିଥିଲେ। ନୂଆପଡ଼ାର ବିକାଶ ପାଇଁ ନୂଆପଡ଼ା ମାଟିର ପୁଅ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ବିଜୟୀ କରାଇବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ପଦଯାତ୍ରା କରି ଆପଣଙ୍କ ବିଧାୟକ ଭାବେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଜିତାଇ ଆଣନ୍ତୁ ବୋଲି ଭୋଟରଙ୍କୁ ନିବେଦନ କରିଥିଲେ। ନୂଆପଡ଼ା ନିର୍ବାଚନମଣ୍ଡଳୀର କୋମନା ବ୍ଲକ୍ ଅନ୍ତର୍ଗତ କୁରୁମପୁରୀ ପଞ୍ଚାୟତରେ ମନ୍ତ୍ରୀ ନାଏକ ପଦଯାତ୍ରାକରି ଭୋଟରମାନଙ୍କୁ ଏହି ନିବେଦନ କରିଛନ୍ତି। ଏହି ଅବସରରେ ବିଧାୟକ ଗୌରୀଶଙ୍କର ମାଝୀ ଏବଂ ସ୍ଥାନୀୟ ନେତାମାନେ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ କୋମନା ବ୍ଲକର ଗଣ୍ଡାମେର ପଞ୍ଚାୟତ ତଥା ଭାଜପା ବଞ୍ଜାରି ମଣ୍ଡଳରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳର ବହୁ ନେତା ଓ କର୍ମୀ ଦଳରେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତଙ୍କୁ ଦଳକୁ ସ୍ୱାଗତ କରିଥିଲେ।



ଗୁରୁଜନ ଓ ମା'ମାନଙ୍କ ସହ ଆଲୋଚନା କରୁଛନ୍ତି ମନ୍ତ୍ରୀ ସମ୍ପଦ ସ୍ୱାଇଁ।

**ପଦଯାତ୍ରା କରି ମନ୍ତ୍ରୀଙ୍କ ପ୍ରଚାର**




# ଶିଶୁପୁତ୍ରକୁ ସାକ୍ଷାତ କରିପାରିବେ ବାପା, ଜେଜେ: ହାଇକୋର୍ଟ

**କଟକ,୩୦।୧୦(କାର୍ତ୍ତିକ ସାହୁ)**

ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ମାମଲା ଅଦାଲତରେ ବିଚାରାଧୀନ ଥିବାବେଳେ ସ୍ତ୍ରୀଙ୍କ ନିକଟରେ ରହୁଥିବା ନାବାଳକ ସନ୍ତାନଙ୍କୁ ବାପା, ଜେଜେମା’ଜେଜେବାପା ସାକ୍ଷାତ କରିପାରିବେ। ଜନ୍ମଦିନରେ ବା ଅନ୍ୟ ସାକ୍ଷାତ୍ ସମୟରେ ଉପହାର ବି ଦେଇପାରିବେ। ଭିଡିଓ କଲ୍‌ରେ କଥା ମଧ୍ୟ ହୋଇପାରିବେ। ଶିଶୁର କଲ୍ୟାଣ ଦୃଷ୍ଟିରୁ ବାପା ଓ ଜେଜେବାପାଙ୍କ ଉପସ୍ଥିତି ଆବଶ୍ୟକ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୈବାହିକ ବିବାଦ ଲାଗିଥିବା ବେଳେ ସନ୍ତାନଙ୍କୁ ସାକ୍ଷାତ ପାଇଁ କେହି ବାରଣ କରିପାରିବେ ନାହିଁ। ବୈବାହିକ ବିବାଦ ଏଥିରେ ବାଧକ ସାଜିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ସ୍ପଷ୍ଟ କରିଛନ୍ତି। କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ରାୟଗୁରୁ ହାଇକୋର୍ଟରେ କରିଥିବା ଆବେଦନର ବିଚାର କରି ବିଚାରପତି ଏସ୍. କେ. ମିଶ୍ର ଏପରି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ,

**ଛାଡ଼ପତ୍ର ମାମଲା ସାଜିବନି ବାଧକ**

ଆବେଦନକାରୀ ସୌରଭଙ୍କ ସ୍ତ୍ରୀ ପାରିବାରିକ ବିବାଦରୁ ତାଙ୍କ ଶାଶୁଘରୁ ଯାଇ ବାପ ଘରେ ରହୁଛନ୍ତି। ତାଙ୍କ ନିକଟରେ ଦୁଇ ବର୍ଷର ନାବାଳକ ପୁତ୍ର ରହୁଛି। ସୌରଭ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପରିବାର ଅଦାଲତରେ ଛାଡ଼ପତ୍ର ମାମଲା ସମେତ ଅନେକଗୁଡ଼ିଏ ମାମଲା ଅଦାଲତରେ ବିଚାରାଧୀନ ରହିଛି। ତେବେ ଶିଶୁପୁତ୍ରକୁ ସାକ୍ଷାତ୍ କରିବା ପାଇଁ ସୌରଭ ପରିବାର ଅଦାଲତରେ କରିଥିବା ଆବେଦନକୁ ଗତ ମାର୍ଚ୍ଚ ୨୦ତାରିଖରେ ଅଦାଲତ ଖାରଜ କରିଦେଇଥିଲେ। ପରିବାର ଅଦାଲତଙ୍କ ରାୟ ବିରୋଧରେ ସୌରଭ ହାଇକୋର୍ଟରେ କରିଥିବା ଆବେଦନର ଶୁଣାଣି ଗତ ୧୫ ତାରିଖରେ ଶେଷ ହୋଇଥିବାବେଳେ ୨୮ ତାରିଖରେ ରାୟ ପ୍ରକାଶ ପାଇଛି। ହାଇକୋର୍ଟ ଉକ୍ତ ରାୟରେ ଦର୍ଶାଇଛନ୍ତି ଯେ, ସୌରଭ ତାଙ୍କ ମାତାପିତାଙ୍କ ସହିତ ମାସରେ ୨ଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ମହିଳା ମଧ୍ୟସ୍ଥଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ତାଙ୍କ ଶିଶୁପୁତ୍ରକୁ ସାକ୍ଷାତ୍ କରିପାରିବେ। ଏଥିସହ ସୌରଭ ତାଙ୍କ ମାତାପିତାଙ୍କ ସହିତ ପ୍ରତି ୨ୟ ଓ ୪ର୍ଥ ଶନିବାର ଓ ରବିବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ହ୍ୱାଟ୍ସଆପ୍ ଭିଡିଓ କଲିଂ କରିପାରିବେ। ଭିଡିଓ କଲିଂ କରିବା ପାଇଁ ସୌରଭ ତାଙ୍କ ସ୍ତ୍ରୀଙ୍କୁ ଏକ ଆଣ୍ଡ୍ରଏଡ୍ ମୋବାଇଲ ସିମ୍ କାର୍ଡ ସହିତ ଦେବେ। ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ୍ ବେଳେ ପିତା ଓ ଜେଜେ, ଜେଜେମା’ ତାଙ୍କ ନାତିକୁ ଉପହାର ମଧ୍ୟ ଦେଇପାରିବେ। ଏହି ଦିନ ବ୍ୟତୀତ ସେମାନେ ମଧ୍ୟ ନାତି ଜନ୍ମଦିନରେ ତାକୁ ସାକ୍ଷାତ କରିପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ଓ ପ୍ରତିପକ୍ଷରୁ ଆଇନଜୀବୀ ଏସ୍. କେ. ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

# ୪ ମେମୁ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)**

ଦକ୍ଷିଣ -ପୂର୍ବ ରେଳପଥର ଖଡ଼ଗପୁର ମଣ୍ଡଳ ଅନ୍ତର୍ଗତ ଅମର୍ଦ୍ଧା ରୋଡ ରେଳ ଷ୍ଟେଶନର ୟାର୍ଡ ପୁନଃମଡେଲିଂ କାର୍ଯ୍ୟ ହେତୁ ୪ଟି ମେମୁ ଟ୍ରେନ୍ ନଭେମ୍ବର ୨ତାରିଖରେ ବାତିଲ ରହିବ। ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୬୮୦୪୯ ଖଡ଼ଗପୁର-ଭଦ୍ରକ ମେମୁ, ୬୮୦୫୦ ଭଦ୍ରକ-ଖଡ଼ଗପୁର ମେମୁ, ୬୮୦୫୨ ଭଦ୍ରକ-ବାଲେଶ୍ୱର ମେମୁ ଓ ୬୮୦୫୧ ବାଲେଶ୍ୱର-ଭଦ୍ରକ ମେମୁ ରହିଛି।

# ନିଶାମୁକ୍ତ ହେବ ଶିକ୍ଷାନୁଷ୍ଠାନ କ୍ୟାମ୍ପସ

**ଭୁବନେଶ୍ୱର, ୨୫।୧୦ (ସୁଚିସ୍ମିତା ସାହୁ)**

**ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହେବେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର**

ଶିକ୍ଷାନୁଷ୍ଠାନ କ୍ୟାମ୍ପସଗୁଡିକୁ ନିଶାମୁକ୍ତ କରାଯିବ। ପିଲାମାନେ ଶୈକ୍ଷିକ ବାତାବାରଣରେ ପାଠପଢ଼ିବେ। ପିଲାମାନେ ନିଶାଠାରୁ ଦୂରେଇ ରହି ଯେପରି ପାଠପଢ଼ା ପ୍ରତି ଆଗ୍ରହ ବଢ଼ାଇବେ ସେଥିପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏନେଇ ପ୍ରତି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ କରାଯିବ। ଏନେଇ ଜଣେ ଲେଖାଏ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। କ୍ୟାମ୍ପସକୁ ନିଶାମୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ବିଶେଷକରି ଛାତ୍ରୀଛାତ୍ରଙ୍କ ମନରେ ନିଶାମୁକ୍ତ ପରିବେଶ ପ୍ରତି ସଚେତନତା ସୃଷ୍ଟିକରିବା ସହ ନିଜ ଲୁକ୍କାୟିତ ପ୍ରତିଭା ଯଥା ଖେଳ, ଯୋଗ ଭଳି ବିଭିନ୍ନ କାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। କ୍ୟାମ୍ପସଗୁଡିକରେ ସିସିଟିଭି ଲଗାଇ ନିୟମିତ ଭାବେ ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି ୟୁଜିସି ମାର୍ଗଦର୍ଶିକାରେ କୁହାଯାଇଛି। ସେହି ଆଧାରରେ ରାଜ୍ୟ ସରକାର ସପ୍ତାହବ୍ୟାପୀ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ଆଲୋଚନା ସହ ଯୋଗ, ଶାରୀରିକ ଦକ୍ଷତା ଏଂ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବେ। ଏନେଇ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜଣେ ଅଧିକାରୀ ନିଯୁକ୍ତ ହେବେ। ସେ ସେହି କଲେଜ କିମ୍ବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହୋଇଥିବେ। ବିଶେଷକରି ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଏମ୍‌ସିସି ଉଲ୍ଲଂଘନ: ଓଆଇଏସ୍ ତନୁଜା ନିଲମ୍ବିତ

**ଭୁବନେଶ୍ୱର,୩୦।୧୦ (ରବିନାରାୟଣ ଜେନା)**

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି(ଏମ୍‌ସିସି) ଉଲ୍ଲଂଘନ ନେଇ ଓଆଇଏସ୍-୨ ତନୁଜା ମହାନ୍ତିଙ୍କୁ ସରକାର ନିଲମ୍ବନ କରିଛନ୍ତି। ଗୁରୁବାର ଏସଂକ୍ରାନ୍ତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଆଦର୍ଶ ଆଚରଣବିଧି ଉଲ୍ଲଂଘନକୁ ନେଇ ତନୁଜା ମହାନ୍ତିଙ୍କୁ ନିଲମ୍ବନ କରାଯାଉଛି। ନିଲମ୍ବନ ଅବଧି ମଧ୍ୟରେ ଭୁବନେଶ୍ୱର ମୁଖ୍ୟାଳୟ ଛାଡ଼ି, ବିନା ଅନୁମତିରେ ସେ ଅନ୍ୟତ୍ର ଯାଇପାରିବେ ନାହିଁ। ସୂଚନାଯୋଗ୍ୟ, ତନୁଜା ଏକ ରାଜନୈତିକ ଦଳର ପ୍ରଚାର ଓ ପ୍ରସାର କରୁଥିବା ନେଇ ବିରୋଧୀଦଳ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

# ଜେଲ ଜଗିବେ ହୋମ୍‌ଗାର୍ଡ

**ଭୁବନେଶ୍ୱର,୩୦।୧୦ (ସତ୍ୟଜିତ ରାଉତ)**

**ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଲେ ଜେଲ ଡିଜି**

ରାଜ୍ୟରେ ଥିବା ଜେଲଗୁଡିକର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବାକୁ ସେଠାରେ ହୋମ୍‌ଗାର୍ଡ (ଗୃହରକ୍ଷୀ)ମାନେ ନିୟୋଜିତ ହେବେ। ଜେଲଗୁଡ଼ିକରେ ଏବେ ପର୍ଯ୍ୟାପ୍ତ ୱାର୍ଡର ନ ଥିବାରୁ ଜେଲ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଜେଲ ଡିଜି ସୁଶାନ୍ତ କୁମାର ନାଥ ସମସ୍ତ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ଜେଲରେ ଖାଲି ଥିବା ୱାର୍ଡର ପଦବୀ ପୂରଣ ହେବା ପର୍ଯ୍ୟନ୍ତ ହୋମ୍‌ଗାର୍ଡମାନେ ଅସ୍ଥାୟୀ ଭାବେ ପ୍ରାୟ ବର୍ଷେ ଯାଏ ଡ୍ୟୁଟି କରିବେ। ଆବଶ୍ୟକ ପଡ଼ିଲେ ୱାର୍ଡରଙ୍କ ନିୟମିତ ନିଯୁକ୍ତି ହେବା ଯାଏ ମଧ୍ୟ ସେମାନେ କାର୍ଯ୍ୟ କରିବେ। ସୂଚନା ଅନୁଯାୟୀ, ରାଜ୍ୟର ୮୭ଟି ଜେଲରେ ୨୪ ହଜାର ୧୯୬ କଏଦୀ ରହିପାରିବାର କ୍ଷମତା ରହିଥିବାବେଳେ ଏବେ ୧୭ ହଜାର ୩୦୦ କଏଦୀ ରହୁଛନ୍ତି। ଏସବୁ ଜେଲରେ ଥିବା ମୋଟ ୧୮୫୬ ୱାର୍ଡର ପଦବୀରୁ ୬୦୦ଟି ପଦବୀ ଖାଲି ପଡ଼ିଛି। ନୂଆ ୱାର୍ଡର ନିଯୁକ୍ତି ପାଇଁ ପ୍ରକ୍ରିୟା ଚାଲୁରହିଥିବା ବେଳେ ଜେଲ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏଭଳି ଅନ୍ତରୀଣ ପଦକ୍ଷେପ ନିଆଯାଇଛି। କିଛି ମାସ ମଧ୍ୟରେ ଏକାଧିକ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ତ୍ରୁଟି ଦେଖିବାକୁ ମିଳିଛି। ଏପରିକି ଜେଲରେ ସୁରକ୍ଷା ଢିଲା କାରଣରୁ କଏଦୀମାନେ ଫେରାର ହୋଇଯାଉଥିବା ନଜିର ରହିଛି। କିଛିଦିନ ତଳେ ଚୌଦ୍ୱାର ଜେଲରେ ରହୁଥିବା ୨ ପେସାଦାର ଅପରାଧୀ ଫେରାର ହୋଇଯାଇଥିଲେ। ସେହିପରି ଏହାର କିଛିଦିନ ପରେ ସୋର ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ମଧ୍ୟ ଖସିଯାଇଥିଲେ। ତେଣୁ ଜେଲ ସୁରକ୍ଷାକୁ ଅଧିକ ମଜଭୁତ କରିବାକୁ ଗୃହରକ୍ଷୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଜେଲଗୁଡ଼ିକୁ ଏସ୍‌ପି ଓ ଜିଲାପାଳ ଅଚାନକ ଗସ୍ତ କରିବାକୁ କିଛିଦିନ ତଳେ ଜେଲ ଡିଜି ଚିଠି ଲେଖିଥିଲେ। ଜେଲରେ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟକର ପରିବେଶର ସ୍ଥିତି ପରଖିବାକୁ ଚିଠିରେ କୁହାଯାଇଥିଲା।

# ୧ରୁ ସୁଭଦ୍ରା ଶକ୍ତି ମେଳା

**ଓଡ଼ିଶା ସମେତ ୧୧ ରାଜ୍ୟର ଏସ୍‌ଏଚ୍‌ଜି ମହିଳା ସାମିଲ ହେବେ**




ଖବରଦାତା ସମ୍ମିଳନୀରେ ସୁଭଦ୍ରା ଶକ୍ତିମେଳା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୩୦।୧୦(ସୁଚିସ୍ମିତା ସାହୁ)**

ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ନିଜ ସାମର୍ଥ୍ୟ ଓ ସୃଜନଶୀଳତା ପ୍ରତିପାଦିତ କରିଥିବା ଉଦ୍ୟୋଗୀ ନାରୀଙ୍କୁ ନେଇ ନଭେମ୍ବର ୧ରୁ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଓଡ଼ିଶା ସମେତ ୧୧ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନେ ଭାଗନେଇ ନିଜ ରାଜ୍ୟର ଉତ୍କୃଷ୍ଟ ଉତ୍ପାଦ ପ୍ରଦର୍ଶନ କରିବେ। ରାଜ୍ୟର ସମସ୍ତ ଜିଲାରୁ ୩ଶହରୁ ଉର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଯୋଗଦେବ। ଏହି ମେଳାରେ ଏସ୍‌ଏଚ୍‌ଜି ଦ୍ୱାରା ୫୦ରୁ ଅଧିକ ଖାଦ୍ୟ ଷ୍ଟଲ ଖୋଲିବ ବୋଲି ଗୁରୁବାର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଶକ୍ତି ମେଳାରେ ଓଡ଼ିଶା ସମେତ ପଞ୍ଜାବ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ବିହାର, ଆସାମ, ପଶ୍ଚିମବଙ୍ଗ, ଛତିଶଗଡ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ ଏବଂ ଗୋଆରୁ ନିମନ୍ତ୍ରିତ ଏସ୍‌ଏଚ୍‌ଜିର ମହିଳାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ମେଳା କେବଳ କ୍ରୟ ବିକ୍ରୟର ମଞ୍ଚ ନୁହେଁ, ନାରୀମାନଙ୍କର ଆତ୍ମବିଶ୍ୱାସ, ସଫଳତା ଓ ସାମାଜିକ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଏଠାରେ ବିବିଧ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ଓ ଅଣ କାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ଓ ବିକ୍ରୟ ହେବ। ପରିଦର୍ଶକ ଓ ଅତିଥିମାନେ ଲୁଗାପଟା, ଖାଦ୍ୟଶସ୍ୟ, ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ। ଏହି ମେଳାରେ ଓଡ଼ିଶା ସଂସ୍କୃତି, ନାରୀ ଶକ୍ତି ଓ ପାରମ୍ପରିକ ସ୍ୱାଦର ମଜା ନେଇପାରିବେ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମଥର ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ ଶୋ ଆୟୋଜିତ ହେବ। ଲୋକେ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲରେ ମିଲେଟଭିତ୍ତିକ ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ବିବିଧ ପାରମ୍ପରିକ ଓ ଖାଦ୍ୟ ଉପଭୋଗ କରିପାରିବେ। ଏହି ମେଳା ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଲକ୍ଷପତି ଦିଦି ହେବା ସ୍ୱପ୍ନକୁ ସାକାର କରିବ। ମିଶନ ଶକ୍ତିର ଏହି ପଦକ୍ଷେପ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବ। ଏହି ମେଳାକୁ ସପରିବାର ଆସି ଓଡ଼ିଶାର ନାରୀ ଶକ୍ତିର ସୃଜନଶୀଳତା, ହସ୍ତଶିଳ୍ପ ଓ ସଂସ୍କୃତିର ଏହି ଅନୁପମ ସମାହାରକୁ ସଫଳ କରିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆମନ୍ତ୍ରଣ କରିଛନ୍ତି। ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ଗିରିଶ ଏସ.ଏନ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ରାଧାପାଦ ଦର୍ଶନ

**ସାକ୍ଷୀଗୋପାଳ, ୩୦।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ଅଁଳାନବମୀ ତିଥିରେ ଶୁକ୍ରବାର ପୁରୀ ଜିଲାର ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ପାଦ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେହିପରି ଏହିଦିନ ଶ୍ରୀରାଧା ଠାକୁରାଣୀ ଓଡ଼ିଆଣୀ ବେଶରେ ଏବଂ ସାକ୍ଷୀଗୋପାଳ ଠାକୁର ନଟବର ବେଶରେ ଦର୍ଶନ ଦେବେ। ଏଥିପାଇଁ ଗୁରୁବାର ସକାଳୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ବେଢ଼ା ଓ ସିଂହଦ୍ୱାରରେ ଝୋଟିରେ ରଙ୍ଗୋଲି କରାଯାଇଛି। ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ରଙ୍ଗିନ ଆଲୋକରେ ସଜାଯାଇଛି। ଓଡ଼ିଆଣୀ ଓ ନଟବର ବେଶ ପାଇଁ ମନ୍ଦିର ରିଜର୍ଭ ଭଣ୍ଡାରରୁ ସ୍ୱର୍ଣ୍ଣ ଅଳଙ୍କାରମାନ କଢାଯାଇ ଦୈନିକ ପାଳିଆ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି। ଠାକୁରଙ୍କ ପହୁଡ଼ ନୀତି ଶୀଘ୍ର କରାଯାଇ ରାତି ୧୨ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ ସହ ମଙ୍ଗଳ ଆଳତି ଆଦି ଦେବନୀତି ଆରମ୍ଭ କରାଯାଇଛି।

# ପୁରୀ, ଭୁବନେଶ୍ୱରରେ ବିକଶିତ ହେବ ମଡ୍ୟୁଲାର ରେଳଯାତ୍ରୀ ଧାରଣ କ୍ଷେତ୍ର

**ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)**

ଦେଶର ବିଭିନ୍ନ ରେଳ ଷ୍ଟେଶନରେ ୭୬ଟି ମଡ୍ୟୁଲାର ଯାତ୍ରୀ ଧାରଣ କ୍ଷେତ୍ର ବିକାଶ ପାଇଁ ଏକ ଯୋଜନାକୁ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଯାତ୍ରୀ ଧାରଣ କ୍ଷେତ୍ରର ସଫଳତା ପରେ ଏହି ପଦକ୍ଷେପ ନିଆଯାଇଛି। ଦେଶବ୍ୟାପୀ ଯୋଜନା କରାଯାଇଥିବା ନୂଆ ଧାରଣ କ୍ଷେତ୍ରଗୁଡ଼ିକ ମଡ୍ୟୁଲାର ଡିଜାଇନ ଅନୁସରଣ କରିବ ଏବଂ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯିବ। ଏହି କ୍ରମରେ ପୂର୍ବତଟ ରେଳପଥ ଅଧୀନରେ ଭୁବନେଶ୍ୱର, ପୁରୀ ଓ ବିଶାଖାପାଟଣାରେ ଏହି ଯାତ୍ରୀ ଧାରଣ କ୍ଷେତ୍ର ବିକାଶ କରାଯିବ। ସମସ୍ତ ଧାରଣ କ୍ଷେତ୍ର ୨୦୨୬ ପାର୍ବଣ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହେବା ପାଇଁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି, ଦୀପାବଳି ଓ ଛଟ୍ ସମୟରେ ନୂଆଦିଲ୍ଲୀ ରେଳ ଷ୍ଟେଶନ ଅତ୍ୟଧିକ ଯାତ୍ରୀ ଭିଡ଼କୁ ତା’ର ନୂଆ ବିକଶିତ ଧାରଣ କ୍ଷେତ୍ର ସାହାଯ୍ୟରେ ପରିଚାଳନା କରିଥିଲା। ଏହି ଧାରଣ କ୍ଷେତ୍ରର ନିର୍ମାଣ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା। ଏହା ଯେକୌଣସି ସମୟରେ ପ୍ରାୟ ୭,୦୦୦ ଯାତ୍ରୀଙ୍କୁ ଧାରଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ବୋର୍ଡିଂ ପୂର୍ବରୁ ସୁବିଧା ଏବଂ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଏଠାରେ ପୁରୁଷ ଓ ମହିଳାଙ୍କ ପାଇଁ ୧୫୦ଟି ଲେଖାଏ ଶୌଚାଳୟ, ଟିକେଟ କାଉଣ୍ଟର, ସ୍ୱୟଂଚାଳିତ ଟିକେଟ ବିକ୍ରୟ ଯନ୍ତ୍ର ଏବଂ ମାଗଣା ଆର୍‌ଓ ଜଳ ସୁବିଧା ଉପଲବ୍ଧ ରହିଛି। ଏହି ସୁବିଧା ଯାତ୍ରୀ ଚଳନକୁ ସୁଗମ କରିବା ପାଇଁ ୩ଟି ଜୋନ୍ ଟିକେଟିଂ, ପୋଷ୍ଟ-ଟିକେଟିଂ ଏବଂ ପ୍ରି-ଟିକେଟିଂରେ ବିଭକ୍ତ ହୋଇଛି।

# ମହିଳାଙ୍କୁ ମୃତ ଭାବି ରାତିସାରା ଜଗି ରହିଲା ପୋଲିସ

**ବୌଦ୍ଧ,୩୦।୧୦ (ଅଜିତ କୁମାର ବାରିକ)**

**ହତ୍ୟା ସନ୍ଦେହ କରି ତଥ୍ୟ ଦେବାକୁ ଗାଁରେ ମରାଗଲା ନୋଟିସ**

**ଅଜବ ଘଟଣା**




ଗିରାସିଙ୍ଗା ଗ୍ରାମରେ ପୋଲିସ ନୋଟିସ ମାରିଛି।



ଥାନାରେ ଲକ୍ଷ୍ମୀପ୍ରିୟା ନାଏକ।

ବୌଦ୍ଧ ଥାନା ଅଞ୍ଚଳରେ ଗତ ବୁଧବାର ଏକ ଅଜବ ଘଟଣା ଘଟିଛି। ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଭାବି ପୋଲିସ ରାତିସାରା ଜୀବିତ ମହିଳାଙ୍କ ସନ୍ଦେହଜନକ ମୃତଦେହକୁ ଜଗି ରହିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏପଟେ ଗୁରୁବାର ସକାଳୁ ମହିଳା ଜଣଙ୍କ ଘଟଣାସ୍ଥଳରୁ ଉଠିବା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା।

ସୂଚନା ଅନୁସାରେ, ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମର ଲକ୍ଷ୍ମୀପ୍ରିୟା ନାୟକ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ନାୟକ ବୁଧବାର ସନ୍ଧ୍ୟାରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗିରାସିଙ୍ଗା ଗ୍ରାମକୁ ଯାଇ ଉକ୍ତ ମହିଳାଙ୍କୁ ଖୋଜାଖୋଜି କରିବା ବେଳେ ଲକ୍ଷ୍ମୀପ୍ରିୟା ଘର ନିକଟରେ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରି ପୋଲିସ ରାତିସାରା ଜଗି ରହିଥିଲା। ଏହା ସହ ପୋଲିସ ଗ୍ରାମର ବିଭିନ୍ନ ସ୍ଥାନରେ ନୋଟିସ ଲଗାଇଥିଲା। ଲକ୍ଷ୍ମୀପ୍ରିୟା ନାଏକ ମର୍ଡର କେସ୍‌ର ତଦନ୍ତରେ କୌଣସି ତଥ୍ୟ ଦେବାକୁ ଚାହୁଁଥିଲେ ପୋଲିସକୁ ୭୦୦୮୭୦୪୫୯୮ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। ତଥ୍ୟ ପ୍ରଦାନକାରୀଙ୍କ ନାମ ଓ ଠିକଣା ଗୋପନ ରଖାଯିବା ସହ ଉପଯୁକ୍ତ ପୁରସ୍କାର ପ୍ରଦାନ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ଗୁରୁବାର ସକାଳୁ ପୋଲିସର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଲକ୍ଷ୍ମୀପ୍ରିୟାଙ୍କ ଗୋଡ଼ ହାତ ହଲିଥିଲା। ପରେ ପୋଲିସ ଉକ୍ତ ମହିଳା ଜୀବିତ ଥିବା ଜାଣି ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସିତ ହୋଇ ଲକ୍ଷ୍ମୀପ୍ରିୟା ସୁସ୍ଥ ଅନୁଭବ କରିବା ପରେ ପୋଲିସ ଥାନାକୁ ନେଇ ପଚରାଉଚୁରା କରିଥିଲା। ବୌଦ୍ଧ ପୋଲିସ ଏକ ମାମଲା (ନଂ.୪୧୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ, ମହିଳା ଜଣଙ୍କ ଯେପରି ଘଟଣାସ୍ଥଳରେ ପଡିରହିଥିଲା ତାଙ୍କୁ ଦେଖିବା ପରେ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ତେଣୁ ପୋଲିସ କର୍ମଚାରୀ ରାତିସାରା ଜଗି ରହିଥିଲେ ଓ ସକାଳୁ ସାଇଣ୍ଟିଫିକ୍ ଟିମ୍ ଦେଖିବା ପରେ ମହିଳା ଜଣଙ୍କ ଜୀବିତ ଥିବା ଜଣାପଡିଥିଲା। ଏହାସହ ମହିଳାଙ୍କୁ କିଏ ପଛରୁ ଆଘାତ ଦେଇଥିବା ଯୋଗୁ ସେ ଅଚେତ ହୋଇପଡିଥିବା ଦାସ କହିଥିଲେ।

# ପରଲୋକରେ ବରିଷ୍ଠ ନେତା ଶଙ୍କର୍ଷଣ ପରିଡା

- ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦିଆଗଲା ଶ୍ରଦ୍ଧାଞ୍ଜଳି
- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)**



ବରିଷ୍ଠ ରାଜନେତା ତଥା ଭାଜପା ପଞ୍ଚାୟତ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡା (୬୫)ଙ୍କ ଗୁରୁବାର ବିୟୋଗ ଘଟିଛି। ତାଙ୍କ ବିୟୋଗରେ ରାଜ୍ୟ ଭାଜପା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶୋକ ପ୍ରକାଶ କରିବା ସହିତ ପରିଡାଙ୍କ ବିୟୋଗ ରାଜ୍ୟ ରାଜନୀତି ଓ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ପରିଡା ପୁରୀ ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ରହିଥିଲେ। ପୁରୀ ଜିଲାର ସେ ଜଣେ ଜଣାଶୁଣା ଚେହେରା ଥିଲେ। ତାଙ୍କ ପାର୍ଥିବ ଶରୀର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପତାକା ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ସ୍ୱର୍ଗତ ପରିଡାଙ୍କ ସମର୍ଥକ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ପରିଡାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରଲୋକ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତ ପରିଡା କିଛିଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କର ଚିକିତ୍ସା ଚାଲିଥିଲା।

**ସଂକ୍ଷେପରେ**

# ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

**ହତ୍ୟା ଉଦ୍ୟମ ମାମଲା**

ସୋହେଲା,୩୦।୧୦(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ସବ୍‌ଜଜ୍ କୋର୍ଟରେ ଏକ ହତ୍ୟା ଉଦ୍ୟମ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ବିଚାରପତି ସ୍ଥାନୀୟ ସବ୍‌ଜଜ୍ ଚିନ୍ମୟୀ ମିଶ୍ର ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଈଶ୍ୱର ବାଗ (୪୩)। ସୋହେଲା ଥାନା ଅନ୍ତର୍ଗତ ହୀରାପାଲି ଗ୍ରାମରେ ୨୦୨୨ ଜାନୁୟାରୀ ୨୩ ତାରିଖ ରାତି ୮ଟାରେ ଗିରିଶ କୁମାର ଲୁହାଙ୍କୁ ତାଙ୍କ ପଡ଼ାର ଈଶ୍ୱର ବାଗ ଗାଳି ଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିଲା। ଗିରିଶଙ୍କ ବାପା ସେଠାକୁ ଆସି କାହିଁକି ଏମିତି ହେଉଛୁ ବୋଲି କହିବାରୁ ଅଭିଯୁକ୍ତ ରାଗି ଯାଇଥିଲେ। ପରେ ସରୋଜ ଲୁହା (ଗିରିଶ ଲୁହାଙ୍କ ବାପା)ଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଏକ ପନିକିରେ ମାରିଦେବାରୁ ମୁଣ୍ଡ ଫାଟି ଯାଇ ରକ୍ତ ସ୍ରାବ ହୋଇଥିଲା। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଗିରିଶ ସୋହେଲା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୬/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାର ବିଚାର କରି ସବ୍‌ଜଜ୍ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଆଡ୍‌ଭୋକେଟ ଅଶୋକ କୁମାର ବାରିକ ମାମଲା ପରିଚାଳନା କରୁଥିଲେ।

# ହଜାର ଏକର ଧାନ ଫସଲ ନଷ୍ଟ



ମୋନ୍ଥା କ୍ଷତିଗ୍ରସ୍ତଙ୍କ ସହାୟତା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

ଅତାବିରା, ୩୦।୧୦(ଯୁଧିଷ୍ଠିର ମହାପାତ୍ର)

ବାତ୍ୟା ମୋନ୍ଥାର ପ୍ରଭାବ ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ପଡ଼ିଛି। ଏହାଦ୍ୱାରା ଅଞ୍ଚଳର ଶହ ଶହ ଚାଷୀଙ୍କ ହଜାର ହଜାର ଏକର ଧାନ ଫସଲ ନଷ୍ଟ ହୋଇଯାଇଛି। ଧାନ ଫସଲ ଅମଳ ହେବା ବେଳକୁ ଧାନ ଗଛଗୁଡ଼ିକ କ୍ଷେତରେ ଶୋଇପଡ଼ିଛି। ଫଳରେ ଚାଷୀର ମେରୁଦଣ୍ଡ ଦୋହଲି ପଡ଼ିଛି। କେତେକ ଧାନ ଅମଳକ୍ଷମ ହେବାକୁ ଥିବାବେଳେ ଅନ୍ୟ କେତେକ ଚାଷୀଙ୍କ ଧାନ ଏବେ ଗର୍ଭ ଅବସ୍ଥାରେ ବାହାରୁଛି। ଏପରି ଅବସ୍ଥାରେ ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା ମୋନ୍ଥାର ପ୍ରଭାବରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଧାନ ଅମଳ ବେଳକୁ କ୍ଷତି ହେବାରୁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ଏହାକୁ ଭିତ୍ତିକରି ଗୁରୁବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ପକ୍ଷରୁ ବରଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର କେ. ରିଚୀ କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୋନ୍ଥା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି। ବାତ୍ୟା 'ମୋନ୍ଥା' ପ୍ରଭାବରେ ଗତ ୨୮ ଓ ୨୯ ତାରିଖ ପ୍ରବଳ ପବନ ଓ ବର୍ଷା ଯୋଗୁ ଧାନ ଫସଲ ବିପୁଳ କ୍ଷୟକ୍ଷତି ହୋଇଥିବା ବେଳେ ପ୍ରଭାବିତ ଚାଷୀଙ୍କୁ ତୁରନ୍ତ ଇନପୁଟ ସହାୟତା ସହ ଫସଲ ବୀମା ଦେବାକୁ ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର କେ. ରିଚି କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଅତାବିରା ବ୍ଲକ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ କୃଷି ସୂଚନା ଓ ପରାମର୍ଶ କାର୍ଯ୍ୟାଳୟରେ ବ୍ଲକ କୃଷି ଅଧିକାରୀ ପିଙ୍କୁସେନ କରଙ୍କୁ ଦାବିପତ୍ର ପ୍ରଦାନ କରି ତହସିଲ ଅଫିସକୁ ଯାଇ ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଚାଷୀମାନେ ଆଗାମୀ ଧାନ ସଂଗ୍ରହ ନେଇ ବିଭିନ୍ନ ସମସ୍ୟା ଉପରେ ଦାବି ଜଣାଇଥିଲେ। ଝିଲିମିଣ୍ଡା ପାକ୍ସରେ ୪/୫ ଶହ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିବା ଆଗାମୀ ଧାନ ସଂଗ୍ରହ ସମୟରେ ଏକ ବଡ଼ ବିଶୃଙ୍ଖଳା, ଗୋଳମାଳ ପରିସ୍ଥିତି ଉପୁଜିବାର ଆଶଙ୍କା ଥିବା ଚାଷୀ ତଥା ସଂଗଠନର ସଂପାଦକ ସୁରେଶ କର୍ଣ୍ଣ ଜଣାଇଥିଲେ। ଗୋଡ଼ଭଗା ମାର୍କେଟ ୟାର୍ଡ ନିର୍ମାଣ କାର୍ଯ୍ୟରେ ବହୁ ଅନିୟମିତତା କରାଯାଇ ଯୋଜନା ଅନୁଯାୟୀ ନିର୍ମାଣ ନ କରି ଜାଗାକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିବାରୁ ଗୋଡ଼ଭଗା ମଣ୍ଡିର ଚାଷୀମାନେ ଦାବି କରିଥିଲେ। ଚାଷୀ ପଞ୍ଜୀକରଣ ବାଦ୍ ନ ପଡ଼ିବା ଦିଗରେ ଗତ ଖରିଫ ଫସଲର ତଥ୍ୟକୁ ଆଧାରରେ କିଛି ଯୋଜନା କରାଯାଇପାରେ ବୋଲି ଉଚ୍ଚ ଅଧିକାରୀଙ୍କ ସ୍ତରରେ କାର୍ଯ୍ୟ ଚାଲୁଥିବା କହିବା ସହ ଧାନ ସଂଗ୍ରହରେ ଚାଷୀ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ଅନ୍ୟ ଚାଷୀଙ୍କ ମଧ୍ୟରେ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ସୁବାସ ବିଶ୍ୱାଳ, ପାପା ରାଓ, ଭୁବନ ପ୍ରଧାନ, ବୁଦ୍ଧଦେବ ନନ୍ଦ, ଦଶରଥ ଭୋଇ, ସମୀର ପ୍ରଧାନ, ନରେନ୍ଦ୍ର ପ୍ରଧାନ ଅମୂଲ୍ୟ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ସଭାପତି ବୀରେନ୍ଦ୍ର କର, ଚକୁଳି ପଞ୍ଚାୟତ କୃଷକ ସଙ୍ଗଠନର ସଭାପତି ତ୍ରିଲୋଚନ ନାୟକ ପ୍ରମୁଖଙ୍କ ସମେତ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ।

# କ୍ଷତିପୂରଣ ଦାବି କଲା ଏଏପି



ଏଏପି ପ୍ରତିନିଧିବୃନ୍ଦ ଦାବିପତ୍ର ପ୍ରଦାନ କରୁଛନ୍ତି।

ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ମଧ୍ୟ ବାତ୍ୟା ମୋନ୍ଥାର ପ୍ରଭାବ ଦେଖିବାକୁ ମିଳିଥିଲା। ଗତ ୨୮ ଓ ୨୯ ତାରିଖରେ ତୀବ୍ର ଗତିରେ ପବନ ବହିବା ସହ ବର୍ଷା ହେବା ଯୋଗୁ ଜମିରେ ଛିଡା ହୋଇଥିବା ଖରିଫ ଧାନ ଫସଲ ଶୋଇ ପଡିଥିଲା। ଫଳରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଜିଲାର ସମସ୍ତ ବ୍ଲକରେ ଏହାର ଆଂଶିକ କିମ୍ବା ଅଧିକ ପ୍ରଭାବ ଦେଖା ଯାଇଛି। ତେଣୁ ଫସଲକ୍ଷତିର ସଠିକ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଆମ ଆଦମୀ ପାର୍ଟି ଦାବି କରିଛି। ଏହି ଦାବି ନେଇ ଆମ ଆଦମୀ ପାର୍ଟି (ଏଏପି)ର ଏକ ପ୍ରତିନିଧି ଦଳ ଗୁରୁବାର ବରଗଡ଼ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଦଳର ରାଜ୍ୟ ସମ୍ପାଦକ ଭବାନୀ ସାହୁ, ଜିଲା ସଭାପତି ଯଦୁମଣି ପଧାନ, ନାରୀନେତ୍ରୀ ମାରିୟମ ବାର୍ଲା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ନିଜ ବିଭାଗକୁ ଦୁର୍ନୀତିମୁକ୍ତ କର



ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ସମାରୋହରେ ଅତିଥିବୃନ୍ଦ।

ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ)

**ଦୁର୍ନୀତି ନିବାରଣ ସପ୍ତାହରେ ଅଧିକାରୀଙ୍କୁ ଆହ୍ୱାନ**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ର ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ରୀଙ୍କୁ ସଚ୍ଚୋଟ ଏବଂ ଦାୟିତ୍ୱବାନ ନାଗରିକ ହୋଇ ଦେଶ ଗଠନରେ ଭାଗୀଦାର ହେବା ପାଇଁ ଉତ୍ସାହିତ କରିଥିଲେ। ଏହା ସହିତ ସତ୍ ମାର୍ଗରେ ସତ୍ ଉପାର୍ଜନ କରି ନିଜର ଜୀବନ ବଞ୍ଚିବା ପାଇଁ ସେ ଆହ୍ୱାନ କରିଥିଲେ। ସେହିପରି ଜଣେ ଜଣେ ଭାରତୀୟ ରୂପେ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିବା ପାଇଁ ମୁଖ୍ୟ ଅତିଥି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଥିବା ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ସେ ନିଜ ନିଜର ବିଭାଗକୁ ସମ୍ପୂର୍ଣ୍ଣ ରୂପେ ଦୁର୍ନୀତିମୁକ୍ତ ରଖିବା ପାଇଁ ଉତ୍ସାହିତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତି ନିବାରଣକୁ ଏକ ସାମାଜିକ କ୍ରାନ୍ତିରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ସୁଷମା ତିର୍କୀ ଏବଂ ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହା ପରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଦୁର୍ନୀତି ନିବାରଣ ବିଭାଗ ଇନ୍ସପେକ୍ଟର ସୁଷମା ପଶାୟତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ପଦ୍ମପୁର,୩୦।୧୦(ପ୍ରଦୀପ୍ତ ଦାଶ)

ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ଦେଉଲି ଉଚ୍ଚବିଦ୍ୟାଳୟ ସତୀଭଟା ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଖଗେଶ୍ୱର ଦାଶ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ,ସମ୍ମାନିତ ଅତିଥି ଭାବରେ ସୁବାସ ଝଗରା, ଲତିକା ବିଶି, ଏବିଇଓ ଜୟ କୁମାର ସାହୁ ଓ ରାମସିଂ ଭୋଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୪ଟି କ୍ଲଷ୍ଟରର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଣ୍ଡବ ଶବର ଏସ୍‌ଡିପିଓ, ପଦମପୁର, ମୁଖ୍ୟବକ୍ତା ଭାବରେ ଜନକଲାଲ ମେହେର, ସମ୍ମାନିତ ଅତିଥି ଭାବରେ ବେଣୁଧର ବରିହା, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା ରବିଶଙ୍କର ପ୍ରଧାନ ଓ ସୁଶ୍ରୀ ସୋନାଲିକା ଶବର କରିଥିବା ବେଳେ ନେତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାଙ୍କୁ ଗର୍ଭବତୀ ମାମଲା, ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳର ଜଣେ ନାବାଳିକା(୧୬)ଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଗର୍ଭବତୀ କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବରଗଡ଼ସ୍ଥିତ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ସରୋଜ ବରିହାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏହା ସହିତ ୨୦ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ହେଲେ କାରାଦଣ୍ଡ ଅଧିକ ୬ମାସ ବୃଦ୍ଧି ହେବ ବୋଲି ଆଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୧୧ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉ କି, ୨୦୨୨ରେ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ସରୋଜ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ଗର୍ଭବତୀ ହେବା ଜାଣିବା ପରେ ଅଭିଯୁକ୍ତ ଅନ୍ୟତ୍ର ପଳାଇ ଯାଇଥିଲେ। ଏ ନେଇ ନାବାଳିକା ତାଙ୍କ ପରିବାର ସହିତ ପାଇକମାଳ ଥାନାକୁ ଆସି ୨୦୨୨ ଫେବୃଆରୀ ୨୧ତାରିଖ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ-୩୬/୨୨) ରୁଜୁ କରି ତଦନ୍ତ କରିଥିଲା। ୨୦୨୨ ଜୁନ ୨୭ରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଏବଂ ସେଠାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ବରଗଡ଼ ପୋକ୍‌ସୋ କୋର୍ଟରେ ଏହି ମାମଲାର ବିଚାର ପ୍ରକ୍ରିୟା ଚାଲିଥିଲା।

# ସାଇବର ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ

ବାଉଁଶୁଣୀ,୩୦।୧୦ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନ ୪ଟା ସମୟରେ ବାଉଁଶୁଣୀ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଓ ଗଞ୍ଜେଇ ଚାଷ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଶାରଦା ପ୍ରସନ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅଇଁଠୁ ମହାଳିକ ଅତିଥି ଭାବେ ଯୋଗ ଦେଇଥିଲେ। ସାଇବର ଠକେଇରୁ ବଞ୍ଚିବା ପାଇଁ ସତର୍କତା ଅବଲମ୍ବନ ସକାଶେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ବେଆଇନ ଗଞ୍ଜେଇ ଚାଷ ଛାଡି ଅନ୍ୟ ଅର୍ଥକରୀ ଫସଲ ଚାଷ କରି ଲାଭାନ୍ୱିତ ହେବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍ ଏବଂ ଜନସାଧାରଣ ଯୋଗଦାନ କରିଥିଲେ।

# ମାଁ ବ୍ରଜେଶ୍ୱରୀଙ୍କ ବାର୍ଷିକ ସ୍ନାନ ମହୋତ୍ସବ

ବରପାଲି, ୩୦।୧୦(ଚିତ୍ତରଞ୍ଜନ ସାହୁ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରପାଲି ବ୍ଲକ କୁମ୍ଭାରୀ ଗ୍ରାମରେ ୧୭୬ତମ ମାଁ ବ୍ରଜେଶ୍ୱରୀ ବାର୍ଷିକ ସ୍ନାନ ମହୋତ୍ସବ କେତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ପୂର୍ବତନ ଶିକ୍ଷକ ରାମଜୀ ପଧାନ ସଞ୍ଚାଳନ କରିଥିଲେ। ବାର୍ଷିକ ସ୍ନାନ ମହୋତ୍ସବରେ ଅତିଥି ଭାବେ ପଦ୍ମଶ୍ରୀ ଭାଗବତ ପଧାନ, ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ହୃଷୀକେଶ ଭୋଇ, ବରପାଲି ସାମ୍ବାଦିକ ସଂଘର ସଭାପତି ଚିତ୍ତରଞ୍ଜନ ସାହୁ, ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ମହାମନ୍ତ୍ରୀ ଅଭିନେତା ଗୋଲାପ ଦାସ ଯୋଗଦାନ କରି ମାଁ ଭଗବତୀ ବ୍ରଜେଶରୀ ଦେବୀଙ୍କ ସ୍ନାନ ମହୋସବ ପାଳିବା ଗୋଟିଏ ନିଆରା ପରମ୍ପରା ରହିଛି। ମାଁଙ୍କ ଦର୍ଶନ ପାଇଁ ବାହାର ଜିଲା ସହିତ ପାଖ ଆଖ ଗ୍ରାମାଞ୍ଚଳର ହଜାର ହଜାର ମହିଳା ଓ ପୁରୁଷ ଭକ୍ତ ଦର୍ଶନ କରି ଆସିଥାନ୍ତି। ମାଁଙ୍କୁ ଏହି ଦିନ ଦର୍ଶନ କଲେ ଲାଭପ୍ରଦ ହୋଇଥାଏ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ପରେ ବ୍ରଜେଶ୍ୱରୀ ନାଟ୍ୟ ସାଂସଦ କଳାକାରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଡାକ୍ତରଙ୍କ ବିରୋଧରେ ଅଭିଯୋଗକୁ ଅଞ୍ଚଳବାସୀଙ୍କ ବିରୋଧ

ଝାରବନ୍ଧ,୩୦।୧୦(ଦେବେନ୍ଦ୍ର ସାହୁ)

ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କୁ ବିରୋଧ ହୋଇଥିବା ଅଭିଯୋଗକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଗତ ତିନିଦିନ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଝାରବନ୍ଧ ଗସ୍ତରେ ଆସିଥିଲେ। ତାଙ୍କୁ କିଛି ବ୍ୟକ୍ତି ନିଜସ୍ୱ ସ୍ୱାର୍ଥ ପାଇଁ ଝାରବନ୍ଧରେ କାର୍ଯ୍ୟରତ ଡା. ହେତରାମ ବାରିଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମନ୍ତ୍ରୀ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶଟି ଲୋକଲୋଚନକୁ ଆସିବାପରେ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ହୋଇଥିଲା। ଡାକ୍ତର ବାରି ଝାରବନ୍ଧରେ ଠିକ ସେବା ଯୋଗାଉଥିବା ବିଷୟରେ ଏମ୍‌ପିଙ୍କୁ ଶତାଧିକ ଲୋକ ସ୍ୱାକ୍ଷରିତ କରି ଜଣାଇ ତାଙ୍କ ବିରୋଧରେ ବିନା ତଦନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବାକୁ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ଦିବସ ପାଳିତ

ପାଇକମାଳ,୩୦।୧୦(ବଡ଼ ଶତପଥୀ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରିଷ୍ଠ ନାଗରିକ।

ପାଇକମାଳ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଗୁରୁବାର ମାଉସୀ ମା' ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏଥିରେ ଅନିଲ କୁମାର କାଳିଆ ସଭାପତିତ୍ୱ କରିଥିବା ବେଳେ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଜ୍ଜ୍ୱ, ତହସିଲଦାର ସିନ୍ଧୁସୁତା ପାତ୍ର, ବିଇଓ ଅଦନ ସୁନା, ଆଇଆଇସି କୈଳାଶ ଚନ୍ଦ୍ର ପ୍ରଧାନ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଆକାଶ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ସଭାରେ ପାଇକମାଳ, ଟେମରୀ ଓ ମାଣ୍ଡୋସିଲ ଜୋନ୍‌ର ପ୍ରାୟ ୭୦ଜଣ କର୍ମକର୍ତ୍ତା ଯୋଗଦେଇଥିଲେ। ଥାନା ଅଧିକାରୀ ପ୍ରଧାନ ବରିଷ୍ଠ ନାଗରିକମାନଙ୍କ ପାଇଁ ପରିଚୟପତ୍ର ସମ୍ପର୍କରେ ବରଗଡ଼ ଏସ୍.ପି.ଙ୍କ ସହିତ ଯୋଗାଯୋଗ କରି ଆବଶ୍ୟକ ଫର୍ମ ଯୋଗାଇ ଦେବାକୁ ଏ ଦିଗରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସେହିପରି ବ୍ଲକ ବିଇଓ ଅବସରପ୍ରାପ୍ତ କର୍ମଚାରୀ ସଂଘର କେତେକ ସଦସ୍ୟ ନିକଟ ଅତୀତରେ ପ୍ରାଥମିକ ଶିକ୍ଷକ ପଦରୁ ଅବସର ଗ୍ରହଣ କରିଛନ୍ତି। ସେହି ଅବସରପ୍ରାପ୍ତ ଶିକ୍ଷକମାନେ ସରକାରଙ୍କ ପାଖରେ ଜମାଥିବା ଇପିଏଫ୍ ଏ ପର୍ଯ୍ୟନ୍ତ ପାଇପାରିନାହାନ୍ତି ସେନେଇ ସଂଘର ସମ୍ପାଦକ ଡୋଳାମଣି ମାହାରଙ୍କୁ ଅଫିସକୁ ଆସି ସମସ୍ତ ବିଷୟରେ ଆଲୋଚନା କରିବା ପାଇଁ କହିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ସଂକ୍ରାନ୍ତ ସମସ୍ତ ସୁବିଧା ସୁଯୋଗ ସହିତ ନଭେମ୍ବରମାସରେ ଦେବାକୁ ଥିବା ଲାଇଫ ସାର୍ଟିଫିକେଟ ବିଷୟରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକଙ୍କ ମଧ୍ୟରୁ ମାଣ୍ଡୋସିଲ ଜୋନ ସମ୍ପାଦକଙ୍କ ବରିଷ୍ଠ ନାଗରିକ ଦିବସ ଶୀର୍ଷକରେ ଲିଖିତ କବିତା ପାଠ କରିଥିଲେ। ଦୋଳମଣି ମାହାର ସଭା ପରିଚାଳନା କରିଥିଲେ। ସଦସ୍ୟଙ୍କ ମଧ୍ୟରୁ ଶଙ୍କର ପ୍ରସାଦ ଦାଶ, ଜନାର୍ଦ୍ଦନ ପଣ୍ଡା, ଗିରୀଶ ଚନ୍ଦ୍ର ନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ମହେନ୍ଦ୍ର କୁମାର ସାହୁ, ବଡ଼ ଶତପଥୀ ଏବଂ ଆହୁରି ଅନେକ ସଭ୍ୟ ନିଜ ନିଜ ଅଭିଜ୍ଞତା ବର୍ଣ୍ଣନା କରିବା ସହ ସାମୂହିକ ବୃକ୍ଷ ରୋପଣ, ସାମୂହିକ ସଫେଇ, ନିଶା ନିବାରଣ, ଜନ ସଚେତନା ପ୍ରମୁଖ କାର୍ଯ୍ୟକ୍ରମ ହାତକୁ ନେବା ବୋଲି ମତାମତ ଦେଇଥିଲେ। ଶେଷରେ କୋଷାଧ୍ୟକ୍ଷ ନନ୍ଦଲାଲ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ)



ଅମ୍ବାଭୋନା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବର ଉଦଯାପନୀ ସମାରୋହରେ ଅତିଥିବୃନ୍ଦ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ହାଇସ୍କୁଲ, ଭୁକ୍ତାରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏବିଇଓ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଡିପିଇଓ ସୁଦୀପ୍ତ ନାୟକ, ଜନତା ହାଇସ୍କୁଲ ଭୁକ୍ତାର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ, ପଞ୍ଚସଖା ଶିକ୍ଷା ସେତୁର ଅଧ୍ୟକ୍ଷ ପ୍ରେମ କିଶୋର ପଟେଲ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରନ୍ତିଦେବ ନାୟକ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ବିଘ୍ନ ବିନାୟକଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ ପୂର୍ବକ ପୂଜାର୍ଚ୍ଚନା କରିବା ପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭୁଏ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରିବାକୁ ହେଲେ ବାଲ୍ୟାବସ୍ଥାରୁ ନିରନ୍ତର ଅଭ୍ୟାସ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ପ୍ରତିଯୋଗୀ ଶୃଙ୍ଖଳାର ସହିତ କ୍ରୀଡ଼ା ପ୍ରଦର୍ଶନ କରିବା ପାଇଁ ଶପଥ ପାଠ କରିଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟରୁ ମନୋନୀତ ପ୍ରତିଯୋଗୀ ଏହି କ୍ରୀଡ଼ା ଉତ୍ସବରେ ଉପସ୍ଥିତ ରହି ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ସେମାନଙ୍କ ମଧ୍ୟରୁ ଚୟନ କରାଯାଇଥିଲା। ପୁରୁଷୋତ୍ତମ ହାଇସ୍କୁଲ, ରୁଚିଦାର ପ୍ରଧାନ ଶିକ୍ଷକ ଅଜୟ ମେହେର, କେଦାରନାଥ ଆଦିବାସୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥ ଓ ହୀରାଧର ହାଇସ୍କୁଲ, ଭେଁନାଡୋରାର ପ୍ରଧାନ ଶିକ୍ଷକ ବାବୁଲାଲ ପ୍ରଧାନ ପରିଦର୍ଶନ କରିଥିଲେ। ଉଦଯାପନୀ ସମାରୋହରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଉତ୍ସବ ପରିଚାଳନାରେ ବ୍ଲକ କ୍ରୀଡ଼ା ସଂସଦର କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ସାମ୍ରଥ, ହରବଲ୍ଲଭ ପଧାନ, ତୋଷରାମ ଦାଶ, ରଞ୍ଜିତ ସାହୁ, କଷ୍ଟ ସାହୁ, ବିନୋଦ କୁମାର ସେଠ, ଶାନ୍ତନୁ ମିଶ୍ର, ସୁଶୀଳ କୁମାର ଚାନ୍ଦ, ସାଧୀନ ସରୋଜ ସାହୁ, ସାଧୁ ଚରଣ ଭୋଇ, ପ୍ରଭାସ ଚନ୍ଦ୍ର ଭୋଇ, ଜୀବନ ଜ୍ୟୋତି ବାରିକ,ସବିକାଶ ପ୍ରଧାନ, ସମୀର ବିଶ୍ୱାଳ, ଫଣିନ୍ଦ୍ରନାଥ ସାହୁ, ଅନୀଲ କୁମାର ନାୟକ, କ୍ରୀଡ଼ା ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ, କିରଣ ଦୋରା, ରୀନା ମେହେର, ରଜନୀ ଖମାରୀ, ଜନତା ହାଇସ୍କୁଲର ନେତାଜୀ ସ୍କାଉଟ ଏବଂ ଜୁନିୟର୍ ରେଡକ୍ରସର ସଦସ୍ୟଙ୍କ ସମେତ ଶିକ୍ଷକ ଶ୍ରୀପତି ସାହୁ, ଶିକ୍ଷକ ସଞ୍ଜୟ ଖମାରୀ, ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଅମୂଲ୍ୟ ଭୋଇ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରାଜକୁମାରୀ ଭୁଏ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ସାମ୍ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସହରକୁ ନଜର ରଖିବ ୮୭୦ ସିସିଟିଭି

## ରାଉରକେଲାରେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ

ରାଉରକେଲା, ୩୦।୧୦(ସଙ୍ଗୀତା ଜେନା)



କଣ୍ଟ୍ରୋଲ ରୁମ୍‌କୁ ଉଦ୍‌ଘାଟନ କରାଯାଉଛି।

ରାଉରକେଲା ସହରରେ ଘଟୁଥିବା ଅପରାଧ ହେଉ ଅବା ଟ୍ରାଫିକ୍ ଅବ୍ୟବସ୍ଥା। ସବୁର ସମାଧାନ ଏବେ ପୋଲିସ ନିୟନ୍ତ୍ରଣ କକ୍ଷରୁ କରାଯିବ। ହେଲମେଟ୍ ଚେକିଂ, ବେପରୁଆ ଗାଡି ଚାଳନା କରୁଥିବା ଅମାନିଆ ଏଥିରୁ ନିସ୍ତାର ପାଇବେ ନାହିଁ। କ୍ୟାମେରା ଦେଖି ଚାଲାଣ କଟିବ। ଅନ୍ଧାରୁଆ ଏବଂ ନିଛାଟିଆ ସ୍ଥାନରେ ମହିଳାମାନେ ଦିନରାତି କୌଣସି ସମୟରେ ବିଚରଣ କରିପାରିବେ। ୮୭୦ ସିସିଟିଭି ନଜରରେ ରହିବ ସାରା ସହର। ରାଉରକେଲା ପୋଲିସ ମୁଖ୍ୟାଳୟ (ଡିପିଓ)ରେ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟନ ଅବସରରେ ଏପରି ମତପ୍ରକାଶ ପାଇଛି।

ଗୁରୁବାର ଅପରାହ୍ନ ସାଢେ ୧ଟାରେ ଡିପିଓରେ ଉକ୍ତ ନିୟନ୍ତ୍ରଣ କକ୍ଷକୁ ଉଦ୍‌ଘାଟନ କରି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଆହୁରି କହିଲେ, ରାଉରକେଲା ସହରକୁ ସୁରକ୍ଷିତ ରଖିବା ପାଇଁ ବହୁ ପୂର୍ବରୁ ମୂଳଦୁଆ ପଡ଼ିଥିଲା। ପୂର୍ବତନ ଏସ୍‌ପି ଉମାଶଙ୍କର ଦାଶଙ୍କ ସମୟରେ ସିସିଟିଭି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ସେବେଠାରୁ ପୋଲିସର ନିରନ୍ତର ପ୍ରୟାସରେ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାଞ୍ଚ କରି ସିସିଟିଭି ଲଗାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏତେ ସଂଖ୍ୟାରେ ସିସିଟିଭି ପ୍ରଶାସନ ପକ୍ଷରୁ ଇନଷ୍ଟଲ କରାଯାଇ ନ ଥିବା ସ୍ଥଳେ ରୋଡ୍ ଫେସିଂ ଓ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ସହରବାସୀଙ୍କ ବ୍ୟକ୍ତିଗତ କ୍ୟାମେରାକୁ ମଧ୍ୟ ଏହି ଅଭିଯାନରେ ସାମିଲ କରାଯାଇଛି। ପୋଲିସ ପକ୍ଷରୁ ୨୨୦ଟି ସିସିଟିଭି ସ୍ଥାପନ ସହ ଏଥିରେ ୧ଶହ ସୋଲାର ପାୱାର କ୍ୟାମେରା ଫେସିଂ ରେକଗ୍‌ନାଇଜେଶନ୍ ସିଷ୍ଟମ (ଏମ୍‌ଆରଏସ୍) ଓ ଅଟୋମେଟିକ୍ ନମ୍ବର ପ୍ଲେଟ୍ ରେକ୍‌ଗନାଇଜେଶନ (ଏଏନ୍‌ପିଆର୍) କ୍ୟାମେରା ରହିଛି। ନିୟନ୍ତ୍ରଣ କକ୍ଷରୁ ଘଟଣାର ପ୍ରକୃତ ସମୟ ନିରୂପଣ, ସନ୍ଦେହଜନକ ଗତିବିଧି ଚିହ୍ନଟ ତଥା ଫିଲ୍ଡ ୟୁନିଟ୍ ସହ ଉଚିତ ସମନ୍ୱୟ ଆଦି ରଖାଯିବ। ଏହି ଅଭିଯାନରେ କମ୍ୟୁନିଟି ପାର୍ଟନରଶିପ୍ ମଡେଲ ଆରମ୍ଭ ହୋଇଛି। ଫଳସ୍ୱରୂପ ଜନସାଧାରଣଙ୍କ ୬୫୦ ସିସିଟିଭିକୁ ନିୟନ୍ତ୍ରଣ କକ୍ଷ ସହ ସଂଯୋଗ କରାଯାଇଛି ବୋଲି ରାୟ କହିଥିଲେ।

ସେହିପରି ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ କହିଲେ, ପୋଲିସ ଓ ଜନସାଧାରଣ ଏହି ସଂଯୁକ୍ତ ପ୍ରୟାସ ସମୁଦାୟଭିତ୍ତିକ ପୋଲିସିଂର ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ସହରବାସୀ ନିଜ ରୋଡ୍ ଫେସିଂ କ୍ୟାମେରାର ଲାଇଭ ଫିଡ୍ ଶେୟାର କରି ପ୍ଲେଜ୍ କ୍ୟାମେରା ଅଭିଯାନରେ ସମ୍ମତି ଜଣାଇଛନ୍ତି। ଉକ୍ତ କକ୍ଷରୁ ସିସିଟିଭି ସେଲ୍, ଇ-ବିଟ୍ ସେଲ୍, ଟ୍ରାଫିକ୍ ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ ବ୍ୟବସ୍ଥା ଏକ ମାଇଲଖୁଣ୍ଟ ସଦୃଶ। ଯାହାକି ଆଗାମୀ ଦିନରେ ରାଉରକେଲାକୁ ଏକ ଆଦର୍ଶ ଜିଲା ଭାବେ ପରିଚିତ କରାଇବ। ଆଗାମୀ ଦିନରେ ଅଧିକ ସଂଖ୍ୟକ ସିସିଟିଭି ସ୍ଥାପନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଏସ୍‌ପି ୱାଧୱାନୀ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଥାନାଧିକାରୀମାନେ ଉପସ୍ଥିତ ଥିଲେ।

# ଆର୍‌ଜିଏଚ୍‌ରେ ମୃତ ଶିଶୁ ଜନ୍ମ, ଚିକିତ୍ସାରେ ଅବହେଳା ଅଭିଯୋଗ


ପ୍ରସୂତିଙ୍କ ସମ୍ପର୍କୀୟମାନେ ପାଟିତୁଣ୍ଡ କରୁଛନ୍ତି।

ରାଉରକେଲା,୩୦।୧୦
(ଦିନେଶ ମିଶ୍ର/ସଙ୍ଗୀତା ଜେନା)

ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ପ୍ରସୂତିଙ୍କ ଚିକିତ୍ସାରେ ଅବହେଳା ଯୋଗୁ ମୃତ ଶିଶୁ ଜନ୍ମ ନେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ସ୍ଥାନୀୟ ଲୋକେ ଓ ସମ୍ପର୍କୀୟମାନେ ପାଟିତୁଣ୍ଡ କରିଥିଲେ। ଫଳରେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ରଘୁନାଥପାଲି ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି।

ସୂଚନା ଅନୁଯାୟୀ, ବିହାର ରାଜ୍ୟ ସରଣ ଜିଲାର ଆଶିଷ ଉପାଧ୍ୟାୟ(୨୫) ତାଙ୍କ ଗର୍ଭବତୀ ସ୍ତ୍ରୀ ପ୍ରତୀକ୍ଷା କୁମାରୀ (୨୩)ଙ୍କୁ ଚଳିତ ମାସରେ ରାଉରକେଲା ସେକ୍ଟର-୯ ସ୍ଥିତ ଡାଇପୋଷସ୍ଥିତ ସମ୍ପର୍କୀୟ ନରେଶ କଂସାରିଙ୍କ ଘରକୁ ଆସିଥିଲେ। ଗତ ୧୪ତାରିଖରେ ମାତୃ ମଙ୍ଗଳ ବିଭାଗରେ ପରୀକ୍ଷା ପରେ ଅକ୍ଟୋବର ୨୭ ତାରିଖରେ ପ୍ରତୀକ୍ଷାଙ୍କ ପ୍ରସବ ହେବ ବୋଲି କୁହାଯାଇଥିଲା। ପରେ ପୁଣି ଆଉ ଥରେ ହସ୍ପିଟାଲକୁ ଆସିବାରୁ ନଭେମ୍ବର ୨୩ରେ ପ୍ରସବ ହେବ ବୋଲି କୁହାଯାଇଥିଲା। ହେଲେ ଅକ୍ଟୋବର ୨୯ ତାରିଖରେ ପ୍ରତୀକ୍ଷାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେ ସମୟରେ ଡାକ୍ତରଖାନାରେ କେହି ତାଙ୍କ କଥା ଶୁଣି ନ ଥିଲେ ବୋଲି ଅଭିଯୋଗ ହୋଇଛି। ଗୁରୁବାର ସକାଳେ ଅସହ୍ୟ ଯନ୍ତ୍ରଣା ହେବାରୁ ସନ୍ଧ୍ୟାରେ ପ୍ରସୂତିଙ୍କର ଅସ୍ତ୍ରୋପଚାର କରାଯିବାରୁ ମୃତ ଶିଶୁ କନ୍ୟା ଜନ୍ମ ହୋଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ମୃତ ଶିଶୁ ଜନ୍ମ ନେଇଥିବା ଅଭିଯୋଗ କରି ସମ୍ପର୍କୀୟମାନେ ହସ୍ପିଟାଲ ପରିସରରେ ପାଟିତୁଣ୍ଡ କରିଥିଲେ। ଏ ସମ୍ପର୍କରେ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ପଣ୍ଡିତ କୁମାର ସାହୁଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ।

# ମ୍ୟୁନିସିପାଲ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ରାଉରକେଲା,୩୦।୧୦(ଦିନେଶ ମିଶ୍ର)

ରାଉରକେଲା ଉଦିତନଗରସ୍ଥିତ ମ୍ୟୁନିସିପାଲ କଲେଜରେ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ବିଜ୍ଞାନ-ରାସ୍ତାର ଦୋଛକିରେ ଶୀର୍ଷକ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ରାଉରକେଲା ଆସୋସିଏଶନ ଫର ବାୟୋଜେନେସିସ୍ ଅଫ ସାଇନ୍ସ ଆଣ୍ଡ ସ୍ପିରିଚୁଆଲିଟି (ରାବ୍ସ)ର ସାଧାରଣ ସମ୍ପାଦକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ରାଜନୀତି ବିଜ୍ଞାନର ପ୍ରାଧ୍ୟାପିକା ଭାଗ୍ୟଲକ୍ଷ୍ମୀ ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ବହୁମୁଖୀ ଉପକାର ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ବିଜ୍ଞାନ ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବାନାରା ଅତିଥି ପରିଚୟ ଏବଂ ଶ୍ରୁତି ସ୍ୱରୂପା ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଖିଳ ଭାରତୀୟ ବିଜ୍ଞାନ ଓ ଗବେଷଣା କେନ୍ଦ୍ରରୁ ଆସିଥିବା ରାସାୟନବିତ୍ ଡକ୍ଟର ସନ୍ଧ୍ୟାରାଣୀ ନାୟକ କ୍ୟାରିୟର କାଉନସେଲିଂ ଉପରେ ଯୁକ୍ତ ୩ ବିଜ୍ଞାନ ପିଲାମାନଙ୍କ ମାର୍ଗଦର୍ଶନ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ହରିହର ଦାସ ଉପସ୍ଥିତ ଥିଲେ। ଡକ୍ଟର ଶିବାନୀ ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଚିନ୍ମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ମ୍ୟୁଜିକ ସର୍କଲରେ ବିଜୟା ଉତ୍ସବ

ରାଉରକେଲା,୩୦।୧୦(ଦିନେଶ ମିଶ୍ର)

ରାଉରକେଲା ମ୍ୟୁଜିକ ସର୍କଲ ଆନୁକୂଲ୍ୟରେ ଗୁରୁବାର ବିଜୟା ଉତ୍ସବ-୨୦୨୫ ସହ ନବୀକୃତ ଶ୍ରେଣୀଗୃହ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମ୍ୟୁଜିକ ସର୍କଲର ପ୍ରତିଷ୍ଠାତ୍ରୀ ତଥା ସାଧାରଣ ସମ୍ପାଦିକା ଅଲକା ଚାନ୍ଦ ଏହାକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା ଓ ଅଲକାନନ୍ଦ ପଣ୍ଡା ସହଯୋଗ କରିଥିବାବେଳେ ଅଭୟ କୁମାର ଦାଶ, ଜୟଶ୍ରୀ ଦାସ ଓ ଲକ୍ଷ୍ମଣନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟା ଅଧିବେଶନରେ ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଅନୁପ କୁମାର ମଲ୍ଲିକ ମୁଖ୍ୟ ଅତିଥି, ୱାଟର କ୍ରାଷ୍ଟ ସଲ୍ୟୁଶନର ଅଧ୍ୟକ୍ଷ ନିହାରିକା ବସ୍ତିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପରିବେଷଣ ହୋଇଥିଲା। ବାବାଜୀ ଚରଣ ବିଶ୍ୱାଳ, ବିଭୂତି ଭୂଷଣ ପତି, ବି. ଚନ୍ଦ୍ରଶେଖର ରାଓ, ସୁଦେଷ୍ଣାରାଣୀ ରାଉତ, ଅନିନ୍ଦିତା ମାଇତି, ରିତୁ ରାୟ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ୱେଟ୍ ଲିଫ୍ଟିଂ ପ୍ରତିଯୋଗିତା, ସୁନ୍ଦରଗଡ଼ ଖେଳାଳିଙ୍କ କୃତିତ୍ୱ


ୱେଟ୍ ଲିଫ୍ଟିଂରେ କୃତୀ ଖେଳାଳି।

ରାଉରକେଲା, ୩୦।୧୦(ସଙ୍ଗୀତା ଜେନା)

ଚଳିତ ମାସ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ୭୨ତମ ରାଜ୍ୟ ୱେଟ୍ ଲିଫ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲାର ଖେଳାଳି କୃତିତ୍ୱ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୭୭ କେଜି ବର୍ଗରେ ଆଲିଶା ମହାରଣା ୩ୟ, ୭୭ କେଜି, ୮୬ କେଜି ଜୁନିଅର, ୮୬ କେଜି ସିନିଅରରେ ମୌସୁମୀ ଦାସ ପ୍ରଥମ, ୧୧୦ କେଜି ଜୁନିଅର ଓ ସିନିଅର ବର୍ଗରେ ସୌମ୍ୟରଞ୍ଜନ ରାଉତରାୟ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଟିମ୍ ସହ ପ୍ରଶିକ୍ଷକ ସୌମ୍ୟରଞ୍ଜନ ମହାନ୍ତି ଓ ନକୁଳ ଶର୍ମା, ପରିଚାଳକ ତଥା ଜିଲା ଖେଳକୁଦ ସଂଘ ୱେଟ ଲିଫ୍ଟିଂ ବିଭାଗର ସମ୍ପାଦକ ବାସୁଦେବ ବାନାର୍ଜୀ ପ୍ରମୁଖ ଭୁବନେଶ୍ୱର ଗସ୍ତ କରିଥିଲେ। ଖେଳାଳିଙ୍କ କୃତିତ୍ୱ ପାଇଁ ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଖେଳ ବିଭାଗର ସୁଦୀପ୍ତ ନାୟକ, ଏନ୍‌ଆଇଏସ୍ କୋଚ୍ ବିକ୍ରମ ସ୍ୱାଇଁ, ଦୁର୍ଗାମାଧବ ନାୟକ, ବିମଳ ବୋଷ, ଚିତ୍ତରଞ୍ଜନ ବହିଦାର, ଗୋପୀନାଥ ପଣ୍ଡା, ରାଏମା କ୍ଲବ ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ରବିନ୍ଦ୍ର ଗଣ୍ଡ, ବାବୁ ଭୁତିଆ, ଇଶ୍ୱର ନାୟକ, ସମିତା ବାରିକ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମା' ଇନ୍ଦିରା ମହିଳା ସମିତିର ନୂଆଁଖାଇ ଭେଟ୍‌ଘାଟ୍

ରାଉରକେଲା, ୩୦।୧୦(ସଙ୍ଗୀତା ଜେନା)

ରାଉରକେଲାର ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ହୋଟେଲ ସୋଲେସ୍‌ଠାରେ ବୁଧବାର ସନ୍ଧ୍ୟା ୭ଟାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ପୁଷ୍ପା ଲେଙ୍କାଙ୍କ ପୌରୋହିତ୍ୟରେ ସାମାଜିକ କର୍ମୀ ବିରେନ ସେନାପତି ମୁଖ୍ୟ ଅତିଥି, ଶୈଳେନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ଗଗନ ପଣ୍ଡା, ବୈଲୋଚନ ସାହୁ, ଘନଶ୍ୟାମ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାନେତ୍ରୀ ଲେଙ୍କା ସ୍ୱାଗତ ଭାଷଣ ଦେଇ କହିଲେ, ପଶ୍ଚିମ ଓଡ଼ିଶାର ଏହି ମହାନ୍ ପର୍ବ ମା' ସମଲେଶ୍ୱରୀଙ୍କୁ ସମର୍ପିତ। ଦୀର୍ଘ ବର୍ଷରୁ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ଅସ୍ମିତାକୁ ସମ୍ମାନ ଜଣାଇ ପ୍ରତ୍ୟେକ ଓଡ଼ିଆ ପର୍ବପର୍ବାଣୀ ସହ ଏହି ପର୍ବ ମଧ୍ୟ ପାଳନ ହୋଇଆସୁଛି ବୋଲି ଲେଙ୍କା କହିଥିଲେ। ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦ ସଭାପତି ପ୍ରମୋଦ ନାୟକ, ସିଭିଲଟାଉନଶିପ୍ ଗଣେଶ ପୂଜା କମିଟି ସଭାପତି ପ୍ରତାପ ସାହୁ, ଦିଲୀପ ଶର୍ମା, ନୃତ୍ୟଗୁରୁ ସମୀର ମହାପାତ୍ର, ଲିଲି ସ୍ୱାଇଁ, ମମତା ସାହୁ, ମୃଣ୍ମୟୀ ମହାନ୍ତି ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରାଧାକୃଷ୍ଣଙ୍କ ରାହାସ ନୃତ୍ୟ, ସମ୍ବଲପୁରୀ ଗୀତରେ ଦର୍ଶକ ଝୁମିଥିଲେ। ସମ୍ପାଦିକା ହେମଲତା ଦେବୀ, ସୁଲତା, ଡିମ୍ପଲ ସାହୁ, ଲୀଳାବତୀ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର

ରାଉରକେଲା,୩୦।୧୦(ଦିନେଶ ମିଶ୍ର)


ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ପାଠାଗାର ସମ୍ମିଳନୀ କକ୍ଷରେ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ଅଜୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ପ୍ରାକ୍ତନ ପ୍ରବନ୍ଧକ ଉପେନ୍ଦ୍ର ନାଥ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ଇଣ୍ଟରନେଟ୍ ଯୁଗରେ କିଭଳି ପାଠାଗାର ପ୍ରତି ଲୋକଙ୍କ ଆଗ୍ରହ କମି କମି ଯାଉଛି ତାର କାରଣ ଓ ନିରାକରଣ ଉପରେ ସେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ବିଜୟିନୀ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ କାର୍ତ୍ତିକ ମାହାତ୍ମ୍ୟ ଶୀର୍ଷକ ଆଲୋଚନା କରିଥିଲେ। ଆମ ସଂସ୍କୃତିରେ ଶାସ୍ତ୍ର ଓ ପୁରାଣ ଅନୁସାରେ କାର୍ତ୍ତିକ ମାସ ହେଉଛି ଶ୍ରେଷ୍ଠ ମାସ। ଧର୍ମ କାର୍ଯ୍ୟ ପାଇଁ ଉତ୍କୃଷ୍ଟ ହୋଇଥିବାରୁ ଏଇ ମାସଟିକୁ ନିଷ୍ଠାର ସହ ପାଳନ କରାଯାଏ ବୋଲି ଜେନା କହିଥିଲେ। ଏହି ଆସରକୁ କବିତା ଦାଶ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ କିଶୋରୀ ମୋହନ କର ଆଦିକନ୍ଦ କେତେ ଶୀର୍ଷକ ଏକ କ୍ଷୁଦ୍ର ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ହୋଇଥିଲା। କବି ସୁଶାନ୍ତ ନାୟକ ଓ ସବିତା ପରିଡା ଏହାକୁ ସଂଯୋଜନା କରିଥିଲେ। ଡକ୍ଟର ଶକ୍ତି ପ୍ରସାଦ ସାମନ୍ତରାୟ, କରୁଣାକର ପାଢଶାଣୀ, ଗୀତାଞ୍ଜଳି ମହାରଣା, କମଳ ଆଚାର୍ଯ୍ୟ, ପୁତୁଲ ଡୋଗ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସୁଭାଷିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଚୋରି, ୨ ଗିରଫ

ରାଉରକେଲା, ୩୦।୧୦(ସଙ୍ଗୀତା ଜେନା)

ଗତ ୨୮ ତାରିଖରେ ସେକ୍ଟର-୭ ଅଞ୍ଚଳର ସାଙ୍ଗ ଘରକୁ ଛଟ୍ ପର୍ବ ପାଳନ କରିବାକୁ ଯାଇଥିବାବେଳେ ନାଗେଶ୍ୱର ନାଏକଙ୍କ ବାଇକ ଚୋରି ହୋଇଥିଲା। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସେକ୍ଟର-୬ ଏକତା ବସ୍ତିର କାର୍ତ୍ତିକ ନାଗ(୨୬) ଓ ଛୋଟୁ ନାଗ(୩୦)। ସେମାନଙ୍କ ନିକଟରୁ ୪ଟି ବାଇକ୍ ଜବତ ହୋଇଛି। ଗୁରୁବାର ଅପରାହ୍ନ ସାଢ଼େ ୩ଟାରେ ପୋଲିସ ଉଭୟଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ଏ ନେଇ ଏକ ମାମଲା(ନଂ ୨୪୫/୨୫) ରୁଜୁ କରିଛି।

# ଗ୍ରାମୀଣ ଫୁଟ୍‌ବଲ: କବରସ୍ଥାନ ଚାମ୍ପିୟନ

ରାଉରକେଲା,୩୦।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ପକ୍ଷରୁ ଲାଠିକଟା ବ୍ଲକ ଅନ୍ତର୍ଗତ ସୁଇଡିହ ଗ୍ରାମପଞ୍ଚାୟତର ସୋନାପର୍ବତ ଗ୍ରାମରେ ଚାଲିଥିବା ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ଟି. ଜି. କାନେକର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଲାଠିକଟା ସରପଞ୍ଚ ଗୋପୀନାଥ ଖାଲକୋ, ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ଡିଜିଏମ୍ ଆର୍. ଏସ୍. ବାରା ଓ ଟି. ବି. ଟପ୍ପୋ, ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଜଲଦା ସି ବ୍ଲକର କବରସ୍ଥାନ ଓ ନୂଆଗାଁର ଅଂସାରୀ ଦଳ ମଧ୍ୟରେ ହୋଇଥିଲା। ଏଥିରେ କବରସ୍ଥାନ ଦଳ ଅଂସାରୀ ଦଳକୁ ୫-୩ ଗୋଲରେ ପରାଜିତ କରି ଚାମ୍ପିଅନ ହୋଇଥିଲା। ଏହି ଅବସରରେ ତରୁଣ ମିଶ୍ର ବିଜେତା ଓ ଉପବିଜେତା ଦଳର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରେ ବିଜେତା ଦଳକୁ ୧୦ହଜାର ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ୮ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ୩ୟ ଏବଂ ୪ର୍ଥ ସ୍ଥାନରେ ଥିବା ବୁଢାହଣ୍ଡା ଓ ସୁଇଡିହ ଦଳକୁ ଯଥାକ୍ରମେ ୬ହଜାର ଓ ୪ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଆର୍‌ଏସ୍‌ପି ପୃଷ୍ଠପୋଷକତାରେ ମାଁ ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ହୋଇଥିଲା। ସିଏସ୍‌ଆର ବିଭାଗର ସେକ୍ସନ ଅଫିସର ବି.ଏକ୍କା, ଜି. ଆର ନାୟକଙ୍କ ସମେତ ସିଏସ୍‌ଆର ବିଭାଗ ଦଳ ଉଦ୍‌ଯାପନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# ସ୍କୁଲ ବ୍ୟାଗ୍‌ରେ ଗଞ୍ଜେଇ କାରବାର


ରେଲୱେ ଷ୍ଟେଶନରେ ଥିବା ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ।


ଜିଆର୍‌ପି ଅଧିକାରୀ ଯାଞ୍ଚ କରୁଛନ୍ତି।

ରାଉରକେଲା, ୩୦।୧୦(ସଙ୍ଗୀତା ଜେନା)

- ଜିଆର୍‌ପିର ଚଢ଼ାଉ, ଅଭିଯୁକ୍ତ ଫେରାର
- ସମ୍ବଲପୁରରୁ ଆଣି ଦିଲ୍ଲୀ ପଠାଯାଉଥିଲା

ରାଉରକେଲାରୁ ଟ୍ରେନ୍ ଯୋଗେ ଦିଲ୍ଲୀ ପଠାଇବା ପାଇଁ ସମ୍ବଲପୁରରୁ ଆସିଥିଲା ଲକ୍ଷ ଲକ୍ଷ ଟଙ୍କାର ଗଞ୍ଜେଇ। ଗୁପ୍ତ ସୂଚନାକୁ ଆଧାର କରି ଜିଆର୍‌ପି ପୋଲିସ ଗୁରୁବାର ଅପରାହ୍ନ ୨ଟା ୩୦ରେ ରାଉରକେଲା ଷ୍ଟେଶନ ପ୍ଲାଟ୍‌ଫର୍ମ ନଂ.୪ ପାର୍ସଲ ରୁମ୍ ନିକଟରେ ଚଢାଉ କରି ଏହାକୁ ଜବତ କରିଥିଲା। ୨ଟି ବଡ଼ ବଡ଼ ବ୍ୟାଗକୁ ପ୍ଲାଟଫର୍ମ-୧ ସ୍ଥିତ ପାର୍ସଲ ଗୋଦାମକୁ ଆଣିବା ପରେ ତାକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଖୋଲାଯିବାରୁ ସେଥିରୁ ପିଲାଙ୍କ ସ୍କୁଲ ବ୍ୟାଗ୍‌ରେ ବିପୁଳ ପରିମାଣର ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଥିବା ବେଳେ ଏହାକୁ ଜମା କରିଥିବା ଲୋକ ଫେରାର ଅଛନ୍ତି। ଫଳରେ ଉକ୍ତ ମାମଲାରେ କେହି ଗିରଫ ହୋଇ ପାରିନାହାନ୍ତି। ଏ ନେଇ ଜିଆର୍‌ପି ଥାନାରେ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

ଗୁରୁବାର ଅପରାହ୍ନ ୨ଟା ୩୦ରେ ଜମ୍ମୁତବିଏକ୍ସପ୍ରେସରେ ଦିଲ୍ଲୀ ପର୍ଯ୍ୟନ୍ତ ଯିବାକୁ ରାଉରକେଲାରୁ ପ୍ଲାଟ୍‌ଫର୍ମରେ ୨ଟି ବଡ଼ ବଡ଼ ବ୍ୟାଗ୍ ବୁକ୍ କରାଯାଇଥିଲା। ଜିଆର୍‌ପି ପୋଲିସ ଅଧିକାରୀ ରେଶମା ଏକ୍କା ଏବଂ ଟିମ୍ ପୂର୍ବରୁ ମିଳିଥିବା ଗୁପ୍ତ ସୂଚନାକୁ ଆଧାର କରି ଉକ୍ତ ବ୍ୟାଗ୍‌କୁ ପ୍ଲାଟଫର୍ମ ପାର୍ସଲ ଗୋଦାମକୁ ଆଣିଥିଲେ। ପରେ ମାଜିଷ୍ଟ୍ରେଟ୍ ବିକାଶ କୁମାର ଭୋଇଙ୍କ ଉପସ୍ଥିତିରେ ୨ଟି ବ୍ୟାଗ୍ ଖୋଲିବା ପରେ ସେଥିରୁ ସ୍କୁଲ୍ ବ୍ୟାଗରେ ପୁଳା ପୁଳା ଗଞ୍ଜେଇ ଥିବା ଦେଖାଯାଇଥିଲା। ତେବେ ସମ୍ବଲପରରୁ ଏହି ମାଲ୍ ଆସିଥିଲା। ଏହା ଦିଲ୍ଲୀ ପର୍ଯ୍ୟନ୍ତ ଯିବାର ଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଜିଆର୍‌ପି ଅଧିକାରୀ ଏକ୍କା ସୂଚନା ଦେଇଛନ୍ତି। ଅପରପକ୍ଷେ ପାର୍ସଲ ବିଭାଗରୁ ଏ ସମ୍ପର୍କରେ କୌଣସି ବିଧିବଦ୍ଧ ସୂଚନା ହସ୍ତଗତ ହୋଇନାହିଁ।

# ସଚେତନ ହେଲେ ସାଇବର ଅପରାଧ ରୋକାଯାଇପାରିବ

**କୁଚିଣ୍ଡା,୩୦।୧୦(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା କଲେଜରେ ଜାତୀୟ ସେବା ଯୋଜନା ଓ କୁଚିଣ୍ଡା ପୋଲିସ ବିଭାଗ ମିଳିତ ଆନୁକୂଲ୍ୟରେ ଏକ ସାଇବର ଅପରାଧ, ନିଶାମୁକ୍ତି ଓ ଦୁର୍ନୀତି ନିବାରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼.ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଇବର ଠକେଇ, ନିଶାମୁକ୍ତି ଓ ଦୁର୍ନୀତି ନିବାରଣ ପାଇଁ ଛାତ୍ରୀଛାତ୍ରମାନେ ସଚେତନ ହେବାକୁ କହିଥିଲେ। କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଡା.ସତ୍ୟପ୍ରକାଶ ଦୋରା ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଶା ସେବନର ଅପକାରିତା ଓ ଶରୀର ଉପରେ ପଡୁଥିବା କୁପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ବଲପୁର ସାଇବର ଥାନା ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ରାଉତରାୟ, ଅଧ୍ୟାପକ




କୁଚିଣ୍ଡା କଲେଜରେ ସାଇବର ସଚେତନତା ରଥ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଉଦ୍‌ବୋଧନ ଦେଉଛନ୍ତି।

**କୁଚିଣ୍ଡା କଲେଜରେ ସାଇବର ସଚେତନତା ରଥ**

ପ୍ରମୋଦ କୁମାର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମସ୍ତେ ସଚେତନ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ସମ୍ବଲପୁରରୁ ଆସିଥିବା ସାଇବର ସଚେତନତା ରଥକୁ କୁଚିଣ୍ଡା କଲେଜ ପକ୍ଷରୁ ଭବ୍ୟ ସାଗତ କରାଯାଇଥିଲା। ଏହି ଅବସରରେ ପୋଲିସ ବିଭାଗ ପକ୍ଷରୁ ସାଇବର ସଚେତନତା ସମ୍ପର୍କିତ କୁଇଜ ପ୍ରତିଯୋଗିତାରେ ଅଙ୍କିତ ମେହେର ପ୍ରଥମ, ଗୀତାଞ୍ଜଳି ସାହୁ ଦ୍ୱିତୀୟ ଓ ଶୋଭାରାଣୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୁକ୍ତ ୩ ଜାତୀୟ ସେବା ଯୋଜନା ଅଧିକାରୀ ଲେମତୀ କୁମୁରା ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ଼.ଆଲୋକ ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଖୁର୍ସିଦହାରା ଗେମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ଥାନାର ଇନ୍ସପେକ୍ଟର ହାଡୁ ବେହେରା, ସଇନ୍ସପେକ୍ଟର ଲବଲୀ ପ୍ରଧାନ ଓ ଅମର ହୋତା, କଲେଜ ଅଧ୍ୟାପକ ଡ.ସୁମନ୍ତ କୁମାର ପଟେଲ, ଗଣନାଥ ପଟେଲ, ମୁନା ବାଗ, ସତ୍ୟମ ପଟେଲ, ଦୀପକ ବିଶାଳ, ସୁଧାଂଶୁ ମହାପାତ୍ର, ଅଭିନ କିଷାନ, ଭିକାରୀ ଓରାମ, ନିର୍ମଳ ଉର୍ମା, ମହାଦେବ ମେହେର, ମଣ୍ଟୁ ଭୁଏ, ଅଧ୍ୟାପିକା ଡ.ମେନକା ନାଏକ, ମଞ୍ଜୁଶ୍ରୀ ଦାସ, ଜିନୀୟା ଭଟ୍ଟାଚାର୍ଯ୍ୟ, ସୁଷମା କର, ମମତା ଟପ୍ପୁ,ଜୟନ୍ତୀ ସିଂହ, ପିଇଟି ବିଜୟ କଉଡ଼ି ପ୍ରମୁଖ ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

**ସମ୍ବଲପୁର,୩୦।୧୦(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଚଉଦଏକର୍ ଗ୍ରାମରେ ୨୦୧୯ ମସିହାରେ ଏକ ଚୋରି ମାମଲାର ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ସମ୍ବଲପୁର ଜୁଡିସିଆଲ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ(ସିଟି-୨) ସ୍ୱୟଂଶିକ୍ତା ପତି। ଗୁରୁବାର ଉକ୍ତ ମାମଲାର ରାୟ ପ୍ରକାଶ କରି ବିଚାରପତି ପତି ଅଭିଯୁକ୍ତ ଯୁଯୁମୁରା ଥାନା ଅନ୍ତର୍ଗତ କୁଲଶର ଗ୍ରାମର କୃଷ୍ଣଚନ୍ଦ୍ର ଖର୍ସେଲଙ୍କୁ ଦଫା ୪୫୪ରେ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୩ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ନେର୍ଦ୍ଦେଶ ଦେଇଛନ୍ତି। ସେହିପରି ଦଫା ୩୮୦ରେ ଅଭିଯୁକ୍ତଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ, ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅର୍ଥ ଅନାଦାୟ ଅଧିକ ୨ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ଗତ ୨୦୧୯ ଅକ୍ଟୋବର ୧୦ ରେ ଚଉଦଏକର ଗ୍ରାମ ବାସିନ୍ଦା ଶେଲସିୟସ

**ଘରେ ପଶି ଚୋରି ମାମଲା**

ବାଗେ ଘରେ ତାଲା ପକାଇ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ସେ ଘରେ ନ ଥିବା ସମୟରେ ଅପରାହ୍ନ ପ୍ରାୟ ୧ଟାରେ ଅଭିଯୁକ୍ତ କୃଷ୍ଣ ତାଲା ଭାଙ୍ଗି ତାଙ୍କ ଘରେ ପଶିଥିଲେ। ଏକ ରୂପା ଚେନ୍, ହଳେ କାନଫୁଲ ଓ ପ୍ରାୟ ୨ ହଜାର ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ଘରୁ ବାହାରୁଥିବା ବେଳେ ବାଗେ ତାଙ୍କୁ ଦେଖି ଚୋର କହି ଡାକ ପକାଇଥିଲେ। ଚିତ୍କାର ଶୁଣି ସାହି ପଡିଶା ଅଭିଯୁକ୍ତଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଘର ମାଲିକ ବାଗେଙ୍କ ଏତଲାକ୍ରମେ ଯୁଯୁମୁରା ଥାନରେ ଦଫା ୪୫୪, ୩୮୦ରେ ଏକ ମାମଲା(ନଂ. ୧୪୦/୧୯)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ତ୍ରିନାଥ ପଣ୍ଡା ଏହି ମାମଲାକୁ ପରିଚାଳନା କରିଥିଲେ।

# ସାଇବର କ୍ରାଇମ ସଚେତନତା ଶିବିର

**ଜମନକିରା,୩୦।୧୦(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଷଣ୍ଢପଥର ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପୋଲିସ ପ୍ରଶାସନ ପକ୍ଷରୁ ସାଇବର କ୍ରାଇମ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରଥ ବ୍ଲକ ଅଞ୍ଚଳ ପରିକ୍ରମା କରି ପ୍ରୋଜେକ୍ଟର ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲା। ଉକ୍ତ ରଥ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବା ପରେ ସାଇବର କ୍ରାଇମ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ମୁଖ୍ୟଅତିଥିଭାବେ କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାଶ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱରୂପା ମାଝୀ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ, ପ୍ରଧାନଶିକ୍ଷକ ତୀର୍ଥରାଜ ନାୟକ, ଅଧ୍ୟାପିକା ଉପମା ନାଏକ, ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ବିନାୟକ ପଣ୍ଡା ମଞ୍ଚାସୀନ ଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ସାଇବର ସଚେତନତା ଉପରେ ମାର୍ଗଦର୍ଶନ କରିଥିଲେ। କୌଣସି ଅଜଣା ଲୋକଙ୍କୁ ଓଟିପି ଆଦୌ ଦେବା କଥା ନୁହେଁ। ଏଥିସହିତ ଅଜଣା ଫୋନ କଲ,



ସଚେତନତା ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

ମେସେଜ, ଏବଂ ଭିଡିଓ କଲ ଗ୍ରହଣ ନ କରିବା, ଏକାଉଣ୍ଟ ନମ୍ବର୍, କ୍ରେଡିଟ କାର୍ଡ, ଡେବିଟ କାର୍ଡ ନମ୍ବର ଓ ବ୍ୟକ୍ତିଗତ ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ନ ଦେବା, କାର୍ଡ ହଜିଗଲେ ତୁରନ୍ତ ବ୍ୟାଙ୍କକୁ ଜଣାଇବା, ସୋସିଆଲ ମିଡ଼ିଆରେ ଅଜଣା ଲୋକଙ୍କଠାରୁ ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରିବା କିମ୍ବା ନ ପଠାଇବାକୁ କୁହାଯାଇଥିଲା। ସେହିପରି ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଥିବା ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ମହାକୁର ସାଇବର ଠକେଇ ଉପରେ ଇଂରାଜୀରେ ଅଭିଭାଷଣ ରଖିଥିଲେ। ରଥ ପରିଚାଳନାରେ ଏସଆଇ ବିଶ୍ୱରଞ୍ଜନ ରାଉତରାୟ, ଏଏସଆଇ ପଦ୍ମନାଭ ଅଗସ୍ତି, ନାରାୟଣ ନାଏକ ସହଯୋଗ କରିଥିଲେ। ଜମନକିରା ଥାନା ଏସଆଇ ମନୋରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏସଆଇ ସନ୍ତୋଷ ସ୍ୱାଇଁ, ଏଏସଆଇ କିଶୋର କୁମାର ସାହୁ, ଏଏସଆଇ ନିରଞ୍ଜନ ପ୍ରଧାନ, ହାବିଲଦାର ସାଧୀନ କୁମାର ବେହେରାଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଶିଶୁ ମୃତ

**କୁଚିଣ୍ଡା, ୩୦।୧୦(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ବରଘାଟ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶିଶର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ରଞ୍ଜିତ ମୁଣ୍ଡାଙ୍କ ୯ବର୍ଷର ଶିଶୁ ପୁତ୍ର ସନାତନ। ଏନେଇ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସନାତନ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ନିଜ ଘର ଦାଣ୍ଡରେ ସାଙ୍ଗମାନଙ୍କ ସହ ଖେଳୁଥିଲେ। ଘର ସମ୍ମୁଖରେ ପୋତା ଯାଇଥିବା ଏକ ବିଦ୍ୟୁତ୍ ପୋଲରେ ସଂଯୋଗ ହୋଇଥିବା ଆର୍ଥ୍ ତାରରେ କୌଣସି କାରଣରୁ କରେଣ୍ଟ ପ୍ରବାହ ହେଉଥିଲା। ଶିଶୁଟି ଉକ୍ତ ଆର୍ଥ୍ ସଂସ୍ପର୍ଶରେ ଆସି ସଂଜ୍ଞାହୀନ ସୋଇପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ କୁଚିଣ୍ଡା ମେଡ଼ିକାଲ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ଶିଶୁଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଡିଗ୍ରୀ କଲେଜରେ ସାଇବର ସଚେତନତା କାର୍ଯ୍ୟକ୍ରମ




ସାଇବର ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ସହ ଅତିଥିମାନେ।

**କୁଚିଣ୍ଡା,୩୦।୧୦(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଗୁରୁବାର ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଇବର ଠକେଇ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ବଲପୁର ସାଇବର ଥାନା ଅଧିକାରୀ ବିଶ୍ୱରଞ୍ଜନ ରାଉତରାୟ ସାଇବର ସଚେତନତା ରଥ ସହ କଲେଜରେ ପହଞ୍ଚି ସାଇବର ଅପରାଧିଙ୍କ ବିଭିନ୍ନ ପ୍ରଲୋଭନ ଦ୍ୱାରା ଜନସାଧାରଣ ଠକାମିର ଶିକାର ହେଉଥିବା କହିଥିଲେ। ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କା ଓ କୁସୁମି ଫାଣ୍ଡି ଅଧିକାରୀ ଅଞ୍ଜନ କୁମାର ସମ୍ମାନୀତ ଅତିଥିଭାବେ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ହରେଶ କୁମାର ସାହୁ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପୃଷ୍ଟେଠ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ସାଇବର ସଚେତନତା କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ବିକାଶ କର୍ମଶାଳା

**ନାକଟିଦେଉଳ,୩୦।୨୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷା ବିକାଶ ସମିତି ନିର୍ଦ୍ଦେଶରେ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୮ ଟି ଶିଶୁ ମନ୍ଦିରର ୧୭୬ଜଣ ଆଚାର୍ଯ୍ୟ ଓ ଗୁରୁମା ଭାଗନେଇଥିଲେ। ନାକଟିଦେଉଳ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁଙ୍କ ଅଧ୍ୟକ୍ଷତା ଓ ଗୁରୁମା ଗୀତାଞ୍ଜଳି ଦାଶଙ୍କ ସଂଯୋଜନାରେ ପରିଚାଳିତ କର୍ମଶାଳା ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ଛାତ୍ର ତଥା ନାକଟିଦେଉଳର ଅତିରିକ୍ତ ତହସିଲଦାର ବିଶ୍ୱକେଶନ ପୁରୋହିତ, ସମ୍ମାନୀତ ଅତିଥିଭାବେ ସଙ୍କୁଳ ପ୍ରମୁଖ ପ୍ରମୋଦ କୁମାର ପାଢ଼ୀ, ସଙ୍କୁଳ ସଂଯୋଜକ ଦିଲୀପ କୁମାର ପାଢ଼ୀ, ବିଦ୍ୱତ ପରିଷଦ ସଭାପତି ସୁଧୀର କୁମାର ସାହୁ, ସାଂସ୍କୃତିକ ପରିଯୋଜନା ପ୍ରାନ୍ତୀୟ ପ୍ରମୁଖ ବିଭୁ ପ୍ରସାଦ ମହାପାତ୍ର ଓ ଡ଼. ଦୀପେନ କୁମାର ପଟ୍ଟନାୟକ ଯୋଗଦେଇଥିଲେ।

# ସଞ୍ଚୟ ପାଇଁ ଅଯଥା ଖର୍ଚ୍ଚରୁ ଦୂରେଇ ରହିବା ଜରୁରୀ

**ସମ୍ବଲପୁର,୩୦।୧୦(ଭବାନୀ ଶଙ୍କର ଭୋଇ)**

**ବିଶ୍ୱ ମିତବ୍ୟୟିତା ଦିବସ**

ସମ୍ବଲପୁର ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ମିତବ୍ୟୟିତା ଦିବସ ତପସ୍ୱିନୀ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଚଳିତବର୍ଷର ସ୍ଲୋଗାନ ବିଶ୍ୱ ମିତବ୍ୟୟିତା ଦିବସରେ ମିତବ୍ୟୟୀ ହୋଇ ସଞ୍ଚୟ କରନ୍ତୁ, ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ଉପରେ ଆଧାରିତ ରହିଥିଲା। ଏହି କାର୍ଯ୍ୟକ୍ରମରେ ସଞ୍ଚୟ ଓ ଆର୍ଥିକ ସଚେତନତାର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ନିଜର ରୋଜଗାରକୁ ଦୃଷ୍ଟିରେ ରଖି କିଛି ଅର୍ଥ ସଞ୍ଚୟ କରିବା ସହ ବଳକା ଅର୍ଥକୁ ଖର୍ଚ୍ଚ କଲେ ଜୀବନରେ କେବେ କାହା ଆଗରେ ହାତ ପାତିବାକୁ ପଡିବ ନାହିଁ ବୋଲି କାର୍ଯ୍ୟକ୍ରମରେ ସମ୍ବଲପୁରର ପୋଷ୍ଟାଲ ସେବାର ସହାୟକ ନିର୍ଦ୍ଦେଶକ ବି. ମହେଶ୍ୱର ରାଓ କହିଥିଲେ । ସଞ୍ଚୟ କରିବା ପାଇଁ ଗାଁ ଠାରୁ ସହର ପର୍ଯ୍ୟନ୍ତ ଡାକ ଘର ଗୁଡିକରେ ବ୍ୟବସ୍ଥା ରହିଥିବା ସେ ସୂଚନା ଦେଇଥିଲେ। ଏହାସହ ପୋଷ୍ଟାଲ ସେଭିଂସ ସ୍କିମ ଏବଂ ସେଭିଂସ ହବ ବିଷୟରେ ସେ ଆଲୋଚନା କରିଥିଲେ। ସାଇବର ଅପରାଧ ଓ ସେଥିରୁ କିପରି ରକ୍ଷା ପାଇବପାରିବା ସେ ବିଷୟରେ ସମ୍ବଲପୁର ସାଇବର ପୋଲିସ ଥାନାର ସବଇନ୍ସପେକ୍ଟର ଈଶ୍ୱର ତାଣ୍ଡି ଅବଗତ କରାଇଥିଲେ। ଏହି ଅବସରରେ ସମ୍ବଲପୁର ସହ ନିର୍ଦ୍ଦେଶକ ଦେବ କିଶୋର ନାୟକ ଆର୍ଥିକ ସମାବେଶ ଓ ସାକ୍ଷରତା ବିଷୟରେ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀମାନେ ଓ ସାଧାରଣ ନାଗରିକମାନେ ଉପସ୍ଥିତ ହେବେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଆନିମିତା ଶତପଥୀ, ଦ୍ୱିତୀୟ ରାଖୀ ଶର୍ମା ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ସୋଫିଆ ମଲ୍ଲିକଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ସଞ୍ଚୟ ଓ ଆର୍ଥିକ ସେବାର ସହାୟକ ନିର୍ଦ୍ଦେଶକ ନୀଳାଞ୍ଚଳ ସେଠୀ ସ୍ୱାଗତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକ୍ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସାଲଷ୍ଟିନା

**ନାକଟିଦେଉଳ,୩୦।୧୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଯୁକ୍ତ ୩ ଶେଷବର୍ଷ ଶିକ୍ଷା ସମ୍ମାନ ଶ୍ରେଣୀର ଛାତ୍ରୀ ତଥା ଏନ୍‌ଏସ୍‌ଏସ୍ ୟୁନିଟ ସ୍ୱେଚ୍ଛାସେବୀ ସାଲଷ୍ଟିନା ବିଶ୍ୱାଳ କୋଲକାତାରେ ହେବାକୁ ଥିବା ପ୍ରାକ ସାଧାରଣତନ୍ତ୍ର ଦିବସ ପରେଡ଼ରେ ଭାଗ ନେବେ। ଏନ୍‌ଏସ୍‌ଏସ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ଏହି ଅବସରରେ ସାଲେଷ୍ଟିନାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ନାକଟିଦେଉଳ କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ଼. ପୁଷ୍ପାଞ୍ଜଳି ରବଣା ଓ ଅଧ୍ୟାପକ ଭଜମୋହନ ପ୍ରଧାନ ତଥା ପରିଚାଳନା କମିଟିର ପୂର୍ବତନ ସଭାପତି ଡ଼ ଦୀପେନ କୁମାର ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଗତ ୧୭ ଏବଂ ୧୮ ତାରିଖ ଦୁଇଦିନ ଧରି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହୋଇଥିବା ରାଜ୍ୟସ୍ତରର ଏହି ଚୟନ ଶିବିରରେ ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ୨୦୮ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ୨୦ ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ ।

# ସିଦ୍ଧେଶ୍ୱରୀ ଧର୍ମ ସଂସଦର ବାର୍ଷିକ ଉତ୍ସବ

**ସମ୍ବଲପୁର,୩୦।୧୦(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମୁଦିପଡା ଜୀବନ କ୍ଲବଠାରେ ସିଦ୍ଧେଶ୍ୱରୀ ଧର୍ମ ସଂସଦର ୪୯ତମ ବାର୍ଷିକ ଉତ୍ସବ ସଭାପତି ଗୋପୀନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସମ୍ବଲପୁରୀ ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନରାରାୟଣ ବହିଦାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଧର୍ମ ସଂସଦ ବିଗତ ୪୯ ବର୍ଷ ଧରି ଅଞ୍ଚଳର ଧର୍ମୀୟ ଭାବନାକୁ ପ୍ରଚାର କରି ଆସିଥିବା ମୁଖ୍ୟବକ୍ତା ଅନୁପମା ବିଶ୍ୱାଳ ମତପୋଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ଧର୍ମ ସଂସଦର ବିଗତ ବର୍ଷମାନଙ୍କରେ କରାଯାଇଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଲୋକଙ୍କ ବ୍ୟବହୃତ ଭାଷାରେ ସନାତନ ଧର୍ମର ଗମ୍ଭୀର ବିଷୟକୁ ଲୋକଙ୍କ ଆଗରେ ଉପସ୍ଥାପନ କରିବାକୁ ସିଦ୍ଧେଶ୍ୱରୀ ଧର୍ମ ସଂସଦ ସବୁବେଳେ ଚେଷ୍ଟା କରୁଥିବା ସଭାପତି ଷଡଙ୍ଗୀ କହିଥିଲେ। ଏ ସଂସଦ ଉପସଭାପତି ଅମୀୟ ପାଣି ଧର୍ମ କ'ଣ ସେ ବିଷୟରେ ଆୟୋଜିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦିବ୍ୟ ଦର୍ଶନ ସଂଘ ସମ୍ବଲପୁର ଶାଖାର ବରିଷ୍ଠ ଗୁରୁ ଭଉଣୀ ଶୋଭାବତୀ ଦେହୁରୀଙ୍କ ବିୟୋଗରେ ଧର୍ମସଂସଦ ପକ୍ଷରୁ ଶୋକ ପ୍ରକଟ କରାଯାଇ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭ୍ୟ କଳ୍ପେଶ୍ୱର ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।



ସିଦ୍ଧେଶ୍ୱରୀ ଧର୍ମସଂସଦର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ହିନ୍ଦୀ ଭାଷା ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ

**ସମ୍ବଲପୁର,୩୦।୧୦(ବି.ଶଙ୍କର)**

ଏମ୍‌ସିଏଲ୍‌ର ବୁର୍ଲା ସ୍ଥିତ ମୁଖ୍ୟାଳୟରେ ରାଜଭାଷା କାର୍ଯ୍ୟକାରୀ କମିଟିର ୮୬ତମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ଦ୍ଦେଶକ (ଏଚ୍‌ଆର) କେଶବ ରାଓ ଅଧ୍ୟକ୍ଷତା କରିଥିଲେ । ଆଞ୍ଚଳିକ ମାନବ ସମ୍ବଳ ପରିଚାଳକ (ମୁଖ୍ୟ ରାଜଭାଷା ଅଧିକାରୀ), ମନୋନୀତ ରାଜଭାଷା ଅଧିକାରୀ ଏବଂ ମୁଖ୍ୟାଳୟର ବିଭିନ୍ନ ବିଭାଗରୁ ମନୋନୀତ ରାଜଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ସମୟରେ ରାଜଭାଷା ହିନ୍ଦୀର ବ୍ୟବହାର ଏବଂ ପ୍ରଗତି ବିଷୟରେ ସମୀକ୍ଷା ହୋଇଥିଲା। ସେହିପରି ସେପ୍ଟେମ୍ବର ତ୍ରୈମାସିକ ପାଇଁ ପ୍ରାପ୍ତ ପ୍ରଗତି ରିପୋର୍ଟ ବିଷୟରେ ମଧ୍ୟ ଅଧିକାରୀମାନେ



ଏମ୍‌ସିଏଲ୍ ମୁଖ୍ୟାଳୟରେ ରାଜଭାଷା କାର୍ଯ୍ୟକାରୀ କମିଟିର ବୈଠକରେ ମଞ୍ଚାସୀନ ଅତିଥିମାନେ।

ସେମାନଙ୍କର ଅଭିଜ୍ଞତା, ସଫଳତା ଏବଂ ଚ୍ୟାଲେଞ୍ଜଗୁଡ଼ିକ ଉପସ୍ଥାପନ କରିଥିଲେ। ସାଧାରଣ ପରିଚାଳକ (ରାଜଭାଷା) ସମ୍ବିତ ପଟ୍ଟନାୟକ ସରକାରୀ କାର୍ଯ୍ୟରେ ହିନ୍ଦୀର ବର୍ଦ୍ଧିତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ହିନ୍ଦୀ

**ଏମସିଏଲରେ ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ**

ଭାଷା ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ । ତେଣୁ ତାର ପ୍ରକୃତ ପ୍ରଗତି କରିବା ଜରୁରୀ। ତେଣୁ ସମସ୍ତ ରାଜଭାଷା ଅଧିକାରୀମାନେ ସେମାନଙ୍କ କ୍ଷେତ୍ରରେ ହିନ୍ଦୀର ପ୍ରାକୃତିକ ଏବଂ ପ୍ରଭାବଶାଳୀ ବ୍ୟବହାରକୁ ନିରନ୍ତର ଭାବେ କାର୍ଯ୍ୟକାରିତା କରିବା ଉଚିତ ବୋଲି ମତବକ୍ତ କରିଥିଲେ । ବୈଠକରେ ଉପସ୍ଥିତ ଅଧିକାରୀମାନେ ନିଜ କ୍ଷେତ୍ର ଏବଂ ବିଭାଗରେ ଚାଲିଥିବା ହିନ୍ଦୀ ଭାଷା କାର୍ଯ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ମୁଖ୍ୟ ପରିଳକ (ଖଣି/ସରକାରୀ ଭାଷା) ନରସିଂହ ସିଂହ ଧନ୍ୟବାଦ ଦେଇଥିଲେ ।

# ବୀମା ଟଙ୍କା ପାଇବାକୁ ଚୋରି ନାଟକ

ଭୁବନେଶ୍ୱର,୩୦।୧୦
(ସତ୍ୟଜିତ ରାଉତ)

## ମାଲିକ, ବ୍ୟବସାୟୀ ପାର୍ଟନର, ଅନ୍ୟ ୧୧ ଗିରଫ


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ବ୍ୟବସାୟରେ କ୍ଷତି ହେବାରୁ ଦେଇପାରୁ ନ ଥିଲେ ଦୋକାନ ଭଡ଼ା। ଋଣଭାର ଏତେ ବଢ଼ିଯାଇଥିଲା ଯେ, ଏହାକୁ ପରିଶୋଧ କରିବାକୁ ଚିନ୍ତାରେ ପଡ଼ିଥିଲେ। ଏସବୁ ସମସ୍ୟାରୁ ମୁକୁଳିବାକୁ ଯାଇ ବାଛିଥିଲେ ଅପରାଧର ବାଟ। ବୀମା ଟଙ୍କା ପାଇଁ ନିଜ ବ୍ୟବସାୟ ପ୍ରତିଷ୍ଠାନରୁ ଚୋରିର ନାଟକ ରଚିବାକୁ କରିଥିଲେ ବଡ଼ ଯୋଜନା। ତମାଣ୍ଡୋ ବଜାରସ୍ଥିତ ଏକ ପ୍ଲାଇଉଡ୍ ଦୋକାନରୁ ଚୋରି ହେବା ପୂର୍ବରୁ କମିଶନରେଟ୍ ପୋଲିସ ଏହାକୁ ଭଣ୍ଡୁର କରିଛି। ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନର ମାଲିକ, ତାଙ୍କ ବିଜନେସ୍ ପାର୍ଟନର ଓ ଚୋରିରେ ନିୟୋଜିତ ହେବାକୁ ଥିବା ୧୧ଜଣ ବ୍ୟକ୍ତିଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ବଜାରସ୍ଥିତ 'ଆଦ୍ୟାଶା ଟ୍ରେଡର୍ସ'ର ମାଲିକ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିର ସନ୍ତୋଷ କୁମାର ମହାରଣା (୪୩), ବ୍ୟବସାୟୀ ପାର୍ଟନର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ମନୋଜ ସେଜପାଡ଼ା (୩୪)। ଅନ୍ୟ ୧୧ଜଣ ଅଭିଯୁକ୍ତ ହେଲେ ଖୁଣ୍ଟା ଥାନା ଅଞ୍ଚଳର ହରିହର ସତ୍ତୁଆଲ (୩୭), ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ଏସ୍‌କେ ମାକ୍ସୁଦ (୩୨), ଏସ୍‌କେ, ଅବଦୁଲ୍ ରେହମାନ (୩୩), ଏସ୍‌କେ ନାସିର୍ (୨୦), ହରେକୃଷ୍ଣ ନାୟକ (୫୩), ଶ୍ୟାମସୁନ୍ଦର ସିଂ (୨୪), ଏସ୍‌କେ ରାଜା (୨୦), ବରହମପୁର ଥାନା ଅଞ୍ଚଳର ବସନ୍ତ କୁମାର ସେନାପତି (୩୬), ସମୀର ଜେନା (୨୦), ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଏସ୍‌କେ ରାଜୁ (୨୨) ଓ ଜିସାନ୍ ଖାନ୍ (୨୫)। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିକଅପ୍ ଭ୍ୟାନ୍, ଦୁଇଟି ଟାଟା ଏସିଇ, ଗୋଟିଏ ବୋଲେରୋ, ଗୋଟିଏ ବୁଲେଟ୍, ୮ଟି ଫେସ୍ ମାସ୍କ, ଗୋଟିଏ ଆଇରନ କଟର୍ ମେଶିନ୍, ୨ଟି ପ୍ଲାସ୍, ୬ଟି ହ୍ୟାଣ୍ଡ ଗ୍ଲୋଭ୍‌ସ, ଗୋଟିଏ ସ୍କ୍ରୁଡାଇଭର, ଦୁଇଟି ଛୁରି, ମୋବାଇଲ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚୋରିରେ ନିୟୋଜିତ ଥିବା ୧୧ଜଣ ଅଭିଯୁକ୍ତଙ୍କ ପୂର୍ବ ଆପରାଧିକ ଇତିହାସ ବିଷୟରେ ଜାଣିବାକୁ ପ୍ରୟାସ ଚାଲିଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି।

### ୟୁଟ୍ୟୁବ୍‌ରୁ ଶିଖିଥିଲେ କୌଶଳ

ଅଭିଯୁକ୍ତ ସନ୍ତୋଷ ତମାଣ୍ଡୋ ବଜାରରେ ଅଭିଯୋଗକାରୀ ଅବିନାଶ ପଟ୍ଟନାୟକଙ୍କ ଘରକୁ ମାସିକ ୨୫ ହଜାର ଟଙ୍କା ଭଡ଼ାରେ ନେଇ ୮ରୁ ୯ବର୍ଷ ହେବ ବ୍ୟବସାୟ ପ୍ରତିଷ୍ଠାନ 'ଆଦ୍ୟାଶା ଟ୍ରେଡର୍ସ' ଚଳାଉଛନ୍ତି। ସନ୍ତୋଷଙ୍କ ବ୍ୟବସାୟରେ କ୍ଷତି ହେବା କାରଣରୁ ସେ ଦେଢ଼ବର୍ଷ ହେବ ଦୋକାନ ଭଡା ଦେଇପାରି ନ ଥିଲେ। ଏପରିକି ୨୦୨୪ ନଭେମ୍ବରରୁ ସେ ଅବିନାଶଙ୍କଠାରୁ ୩ ଲକ୍ଷ ଟଙ୍କା ମଧ୍ୟ ଋଣ ନେଇଥିଲେ। ଏଭଳି ୭.୨୫ ଲକ୍ଷ ଟଙ୍କା ସେ ଅବିନାଶଙ୍କୁ ଦେବାର ଥିଲା। ତେବେ ସେ ବ୍ୟବସାୟିକ ପ୍ରତିଷ୍ଠାନ ନାଁରେ ବୀମା କରିଥିବାବେଳେ ଚୋରି ମାମଲା ଦେଖାଇ ୧୮ଲକ୍ଷ ବୀମା ଟଙ୍କା ପାଇବାକୁ ଯୋଜନା କରିଥିଲେ। ଏଥପାଇଁ ସନ୍ତୋଷ ୟୁଟ୍ୟୁବ୍‌ରୁ ଭିଡିଓ ଦେଖି କୌଶଳ ଶିଖିଥିଲେ। ସେ ଏଥିପାଇଁ ଖୁଣ୍ଟାରେ ଫର୍ନିଚର ଦୋକାନ କରିଥିବା ମନୋଜଙ୍କ ସହାୟତା ନେଇଥିଲେ। ଚୋରି କାଣ୍ଡ ଭିଆଇବାକୁ ମନୋଜ ୧୧ଜଣ ଲୋକ ଠିକ୍ କରିଥିଲେ। ଚୋରି ହେବା ପରେ ଉକ୍ତ ସାମଗ୍ରୀକୁ ମନୋଜ ତାଙ୍କ ଦୋକାନରେ ବିକ୍ରି କରିବାକୁ କଥା ଛିଡ଼ିଥିଲା। ତେବେ ୧୧ ଜଣ ବ୍ୟକ୍ତିଙ୍କୁ କାମ ପାଇଁ ହଜାରେ ଲେଖାଏ ଦିଆଯାଇଥିବା ବେଳେ ବୀମା ଟଙ୍କା ପାଇବା ପରେ ଆଉ ୫ ହଜାର ଟଙ୍କା ଲେଖାଏ ଦିଆଯାଇଥାନ୍ତା ବୋଲି ପୋଲିସ ନିକଟରେ ସନ୍ତୋଷ କହିଛନ୍ତି।

### ଢାବାରେ ଯୋଜନା ବେଳେ ଧରାପଡ଼ିଲେ

ବୁଧବାର ବିଳମ୍ବିତ ରାତିରେ ସନ୍ତୋଷ ତାଙ୍କ ନିଜ ଦୋକାନରେ ଚୋରି କରିବାକୁ ନିକଟସ୍ଥ ଏକ ଢାବାରେ ବସି ଯୋଜନା କରିଥିଲେ। ସେମାନେ ସେଠାରେ ରାତ୍ରିଭୋଜନ କରିବା ସହ କିଭଳି ଚୋରିକୁ ସଫଳ ରୂପ ଦେବେ ସେନେଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଜାଣିପାରି ତମାଣ୍ଡୋ ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ପଚରାଉଚରା ପରେ ବୀମା ଟଙ୍କା ପାଇବାକୁ ଏହି କାଣ୍ଡ ହୋଇଥାନ୍ତା ବୋଲି ଜଣାପଡ଼ିଥିଲା। ପୋଲିସ ଠାରୁ ସୂଚନା ପାଇ ଦୋକାନ ଘର ମାଲିକ ଅବିନାଶ ଏତଲା ଦେଇଥିଲେ। ତମାଣ୍ଡୋ ଥାନା ଏନେଇ ମାମଲା (ନଂ.୩୨୫/୨୦୨୫) ରୁଜୁ କରି ତଦନ୍ତ କରୁଛି।

# ମାସେ ପରେ ଜେଲରୁ ବାହାରିଲେ ୯୪ ଏସ୍‌ଆଇ ଆଶାୟୀ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)


ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଥିବା ଚାକିରି ଆଶାୟୀମାନେ।

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୧୧୪ ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ୧ ମାସ ପରେ ଗୁରୁବାର ସେମାନଙ୍କ ମଧ୍ୟରୁ ୯୪ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି। ପୂର୍ବାହ୍ନରେ ପ୍ରଥମେ ୬ଜଣ ମହିଳା ପରୀକ୍ଷାର୍ଥୀ କାରାଗାରରୁ ବାହାରିଥିଲେ। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାର ଅନ୍ୟ ୮୮ଜଣ ପରୀକ୍ଷାର୍ଥୀ କାରାଗାରରୁ ବାହାରି ସେମାନଙ୍କ ଅଭିଭାବକ ତଥା ସମ୍ପର୍କୀୟଙ୍କ ସହ ଯାଇଛନ୍ତି। ଶୁକ୍ରବାର ବଳକା ୨୦ ଜଣ ଜେଲ୍‌ରୁ ବାହାରିବେ ବୋଲି ଜଣାପଡିଛି।

ଚାକିରି ଆଶାୟୀମାନେ କାରାଗାର ଭିତରୁ ବାହାରକୁ ଆସିବା ବେଳେ କପଡ଼ାରେ ନିଜ ମୁହଁ ଘୋଡାଇ ଦେଇଥିଲେ। ସେମାନଙ୍କୁ ନେବାକୁ ଆସିଥିବା ଅଭିଭାବକମାନେ କାରାଗାର ମୁଖ୍ୟ ଫାଟକ ସମ୍ମୁଖରେ ରହିଥିଲେ। ଏଥିଯୋଗୁ ଦିନତମାମ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳେ ଗହଳି ଦେଖାଯାଇଥିଲା। ପିଲାମାନେ ନିର୍ଦ୍ଦୋଷ ଅଛନ୍ତି। କୋର୍ଟ ନ୍ୟାୟ ଦେବେ ବୋଲି ଭରସା ଅଛି। ନ୍ୟାୟ ନ ମିଳିଲେ ହାଇକୋର୍ଟରେ ପିଟିଶନ ଦାଖଲ କରିବୁ ବୋଲି ଅଭିଭାବକମାନେ କହିଛନ୍ତି।

ସୂଚନାଯୋଗ୍ୟ, ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ବ୍ରହ୍ମପୁର ପୋଲିସ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ମୋଟ ୧୨୩ ଜଣଙ୍କୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ୨୯ ତାରିଖରୁ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିବା ୧୧୪ ଜଣ ଚାକିରି ଆଶାୟୀଙ୍କ ସମେତ ୭ ଜଣ ଦଲାଲ ତଥା ଏଜେଣ୍ଟଙ୍କୁ ଜାମିନ ପାଇଁ ସେମାନଙ୍କ ଓକିଲ ବ୍ରହ୍ମପୁର ଭିଜିଲାନ୍ସ ଅଦାଲତରେ ଆବେଦନ କରିଥିଲେ। କୋର୍ଟ କେବଳ ୧୧୪ ଜଣ ଚାକିରି ଆଶାୟୀଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

# ବିମାନବନ୍ଦରରୁ ଧରାପଡ଼ିଲେ ମୋଷ୍ଟୱାଣ୍ଟେଡ୍

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

## ଜାରି ହୋଇଥିଲା ଲୁକ୍ ଆଉଟ ସର୍କୁଲାର୍


ଦ୍ୱିବେନ୍ଦୁ ମହାରଣା

ଦିଲ୍ଲୀରେ ଏକ ବଡ଼ଧରଣର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୋଷ୍ଟୱାଣ୍ଟେଡ୍ ଦ୍ୱିବେନ୍ଦୁ ମହାରଣା ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରୁ ଧରାପଡ଼ିଛନ୍ତି। ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ) ଟିମ୍ ତାଙ୍କୁ ଅଟକ ରଖି ଭୁବନେଶ୍ୱର ଏୟାରପୋର୍ଟ ଥାନାକୁ ହସ୍ତାନ୍ତର କରିଛି। ଦ୍ୱିବେନ୍ଦୁଙ୍କ ଘର କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ। ସେ ଫେରାର ଥିବାବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର୍ ଜାରି ହୋଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦିଲ୍ଲୀରେ ଦ୍ୱିବେନ୍ଦୁଙ୍କ ବିରୋଧରେ ବହୁ କୋଟି ଟଙ୍କାର ଠକେଇ ମାମଲା ରହିଛି। ସେ ଗିରଫଦାରିକୁ ଏଡ଼ାଇବା ପାଇଁ ସିବିଆଇକୁ ଚକ୍‌ମା ଦେଇ ଲୁଚି ରହିଥିଲେ। ଗିରଫ ପରେ ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ନେବା ପାଇଁ ଭୁବନେଶ୍ୱର ଆସୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ମାମଲାରେ ଦ୍ୱିବେନ୍ଦୁଙ୍କ ଅନ୍ୟ ସହଯୋଗୀଙ୍କୁ ମଧ୍ୟ ସିବିଆଇ ପୂର୍ବରୁ ଗିରଫ କରିଛି। ହେଲେ ଦ୍ୱିବେନ୍ଦୁ ବହୁଦିନ ଧରି ଫେରାର ଥିବାରୁ ତାଙ୍କ ବିରୋଧରେ ସିବିଆଇ କୋର୍ଟ ଏନ୍‌ବିଡବ୍ଲ୍ୟୁ (ଗିରଫ ବିହୀନ ଜାମିନ ପରୱାନା) ଜାରି କରିଥିଲା। ଏପରିକି କିଛିମାସ ତଳେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ତେବେ ଦ୍ୱିବେନ୍ଦୁ ଆବୁଧାବିରେ ଥିବାବେଳେ କଟକସ୍ଥିତ ଘରକୁ ଆସିବାକୁ ଯୋଜନା କରିଥିଲେ। ଗୁରୁବାର ସକାଳେ ସେ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କର ପରିଚୟ ପତ୍ର ଯାଞ୍ଚ କରିବା ପରେ କାବୁ କରିଥିଲେ। ଏୟାରପୋର୍ଟରେ ନିୟୋଜିତ ସିଆଇଏସ୍‌ଏଫ୍ ଯବାନଙ୍କ ସହାୟତାରେ ଇମିଗ୍ରେଶନ୍ ଅଧିକାରୀମାନେ ଦ୍ୱିବେନ୍ଦୁଙ୍କୁ ଧରି ଏୟାରପୋର୍ଟ ଥାନାକୁ ନେଇଥିଲେ। ଦିଲ୍ଲୀ ସିବିଆଇ ଟିମ୍ ଭୁବନେଶ୍ୱରରେ ପହଞ୍ଚିବା ପରେ ଦ୍ୱିବେନ୍ଦୁଙ୍କୁ ଗିରଫ କରିନେବ ବୋଲି ସୂଚନା ମିଳିଛି।

# ୫ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

## ପାଓମେକ୍ସ ଷ୍ଟିଲ କାରଖାନା ଡିଜିଏମ ହତ୍ୟା ମାମଲା

କଟକ,୩୦।୧୦(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ଟିଁଟିଲାଗଡ଼ ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ୍ ରାଧେଶ୍ୟାମ ରାୟଙ୍କ ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ଅନ୍ୟପକ୍ଷରେ ମାମଲାର ଅନ୍ୟତମ ଅଭିଯୁକ୍ତ ମହତାବ ଖାରସେଲଙ୍କ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତମାନେ ହେଲେ ପୂର୍ଣ୍ଣଚନ୍ଦ୍ର ନାଗ, ଅନ୍ତରାମ ବିଶି, ବୀରେନ୍ଦ୍ର ବାଗ, ଗରୁଡ଼ଧ୍ୱଜ ସାହୁ ଓ ମଦନ ଜାଲ। ପ୍ରତ୍ୟେକ ୫୦ ହଜାର ଟଙ୍କାର ୨ଜଣ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକାରେ ନିମ୍ନ ଅଦାଲତରୁ ଜାମିନରେ ଯିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଜାମିନରେ ଯିବା ପରେ ଅଭିଯୁକ୍ତମାନେ କୌଣସି ଆପରାଧିକ କାର୍ଯ୍ୟରେ ଲିପ୍ତ ହେବେ ନାହିଁ। ଏଥିସହ ପ୍ରତି ତାରିଖରେ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ, ଟିଁଟିଲାଗଡ଼ରେ ଥିବା ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କୁ ୨୦୧୧ରେ ହତ୍ୟା କରାଯାଇଥିଲା।

## Business

# ୧୨,୨୦୦କୋଟିରେ ବିକଶିତହେବ ଜାତୀୟ ଜଳପଥ ୫, ୬୪

## ଆଇଡବ୍ଲ୍ୟୁଏଆଇ, ଓଡ଼ିଶା ସରକାର, ପିପିଏ ଏବଂ ଏମ୍‌ସିଏଲ୍ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)



ଜାତୀୟ ଜଳପଥ-୫(ଏନ୍‌ଡବ୍ଲ୍ୟୁ-୫) ଏବଂ ଜାତୀୟ ଜଳପଥ-୬୪ (ଏନ୍‌ଡବ୍ଲ୍ୟୁ-୬୪)ର ବିକାଶ ଏବଂ କାର୍ଯ୍ୟକ୍ଷମ କରାଯିବ। ପ୍ରାୟ ୧୨,୨୦୦ କୋଟି ଟଙ୍କାର ଆନୁମାନିକ ନିବେଶରେ ଏହି ପ୍ରକଳ୍ପ ରୂପାୟନ କରାଯିବ। ମୁମ୍ବାଇର ନେସ୍କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ ୨୦୨୫ କାର୍ଯ୍ୟକ୍ରମରେ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ), ଓଡ଼ିଶା ସରକାର, ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଏବଂ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ମଧ୍ୟରେ ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

ସ୍ଥାୟୀ ମାଲ ପରିବହନ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧି ପାଇଁ ଓଡ଼ିଶାର ନଦୀ ପ୍ରଣାଳୀକୁ ଉପଯୋଗ କରିବା ଦିଗରେ ଏହି ଚୁକ୍ତିନାମା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଆଭ୍ୟନ୍ତରୀଣ ଜଳପଥ ଦେଇ ତାଳଚେର କୋଇଲା କ୍ଷେତ୍ରରୁ ପାରାଦୀପ ଏବଂ ଧାମରା ବନ୍ଦରକୁ କୋଇଲା ଏବଂ ଅନ୍ୟାନ୍ୟ ବଲ୍କ କାର୍ଗୋର ସୁଗମ ପରିବହନ କରାଯିବ। ଏହି ପଦକ୍ଷେପ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ, ରାସ୍ତା ଏବଂ ରେଳ ନେଟ୍‌ୱର୍କକୁ କମ୍ କରିବାରେ ଏବଂ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ଏହା ଭାରତ ସରକାରଙ୍କ ବିକଶିତ ଭାରତ @୨୦୪୭ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବ। ଏହି ପ୍ରକଳ୍ପ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ- ଓଡ଼ିଶା ଲିମିଟେଡ୍ (ଆଇଡବ୍ଲୁସିଓଏଲ୍) ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଆଇଡବ୍ଲ୍ୟୁଏଆଇ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି, ବୈଧାନିକ ମଞ୍ଜୁରୀ ହାସଲ ଏବଂ ଟର୍ମିନାଲ, ବ୍ୟାରେଜ ଏବଂ ନାଭିଗେଶନ ସିଷ୍ଟମ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ କରିବାରେ ନେତୃତ୍ୱ ନେବ। ଓଡ଼ିଶା ସରକାର ଜବରଦଖଲମୁକ୍ତ ଜମି ଯୋଗାଇବ, ମଞ୍ଜୁରୀକୁ ସହଜ କରିବ ଏବଂ ପ୍ରଶାସନିକ ସହାୟତା ପ୍ରଦାନ କରିବ। ଏମ୍‌ସିଏଲ୍ ନିଶ୍ଚିତ କାର୍ଗୋ ପରିବହନ ଏବଂ ପ୍ରଥମ ମାଇଲ ସଂଯୋଗୀକରଣ ନିଶ୍ଚିତ କରିବା ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କାର୍ଗୋ ପରିଚାଳନାକୁ ପ୍ରୋତ୍ସାହିତ କରିବ ଏବଂ ଅନ୍ତର୍ଦେଶୀୟ ଜଳପଥକୁ ମୋଡାଲ ସ୍ଥାନାନ୍ତରକୁ ପ୍ରୋତ୍ସାହିତ କରିବ।

## ଆଇଏମ୍‌ଡବ୍ଲ୍ୟୁ-୨୦୨୫ରେ ଓଡ଼ିଶା ଷ୍ଟଲ୍ ପୁରସ୍କୃତ

ଭୁବନେଶ୍ୱର,୩୦।୧୦

ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ ସପ୍ତାହ (ଆଇଏମ୍‌ଡବ୍ଲ୍ୟୁ) ୨୦୨୫ରେ ଓଡ଼ିଶା ରାଜ୍ୟ ଷ୍ଟଲ୍ ଏହାର ସୃଜନଶୀଳ ଡିଜାଇନ, ଆକର୍ଷଣୀୟ ବିଷୟବସ୍ତୁ ଏବଂ ରାଜ୍ୟର ସାମୁଦ୍ରିକ ଐତିହ୍ୟ ଏବଂ ଭବିଷ୍ୟତ ଦୃଷ୍ଟିକୋଣର ଦୂରଦୃଷ୍ଟିପୂର୍ଣ୍ଣ ଉପସ୍ଥାପନାକୁ ସ୍ୱୀକୃତି ଦେଇ ଶ୍ରେଷ୍ଠ ଷ୍ଟଲ୍ ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ହୋଇଛି। ଏହି ପୁରସ୍କାର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପ୍ରଦାନ କରିଥିଲେ । ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଶାସନ ସଚିବ ବିଧାନ ଚନ୍ଦ୍ର ରାୟ, ବନ୍ଦର ଓ ଆଇଡବ୍ଲ୍ୟୁଟି ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଏବଂ କ୍ୟାପ୍‌ଟେନ ସୁଶାନ୍ତ ରାଉଳ ବାଗ ଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଓଡ଼ିଶା ସାମୁଦ୍ରିକ ବୋର୍ଡ ଦ୍ୱାରା ସଂଯୋଜିତ, ଷ୍ଟଲ୍ 'ଓଡିଶା – ଐତିହ୍ୟ ଏବଂ ଆଶାର ଯାତ୍ରା' ବିଷୟବସ୍ତୁ ଉପରେ ଡିଜାଇନ କରାଯାଇଥିଲା। ଏଥିରେ ପ୍ରାଚୀନ ବୋଇତ ବନ୍ଦାଣ ପରମ୍ପରା ଏବଂ କଳିଙ୍ଗର ଜାହାଜ ନିର୍ମାଣ କାରିଗରିଠାରୁ ଆରମ୍ଭକରି ରାଜ୍ୟର ଆଧୁନିକ ବନ୍ଦର-ନେତୃତ୍ୱାଧୀନ ବିକାଶ, ଜାହାଜ ନିର୍ମାଣ କ୍ଲଷ୍ଟର, ଆଭ୍ୟନ୍ତରୀଣ ଜଳପଥ, କ୍ରୁଜ୍ ପର୍ଯ୍ୟଟନ ଏବଂ ନୀଳ ଅର୍ଥନୀତି ପଦକ୍ଷେପ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶିତ କରାଯାଇଥିଲା।

# ୮୦୦ ଜଣଙ୍କୁ ବୃତ୍ତିଗତ ତାଲିମ



ଭୁବନେଶ୍ୱର,୩୦।୧୦

## ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ

ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ ଅଧୀନରେ ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ଏବଂ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ୫୫% ମହିଳା ଅଂଶଗ୍ରହଣ ସହିତ କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଇଁ ରୋଜଗାରର ଦ୍ୱାର ଉନ୍ମୁକ୍ତ କରୁଛି। ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) ଓ ନାବାର୍ଡ ସହଯୋଗରେ ଚାଲୁଛି। ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ ସମ୍ପର୍କିତ ତାଲିମ ଦିଆଯାଉଛି। ତାଲିମପ୍ରାପ୍ତ ଯୁବପିଢ଼ିଙ୍କ ମଧ୍ୟରୁ ୭୫% କାମରେ ନିଯୁକ୍ତ ହୋଇଥିବା ବେଦାନ୍ତ ପକ୍ଷରୁ ସୂଚନା ଦିଆଯାଇଛି। ଭଟଗୁଡ଼ା ଗାଁର ୨୧ ବର୍ଷୀୟ ବିଘ୍ନନାଶିନୀ ବିଶି ବେଦାନ୍ତ ଆଲୁମିନିୟମ ଦ୍ୱାରା ଦିଆଯାଇଥିବା ପ୍ରଶିକ୍ଷଣ ପରେ ପୁଣେର ଫିଏଷ୍ଟା ବାରବିକ୍ୟୁ ନେସନରେ କାମ କରୁଛନ୍ତି। ଅନ୍ୟପଟେ ଖାଦ୍ୟ ଓ ପାନୀୟ ବର୍ଗର ୨୨ତମ ବ୍ୟାଚ୍ ୧୦୦% ପ୍ଲେସ୍‌ମେଣ୍ଟ ହାସଲ କରିଛି। ଏହି ବ୍ୟାଚ୍‌ର ୨୪ଜଣଙ୍କ ମଧ୍ୟରୁ ଛାତ୍ରମାନେ ମଦୁରାଇର ଏଭିଏନ୍ ଗ୍ରୁପ୍, ବାଙ୍ଗାଲୋରର ସୋଡେକ୍ସୋ, ପୁଣେର କ୍ଲବ୍ ମହିନ୍ଦ୍ରା ଓ ଭୁବନେଶ୍ୱରର ଅସ୍ମିତା ହଲିଡେଜ୍ ଭଳି ପ୍ରସିଦ୍ଧ ସଂସ୍ଥାରେ କାମ ପାଇଛନ୍ତି। ବେଦାନ୍ତ ଆଲୁମିନା ବିଜ୍‌ନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯୁବପିଢ଼ିକୁ ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ସଶକ୍ତ କରିବା ଆମ ବିକାଶ ଦୃଷ୍ଟିକୋଣର କେନ୍ଦ୍ରସ୍ଥଳ।

# ନିଃଶୁଳ୍କ ଗୁଗଲ ଏଆଇ ପ୍ରୋ ଆକ୍ସେସ୍ ଆରମ୍ଭ

ଭୁବନେଶ୍ୱର,୩୦।୧୦

## ରିଲାଏନ୍ସ ଓ ଗଗୁଲର ସହଭାଗିତା

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ରିଲାଏନ୍ସ ଇଣ୍ଟେଲିଜେନ୍ସ ଲିମିଟେଡ୍ ଏବଂ ଗୁଗଲ ମାଧ୍ୟମରେ ଦେଶରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିପ୍ଳବକୁ ତ୍ୱରାନ୍ୱିତକରିବା ପାଇଁ ଏକ ସହଭାଗିତା ଘୋଷଣା କରାଯାଇଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ସହ ସହଭାଗିତାରେ ଗୁଗଲ, ଯୋଗ୍ୟ ଜିଓ ଉପଭୋକ୍ତାଙ୍କ ପାଇଁ ଗୁଗଲର ଏଆଇ ପ୍ରୋ ଯୋଜନା ସହ ଗୁଗଲ ଜେମିନିର ନୂଆ ସଂସ୍କରଣ ୧୮ ମାସ ପାଇଁ ନିଃଶୁଳ୍କରେ ଉପଲବ୍ଧ ହେବ। ଏହି ଅଫରରେ ଜେମିନି ଆପ୍‌ରେ ଗୁଗଲର ସବୁଠାରୁ ସକ୍ଷମ ଜେମିନି ୨.୫ ପ୍ରୋ ମଡେଲ୍କୁ ଅଧିକ ପ୍ରବେଶ, ସେମାନଙ୍କର ଅତ୍ୟାଧୁନିକ ନାନୋ ବାନାନା ଏବଂ ଭିଓ ୩.୧ ମଡେଲ ସହ ଚମତ୍କାର ଚିତ୍ର ଏବଂ ଭିଡିଓ ସୃଷ୍ଟିକରିବାର ଉଚ୍ଚ ସୀମା, ଅଧ୍ୟୟନ ଏବଂ ଗବେଷଣା ପାଇଁ ନୋଟ୍‌ବୁକ୍ ଏଲ୍‌ଏମ୍‌କୁ ବିସ୍ତାରିତ ପ୍ରବେଶ, ୨ ଟିବି କ୍ଲାଉଡ୍ ଷ୍ଟୋରେଜ ସୁବିଧା ମିଳିବ। ଏହି ୧୮ ମାସର ଅଫରର ବାସ୍ତବ ମୂଲ୍ୟ ୩୫,୧୦୦। ଯୋଗ୍ୟ ଜିଓ ଉପଭୋକ୍ତାମାନେ ମାଇଁଜିଓ ଆପ୍ ମାଧ୍ୟମରେ ଏହି ଅଫରକୁ ସକ୍ରିୟ କରିପାରିବେ। ଏହି ରୋଲ୍‌ଆଉଟ୍ ୧୮ରୁ ୨୫ ବର୍ଷ ବୟସ୍କଙ୍କ ପାଇଁ ଅସୀମିତ ୫ଜିପ୍ଲାନ୍‌ର ପ୍ରାରମ୍ଭିକ ପ୍ରବେଶ ସହିତ ଆରମ୍ଭ ହେବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧ୍ୟକ୍ଷ ମୁକେଶ ଡି. ଅମ୍ବାନୀ କହିଛନ୍ତି, ଗୁଗଲ ଭଳି ରଣନୈତିକ ଏବଂ ଦୀର୍ଘକାଳୀନ ଅଂଶୀଦାରଙ୍କ ସହ ଆମର ସହଯୋଗ ମାଧ୍ୟମରେ, ଆମେ ଭାରତକୁ କେବଳ ଏଆଇ-ସକ୍ଷମ ନୁହେଁ ବରଂ ଏଆଇ-ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଗୁଗଲ ଏବଂ ଆଲ୍‌ଫାବେଟର ସିଇଓ ସୁନ୍ଦର ପିଚାଇ ସହଭାଗିତା ପାଇଁ ଉତ୍ସାହିତ ଥିବା କହିଛନ୍ତି।

# ଏନ୍‌ଏଚ୍‌ଏଆଇର ଟୋଲ୍ ସଂଗ୍ରହ ୨,୦୬୨ କୋଟି ହ୍ରାସ

ଭୁବନେଶ୍ୱର,୩୦।୧୦

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ( ଏନ୍‌ଏଚ୍‌ଏଆଇ) ସାର୍ବଜନୀନ ବିତ୍ତ ପୋଷିତ ପ୍ଲାଜାଗୁଡ଼ିକରେ ଟୋଲ୍ ସଂଗ୍ରହ ହ୍ରାସ କରିଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ୪,୭୩୬ କୋଟି ଟଙ୍କା ଟୋଲ ସଂଗ୍ରହ ହୋଇଥିବାବେଳେ ଆର୍ଥିକ ବର୍ଷ ୨୦୨୪-୨୫ରେ ଏହା ୨,୬୭୪ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ବର୍ଷକରେ ଏନ୍‌ଏଚ୍‌ଏଆଇକୁ ୨,୦୬୨ କୋଟି ଟଙ୍କା ଟୋଲ୍ ସଂଗ୍ରହ ହ୍ରାସ କରିଛି। ଅର୍ଥାତ୍ ଟୋଲ୍ ସଂଗ୍ରହ ଆର୍ଥିକ ବର୍ଷ ୨୦୨୩-୨୪ରେ ୧୭.୨୭%ରୁ ଆର୍ଥିକ ବର୍ଷ ୨୦୨୪-୨୫ରେ ୯.୨୭%କୁ ହ୍ରାସ ପାଇଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ଟୋଲ୍ ଏଜେନ୍ସିଗୁଡ଼ିକ ଦ୍ୱାରା ମୋଟ ଟୋଲ୍ ସଂଗୃହୀତ ୨୭,୪୧୭ କୋଟି ଥିଲା, ଯେଉଁଥିରୁ ପ୍ରାୟ ୨୨,୬୮୧ କୋଟି ଟଙ୍କା ଏନ୍‌ଏଚ୍‌ଏଆଇକୁ ଜମା କରାଯାଇଥିଲା। ମାତ୍ର ଆର୍ଥିକ ବର୍ଷ ୨୦୨୪-୨୫ରେ ଟୋଲ୍ ଏଜେନ୍ସିଗୁଡ଼ିକ ମୋଟ ପ୍ରାୟ ୨୮,୮୨୩ କୋଟି ଟୋଲ୍ ଫି' ସଂଗ୍ରହ କରିଥିଲେ, ଯେଉଁଥିରୁ ପ୍ରାୟ ୨୬,୧୪୯ କୋଟି ଟଙ୍କାର ଏନ୍‌ଏଚ୍‌ଏଆଇକୁ ଜମା କରାଯାଇଛି। ଏନ୍‌ଏଚ୍‌ଏଆଇ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଉଦ୍ୟମ ଯୋଗୁ ହୋଇଛି ଯେପରି ବର୍ତ୍ତମାନର ଚୁକ୍ତିଗୁଡ଼ିକର ନିକଟ ନିରୀକ୍ଷଣ, ୩ ମାସର ଡିମଡ୍ ଏକ୍ସଟେନସନ ବ୍ୟବସ୍ଥା ବିଲୋପ, ସମୟାନୁସାରେ ବିଡିଂ, ଅଧିକାଂଶ ଚୁକ୍ତିକୁ ୧ ବର୍ଷ ଅବଧି ପାଇଁ ପ୍ରଦାନ ନିଶ୍ଚିତ କରିବା ଏବଂ ୩ ମାସର ସ୍ୱଳ୍ପକାଳୀନ ଚୁକ୍ତିଗୁଡ଼ିକୁ ନ୍ୟୁନତମ କରିବା ଦ୍ୱାରା ଏହି ଟୋଲ୍ ସଂଗ୍ରହ କମ୍ କରାଯାଇପାରିଛି। ଏହାସହ ସ୍ୱଳ୍ପକାଳୀନ ୩ ମାସର ଚୁକ୍ତିଗୁଡ଼ିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହା ବ୍ୟତୀତ ଏନ୍‌ଏଚ୍‌ଏଆଇ 'ଅଲ୍ ଇଣ୍ଡିଆ ୟୁଜର ଫି କଲେକ୍ସନ ଫେଡେରେଶନ' ସହ ନିୟମିତ ଭାବେ ଯୋଗାଯୋଗ କରି ଟୋଲ୍ ସଂଗ୍ରହ ଏଜେନ୍ସିଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ କାର୍ଯ୍ୟ କରୁଛି। ଟୋଲ୍ ସଂଗ୍ରହ ଏଜେନ୍ସିଗୁଡ଼ିକର ପରଫର୍ମାନ୍ସ ସିକ୍ୟୁରିଟି (ନଗଦ ଅଂଶ) ଏବଂ ବ୍ୟାଙ୍କ ଗ୍ୟାରେଣ୍ଟିର ସମୟାନୁସାରେ ମୁକ୍ତି ସେମାନଙ୍କର ବିଡିଂ କ୍ଷମତାକୁ ଆହୁରି ବଢ଼ାଇ ଉଚ୍ଚ ବିଡ୍ ରାଶି ଆଣିଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଗୁରୁବାର ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ ଏହି ନୂତନ ଶାଖାର ଉଦଘାଟନ କରିଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୬ତମ ଶାଖା ଅଟେ। ଏହି ଅବସରରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ବାଲୁଗାଁ ଶାଖାର ଶାଖା ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମଲିକ କହିଛନ୍ତି।

## କୃଷକ ଉତ୍ପାଦକ ସଙ୍ଗଠନର ତାଲିମ ଶିବିର

ବୌଦ୍ଧ,୩୦।୧୦(ଅଜିତ କୁମାର ବାରିକ): ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜିଲା ଜଳଛାୟା ମିଶନ ତାଲିମ ଗୃହରେ ଗୁରୁବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୃଷକ ଉତ୍ପାଦକ ସଙ୍ଗଠନର ନିର୍ଦ୍ଦେଶକ, ସଦସ୍ୟା ସଦସ୍ୟ ଓ ସିଇଓମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରାମାରାଓ ପାଲୋ, ଜ୍ୟୋତିରଞ୍ଜନ ସେଠୀ, ଜିଏମ୍ ଡିଆଇସି ଯୋଗେଶ୍ୱର ବିଶୋଇ, ପିଆଜ ଗବେଷଣା କେନ୍ଦ୍ରର ରଞ୍ଜିତ କୁମାର ଦାଶ, ବ୍ଲକ ଉଦ୍ୟାନ ଅଧିକାରୀ ପୂଜା ବାରିକ, ବୈଜୟନ୍ତୀ ପ୍ରଧାନ, ଭାରପ୍ରାପ୍ତ ଜିଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ।

# ସୁରକ୍ଷିତ ସଞ୍ଚୟ ଉପରେ ଗୁରୁତ୍ୱ

### ସୁବର୍ଣ୍ଣପୁରରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ସୋନପୁର ,୩୦।୧୦ (ମୃତ୍ୟୁଞ୍ଜୟ ଶତପଥୀ)



ଜିଲାପାଳ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବିଶ୍ୱ ମିତବ୍ୟୟିତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ସଞ୍ଚୟ ସେବା ଅଧିକାରୀ ମଙ୍ଗଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡ଼ ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁରକ୍ଷିତ ସଞ୍ଚୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଇବର ଠକ ମାନଙ୍କ ଯୋଗୁ ଅନେକ ସମୟରେ ଉଚ୍ଚଶିକ୍ଷିତ ବ୍ୟକ୍ତି ତାଙ୍କର କଷ୍ଟ ଉପାର୍ଜିତ ଅର୍ଥ ହରାଉଛନ୍ତି। ସେହି ଦୃଷ୍ଟିରୁ ଡାକଘର ବିଭିନ୍ନ ଯୋଜନାରେ ଅର୍ଥ ଜମା କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ, ଅଞ୍ଜଳିନା ପ୍ରଧାନ ଓ ବଲାଙ୍ଗୀର ପୋଷ୍ଟାଲ ଅଧୀକ୍ଷକ ସଞ୍ଜୟ କୁମାର ବିଶ୍ୱାଳ, ନିରୀକ୍ଷକ ପୁରୁଷୋତ୍ତମ ନାୟକ, ପେମେଣ୍ଟ ବ୍ୟାଙ୍କ ପରିଚାଳକ ସତ୍ୟବ୍ରତ ପ୍ରଧାନ, ଜିଲା ସୁଚନା ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ କୁମାର ମାଝୀ, ଜିଲା ଶିଶୁ ସୁରକ୍ଷା ବିଭାଗ ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ଜିଲା ସମାଜ କଲ୍ୟାଣ ଅଧିକାରୀ ଅନୁପମା ପଣ୍ଡା ଜିଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସଞ୍ଚୟ ସେବା କାର୍ଯ୍ୟାଳୟର ସଞ୍ଜୟ କୁମାର ବାରିକ, ଡାକ ବିଭାଗ ଏଜେଣ୍ଟ ଫିରୋଜ ମିଶ୍ର, ସାରଦା ମିଶ୍ର, ପ୍ରେମାନନ୍ଦ ମିଶ୍ର, ଶୁଶାନ୍ତ ମିଶ୍ର, ଗୋପାଳ ମେହେର, ସତ୍ୟ ମେହେର, ବିଦ୍ୟାଧର ମିଶ୍ର ଓ ସଞ୍ଜୟ କୁମାର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଯୁଗଳ କିଶୋର ମିଶ୍ର ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ମିତବ୍ୟୟିତା ଦିବସ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜ ହୋଇଥିଲା। ଅତିଥିମାନଙ୍କ ଦାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

# ଡାକ୍ତରଙ୍କ ବିରୋଧରେ ପ୍ରସୂତିଙ୍କ ସ୍ୱାମୀଙ୍କ ଅଭିଯୋଗ

ସୋନପୁର,୩୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

- ନ୍ୟାୟ ପାଇଁ ଥାନାରେ ଅଭିଯୋଗ କଲେ ଡାକ୍ତର
- ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ଦିଆଯିବ ସିଡିଏମ୍‌ଏଣ୍ଡପିଏଚ୍‌ଓ

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଥିବା ପ୍ରସୂତୀକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ମନୋଜ ନାୟକଙ୍କ ବିରୋଧରେ ବୌଦ୍ଧ ଜିଲା କହଁରାପଡାର ସୁରଥ କୁମାର ସାହୁ ଲାଞ୍ଚ ଅଭିଯୋଗ ଆଣିଥିଲେ। ତାଙ୍କ ୯ ମାସର ଗର୍ଭବତୀ ସ୍ତ୍ରୀଙ୍କ ପ୍ରସବ ପାଇଁ ଡାକ୍ତର ନାୟକ ଲାଞ୍ଚ ନେବା ସହ କାଗଜପତ୍ର ନ ଫେରାଇବା ଓ ଚିକିତ୍ସାରେ ଅବହେଳା କରିଥିବା ନେଇ ସେ ସୁବର୍ଣ୍ଣପୁର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଗତ ୨୭ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ସୁରଥଙ୍କ ସ୍ତ୍ରୀ ପୂର୍ବରୁ ବୌଦ୍ଧରେ ଜନୈକ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ନିକଟରେ ମାସିକ ଚେକଅପ ହେଉଥିଲେ। ପରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ କାର୍ଯ୍ୟରତ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ଗତ ୨୫ତାରିଖରେ ପ୍ରସବ ବେଦନା ହେବାରୁ ତାଙ୍କୁ ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଥିବା ପ୍ରସୂତୀକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତର ମନୋଜ କୁମାର ନାୟକ ଅପରାହ୍ନରେ ମହିଳାଙ୍କ ଅଲଟ୍ରା ସାଉଣ୍ଡ କରି ଗର୍ଭରେ ଥିବା ଶିଶୁର ମୃତ୍ୟୁ ହୋଇଥିବା କହିଥିଲେ। ପ୍ରସବ ପାଇଁ ଗର୍ଭବତୀଙ୍କୁ ଡାକ୍ତର ଆବଶ୍ୟକ ଇଞ୍ଜେକ୍ସନ ଓ ଔଷଧ ଦେଇଥିଲେ। ଗର୍ଭବତୀ ୧୨ଘଣ୍ଟା ଧରି ଲେବର ରୁମ୍‌ରେ ରହିଥିଲେ। ତେବେ ପ୍ରସବରେ ବିଳମ୍ବ ହେବାରୁ ସୁରଥ ନିଜ ସ୍ତ୍ରୀଙ୍କୁ ସହରସ୍ଥିତ ଏକ ନର୍ସିଂହୋମକୁ ନେଇ ଯାଇଥିଲେ। ସେଠାରେ ମହିଳାଙ୍କ ଗର୍ଭରୁ ଏକ ମୃତ ଶିଶୁ ଜନ୍ମ ହୋଇଥିଲା। ସୁରଥ ଏହି ଘଟଣାକୁ ନେଇ ପରେ ଡାକ୍ତର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ସୋସିଆଲ ମିଡିଆରେ ଭିଡିଓ କରି ପୋଷ୍ଟ କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ଡାକ୍ତର ନାୟକ ଗୁରୁବାର ସୋନପୁର ଥାନାରେ ଗର୍ଭବତୀ ମହିଳାଙ୍କ ସ୍ୱାମୀ ସୁରଥ କୁମାର ସାହୁଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ସୁରଥ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ମାନସିକ ନିର୍ଯାତନା ଦେବା ସହ ସମ୍ମାନହାନୀ କରିଛନ୍ତି। ଏଥିଯୋଗୁ ସେ ମାନସିକ ଭାବେ ଆଘାତ ପାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ପାଇଁ ଡାକ୍ତର ନାୟକ ଅନୁରୋଧ କରିଛନ୍ତି। ତେବେ ଏହି ଘଟଣାରେ ଜିଲାର ଦୁଇ ନର୍ସିଂହୋମ ମାଲିକଙ୍କ ପ୍ରଚ୍ଛନ୍ନ ହାତ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ କୁହନ୍ତି, ସେ ପ୍ରସୂତୀଙ୍କ ଅଭିଯୋଗ ପାଇବା ପରେ ତଦନ୍ତ କରିଛନ୍ତି। ଉକ୍ତ ରିପୋର୍ଟ ସେ ଜିଲାପାଳଙ୍କୁ ଖୁବ୍‌ଶୀଘ୍ର ପ୍ରଦାନ କରିବେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବ ଚାଷୀଙ୍କ ଗଲା ଜୀବନ


ପଦ୍ମପୁର ଗ୍ରୀଡ୍ ସବ ଷ୍ଟେଶନ ନିକଟରେ ମୃତଦେହ ରଖି ଧାରଣା ଦିଆଯାଇଛି।

ପାଇକମାଲ/ ପଦ୍ମପୁର, ୩୦।୧୦ (ବଡ଼ ଶତପଥୀ/ ପ୍ରଦୀପ୍ତ ଦାଶ)

- କ୍ଷେତକୁ କୀଟନାଶକ ସିଞ୍ଚନ କରିବାକୁ ଯାଇଥିଲେ
- କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

ପାଇକମାଲ ବ୍ଲକ ବୁକୁରାମୁଣ୍ଡା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। କ୍ଷେତକୁ କୀଟନାଶକ ସିଞ୍ଚନ କରିବାକୁ ଯାଇଥିବା ଯୁବ ଚାଷୀଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ରବି ସାହୁ (୩୪)। ପରିବାରକୁ କ୍ଷତିପୂରଣ ଦାବିରେ ରବିଙ୍କ ମୃତଦେହକୁ ପଦ୍ମପୁର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ରଖି ପରିବାର, ଗ୍ରାମବାସୀ ଧାରଣା ଦେଇଥିଲେ। ଟାଟା ପାୱାରର ପ୍ରତିଶ୍ରୁତି ମିଳିଲା ପରେ ଧାରଣା ହଟିଛି।

ପ୍ରକାଶ ଯେ, ସକାଳେ ଯୁବ ଚାଷୀ ନିଜ କ୍ଷେତକୁ କୀଟନାଶକ ସିଞ୍ଚନ କରିବା ପାଇଁ ଯାଇଥିଲେ। ଏହି ସମୟରେ କ୍ଷେତରେ ନଇପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଖବର ପାଇ ପୋଲିସ ଓ ବୁକୁରାମୁଣ୍ଡା ଗ୍ରାମବାସୀ ପହଞ୍ଚି ରବିଙ୍କୁ ଉଦ୍ଧାର କରି ପଦ୍ମପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଗ୍ରାମବାସୀ ଓ ଚାଷୀ ସଂଗଠନ ମିଶି ରବିଙ୍କ ମୃତଦେହକୁ ପଦ୍ମପୁର ଟାଟା ପାୱାର କାର୍ଯ୍ୟାଳୟ ଆଗରେ ରଖି ଧାରଣାରେ ବସିଥିଲେ। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ଚାଷୀ ସଙ୍ଗଠନ ପରାମର୍ଶଦାତା ଅଜିତ ଶତପଥୀ ଧାରଣାରେ ସାମିଲ ହୋଇ ମୃତକ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ, ତେଣୁ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ । ବିଭାଗୀୟ ଅଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡ ଶବର, ବୁକୁରାମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ଅନିତା ଭୋଇ ଧାରଣା ସ୍ଥଳକୁ ଆସି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଧାରଣାରତଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ସ୍ତ୍ରୀଙ୍କୁ ଚାକିରି ଓ ପରିବାରକୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଟାଟା ପାୱାର ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ମଲିକୁଦର–ଚିଙ୍ଖୈଡ଼ ସେତୁ କାର୍ଯ୍ୟ ମନ୍ଥର

ଘଣ୍ଟାପଡା,୩୦।୧୦(ପ୍ରଭାତ କୁମାର ସାହୁ)


ନିର୍ମାଣାଧୀନ ମଲିକୁଦର–ଚିଙ୍ଖୈଡ଼ ସେତୁ ।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମନମୁଣ୍ଡା–ସିନ୍ଧୁଗୋରା ୪୧ ନମ୍ବର ରାଜ୍ୟ ରାଜପଥର ମଲିକୁଦସ୍ଥିତ ଚିଙ୍ଖୈଡ଼ ନାଳ ଉପରେ ନିର୍ମାଣାଧୀନ ସେତୁ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଏଥିଯୋଗୁ ରାସ୍ତା ଉପରେ ନିର୍ଭରଶୀଳ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୭ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଉକ୍ତ ସେତୁ କାମ ୨୦୨୩ ଅକ୍ଟୋବର ମାସରେ ଆରମ୍ଭ ହୋଇଥିବା ବେଳେ ଏହାର ଅବଧି ମଧ୍ୟ ସରିଯାଇଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ଅନେକ କାମ ବାକି ରହିଛି। ସେତୁର ମାତ୍ର ଗୋଟିଏ ଛାତ ପଡ଼ିଥିବା ବେଳେ ଆହୁରି ୪ଟି ଛାତ ଓ ସଂଯୋଗ ରାସ୍ତା ବାକି ରହିଛି। ଫଳରେ ଘଣ୍ଟାପଡା, ଆମ୍ବଗାଁ, ଖୁଣ୍ଟିଗୋରା, ଉମା, ଖମନମୁଣ୍ଡା, କୁଲୁତାଜୋର, ବରଗାଁ ଓ ନାରାୟଣ ପ୍ରସାଦ ଆଦି ୮ଟି ପଞ୍ଚାୟତର ପ୍ରାୟ ୪୦ ହଜାର ଲୋକ ଯିବାଆସିବାରେ ଅସୁବିଧା ଭୋଗୁଛନ୍ତି। ଡାଇଭର୍ସନ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ନାଳ ଭିତର ଦେଇ କେବଳ ସାଇକେଲ ଓ ବାଇକ୍ ଯୋଗେ ବିପଦପୂର୍ଣ୍ଣ ଭାବେ ଲୋକେ ଯାତାୟାତ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ଯାତାୟତ ବନ୍ଦ ହୋଇଯାଉଛି। ଅନ୍ୟଥା ଉଦୟପୁର ବାଇପାସ୍ ରାସ୍ତା ଦେଇ ଅଧିକ ୧୦ କି.ମି. ଦୂରତା ବୁଲିବାକୁ ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଶୀଘ୍ର ସେତୁ ନିର୍ମାଣ କାର୍ଯ୍ୟ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଏସ୍‌ଡିଓ ଗୋବିନ୍ଦ ନାୟକଙ୍କୁ ପଚରାଯିବାରୁ ଠିକାଦାର ଶୀଘ୍ର କାର୍ଯ୍ୟ ଆରମ୍ଭ କରିବେ ଏବଂ ଏହି ବର୍ଷ ହିଁ ସମ୍ପୂର୍ଣ୍ଣ ହେବ ବୋଲି ସେ ପ୍ରତିକ୍ରିୟା ଦେଇଥିଲେ।

# ଉପଖଣ୍ଡ ଚିକିତ୍ସାଳୟରେ ସ୍ୱଚ୍ଛତା ପଦଯାତ୍ରା

ବୀରମହାରାଜପୁର, ୩୦।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟରେ ଗୁରୁବାର ମାସିକ ଆଶା ବୈଠକ ଓ ସ୍ୱଚ୍ଛତା ପଦଯାତ୍ରା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡାକ୍ତରଖାନା ଅଧକ୍ଷ ଡାକ୍ତର ସୁବାସ ଚନ୍ଦ୍ର ପଣ୍ଡା ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଡାକ୍ତର ବିଶ୍ୱନାଥ ରଥ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଯୁଏଡ଼, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ନିରଞ୍ଜନ ମିଶ୍ର, ଆଲୋକ ସେଠ ଓ ଜଗଦୀଶ ମେହେର, ବ୍ଲକ ଅର୍ଥ ପରିଚାଳକ ଅବିନାଶ ହୋତାଙ୍କ ସହିତ ବୀରମହାରାଜପୁର ସେକ୍ଟର ଅଧିନ ସମସ୍ତ ମହିଳାପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ସମସ୍ତ ଆଶା ଦିଦି ଉପସ୍ଥିତ ଥିଲେ। ସମସ୍ତେ ଏକ ସଚେତନତା ଶୋଭାଯାତ୍ରାରେ ଡାକ୍ତରଖାନା ପରିସର ପରିକ୍ରମା କରିବା ସହିତ ପରିସରକୁ ସଫାସୁତୁରା କରିଥିଲେ। ପରେ ପରେ ସ୍ୱଚ୍ଛତା ସଂକ୍ରାନ୍ତୀୟ ଏକ ପାଲା ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଯୁଏଡ଼ ଧନ୍ୟବାଦ ଅର୍ପଣ କରିଥିଲେ।



ଉପଖଣ୍ଡ ଚିକିତ୍ସାଳୟରେ ସ୍ୱଚ୍ଛତା ପଦଯାତ୍ରାରେ ଡାକ୍ତରଖାନା କର୍ମଚାରୀ।

# ବୌଦ୍ଧରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ



ବୌଦ୍ଧ,୩୦।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଗୁରୁବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲାପାଳ ନାୟକ ଜୀବନରେ ଧନର ମହତ୍ୱ ଓ ଟଙ୍କାର ସଦୁପଯୋଗ ଉପରେ ଆଲୋକପାତ କରିଥିଲେ। ଲିଡ୍ ବ୍ୟାଙ୍କ ଅଫିସର ତନ ବାସକୋଟି ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଥିବା ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଏବଂ ଡିଜିଟାଲ ଦେଣନେଣ ଉପରେ ଆଲୋକପାତ କରିଥିଲେ।

# ମହିମା ଭଜନ ପରିବେଷଣ, ଆଧ୍ୟାତ୍ମିକ ପରିବେଶ


ଜିଲାପାଳଙ୍କୁ ମହିମା ପଡା ପକ୍ଷରୁ ଭୀମ ଭୋଇଙ୍କ ଫଟୋ ପ୍ରଦାନ କରାଯାଉଛି।

### ମହିମା ମନ୍ଦିର ପ୍ରତିଷ୍ଠା ଦିବସର ଦ୍ୱିତୀୟ ଦିବସ

ବିନିକା, ୨୯।୧୦(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ମହିମା ପଡାରେ ଅଲେଖ ମହିମା ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଗୁରୁବାର ଦ୍ୱିତୀୟ ଦିନରେ ମନ୍ଦିର ପ୍ରାଙ୍ଗଣରେ ମହିମା ଭଜନ ଅହରହ ଚାଲିଥିଲା। ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିବା ସହିତ ମହିମା ଧର୍ମୀ ବ୍ରହ୍ମଚାରୀ ସାଧୁ ବାବାଙ୍କ ଆଶୀର୍ବାଦ ଭିକ୍ଷା ପାଇଁ ଭିଡ଼ ଦେଖିବାକୁ ମିଳିଥିଲା । ଏପଟେ ରାଜ୍ୟ ଭିତରୁ ଓ ରାଜ୍ୟ ବାହାରୁ ବକଳଧାରୀ ବାବାମାନଙ୍କୁ ଶିଷ୍ୟମାନେ ପାଲିଙ୍କିରେ ବୋହି ଆଣୁଥିବାର ଦୃଶ୍ୟ ବେଶ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା । ମହିମା ଧର୍ମବଲମ୍ବୀ ଭକ୍ତ ହଜାର ହଜାର ସଂଖ୍ୟାରେ ଆସିଥିଲେ। ରାତିରେ ଜିଲାପାଳ ନୃପରାଜ ସାହୁ, ଠାକୁରଙ୍କ ଦର୍ଶନ କରିବା ସହିତ ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଶ୍ରଦ୍ଧାଳୁ ମାନଙ୍କୁ ମହିମା ଧର୍ମ ଓ ଭୀମଭୋଇ ଜୀବନୀ ବିଷୟରେ ଉଦବୋଧନ ଦେଇଥିଲେ। ମହିମା ଅଷ୍ଟ ପହର ନାମଯଜ୍ଞ ଭଜନ କୀର୍ତ୍ତନ ପ୍ରବଚନ ପାଇଁ ସାରା ସହର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

SEBI भारतीय प्रतिभूति और विनिमय बोर्ड Securities and Exchange Board of India

**ନିଯୁକ୍ତି - ୨୦୨୫**

**ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଅଫିସର ଗ୍ରେଡ୍ "ଏ" ପଦବୀ ଲାଗି ଆବେଦନ**

ପ୍ରତିଭୂତି ବଜାରର ବିକାଶ ଏବଂ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଭୂତି ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇବା ନିମନ୍ତେ ଏକ ସଂସଦୀୟ ଅଧିନିୟମ ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ)ର ପ୍ରତିଷ୍ଠା କରାଯାଇଛି । ସେବୀ ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଗ୍ରେଡ୍ 'ଏ'ରେ ଅଫିସର ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଆବେଦନ ଆହ୍ୱାନ କରୁଛି।
ଆବେଦନକୁ **ଅନ୍‌ଲାଇନ୍‌ରେ ଅକ୍ଟୋବର ୩୦, ୨୦୨୫ରୁ ନଭେମ୍ବର ୨୮, ୨୦୨୫** ପର୍ଯ୍ୟନ୍ତ ପୂରଣ କରାଯାଇପାରିବ ।
ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ୍ ଆବେଦନ ପତ୍ର ପାଇଁ ସେବୀର ନିମ୍ନଲିଖିତ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://www.sebi.gov.in/sebiweb/about/AboutAction.do?doVacancies=yes
CBC 15204/11/0175/2526

OFFICE OF THE PRINCIPAL
V.P. COLLEGE, HEMGIR (DUDUKA)
DIST.: SUNDARGARH - 770076
E-mail: principalvpc@gmail.com

**WANTED**

As per the Notification of DHE, Odisha vide Letter No. 57198 and 57203, Dated: 23.10.2025 applications are invited from eligible retired Lecturers/Readers/Asst. Professors of Govt. and Non-Govt. Aided Colleges and retired Non-Teaching employees of any Govt. and Non-Govt. Aided Colleges or any other Govt. office below the age of 69 years of age for the post of History, Political Science, English, Education, Physics, Zoology, Geology and Junior Clerks respectively. Vacancies of said posts are already uploaded in HIMS Portal of the College. Interested candidates shall apply only through HIMS Portal within 7 days from the publication of this advertisement.
**N.B.:** The eligibility, remuneration and tenure of contractual engagement shall be made as per the Government Notification.
Sd./- Principal-cum-Secretary
Vesaja Patel College, Hemgir (Duduka)

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VHF-KUR-511, ତା.23.10.2025ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସର୍ବନିମ୍ନ ସ୍କେୟାର ଉପକରଣଗୁଡ଼ିକ ଦ୍ୱାରା 101 ସ୍ଥାନଗୁଡ଼ିକ ନିମନ୍ତେ 25 ୱାଟ୍ ଡିଜିଟାଲ VHF ସେଟ୍‌ର ବ୍ୟବସ୍ଥା ।
ଟେଣ୍ଡର ମୂଲ୍ୟ (₹): 68,55,447.26, EMD (₹) : 1,37,100.00 ।
ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2025 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-740/Q/25-26

OFFICE OF THE PRINCIPAL
GOKUL-PARVATI RURAL DEGREE COLLEGE
KUNTARA, DIST-SAMBALPUR

**WANTED**

Online applications through HIMS Portal are invited from the willing candidate for the post of One Clerk (Retired) and One PET (Retired) below the age 69 years. Remuneration for the above mentioned post shall be as per the notification of Higher Education Department, Odisha vide Letter No.57203, Dated 23.10.2025 the desirous candidate may apply within one day of the publication of the advertisement. HIMS Portal- https://hims.odisha.gov.in
Sd./- Principal-cum-Secretary
G.P.R.Degree College, Kuntara
Dist-Sambalpur

केनरा बैंक Canara Bank — सिंडिकेट Syndicate
**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧
**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଦାଣ୍ଡିସାହି ଶାଖା** (୧)ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୧୦। | (କ)ଟ.୧୯,୦୦,୦୦୦/- / (ଖ) ୨୮.୧୦.୨୦୨୫ / (ଗ) ୩୦.୧୦.୨୦୨୫ | ୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ପ୍ରଦୀପ କୁମାର ମଲ୍ଲିକ** ଏବଂ **ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୩୦.୧୦.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଟେଣ୍ଡର ସଂଖ୍ୟା: ବିଆର୍-ଏଚ୍‌କ୍ୟୁ-ଏଡିଏ-ଆର୍‌ଏନ୍‌ସି-୨୫-୨୬-୦୬; କାର୍ଯ୍ୟର ବର୍ଣ୍ଣନା: "ରାଞ୍ଚି ଆଦ୍ରା ଡିଭିଜନ" – "୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର @ ୧୦୦ କିମି ପ୍ରତିଘଣ୍ଟା ଚଳାଚଳ ପାଇଁ ସେତୁଗୁଡ଼ିକର ରିଗିର୍ଡରିଂ (କ) ଓର୍ଗା – ହାତୀ ସେକ୍ସନର ସେତୁ ନଂ. ୪୮୯ (୯x୧୮.୩ ମି) ଓ ୫୭୪ (୬x୧୮.୩ ମି) (ଖ) ଓର୍ଗା – ହାତିଆ ସେକ୍ସନର ସେତୁ ନଂ. ୫୨୦ (୧୧x୧୮.୩ ମି) (ଗ) ମୁରି – କୋଟଶିଳା ସେକ୍ସନର ସେତୁ ନଂ. ୧୫୬ ୟୁପି (୯x୧୮.୩ ମି) (ଘ) ଆଦ୍ରା – ଗୋମୋ ସେକ୍ସନର ସେତୁ ନଂ. ୪୦୯ ୟୁପି (୫x୧୨.୨ ମି + ୫x୩୦.୫ ମି) (ଙ) ଆଦ୍ରା – ଚାନ୍ଦିଲ ସେକ୍ସନର ସେତୁ ନଂ. ୪୧୪ ଡିଏନ୍ (୫x୩୦.୫୦ ମି + ୧x୨୪.୪୦ ମି) (ଚ) ଆଦ୍ରା – ମେଦିନାପୁର ସେକ୍ସନର ସେତୁ ନଂ. ୨୮୪ (୧୩x୧୮.୩ ମି) (ଛ) ବୋକାରୋ ଷ୍ଟିଲ୍ ସିଟି – ତଲଗୋରିଆ ସେକ୍ସନର ସେତୁ ନଂ. ୪୪୩ (୧x୧୮.୩ ମି) (ଜ) ଆଦ୍ରା – ଏନ୍.ସି.ବି. ଗୋମୋ ସେକ୍ସନର ସେତୁ ନଂ. ୪୧୨ ଡିଏନ୍ (୧x୩୦.୫ ମି + ୫x୪୫.୭ ମି + ୧x୧୨.୨ ମି) (ଝ) କେଟିଡି – ୟୁଆର୍‌ଏ ଷ୍ଟେଶନର ସେତୁ ନଂ.୩୯୨ ୟୁପି (୨x୧୮.୩ ମି) ଏବଂ ୩୯୪ ୟୁପି (୨x୧୮.୩ ମି)।" ଟେଣ୍ଡର ମୂଲ୍ୟ: ₹୧୦୨,୨୧,୦୨,୧୪୫.୧୮; ଅମାନତ ରାଶି: ₹୫୨,୬୦,୫୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ; ବନ୍ଦ ହେବା ତାରିଖ ଓ ସମୟ: ତା୦୮।୧୨।୨୦୨୫ରିଖ ୧୧.୩୦ ଘଟିକାରେ । ସମାପ୍ତି ଅବଧି: ୧୮ (ଅଠର) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-781)

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. 45-SBP-TRD-OT-2025-26, ତା.23.10.2025ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ 105 sq mm ଜମ୍ପର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକ ଠାରେ 160 sq mm ଜି-ଜମ୍ପର (jumper) ର ବ୍ୟବସ୍ଥା ।
ଆନୁମାନିକ ମୂଲ୍ୟ (₹): 42,00,386.32, EMD (₹): 84,000.00, ଶେଷ ହେବା ଅବଧି : 12 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2025 ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-737/Q/25-26

## ନାବାଳିକା ଗର୍ଭବତୀ ମାମଲା, ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

**ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅଞ୍ଚଳର ଜଣେ ନାବାଳିକା(୧୬)ଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଗର୍ଭବତୀ କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବରଗଡ଼ସ୍ଥିତ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ସରୋଜ ବରିହାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏହା ସହିତ ୨୦ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ବୃଦ୍ଧି ହେବ ବୋଲି ଆଦେଶ ରହିଛି। ସେହିପରି ପୀଡିତାଙ୍କୁ ୧୧ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଥାଉକି, ୨୦୨୨ରେ ତାକୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ସରୋଜ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ଗର୍ଭବତୀ ହେବା ଜାଣିବା ପରେ ଅଭିଯୁକ୍ତ ଅନ୍ୟତ୍ର ପଳାଇ ଯାଇଥିଲେ। ଏ ନେଇ ନାବାଳିକା ତାଙ୍କ ପରିବାର ସହିତ ପାଇକମାଳ ଥାନାକୁ ଆସି ୨୦୨୨ ଫେବୃଆରୀ ମାସ ୨୧ତାରିଖ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ-୩୬/୨୨) ରୁଜୁ କରି ତଦନ୍ତ କରିଥିଲା।

# ହଜାର ଏକର ଧାନ ଫସଲ ନଷ୍ଟ



ମୋନ୍ଥା କ୍ଷତିଗ୍ରସ୍ତଙ୍କ ସହାୟତା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅତାବିରା,୩୦।୧୦(ଯୁଧିଷ୍ଠିର ମହାପାତ୍ର)** ବାତ୍ୟା ମୋନ୍ଥାର ପ୍ରଭାବ ବରଗଡ଼ ଜିଲ୍ଲା ଅତାବିରା ଅଞ୍ଚଳରେ ପଡ଼ିଛି। ଏହାଦ୍ୱାରା ଅଞ୍ଚଳର ଶହ ଶହ ଚାଷୀଙ୍କ ହଜାର ହଜାର ଏକର ଧାନ ଫସଲ ନଷ୍ଟ ହୋଇଯାଇଛି। ଧାନ ଫସଲ ଅମଳ ହେବା ବେଳକୁ ଧାନ ଗଛଗୁଡ଼ିକ କ୍ଷେତରେ ଶୋଇପଡ଼ିଛି। ଫଳରେ ଚାଷୀର ମେରୁଦଣ୍ଡ ଦୋହଲି ପଡ଼ିଛି। କେତେକ ଧାନ ଅମଳକ୍ଷମ ହେବାକୁ ଥିବାବେଳେ ଅନ୍ୟ କେତେକ ଚାଷୀଙ୍କ ଧାନ ଏବେ ଗର୍ଭ ଅବସ୍ଥାରେ ବାହାରୁଛି। ଏପରି ଅବସ୍ଥାରେ ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା ମୋନ୍ଥାର ପ୍ରଭାବରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଧାନ ଅମଳ ବେଳକୁ କ୍ଷତି ହେବାରୁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ଏହାକୁ ଭିତ୍ତିକରି ଗୁରୁବାର ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ପକ୍ଷରୁ ବରଗଡ଼ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର କେ. ରିତୀ କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୋନ୍ଥା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି। ବାତ୍ୟା 'ମୋନ୍ଥା' ପ୍ରଭାବରେ ଗତ ୨୮ ଓ ୨୯ ତାରିଖ ପ୍ରବଳ ପବନ ଓ ବର୍ଷା ଯୋଗୁ ଧାନ ଫସଲ ବିପୁଳ କ୍ଷୟକ୍ଷତି ହୋଇଥିବା ବେଳେ ପ୍ରଭାବିତ ଚାଷୀଙ୍କୁ ତୁରନ୍ତ ଇନପୁଟ ସହାୟତା ସହ ଫସଲ ବୀମା ଦେବାକୁ ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର କେ. ରିତୀ କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଅତାବିରା ବ୍ଲକ ସଭାପତି ବାରେନ୍ଦ୍ର କରଙ୍କ ନେତୃତ୍ୱରେ କୃଷି ସୂଚନା ଓ ପରାମର୍ଶ କାର୍ଯ୍ୟାଳୟରେ ବ୍ଲକ କୃଷି ଅଧିକାରୀ ପିଙ୍କୁସେନ କରଙ୍କୁ ଦାବିପତ୍ର ପ୍ରଦାନ କରି ତହସିଲ ଅଫିସକୁ ଯାଇ ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଚାଷୀମାନେ ଆଗାମୀ ଧାନ ସଂଗ୍ରହ ନେଇ ବିଭିନ୍ନ ସମସ୍ୟା ଉପରେ ଦାବି ଜଣାଇଥିଲେ। ଟିଳିମିଶା ପାଷ୍ଟ୍ରରେ ୪/୫ ଶହ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିବା ଆଗାମୀ ଧାନ ସଂଗ୍ରହ ସମୟରେ ଏକ ବଡ଼ ବିଶୃଙ୍ଖଳା, ଗୋଳମାଳ ପରିସ୍ଥିତି ଉପୁଜିବାର ଆଶଙ୍କା ଥିବା ଚାଷୀ ତଥା ସଂଗଠନର ସଂପାଦକ ସୁରେଶ କର୍ଣ୍ଣ ଜଣାଇଥିଲେ। ଗୋଡ଼ଭଗା ମାର୍କେଟ ୟାର୍ଡ ନିର୍ମାଣ କାର୍ଯ୍ୟରେ ବହୁ ଅନିୟମିତତା କରାଯାଇ ଯୋଜନା ଅନୁଯାୟୀ ନିର୍ମାଣ ନ କରି ଜାଗାକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିବାରୁ ଗୋଡ଼ଭଗା ମଣ୍ଡିର ଚାଷୀମାନେ ଦାବି କରିଥିଲେ। ଚାଷୀ ପଞ୍ଜୀକରଣ ବାଦ୍ ନ ପଡ଼ିବା ଦିଗରେ ଗତ ଖରିଫ ଫସଲର ତଥ୍ୟକୁ ଆଧାରରେ କିଛି ଯୋଜନା କରାଯାଇପାରେ ବୋଲି ଉଚ୍ଚ ଅଧିକାରୀଙ୍କ ସ୍ତରରେ କାର୍ଯ୍ୟ ଚାଲୁଥିବା କହିବା ସହ ଧାନ ସଂଗ୍ରହରେ ଚାଷୀ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ଅନ୍ୟ ଚାଷୀଙ୍କ ମଧ୍ୟରେ ସଂଗଠନର କାର୍ଯ୍ୟକାରୀ ସଭାପତି ଗିରିଜାଲ ମିଶ୍ର, ସୁବାସ ବିଶ୍ୱାଳ, ପାପା ରାଓ, ଭୁବନ ପ୍ରଧାନ, ସୁଦ୍ଦେବ ନନ୍ଦ, ଦଶରଥ ଭୋଇ, ସମୀର ପ୍ରଧାନ, ନରେନ୍ଦ୍ର ପ୍ରଧାନ ଅମୂଲ୍ୟ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ସଭାପତି ବାରେନ୍ଦ୍ର କର, ଡକୁଲି ପଞ୍ଚାୟତ କୃଷକ ସଂଗଠନର ସଭାପତି ତ୍ରିଲୋଚନ ନାୟକ ପ୍ରମୁଖଙ୍କ ସମେତ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ।

## କ୍ଷତିପୂରଣ ଦାବି କଲା ଏଏପି



ଏଏପି ପ୍ରତିନିଧିବୃନ୍ଦ ଦାବିପତ୍ର ପ୍ରଦାନ କରୁଛନ୍ତି।

**ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲ୍ଲାରେ ମଧ୍ୟ ବାତ୍ୟା ମୋନ୍ଥାର ପ୍ରଭାବ ଦେଖିବାକୁ ମିଳିଥିଲା। ଗତ ୨୮ ଓ ୨୯ ତାରିଖରେ ତୀବ୍ର ଗତିରେ ପବନ ବହିବା ସହ ବର୍ଷା ହେବା ଯୋଗୁ ଜମିରେ ଛିଡା ହୋଇଥିବା ଖରିଫ ଧାନ ଫସଲ ଶୋଇ ପଡ଼ିଥିଲା। ଫଳରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକରେ ଏହାର ଆଂଶିକ କିମ୍ବା ଅଧିକ ପ୍ରଭାବ ଦେଖା ଯାଇଛି। ତେଣୁ ଫସଲକ୍ଷତିର ସଠିକ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଆମ ଆଦମୀ ପାର୍ଟି ଦାବି କରିଛି। ଏହି ଦାବି ନେଇ ଆମ ଆଦମୀ ପାର୍ଟି (ଏଏପି)ର ଏକ ପ୍ରତିନିଧି ଦଳ ଗୁରୁବାର ବରଗଡ଼ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଦଳର ରାଜ୍ୟ ସମ୍ପାଦକ ଭବାନୀ ସାହୁ, ଜିଲ୍ଲା ସଭାପତି ଯଦୁମଣି ପଧାନ, ନାରାନେତ୍ରୀ ମାଲିନୀ ବାର୍ଲା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ

**ବାଉଁଶୁଣୀ,୩୦।୧୦(ଦେବାଶିଷ ନେପାକ)** ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନ ୪ଟା ସମୟରେ ବାଉଁଶୁଣୀ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଓ ଗଞ୍ଜେଇ ଚାଷ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଶାରଦା ପ୍ରସନ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅଇଁଠୁ ମହାଲିକ ଅତିଥି ଭାବେ ଯୋଗ ଦେଇଥିଲେ। ସାଇବର ଠକେଇରୁ ବଞ୍ଚିବା ପାଇଁ ସର୍ତ୍ତକତା ଅବଲମ୍ବନ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ବେଆଇନ ଗଞ୍ଜେଇ ଚାଷ ଛାଡି ଅନ୍ୟ ଅର୍ଥକରୀ ଫସଲ ଚାଷ କରି ଲାଭାନ୍ୱିତ ହେବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡି କର୍ମୀ, ଏଏନ୍ଏମ୍ ଏବଂ ଜନସାଧାରଣ ଯୋଗଦାନ କରିଥିଲେ।

# ନିଜ ବିଭାଗକୁ ଦୁର୍ନୀତିମୁକ୍ତ କର

**ବରଗଡ଼,୩୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ର ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ରୀଙ୍କୁ ସଚ୍ଚୋଟ ଏବଂ ଦାୟିତ୍ୱବାନ ନାଗରିକ ହୋଇ ଦେଶ ଗଠନରେ ଭାଗୀଦାର ହେବା ପାଇଁ ଉତ୍ସାହିତ କରିଥିଲେ। ଏହା ସହିତ ସତ୍ ମାର୍ଗରେ ସତ୍ ଉପାର୍ଜନ କରି ନିଜର ଜୀବନ ବଞ୍ଚିବା ପାଇଁ ସେ ଆହ୍ୱାନ କରିଥିଲେ। ସେହିପରି ଜଣେ ଜଣେ ଭାରତୀୟ ରୂପେ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିବା ପାଇଁ ମୁଖ୍ୟ ଅତିଥି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଥିବା ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ସେ ନିଜ ନିଜର ବିଭାଗକୁ ସମ୍ପୂର୍ଣ୍ଣ ରୂପେ ଦୁର୍ନୀତିମୁକ୍ତ ରଖିବା ପାଇଁ ଉତ୍ସାହିତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତି ନିବାରଣକୁ ଏକ ସାମାଜିକ କ୍ରାନ୍ତିରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ ଦୁର୍ନୀତି ନିବାରଣ ବିଭାଗ ଡିଏସ୍ପି ସୁଷମା ତିର୍କୀ ଏବଂ ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହା ପରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ସମାରୋହରେ ଅତିଥିବୃନ୍ଦ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ପଦ୍ମପୁର,୩୦।୧୦(ପ୍ରଦୀପ୍ତ ଦାଶ)** ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ଦେଉଳି ଉଚ୍ଚବିଦ୍ୟାଳୟ ସତୀଭଟା ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଖଗେଶ୍ୱର ଦାଶ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ, ସମ୍ମାନିତ ଅତିଥି ଭାବରେ ସୁବାସ ଝଗରା, ଲତିକା ବିଶି, ଏବିଇଓ ଜୟ କୁମାର ସାହୁ ଓ ରାମସିଂ ଭୋଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୪ଟି କ୍ଲଷ୍ଟରର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଣ୍ଡବ ଶବର ଏସ୍‌ଡିପିଓ, ପଦମପୁର, ମୁଖ୍ୟବକ୍ତା ଭାବରେ ଜନକଲାଲ ମେହେର, ସମ୍ମାନିତ ଅତିଥି ଭାବରେ ବେଣୁଧର ବରିହା, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା ରବିଶଙ୍କର ପ୍ରଧାନ ଓ ସୁଶ୍ରୀ ସୋନାଲିକା ଶବର କରିଥିବା ବେଳେ ନେତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ହତ୍ୟା ଉଦ୍ୟମ ମାମଲା**

## ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

**ସୋହେଲା,୩୦।୧୦(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ସବ୍‌ଜଜ୍ କୋର୍ଟରେ ଏକ ହତ୍ୟା ଉଦ୍ୟମ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ବିଚାରପତି ସ୍ଥାନୀୟ ସବ୍‌ଜଜ୍ ଚିନ୍ମୟୀ ମିଶ୍ର ଅଭିଯୁକ୍ତକୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଈଶ୍ୱର ବାଗ (୪୩)। ସୋହେଲା ଥାନା ଅନ୍ତର୍ଗତ ହୀରାପାଲି ଗ୍ରାମରେ ୨୦୨୨ ଜାନୁୟାରୀ ୨୩ ତାରିଖ ରାତି ୮ଟାରେ ଗିରିଶ କୁମାର ଲୁହାଙ୍କୁ ତାଙ୍କ ପଡ଼ାର ଈଶ୍ୱର ବାଗ ଗାଳି ଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିଲା। ଗିରିଶଙ୍କ ବାପା ସେଠାକୁ ଆସି କାହିଁକି ଏମିତି ହେଉଛୁ ବୋଲି କହିବାରୁ ଅଭିଯୁକ୍ତ ରାଗି ଯାଇଥିଲେ। ପରେ ସରୋଜ ଲୁହା (ଗିରିଶ ଲୁହାଙ୍କ ବାପା)ଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଏକ ପନିକିରେ ମାରିଦେବାରୁ ମୁଣ୍ଡ ଫାଟି ଯାଇ ରକ୍ତ ସ୍ରାବ ହୋଇଥିଲା। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଗିରିଶ ସୋହେଲା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୬/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାର ବିଚାର କରି ସବ୍‌ଜଜ୍ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଆଡ୍‌ଭୋକେଟ ଅଶୋକ କୁମାର ବାରିକ ମାମଲା ପରିଚାଳନା କରୁଥିଲେ।


**ସେବି | भारतीय प्रतिभूति और विनिमय बोर्ड | Securities and Exchange Board of India**

**ନିଯୁକ୍ତି - ୨୦୨୫**

**ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଅଫିସର ଗ୍ରେଡ୍ "ଏ" ପଦବୀ ଲାଗି ଆବେଦନ**

ପ୍ରତିଭୂତି ବଜାରର ବିକାଶ ଏବଂ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଭୂତି ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇବା ନିମନ୍ତେ ଏକ ସଂସଦୀୟ ଅଧିନିୟମ ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ)ର ପ୍ରତିଷ୍ଠା କରାଯାଇଛି । ସେବୀ ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଗ୍ରେଡ୍ 'ଏ'ରେ ଅଫିସର ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଆବେଦନ ଆହ୍ୱାନ କରୁଛି ।

ଆବେଦନକୁ **ଅନ୍‌ଲାଇନ୍‌ରେ ଅକ୍ଟୋବର ୩୦, ୨୦୨୫ରୁ ନଭେମ୍ବର ୨୮, ୨୦୨୫** ପର୍ଯ୍ୟନ୍ତ ପୂରଣ କରାଯାଇପାରିବ ।

ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ୍ ଆବେଦନ ପତ୍ର ପାଇଁ ସେବୀର ନିମ୍ନଲିଖିତ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://www.sebi.gov.in/sebiweb/about/AboutAction.do?doVacancies=yes

CBC 15204/11/0175/2526



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VHF-KUR-511, ତା.23.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସର୍ବନିମ୍ନ ସ୍ୱେୟାର ଉପକରଣଗୁଡ଼ିକ ଦ୍ୱାରା 101 ସ୍ଥାନଗୁଡ଼ିକ ନିମନ୍ତେ 25 ୱାଟ୍ ଡିଜିଟାଲ VHF ସେଟ୍‌ର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ (₹):** 68,55,447.26, EMD (₹) : 1,37,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-740/Q/25-26



**OFFICE OF THE PRINCIPAL**
**GOKUL-PARVATI RURAL DEGREE COLLEGE**
**KUNTARA, DIST-SAMBALPUR**

**WANTED**

Online applications through HIMS Portal are invited from the willing candidate for the post of One Clerk (Retired) and One PET (Retired) below the age 69 years. Remuneration for the above mentioned post shall be as per the notification of Higher Education Department, Odisha vide Letter No.57203, Dated 23.10.2025 the desirous candidate may apply within one day of the publication of the advertisement. HIMS Portal- https://hims.odisha.gov.in

Sd./- Principal-cum-Secretary
G.P.R.Degree College, Kuntara
Dist-Sambalpur



**OFFICE OF THE PRINCIPAL**
**V.P. COLLEGE, HEMGIR (DUDUKA)**
**DIST.: SUNDARGARH - 770076**
E-mail: principalvpc@gmail.com

**WANTED**

As per the Notification of DHE, Odisha vide Letter No. 57198 and 57203, Dated: 23.10.2025 applications are invited from eligible retired Lecturers/Readers/Asst. Professors of Govt. and Non-Govt. Aided Colleges and retired Non-Teaching employees of any Govt. and Non-Govt. Aided Colleges or any other Govt. office below the age of 69 years of age for the post of History, Political Science, English, Education, Physics, Zoology, Geology and Junior Clerks respectively. Vacancies of said posts are already uploaded in HIMS Portal of the College. Interested candidates shall apply only through HIMS Portal within 7 days from the publication of this advertisement.

**N.B.:** The eligibility, remuneration and tenure of contractual engagement shall be made as per the Government Notification.

Sd./- Principal-cum-Secretary
Vesaja Patel College, Hemgir (Duduka)



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ**

(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ)
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍- ୧, ଭୁବନେଶ୍ୱର-୭୫୧୦୦୯

**ଆଦିବାସୀ ପ୍ରତିଭା ସମ୍ମାନ-୨୦୨୬**

No.V- ଏତଦ୍ ଦ୍ୱାରା ଘୋଷଣା କରାଯାଉଅଛି କି ବିଗତ ବର୍ଷମାନଙ୍କ ପରି ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଚିତ୍ରକଳା, ଚାରୁକଳା, ସମାଜସେବା, ଦେଶଜ ଔଷଧ ବିଦ୍ୟା, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଜନଜାତି ପ୍ରତିଭାମାନଙ୍କୁ ଆଗାମୀ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବରେ ମାନପତ୍ର, ଉତ୍ତରୀୟ ଓ ଅର୍ଥରାଶି ପ୍ରଦାନ କରି ସମ୍ମାନିତ କରାଯିବ। ଏଣୁ ଏହି ସମ୍ମାନ ନିମନ୍ତେ ଉପରୋକ୍ତ କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତି ବିଶେଷଙ୍କୁ **ନଭେମ୍ବର ୩୦, ୨୦୨୫** ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି ।

ସମ୍ପୂର୍ଣ୍ଣ ବିଜ୍ଞାପନ ଓ ଆବେଦନ ପତ୍ର ଡାଉନ୍‌ଲୋଡ୍ କରିବା ନିମନ୍ତେ ୱେବସାଇଟ୍ www.atlcodisha.org, www.scstrti.in ଅଥବା www.stsc.odisha.gov.in ଦେଖନ୍ତୁ।

OIPR-26011/11/0014/2526 — ସ୍ୱା/- ସଦସ୍ୟ ସଚିବ



**केनरा बैंक Canara Bank** | सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ରଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ରଣଗ୍ରହୀତା/ବନ୍ଧକଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ରଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ରଣ/ମଞ୍ଜୁରି ରଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଦାଣ୍ଡିସାହି ଶାଖା** (୧)ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ରଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ରଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ରଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୧୦। | (କ)ଟ.୧୯,୦୦,୦୦୦/- / (ଖ) ୨୮.୧୦.୨୦୨୫ / (ଗ) ୩୦.୧୦.୨୦୨୫ | ୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ପ୍ରଦୀପ କୁମାର ମଲ୍ଲିକ** ଏବଂ **ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । |

ଆପଣ, ଉପରୋକ୍ତ ରଣଗ୍ରହୀତା/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ରଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ରଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ରଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ରଣଦାତା ସୁରକ୍ଷିତ ରଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ରଣ ରାଶି ଆଦାୟ ନିମନ୍ତେ ରଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ରଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ରଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୩୦.୧୦.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ସଂଖ୍ୟା:** ବିଆର୍-ଏକ୍ୟୁ-ଏଡିଏ-ଆର୍‌ଏନ୍‌ସି-୨୫-୨୬-୦୬; **କାର୍ଯ୍ୟର ବର୍ଣ୍ଣନା:** "ରାଞ୍ଚି ଆଦ୍ରା ଡିଭିଜନ" – "୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର @ ୧୦୦ କିମି ପ୍ରତିଘଣ୍ଟା ଚଳାଚଳ ପାଇଁ ସେତୁଗୁଡ଼ିକର ରିଗିର୍ଡରିଂ (କ) ଓର୍ଗା – ହାତୀ ସେକ୍ସନର ସେତୁ ନଂ. ୪୮୯ (୯x୧୮.୩ ମି) ଓ ୫୭୪ (୬x୧୮.୩ ମି) (ଖ) ଓର୍ଗା – ହାଟିଆ ସେକ୍ସନର ସେତୁ ନଂ. ୫୨୦ (୧୧x୧୮.୩ ମି) (ଗ) ମୁରି – କୋଟଶିଳା ସେକ୍ସନର ସେତୁ ନଂ. ୧୫୬ ୟୁପି (୯x୧୮.୩ ମି) (ଘ) ଆଦ୍ରା – ଗୋମୋ ସେକ୍ସନର ସେତୁ ନଂ. ୪୦୯ ୟୁପି (୫x୧୨.୨ ମି + ୫x୩୦.୫ ମି) (ଙ) ଆଦ୍ରା – ଚାନ୍ଦିଲ ସେକ୍ସନର ସେତୁ ନଂ. ୪୧୪ ଡିଏନ୍ (୫x୩୦.୫୦ ମି + ୧x୨୪.୪୦ ମି) (ଚ) ଆଦ୍ରା – ମେଦିନାପୁର ସେକ୍ସନର ସେତୁ ନଂ. ୨୮୪ (୧୩x୧୮.୩ ମି) (ଛ) ବୋକାରୋ ଷ୍ଟିଲ୍ ସିଟି – ତଳଗୋରିଆ ସେକ୍ସନର ସେତୁ ନଂ. ୪୪୩ (୧x୧୮.୩ ମି) (ଜ) ଆଦ୍ରା – ଏନ୍.ସି.ବି. ଗୋମୋ ସେକ୍ସନର ସେତୁ ନଂ. ୪୧୨ ଡିଏନ୍ (୧x୩୦.୫ ମି + ୫x୪୫.୭ ମି + ୧x୧୨.୨ ମି) (ଝ) କେଟିଡି – ୟୁଆର୍‌ଏ ଷ୍ଟେଶନର ସେତୁ ନଂ.୩୯୨ ୟୁପି (୨x୧୮.୩ ମି) ଏବଂ ୩୯୪ ୟୁପି (୨x୧୮.୩ ମି)।" **ଟେଣ୍ଡର ମୂଲ୍ୟ:** ₹୧୦୨,୨୧,୦୨,୧୪୫.୧୮; **ଅମାନତ ରାଶି:** ₹୫୨,୬୦,୫୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ; **ବନ୍ଦ ହେବା ତାରିଖ ଓ ସମୟ:** ତା୦୮।୧୨।୨୦୨୫ରିଖ ୧୧.୩୦ ଘଟିକାରେ । **ସମାପ୍ତି ଅବଧି:** ୧୮ (ଅଠର) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

(PR-781)



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 45-SBP-TRD-OT-2025-26, ତା.23.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 105 sq mm ଜମ୍ପର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକ ଠାରେ 160 sq mm ଜି-ଜମ୍ପର (jumper) ର ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 42,00,386.32, EMD (₹): 84,000.00, ଶେଷ ହେବା ଅବଧି : 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-737/Q/25-26

# ବାଇକ୍‌କୁ ପିଟିଲା କାର୍, ୨ ମୃତ

## ଭଉଣୀ, ଭାଣିଜୀ ମୃତ, ଭାଇ ଗୁରୁତର

ସମ୍ବଲପୁର,୩୦।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଦୁର୍ଗାପାଲିରେ ନବନିର୍ମିତ ରେଳ ଓଭରବ୍ରିଜ୍‌ରେ ଗୁରୁବାର ରାତିରେ କାର୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁର୍ଲା ଅଞ୍ଚଳରେ ରହୁଥିବା ପାୟଲ ପଟେଲ(୨୫) ଓ ତାଙ୍କ ଝିଆରୀ(ବଡ଼ ଭଉଣୀଙ୍କ ଝିଅ) ଇନ୍ଦ୍ରାଣୀ ଓରଫ ମାନିଆ ପଟେଲ(୪)। ବାଇକ୍ ଚାଳକ ପାୟଲଙ୍କ ବଡଭାଇ ଓମ୍ ପଟେଲ(୨୭) ଗୁରୁତର ହୋଇ ଭିମ୍‌ସାରରେ ଭର୍ତ୍ତି ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ରାତି ପ୍ରାୟ ସାଢ଼େ ୮ଟାରେ ବାଇକ୍ (ନଂ.ଓଡି-୧୭-ଭି-୭୭୮୭)ରେ ଓମ୍ ତାଙ୍କ ସାନ ଭଉଣୀ ପାୟଲ ଓ ଭାଣିଜୀ ମାନିଆଙ୍କ ସହିତ ଦୁର୍ଗପାଲି ରେଳ ଓଭରବ୍ରିଜ୍ ଦେଇ ସମ୍ବଲପୁରରୁ ବୁର୍ଲା ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ କାର୍ (ନଂ.ଓଡି-୧୫-ଏକ୍ସ-୫୩୧୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚଳାଉଥିବା ଓମ ଓ ଇନ୍ଦ୍ରାଣୀ ରାସ୍ତାରେ ଛିଟିକି ପଡିଥିବାବେଳେ ପାୟଲ ବ୍ରିଜ୍ ତଳକୁ ଖସି ପଡିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ପାୟଲ ଓ ଇନ୍ଦ୍ରାଣୀଙ୍କୁ ମୃତ ଘୋଷଣା କରିଥିଲେ। ଉଭୟଙ୍କ ମୃତଦେହ ଶବଗୃହରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା କାର୍ ଓ ବାଇକ୍‌କୁ ପୋଲିସ ଜବତ କରିଛି। କାର୍ ଚାଳକଙ୍କୁ ଅଟକ ରଖାଯାଇଥିବା କ୍ଷେତରାଜପୁର ଥାନା ଆଇଆଇସି ଅନୀଲ ପ୍ରଧାନ କହିଛନ୍ତି।


କାର ଓ ବାଇକ ଦୁର୍ଘଟଣାରେ ବ୍ରିଜତଳେ ପଡ଼ି ପ୍ରାଣ ହରାଇଥିବା ମହିଳାଙ୍କ ଶବକୁ ଉଦ୍ଧାର କରୁଛି ପୋଲିସ।

# ଶ୍ରୀମନକାମେଶ୍ୱର ମହାଦେବ ମନ୍ଦିରରେ ଗୋଷ୍ଠାଷ୍ଟମୀ


ମନ୍ଦିର ପରିସରରେ ଆୟୋଜିତ ଗୋଷ୍ଠାଷ୍ଟମୀ ମହୋତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

ସମ୍ବଲପୁର,୩୦।୧୦(ବି.ଶଙ୍କର)

## ମହେଶ ଗୋଶାଳାର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅର୍ନ୍ତଗତ ଗୋଲାବନ୍ଧସ୍ଥିତ ଶ୍ରୀମନକାମେଶ୍ୱର ମହାଦେବ ମନ୍ଦିର ପରିସରରେ ଗୁରୁବାର ଗୋଷ୍ଠାଷ୍ଟମୀ ପାଳିତ ହୋଇଯାଇଛି। ସନାତନୀ ହିନ୍ଦୁ, ଗୋଭକ୍ତ, ସାଧୁସନ୍ଥ ଓ ଅଞ୍ଚଳର ଭକ୍ତମାନେ ଗୋମାତା ଓ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ଶ୍ରଦ୍ଧା ଓ ଭକ୍ତି ସହିତ ପୂଜା କରିଥିଲେ। ଉକ୍ତ ମହୋତ୍ସବରେ ଭାରତୀୟ ଜନତା ପାର୍ଟିର ଜିଲା ସଭାପତି ତଥା ଶ୍ରୀବ୍ରଜ ଗିରିରାଜ ସେବା ସଂସ୍ଥାନ ଟ୍ରଷ୍ଟର ଉପଦେଷ୍ଟା ଗିରିଶ ପଟେଲ ଓ ଅନ୍ୟତମ ଉପଦେଷ୍ଟା ବେଣୁଧର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଭିନ୍ନ ଜିଲାରୁ ଆସିଥିବା ସାଧୁସନ୍ଥଙ୍କ ଗହଣରେ ଗୋସେବା, ଗୋପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବ୍ରହ୍ମପଣ୍ଡିତ ମହାସଭାର ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ କାଳିଦାସ ପଣ୍ଡା, ପଣ୍ଡିତ ଜିତେନ୍ଦ୍ର ନନ୍ଦ, ପଣ୍ଡିତ ସରିତ କୁମାର ପାଢ଼ୀ ପ୍ରମୁଖଙ୍କ ଦ୍ୱାରା ବୈଦିକ ରୀତିରେ ମନ୍ତ୍ର ପାଠ ପୂର୍ବକ ପୂଜାର୍ଚ୍ଚନା କରି ନୂତନ ଭାବେ ନିର୍ମିତ ମହେଶ ଗୋଶାଳାର ପ୍ରତିଷ୍ଠା ପର୍ବ ଅନୁଷ୍ଠିତ ହୋଇଥିଲା । ପରେ ପ୍ରଦୀପ ପାଣ୍ଡେ, ପଣ୍ଡିତ ମନମୋହନ ପାଣିଗ୍ରାହୀ ଓ ସୌରଭ ରଞ୍ଜନ ମହାପାତ୍ର, ରାମ ପ୍ରସାଦ ନାୟକଙ୍କ ଦ୍ୱାରା ବିଭିନ୍ନ ଜିଲାରୁ ଆସିଥିବା ମଠ ମହନ୍ତ, ସାଧୁସନ୍ଥଙ୍କ ସେବା ଓ ବ୍ରାହ୍ମଣ ସେବା ଅନୁଷ୍ଠିତ ହୋଇଥିଲା। ଏହାପରେ ଶାସନ, ପିଥମପୁର କୀର୍ତ୍ତନ ଦଳ ଭଜନକୀର୍ତ୍ତନ ପରିବେଷଣ କରିଥିଲେ।

# ଉଚ୍ଛେଦ ପୂର୍ବରୁ ଥଇଥାନ କର


ଥଇଥାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୌରଭ ବିହାରବାସୀ।

- ସରକାରୀ ପ୍ରକଳ୍ପ ପାଇଁ ଉଚ୍ଛେଦ ଅନିବାର୍ଯ୍ୟ
- ଥଇଥାନରେ ସରକାରୀ ନୀତି ପାଳନ କରାଯିବ

ସମ୍ବଲପୁର,୩୦।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଉପକଣ୍ଠ ପରଧିଆପାଲି ସୌରଭ ବିହାରରେ ସରକାରୀ ପ୍ରକଳ୍ପ ନିର୍ମାଣ ପାଇଁ ମହାନଗର ନିଗମ ପକ୍ଷରୁ ଏଠାର ରହୁଥିବା ଅଧିବାସୀଙ୍କୁ ଉଚ୍ଛେଦ ନୋଟିସ୍ ଦିଆଯାଇଛି। ମହାନଗର ନିଗମ ପକ୍ଷରୁ ଏଠାରେ ନୂତନ ରାସ୍ତା ଓ ରାସ୍ତା ପ୍ରସସ୍ତିକରଣ ପାଇଁ ପ୍ରସ୍ତାବ ରହିଛି। ତେବେ ବିନା ପୂର୍ବ ସୂଚନାରେ ଗତ ୨୩ ତାରିଖରେ ରାଜସ୍ୱ ବିଭାଗ ଓ ମହାନଗର ନିଗମ କର୍ମଚାରୀମାନେ ସେଠାରେ ପହଞ୍ଚି ଏହି ଅଞ୍ଚଳବସୀଙ୍କୁ ଏଠାରୁ ଉଚ୍ଛେଦ ପୂର୍ବକ ସେମାନଙ୍କ ଘରଗୁଡ଼ିକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ମାତ୍ର ଅଞ୍ଚଳବାସୀଙ୍କ ଦୃଢ଼ ପ୍ରତିରୋଧ ଯୋଗୁ ଉକ୍ତଦିନ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରହିଥିଲା। ଅପରପକ୍ଷରେ ଏଠାରେ ବିସ୍ଥାପିତ ହେବା ଆଶଙ୍କାରେ ଅଞ୍ଚଳବାସୀ ପ୍ରଥମେ ସେମାନଙ୍କୁ ଥଇଥାନ କରିବାକୁ ଗୁହାରି ପାଇଁ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ବରିଷ୍ଠ ଭାଜପା ନେତା ସମୀର ରଞ୍ଜନ ବାବୁଙ୍କ ନେତୃତ୍ୱରେ ଅଞ୍ଚଳର ମହିଳା ଓ ପୁରୁଷ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରିଥିଲେ। ସୌରଭ ବିହାରରେ ପାଖାପାଖି ଶହେ ପରିବାର ପ୍ରାୟ ୩୦ରୁ ୪୦ ବର୍ଷ ହେଲା ଘର କରି ପରିବାର ସହିତ ରହି ଆସୁଛନ୍ତି। ଏଠାରେ ନିକଟସ୍ଥ ଶିକ୍ଷାନୁଷ୍ଠାନଗୁଡ଼ିକରେ ସେମାନଙ୍କ ପିଲାମାନେ ପାଠ ପଢୁଛନ୍ତି। ଏପରିକି ଏଠାରେ ରହୁଥିବା ସମସ୍ତେ ଖଟିଖିଆ ଦିନ ମଜୁରିଆ। ଏଭଳି ପରିସ୍ଥିତିରେ ସେମାନଙ୍କୁ ହଠାତ୍ ଏଠାରୁ ଉଚ୍ଛେଦ କରାଗଲେ ସେମାନଙ୍କ ଜୀବିକା ସହିତ ସନ୍ତାନମାନଙ୍କ ପାଠପଢ଼ା ପ୍ରଭାବିତ ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ସେମାନଙ୍କୁ ଉଚ୍ଛେଦ ପୂର୍ବରୁ ଥଇଥାନର ବ୍ୟବସ୍ଥା କରାଯାଉ ବୋଲି ଦାବି କରିଛନ୍ତି। ଦାବି ଶୁଣି ଜିଲାପାଳ ବୋନ୍ଦର ସରକାରଙ୍କ ଯୋଜନା ଅଧିନ ଜମି ଖାଲିକରିବା ବାଧ୍ୟତାମୂଳକ। ମାତ୍ର ତୁରନ୍ତ ଉଚ୍ଛେଦ କରା ନ ଯାଇ ସମସ୍ତଙ୍କୁ ଥଇଥାନ ପାଇଁ ସମୟ ଦିଆଯିବ ବୋଲି କହିଛନ୍ତି। ତେବେ ତହସିଲଦାରଙ୍କ ଦ୍ୱାରା ସେଠାରେ ବସବାସ କରୁଥିବା ପରିବାର ଓ ଘରର ଉପଯୁକ୍ତ ଆକଳନ ପୂର୍ବକ ଥାଇଥାନରେ ସରକାରୀ ନୀତି ପାଳନ କରାଯିବ ଜିଲାପାଳ କହିଛନ୍ତି।

# ନକଲି ନିଯୁକ୍ତି କେଳେଙ୍କାରୀ: ଅଟକ ୧୮ଜଣ ଜେଲଚ୍ ଗଲେ

## ମୁଖ୍ୟ ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା

ସମ୍ବଲପୁର,୩୦।୧୦(ପ୍ରମୋଦ ବହିଦାର)

ପୋଲିସ ଦ୍ୱାରା ବୁଧବାର ଅଟକ ଥିବା ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ରେ ନକଲି ନିଯୁକ୍ତି କେଳେଙ୍କାରୀରେ ସମ୍ପୃକ୍ତ ସମସ୍ତ ୧୮ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ନକଲି ନିଯୁକ୍ତି ପ୍ରତିଶ୍ରୁତିରେ ପ୍ରାୟ ୨ ହଜାର ଚାକିରି ଆଶାୟୀଙ୍କଠାରୁ ୨କୋଟିରୁ ଊର୍ଦ୍ଧ୍ୱ ରାଶି ଠକେଇର ପର୍ଦ୍ଦାଫାଶ କରି ବୁର୍ଲା ପୋଲିସ ଗତ ୨୩ ତାରିଖରେ ଜଣେ ମହିଳାଙ୍କ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ନଗଦ ୬୨ ଲକ୍ଷ ୧ ହଜାର ଟଙ୍କା ଜବତ କରିଥିଲା ପୋଲିସ। ମୁଖ୍ୟ ଅଭିଯୁକ୍ତ ରାହୁଲ ଓରଫ ସମ୍ରାଟ୍ ରାୟଙ୍କୁ ପୋଲିସ ରିମାଣ୍ଡରେ ନେଇ ଜେରା କରିବା ପରେ ବୁଧବାର ତାଙ୍କ ରିମାଣ୍ଡ ଅବଧି ଶେଷ ହୋଇଥିଲା। ମାତ୍ର ରିମାଣ୍ଡରେ ନେଇ ଜେରା ବେଳେ ସେ ହିଁ ଏହି ନକଲି ନିଯୁକ୍ତି ରାକେଟ୍‌ର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିବା ସହିତ ଆଶାୟୀଙ୍କଠାରୁ ମିଛ ପ୍ରତିଶ୍ରୁତିରେ ଟଙ୍କା ଆଦାୟ କରିଥିବା ଏଜେଣ୍ଟ କମ୍ ସୁପରଭାଇଜର୍‌ଙ୍କୁ ମଧ ଚହ୍ନଟ କରିଥିଲା ପୋଲିସ। ଚିହ୍ନଟ ପରେ ବୁଧବାର ଟିପିଲିମା ଚାରପାଲିର ମହିଳା ଏଜେଣ୍ଟ କମ୍ ସୁପରଭାଇଜର ଭାଗ୍ୟଶ୍ରୀ ମହାନନ୍ଦଙ୍କଠାରୁ ବିଭିନ୍ନ ଆଶାୟୀଙ୍କଠାରୁ ସଂଗୃହୀତ ନଗଦ ୧୩ ଲକ୍ଷ ଟଙ୍କା, ଏ ସମ୍ପର୍କିତ କେତେକ କାଗଜପତ୍ର ସହିତ କେତେକ ଚାକିରି ଆଶାୟୀଙ୍କ ଫଟୋ, ଆଧାରକାର୍ଡ ଓ ବ୍ୟାଙ୍କ ପାସ୍‌ବୁକ୍‌କୁ ପୋଲିସ ଜବତ କରିବା ସହିତ ତାଙ୍କୁ ଥାନାରେ ଅଟକ ରଖିଥିଲା। ତାଙ୍କ ସହିତ ଆହୁରି ୪ ମହିଳା ଓ ୧୩ ଜଣ ପୁରୁଷ ଏଜେଣ୍ଟଙ୍କୁ ପୋଲିସ ଅଟକ ରଖିଥିଲା। ଜେରା ବେଳେ ଏହି ର୍ୟାକେଟ୍‌ରେ ସେମାନଙ୍କ ସମ୍ପୃକ୍ତି ପ୍ରମାଣିତ ହେବାରୁ ଏନେଇ ପୂର୍ବରୁ ବୁର୍ଲା ଥାନାରେ ଏକ ମାମଲା(ନଂ.୪୬୪/୨୫)ରୁଜୁ କରି ସମସ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା।

SEBI भारतीय प्रतिभूति और विनिमय बोर्ड Securities and Exchange Board of India

**ନିଯୁକ୍ତି - ୨୦୨୫**

**ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଅଫିସର ଗ୍ରେଡ୍ "ଏ" ପଦବୀ ଲାଗି ଆବେଦନ**

ପ୍ରତିଭୂତି ବଜାରର ବିକାଶ ଏବଂ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଭୂତି ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇବା ନିମନ୍ତେ ଏକ ସଂସଦୀୟ ଅଧିନିୟମ ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ)ର ପ୍ରତିଷ୍ଠା କରାଯାଇଛି । ସେବୀ ସାଧାରଣ, ଆଇନଗତ, ସୂଚନା ପ୍ରଯୁକ୍ତି, ଗବେଷଣା, ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ), ଇଞ୍ଜିନିୟରିଂ (ସିଭିଲ) ଏବଂ ଆନୁଷ୍ଠାନିକ ଭାଷା ଧାରାରେ ଗ୍ରେଡ୍ 'ଏ'ରେ ଅଫିସର ପଦବୀରେ ନିଯୁକ୍ତି ଲାଗି ଭାରତୀୟ ନାଗରିକଙ୍କଠାରୁ ଆବେଦନ ଆହ୍ୱାନ କରୁଛି ।

ଆବେଦନକୁ **ଅନ୍‌ଲାଇନ୍‌ରେ ଅକ୍ଟୋବର ୩୦, ୨୦୨୫ରୁ ନଭେମ୍ବର ୨୮, ୨୦୨୫** ପର୍ଯ୍ୟନ୍ତ ପୂରଣ କରାଯାଇପାରିବ ।

ସବିଶେଷ ବିଜ୍ଞାପନ ଏବଂ ଅନ୍‌ଲାଇନ୍ ଆବେଦନ ପତ୍ର ପାଇଁ ସେବୀର ନିମ୍ନଲିଖିତ ୱେବସାଇଟ୍ ପରିଦର୍ଶନ କରନ୍ତୁ: https://www.sebi.gov.in/sebiweb/about/AboutAction.do?doVacancies=yes

CBC 15204/11/0175/2526

**OFFICE OF THE PRINCIPAL**
**V.P. COLLEGE, HEMGIR (DUDUKA)**
**DIST.: SUNDARGARH - 770076**
E-mail: principalvpc@gmail.com

**WANTED**

As per the Notification of DHE, Odisha vide Letter No. 57198 and 57203, Dated: 23.10.2025 applications are invited from eligible retired Lecturers/Readers/Asst. Professors of Govt. and Non-Govt. Aided Colleges and retired Non-Teaching employees of any Govt. and Non-Govt. Aided Colleges or any other Govt. office below the age of 69 years of age for the post of History, Political Science, English, Education, Physics, Zoology, Geology and Junior Clerks respectively. Vacancies of said posts are already uploaded in HIMS Portal of the College. Interested candidates shall apply only through HIMS Portal within 7 days from the publication of this advertisement.

**N.B.:** The eligibility, remuneration and tenure of contractual engagement shall be made as per the Government Notification.

**Sd./- Principal-cum-Secretary**
**Vesaja Patel College, Hemgir (Duduka)**

# କାଇଁଶିର ପାହାଡ଼ରେ ଚାରାରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର,୩୦।୧୦(ବି.ଶଙ୍କର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମ୍ବଲପୁର ବୁଢ଼ାରଜା ନଗର ପକ୍ଷରୁ ଚଳିତ ବର୍ଷରେ ସ୍ଥିରୀକୃତ ହେଇଥିବା ୧୦୦୦ଚାରାରୋପଣ କାର୍ଯ୍ୟ ଗୁରୁବାର କାଇଁଶିର ପାହାଡ ତଳେ ସମାପନ ହୋଇଛି । ସକାଳ ୫ଟାରୁ ୮ ପର୍ଯ୍ୟନ୍ତ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟରେ ସମ୍ବଲପୁର ମହାନଗର ସେବା ଭାରତୀର ସଭାପତି ବିବେକା ନନ୍ଦ ଦାଶ, ବୁଢ଼ାରଜା ନଗର ସେବା ପ୍ରମୁଖ ସୁରଥ ଭୋଇ ସଂକର୍ମା ସଂସ୍କାର କେନ୍ଦ୍ରର ସଭାପତି ଅନ୍ତର୍ଯ୍ୟାମୀ ଭୋଇ, ବୁଢ଼ାରଜା ନଗର କର୍ଯ୍ୟବାହ ହରି ହରିପାଲ, ଆଦିତ୍ୟ ମିଶ୍ର, ବିଶ୍ୱରଞ୍ଜନ ଜେନା, ବ୍ୟୋମକେଶ ସାହୁ, ବିନୟ ସୋନି, ଶୁଭ୍ରଜିତ ରଥ, ବିଜୟ ତିୱାରୀ, ମୁରାରୀ ଭାଇ, ଆକାଶ ପାଢ଼ୀ, ରୁଦ୍ର କର୍ଣ୍ଣ, ବିଶ୍ୱଭୂଷଣ ବିଶ୍ୱାଳ, ଭାସ୍କର ମାର୍ଥା, ସତ୍ୟବ୍ରତ କର୍ଣ୍ଣ, ଅଶୋକ ସିଂ, ଅଭିଳାଷ ମୁଣ୍ଡା, ନରୋତ୍ତମ ସାହୁ, ସାନ ଛତ୍ରିଆ, ଧିରେନ ମେହେର, ଆଶୁତୋଷ ପଣ୍ଡା, ଆନନ୍ଦ ଅଗ୍ରୱାଲ ଯୋଗଦାନ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-VHF-KUR-511, ତା.23.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସର୍ବନିମ୍ନ ସ୍ପେୟାର ଉପକରଣଗୁଡ଼ିକ ଦ୍ୱାରା 101 ସ୍ଥାନଗୁଡ଼ିକ ନିମନ୍ତେ 25 ୱାଟ୍ ଡିଜିଟାଲ VHF ସେଟ୍‌ର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ (₹):** 68,55,447.26, EMD (₹) : 1,37,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-740/Q/25-26

**OFFICE OF THE PRINCIPAL**
**GOKUL-PARVATI RURAL DEGREE COLLEGE**
**KUNTARA, DIST-SAMBALPUR**

**WANTED**

Online applications through HIMS Portal are invited from the willing candidate for the post of One Clerk (Retired) and One PET (Retired) below the age 69 years. Remuneration for the above mentioned post shall be as per the notification of Higher Education Department, Odisha vide Letter No.57203, Dated 23.10.2025 the desirous candidate may apply within one day of the publication of the advertisement. HIMS Portal- https://hims.odisha.gov.in

**Sd./- Principal-cum-Secretary**
**G.P.R.Degree College, Kuntara**
**Dist-Sambalpur**

# ଅବସରପ୍ରାପ୍ତ କର୍ମଚାରୀ ଦୈତାରି ବିଶ୍ୱାଳଙ୍କ ପରଲୋକ

ସମ୍ବଲପୁର,୩୦।୧୦
(ଭବାନୀ ଶଙ୍କର ଭୋଇ)


ଦୈତାରି ବିଶ୍ୱାଳ।

ସମ୍ବଲପୁର ଜିଲା ଦୌରାଜଜ୍‌ଙ୍କ ବରିଷ୍ଠ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଦୈତାରି ବିଶ୍ୱାଳଙ୍କ ୭୫ ବର୍ଷ ବୟସରେ ଗୁରୁବାର ତାଙ୍କ ଗୋବିନ୍ଦତୋଳା ଶିବମନ୍ଦିର ନିକଟ ବାସଭବନରେ ପରଲୋକ ହୋଇଯାଇଛି। ସେ ଗତ ଜୁଲାଇ ମାସଠାରୁ ମସ୍ତିଷ୍କ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ, ସଚ୍ଚୋଟ ସରକାରୀ କର୍ମଚାରୀ ଭାବେ ସେ ସୁନାମ ଅର୍ଜନ କରିଥିଲେ। ସକାଳେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ଥାନୀୟ ଡିଆର୍‌ଏମ୍ ଅଫିସରେ କାର୍ଯ୍ୟରତ ତାଙ୍କର କନିଷ୍ଠ ପୁତ୍ର ପ୍ରମୋଦ କୁମାର ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ଜେଷ୍ଠ ପୁତ୍ର ପ୍ରଦୀପ କୁମାର ବିଶ୍ୱାଳ, ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସେ ତାଙ୍କ ପଛରେ ପତ୍ନୀ କୁମୁଦିନୀ, ଝିଅ ମାମି, ପୁତ୍ରବଧୂ ଓ ନାତୁଣୀନାତିଙ୍କୁ ଛାଡ଼ି ଯାଇଛନ୍ତି।

केनरा बैंक Canara Bank | ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁଙ୍କ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଦାଣ୍ଡିସାହି ଶାଖା** (୧)ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୪୦। | (କ)ଟ.୧୯,୦୦,୦୦୦/- / (ଖ) ୨୮.୧୦.୨୦୨୫ / (ଗ) ୩୦.୧୦.୨୦୨୫ | ୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ପ୍ରଦୀପ କୁମାର ମଲ୍ଲିକ** ଏବଂ **ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା: ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ: ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୩୦.୧୦.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ସଂଖ୍ୟା:** ବିଆର୍-ଏକ୍ସ୍ୟୁ-ଏଡିଏ-ଆର୍‌ଏନ୍‌ସି-୨୫-୨୬-୦୬; **କାର୍ଯ୍ୟର ବର୍ଣ୍ଣନା:** "ରାଞ୍ଚି ଆଦ୍ରା ଡିଭିଜନ" – "୨୫ଟି ଏକ୍ସିଲ ଲୋଡେଡ୍ ଫ୍ରେଟ୍ ଟ୍ରେନ୍‌ଗୁଡ଼ିକର @ ୧୦୦ କିମି ପ୍ରତିଘଣ୍ଟା ଚଳାଚଳ ପାଇଁ ସେତୁଗୁଡ଼ିକର ରିଗିର୍ଡରିଂ (କ) ଓର୍ଗା – ହାତୀ ସେକ୍ସନର ସେତୁ ନଂ. ୪୮୯ (୯x୧୮.୩ ମି) ଓ ୫୭୪ (୬x୧୮.୩ ମି) (ଖ) ଓର୍ଗା – ହାଟିଆ ସେକ୍ସନର ସେତୁ ନଂ. ୫୨୦ (୧୧x୧୮.୩ ମି) (ଗ) ମୁରି – କୋଟଶିଳା ସେକ୍ସନର ସେତୁ ନଂ. ୧୫୬ ୟୁପି (୯x୧୮.୩ ମି) (ଘ) ଆଦ୍ରା – ଗୋମୋ ସେକ୍ସନର ସେତୁ ନଂ. ୪୦୯ ୟୁପି (୫x୧୨.୨ ମି + ୫x୩୦.୫ ମି) (ଙ) ଆଦ୍ରା – ଚାନ୍ଦିଲ ସେକ୍ସନର ସେତୁ ନଂ. ୪୧୪ ଡିଏନ୍ (୫x୩୦.୫୦ ମି + ୧x୨୪.୪୦ ମି) (ଚ) ଆଦ୍ରା – ମେଦିନାପୁର ସେକ୍ସନର ସେତୁ ନଂ. ୨୮୪ (୧୩x୧୮.୩ ମି) (ଛ) ବୋକାରୋ ଷ୍ଟିଲ୍ ସିଟି – ତଳଗୋରିଆ ସେକ୍ସନର ସେତୁ ନଂ. ୪୪୩ (୧x୧୮.୩ ମି) (ଜ) ଆଦ୍ରା – ଏନ୍.ସି.ବି. ଗୋମୋ ସେକ୍ସନର ସେତୁ ନଂ. ୪୧୨ ଡିଏନ୍ (୧x୩୦.୫ ମି + ୫x୪୫.୭ ମି + ୧x୧୨.୨ ମି) (ଝ) କେଟିଡି – ୟୁଆର୍‌ଏ ଷ୍ଟେଶନର ସେତୁ ନଂ.୩୯୨ ୟୁପି (୨x୧୮.୩ ମି) ଏବଂ ୩୯୪ ୟୁପି (୨x୧୮.୩ ମି)।" **ଟେଣ୍ଡର ମୂଲ୍ୟ:** ₹୧୦୨,୨୧,୦୨,୧୪୫.୧୮; **ଅମାନତ ରାଶି:** ₹୫୨,୬୦,୫୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ; **ବନ୍ଦ ହେବା ତାରିଖ ଓ ସମୟ:** ତା୦୮।୧୨।୨୦୨୫ରିଖ ୧୧.୩୦ ଘଟିକାରେ । **ସମାପ୍ତି ଅବଧି:** ୧୮ (ଅଠର) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।
(PR-781)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 45-SBP-TRD-OT-2025-26, ତା.23.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 105 sq mm ଜମ୍ପର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକ ଠାରେ 160 sq mm କି-ଜମ୍ପର (jumper) ର ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 42,00,386.32, EMD (₹): 84,000.00, ଶେଷ ହେବା ଅବଧି : 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-737/Q/25-26

# ସାମାଜିକ ବାସନ୍ଦରୁ ମିଳିଲାନି କାନ୍ଧ

**ଲାଞ୍ଜିଗଡ,୩୦।୧୦(ରମେଶ ଚନ୍ଦ୍ର ନାୟକ)**

ଆଧୁନିକ ଯୁଗରେ ଆଜି ବି ଲୋକଙ୍କ ମନରେ ବସା ବାନ୍ଧି ରହିଛି କୁ ସଂସ୍କାର। ଏହି ଭେଦଭାବ, କଟକଣା ଏତେ ମଜବୁତ ଯେ ଶିକ୍ଷା, ସଂସ୍କାର ବି ସେସବୁ ଆଗରେ ହାର ମାନି ଯାଉଛି। ବାସନ୍ଦର ଶିକାର ହୋଇ ଜୀବନ ଥିବା ମଣିଷ ଯେତିକି ଯନ୍ତ୍ରଣା ଭୋଗୁଛି ମୃତ୍ୟୁ ପରେ ମଧ୍ୟ ସତ୍କାର ପାଇଁ କାନ୍ଧ ମିଳୁନି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ। ସାମାଜିକ ବାସନ୍ଦ କାରଣରୁ ମୃତଦେହକୁ କାନ୍ଧ ମିଳିନି। ଶେଷରେ ୮ ଘଣ୍ଟା ପରେ ୩ ଯୁବତୀ, ସମ୍ପର୍କୀୟ ଭାଇଙ୍କ ସହଯୋଗରେ ଶଶ୍ମାନକୁ ଗଲା ମୃତଦେହ।

**୮ ଘଣ୍ଟା ପରେ ତିନି ଯୁବତୀ, ସମ୍ପର୍କୀୟଙ୍କ ସହଯୋଗରେ ମଶାଣିକୁ ଗଲା ମୃତଦେହ**



ସୂଚନା ଅନୁସାରେ, ଲାଞ୍ଜିଗଡ ପ୍ରଧାନୀପଡାର ମହେନ୍ଦ୍ର ଦଳେଇ(୪୨)ଙ୍କ ଗତ ୬ ମାସ ପୂର୍ବେ ଦୁର୍ଘଟଣା ଘଟି ଅଣ୍ଟାର ଡାହାଣ ଖଞ୍ଜା ଖସିଯାଇଥିଲା। ସେ ଘରେ ରହି ଚିକିତ୍ସିତ ହେଉଥିଲେ। ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବଡ଼ବାପା ଲିଙ୍ଗରାଜ ଦଳେଇ, ସମ୍ପର୍କୀୟ ବଡ ଭାଇ ପୂର୍ଣ୍ଣଚନ୍ଦ୍ର ଦଳେଇ ଓ ଅନ୍ୟମାନେ ମୃତଦେହ ସତ୍କାର ପାଇଁ ଜାତିଭାଇଙ୍କୁ ନେହୁରା ହୋଇଥିଲେ। କିନ୍ତୁ ସାମାଜିକ କଟକଣା ଭୟରେ କେହି ବାହାରି ନ ଥିଲେ। ଶେଷରେ ସମ୍ପର୍କୀୟ ବଡଭାଇ ପୂର୍ଣ୍ଣ ଚନ୍ଦ୍ରଙ୍କ ୩ ଝିଅ ପ୍ରତିମା ଦଳେଇ (୨୫), ମନୋରମା ଦଳେଇ(୨୧) ଓ ବର୍ଷା ଦଳେଇ(୧୪)ଙ୍କ ସହିତ ସମ୍ପର୍କୀୟ ରମେଶ ଚନ୍ଦ୍ର ଦଳେଇ(୨୩) ମୃତଦେହକୁ କାନ୍ଧରେ ବୋହି ଶ୍ମଶାନକୁ ନେଇଥିବା ବେଳେ କିଛି ସମ୍ପର୍କୀୟ ସାଙ୍ଗରେ ଯାଇଥିଲେ। ବାସନ୍ଦ ଯୋଗୁ ସତ୍କାର ଘଟଣାକୁ ଖଣ୍ଡନ କରିଛି ଲାଞ୍ଜିଗଡ କ୍ଷେତ୍ରୀୟ ପାଇକ ସମାଜ। କଳାହାଣ୍ଡି କ୍ଷେତୀୟ ପାଇକ ସମାଜ କୁଳାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେଶନିଆଙ୍କୁ ପଚାରିବାରୁ , ମହେନ୍ଦ୍ରଙ୍କ ମୃତ୍ୟୁ ଖବର ପାଇ ମୁଁ ଘଟଣା ସ୍ଥଳରେ ଉପସ୍ଥିତ ଥିଲି। ଲାଞ୍ଜିଗଡ ଏକ ଶିଳ୍ପାଞ୍ଚଳ ଯୋଗୁ ଲୋକେ କମ୍ପାନୀକୁ କାମ କରିବା ପାଇଁ ଯାଇଥିଲେ। ଖବର ପାଇ ଆସିବା ପାଇଁ ସମୟ ଲାଗିବ। ତେଣୁ ଆମେ ଟିକେ ଅପେକ୍ଷା କରିବାକୁ କହିଲୁ। କିନ୍ତୁ ଆମ କଥା ଶୁଣିଲେ ନାହିଁ । ଏହା ପୂର୍ବରୁ ମଧ୍ୟ ସେହି ପରିବାର ୪ ଜଣଙ୍କ ମୃତଦେହ ସତ୍କାରରେ ସମାଜ ସହଯୋଗ କରିଛି। ଆମ ମଧ୍ୟରେ ଯାହା କିଛି ଥାଉ କିନ୍ତୁ ଆମେ ମୃତଦେହକୁ ସମ୍ମାନ ଦେଇଛୁ। କେତେଜଣ କୁସଂସ୍କାର ଲୋକଙ୍କ କଥାରେ ପଡି ଝିଅମାନଙ୍କୁ ମୃତଦେହ ସତ୍କାର ପାଇଁ କାନ୍ଧରେ ବୋହି ମଶାଣୀକୁ ନେବା ଘଟଣା ପାଇକ ସମାଜ ଦୃଢ଼ ନିନ୍ଦା କରୁଛୁ ବୋଲି ପ୍ରକାଶ କରିଛନ୍ତି।

## ଯୁବକଙ୍କୁ ଅପହରଣ, ଆକ୍ରମଣ ଘଟଣା: ୧୧ ଗିରଫ




ଗିରଫ ଅଭିଯୁକ୍ତମାନେ।

**ନର୍ଲା, ୩୦।୧୦(ସନ୍ତୋଷ ପାତ୍ର)**

ନର୍ଲା ଥାନା ଅନ୍ତର୍ଗତ ଭାନପୁର ଗ୍ରାମର ଦିଲୀପ ପରାଭୋଇଙ୍କୁ ଘରୁ ଅପହରଣ ଓ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସ୍ଥାନୀୟ ପୋଲିସ ଗୁରୁବାର ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁସୁମପଡା ଗ୍ରାମର ଡମ୍ବରୁ ମାଝୀ, ମଳୟ ମାଝୀ, କେଦାର ମାଝୀ, ଜମ୍ମୁ ମାଝୀ, ପ୍ରିନ୍ସ ମାଝୀଙ୍କ ସମେତ ତାଙ୍କ ୬ ଜଣ ସହଯୋଗୀ।

ଗତ ୨୭ ତାରିଖ ରାତି ୮ଟାରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ କୌଣସି ଘଟଣାକୁ ନେଇ ଏକ ଚାରି ଚକିଆ ଗାଡ଼ିରେ ଦିଲୀପଙ୍କୁ ଘରୁ ଉଠାଇ ଆଣିଥିଲେ। ପରେ ଦିଲୀପଙ୍କୁ ଏକ ଅଜ୍ଞାତ ସ୍ଥାନରେ ରଖି ଶାରୀରିକ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ନେଇ ଦିଲୀପଙ୍କ ପରିବାର ଲୋକେ ଗତ ୨୮ ତାରିଖରେ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ (ନଂ.୨୫୫/୨୫) କରି ତଦନ୍ତ ଆରମ୍ଭ କରିଥିଲା। ଗତ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ୨୯୫ ଲିଟର ମଦ ଜବତ, ୩ ଗିରଫ

**ଖଡ଼ିଆଳ,୩୦।୧୦(ସୁଜିତ କୁମାର ପ୍ରଧାନ)**

କୋମନା ଥାନା ସୁନାବେଡ଼ା ଅଭୟାରଣ୍ୟର ଅଡାର ଜଙ୍ଗଲରେ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ବୁଧବାର ରାତିରେ ୨୯୫ ଲିଟର ହାତରନ୍ଧା ମଦ ଜବତ କରିଛନ୍ତି। ଏହି ଘଟଣାରେ ଅଡାର ଗ୍ରାମର ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କୋମନା ଥାନା ଅଡାର ଗ୍ରାମର ଓମ୍‌ଙ୍କାର ମାଝି (୨୪)ଙ୍କଠାରୁ ୨୦ ଲିଟର, କମଳ ସିଂ ମାଝି (୨୭)ଙ୍କଠାରୁ ୫୦ ଲିଟର ଓ ସେହ ଗ୍ରାମର ଘାସୀରାମ ମାଝି (୨୨)ଙ୍କଠାରୁ ୨୫ ଲିଟର ମଦ ଜବତ କରି ଅବକାରୀ ଆଇନ ଅନୁଯାୟୀ କୋର୍ଟଚାଲାଣ କରିଛି। ସେହି ଅଡାର ଜଙ୍ଗଲରେ ୧୦୦ ଲିଟର ବେଆଇନ ହାତ ରନ୍ଧା ମଦ ଜବତ କରିବା ସହିତ ଏକ କୁଇଣ୍ଟାଲ ମଦ ତିଆରି ପାଇଁ ରଖିଥିବା ମହୁଲ ଜବତ ହୋଇଛି। ନୂଆପଡା ଅବକାରୀ ନିରୀକ୍ଷକ ହାରବତୀ ଥାଟିଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିବା ବେଳେ ଖଡ଼ିଆଳ ଆଇଆଇସି ଅଲେଖ ପୁଟେଲ, ଏସ୍‌ଆଇ ମଙ୍ଗଳ ଛତ୍ରିଆ, ଏସ୍‌ଆଇ ଦୟାନିଧି ବାରିକ ଓ ଅନ୍ୟ ଅବକାରୀ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

## ଆର୍ଥିକ ସ୍ଥିତି ସୁଦୃଢ଼ ପାଇଁ ସଞ୍ଚୟ କର




କର୍ମଶାଳାରେ ଜିଲାପାଳଙ୍କ ସହ ଅନ୍ୟମାନେ।

**ଜିଲା ସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ**

**ଭବାନୀପାଟଣା,୩୦।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୁରକ୍ଷିତ ସଞ୍ଚୟ ଓ ସାଇବର ଅପରାଧ ସମ୍ପର୍କରେ ଏକ ସଚେତନତା କର୍ମଶାଳା ମଧ୍ୟ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ନିଜ ପରିବାରର ସୁନେଲି ଭବିଷ୍ୟତ ଓ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାକୁ ହେଲେ ରୋଜଗାର ସହିତ ଜାତୀୟ ବ୍ୟାଙ୍କ, ପୋଷ୍ଟ ଅଫିସ ମାଧ୍ୟମରେ ଖାତା ଖୋଲି ନିଜର ସଞ୍ଚୟ ଅର୍ଥକୁ ସୁରକ୍ଷିତ କରି ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କୌଣସି ପ୍ରାଇଭେଟ ଅର୍ଥ ଲଗାଣ ପ୍ରଲୋଭନକାରୀ ସଂସ୍ଥାର କଥାରେ ନ ପଡି ତାଙ୍କଠାରୁ ଦୂରେଇ ରହିବା ପାଇଁ ମଧ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମର ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେଷ ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରି, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ପୋଷ୍ଟାଲ ସୁପରିଟେନଡେଣ୍ଟ ସୁଶାନ୍ତ କୁମାର ପାଣିଗ୍ରାହୀ, ଏଲ.ଡି.ଏମ. ଧର୍ମରାଜ ସୁନାନୀ, ଡି.ଏସ.ପି. ସାଇବର୍ କ୍ରାଇମ ଅଳକାନନ୍ଦା ସାହୁ ଯୋଗଦେଇ ମିତବ୍ୟୟିତା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ସୁରକ୍ଷିତ ସଞ୍ଚୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱଳ୍ପ ସଞ୍ଚୟ ଦିଗରେ ସଚେତନତା ପାଇଁ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଓ ପୋଷ୍ଟାଲ ବିଭାଗ ତରଫରୁ ଏକ କିଅକସ ସେଣ୍ଟର ଖୋଲା ଯାଇଥିଲା । ଏହାକୁ ଜିଲାପାଳ ପାୱାର ସଚିନ ପ୍ରକାଶ ଉଦ୍‌ଘାଟନ କରିଥିଲେ। ନୂତନ ଭାବେ ପୋଷ୍ଟାଲ ଜୀବନ ବୀମା ପି.ପି.ଏଫ ଆକାଉଣ୍ଟ ଖୋଲିଥିବା ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ସହକାରୀ ନିର୍ଦ୍ଦେଶକ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ବିବେକାନନ୍ଦ ମହାନନ୍ଦ, ସୁକନ୍ୟା ସମୃଦ୍ଧି ଯୋଜନା ପାଇଁ ଖାତା ଖୋଲିଥିବା ଡେପୁଟି ଜିଲାପାଳ ମନୀଷା ଗୁପ୍ତାଙ୍କ ଝିଅଙ୍କୁ ଜିଲାପାଳ ପାସବୁକ ପ୍ରଦାନ କରିଥିଲେ। ସେହିପରି ଗୁରୁବାର ୩୨ ଜଣ ସରକାରୀ କର୍ମଚାରୀ ବିଭିନ୍ନ ସ୍କିମର ପୋଷ୍ଟାଲ ଆକାଉଣ୍ଟ ଖୋଲିଥିଲେ। ସଚେତନତା କର୍ମଶାଳାରେ ୨୦୦ ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ, କର୍ମଚାରୀଙ୍କୁ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ଜିଲାପାଳଙ୍କ ଦ୍ୱାରା ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଡି. ଡି. ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ ଜିଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଏ.ପି.ଡି. ବିଦ୍ୟାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଚାକିରି ନାଁରେ ୧.୨୦ ଲକ୍ଷ ଠକେଇ ଅଭିଯୋଗ

**କର୍ଲାମୁଣ୍ଡା,୩୦।୧୦(ପ୍ରଦୀପ କୁମାର ସାହୁ)**

- ଜିଏସ୍‌ଟି ଅଫିସରେ ପିଅନ ଚାକିରି ପ୍ରଲୋଭନ
- ୪ ବର୍ଷ ପରେ ବି ଯୁବକଙ୍କୁ ମିଳିଲାନି ନ୍ୟାୟ

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋଗିପଲା ଗ୍ରାମର ବିନୋଦ ଚୌଧୁରୀଙ୍କଠାରୁ ଚାକିରି ନାଁରେ ୧.୨୦ ଲକ୍ଷ ଟଙ୍କା ଠକେଇ କରାଯାଇଥିଲା। ଜିଏସ୍‌ଟି ଅଫିସରେ ସରକାରୀ ପିଅନ ଚାକିରି କରାଇଦେବାକୁ ପ୍ରଲୋଭନ ଦେଖାଇ ବିନୋଦଙ୍କଠାରୁ ଟଙ୍କା ନିଆଯାଇଥିଲା। ଏ ନେଇ ବିନୋଦ ଆଇନର ଦ୍ୱାରସ୍ଥ ହୋଇଥିଲେ। ୪ ବର୍ଷ ପରେ ମଧ୍ୟ ଟଙ୍କା ଫେରସ୍ତ ପାଇ ନ ଥିବା ଓ ଟଙ୍କା ନେଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ବିନୋଦ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଗ୍ରାମର ଜଣେ ଜିଏସ୍‌ଟି ଅଧିକାରୀ ବିନୋଦଙ୍କୁ ଉକ୍ତ ଚାକିରିର ପ୍ରଲୋଭନ ଦେଖାଇ ଟଙ୍କା ଦେବାକୁ କହି ବରଗଡ଼ ଜିଲାର ଜଣେ ବ୍ୟକ୍ତିଙ୍କୁ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ବିନୋଦ ୨୦୨୧ ଫେବୃଆରୀ ୫ ତାରିଖରେ ତାଙ୍କର ଜଣେ ସମ୍ପର୍କୀୟନଙ୍କ ଫୋନ ପେ ଜରିଆରେ ପୃଥକ୍ ପୃଥକ୍ ଭାବେ ୧ଲକ୍ଷ ୨୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ଦେଇ ଦୀର୍ଘ ବର୍ଷ ଅପେକ୍ଷା କରିବା ପରେ ମଧ୍ୟ ତାଙ୍କର ଚାକିରି ହୋଇ ନ ଥିଲା ଏବଂ ଟଙ୍କା ମଧ୍ୟ ଫେରସ୍ତ ପାଇ ନ ଥିଲେ। ଏ ନେଇ ବିନୋଦ ମ.ରାମପୁର ଜେଏମ୍‌ଏଫ୍‌ସିଠାରେ ମାମଲା କରିଥିଲେ। ମ. ରାମପୁର ଥାନା ଅଧିକାରୀଙ୍କୁ ଏହାର ତଦନ୍ତ କରି ୨୧।୭।୨୦୨୩ ସୁଦ୍ଧା ସମାଧାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତଥାପି କେସ୍‌ର ଅଗ୍ରଗତି ନ ହେବାରୁ ବିନୋଦ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ମ.ରାମପୁର ଥାନାରେ ଏକ (ନଂ. ୧୭୮/୨୪) ମାମଲା ରୁଜୁ ହୋଇଥିଲା। କିନ୍ତୁ ଅଦ୍ୟାବଧି ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗକାରୀ ବିନୋଦ ପ୍ରକାଶ କରିଛନ୍ତି। ଏ ନେଇ ମ.ରାମପୁର ଥାନା ଅଧିକାରୀ ବୀରବର ଭଗତଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## ଲୋକେ ସଚେତନ ହେଲେ ଦୁର୍ନୀତିର ମୂଳପୋଛ ହେବ




ଭିଜିଲାନ୍ସ ସଚେତନତା ସପ୍ତାହରେ ଉପସ୍ଥିତ ଅତିଥି।

**ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ**

**କୋକସରା,୩୦।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଗୁରୁବାର ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଇଛି। ଏଥିରେ ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ ଆଇନ୍ଦ, କୋକସରା ବିଡିଓ ଅଧିକାରୀ ଡ. ହିମାଞ୍ଚଳ ମାଝୀ, ତହସିଲଦାର କ୍ଷୀରୋଦ ବିହାରୀ, ଭାରତ ନାଗ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଲୋକେ ସଚେତନ ହେଲେ ସମାଜରୁ ଦୁର୍ନୀତିର ମୂଳପୋଛ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି କ୍ରମରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୁର୍ନୀତିର ମୂଳପୋଛ ପାଇଁ ଶପଥ ପାଠ କରାଯାଇଥିଲା। ବୈଠକକୁ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ମିଲୁ ପ୍ରଧାନୀ ପରିଚାଳନା କରିଥିଲେ। ଶପଥ ପାଠ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସମେତ କଲେଜ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିଥିଲେ।

## ୨୯୫ ଲିଟର ମଦ ଜବତ, ୩ ଗିରଫ



**ଖଡ଼ିଆଳ,୩୦।୧୦(ସୁଜିତ କୁମାର ପ୍ରଧାନ)**

କୋମନା ଥାନା ସୁନାବେଡା ଅଭୟାରଣ୍ୟର ଅଡାର ଜଙ୍ଗଲରେ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ବୁଧବାର ରାତିରେ ୨୯୫ ଲିଟର ହାତ ରନ୍ଧା ମଦ ଜବତ କରିଛି। ଏହି ଘଟଣାରେ ଅଡାର ଗ୍ରାମର ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କୋମନା ଥାନା ଅଡାର ଗ୍ରାମର ଓଁମଙ୍କାର ମାଝି (୨୪)ଙ୍କ ଠାରୁ ୨୦ ଲିଟର, କମଳ ସିଂ ମାଝି (୨୭)ଙ୍କ ଠାରୁ ୫୦ ଲିଟର ଓ ସେହ ଗ୍ରାମର ଘାସିରାମ ମାଝି (୨୨)ଙ୍କଠାରୁ ୨୫ ଲିଟର ମଦ ଜବତ କରି ଅବକାରୀ ଆଇନ ଅନୁଯାୟୀ କୋର୍ଟଚାଲାଣ କରିଛି। ସେହି ଅଡାର ଜଙ୍ଗଲରେ ୧୦୦ ଲିଟର ବେଆଇନ ହାତ ରନ୍ଧା ମଦ ଜବତ କରିବା ସହିତ ଏକ କୁଇଣ୍ଟାଲ ମଦ ତିଆରି ପାଇଁ ରଖିଥିବା ମହୁଲ ଜବତ ହୋଇଛି। ନୂଆପଡା ଅବକାରୀ ନିରୀକ୍ଷକ ହାରବତୀ ଥାଟିଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିବା ବେଳେ ଖଡ଼ିଆଳ ଆଇଆସିସି ଅଲେଖ ପୁଟେଲ, ଏସଆଇ ମଙ୍ଗଳ ଛାତ୍ରୀଆ, ଏସଆଇ ଦୟାନିଧି ବାରିକ ଓ ଅନ୍ୟ ଅବକାରୀ କର୍ମଚାରୀ ଚଢ଼ାଉର ସାମିଲ ହୋଇଥିଲେ।

## ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିରରେ ଗୋଷ୍ଠାଷ୍ଟମୀ ପୂଜା

**ବୋଡ଼େନ,୩୦।୧୦ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍‌ର ତୀର୍ଥକ୍ଷେତ୍ର ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିରରେ ଗୋଷ୍ଠାଷ୍ଟମୀ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପୂଜାରେ କର୍ତ୍ତା ଭାବେ ଦୁର୍ଜନ ସଲମା ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି। ଏହି ଅବସରରେ ପାତାଳଗଙ୍ଗାଠାରୁ ମହିଳାମାନେ କଳସ ଶୋଭାଯାତ୍ରାରେ



ପାତାଳଗଙ୍ଗାଠାରେ ପୂଜା କରାଯାଉଛି।

ବାହାରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ରୀତିନୀତି ଅନୁସାରେ ମନ୍ଦିରରେ ପୂଜା ପରେ ଗୋମାତାଙ୍କୁ ପୂଜା କରାଯାଇଥିଲା। ଏଥିରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ବେଦବ୍ୟାସ ନାଗ, ବ୍ଲକ ସଭାପତି ରାଜ କିଶୋର ହେର୍ଣ୍ଣା, ସୁରେଶ ଚନ୍ଦ୍ର ବାଗଙ୍କ ସମେତ ଯାଦବ ସମାଜର କର୍ମକର୍ତ୍ତା ଓ ଗ୍ରାମର ଭଦ୍ର ବ୍ୟକ୍ତିମାନେ ସାମିଲ ହୋଇଥିଲେ।

## ରାସ୍ତା ନିର୍ମାଣ ପାଇଁ ଦାବି

**ମଦନପୁର/ ଭବାନୀପାଟଣା, ୩୦।୧୦ (ଜଗଦୀଶ ପ୍ରସାଦ ରଣା/ ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ମଦନପୁର ରାମପୁର ବ୍ଲକ୍ ଅନ୍ତର୍ଗତ ଗୋଛାଡେଙ୍ଗେନ ଗ୍ରାମପଞ୍ଚାୟତ ଅଧୀନ ବେନାଗୁଡ଼ାରୁ କର୍ଲାକୁବୁଲି ଦେଇ ବଲାଙ୍ଗୀର ଜିଲାର ଗୁଡଭେଲା ବ୍ଲକ୍ ଘୁନା ପଞ୍ଚାୟତ ବଗବାହଲକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଆଖପାଖ ଅଞ୍ଚଳର ଲୋକେ ଦୁର୍ଦ୍ଦଶାର



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗୁଡ୍‌ଭେଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା କଳାହାଣ୍ଡି ଜିଲାର ଲୋକେ ଅସୁବିଧା ଭୋଗୁଛନ୍ତି। ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବଦଳିବ ଭବାନୀପାଟଣା-ଖରିଆର ମୁଖ୍ୟ ରାସ୍ତାର ରୂପରେଖ

**ଭବାନୀପାଟଣା,୩୦।୧୦(ଉତ୍ତମ କୁମାର ଦାଶ)**

**୪ ଲେନ ବିଶିଷ୍ଟ ପାଇଁ ୪୩୬ କୋଟି ଟଙ୍କା ବ୍ୟୟର ଟେଣ୍ଡର**

କଳାହାଣ୍ଡି ଜିଲାର ମୁଖ୍ୟାଳୟ ଭବାନୀପାଟଣା ଠାରୁ ନୂଆପଡା ଜିଲା ଖରିଆରକୁ ସଂଯୋଗ ହେଉଥିବା ରାଜ୍ୟ ରାଜପଥ -୧୬ ରାସ୍ତାର ରୂପରେଖ ଖୁବ ଶୀଘ୍ର ବଦଳିବାକୁ ଯାଉଛି। ଓବିସିସି(ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେଶନ ଲିମିଟେଡ) ପକ୍ଷରୁ ଏହି ନୂତନ ରାସ୍ତା ନିର୍ମାଣ ପାଇଁ ଇତିମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ଭବାନୀପାଟଣା-ଖରିଆର ମୁଖ୍ୟ ରାସ୍ତା ୬୮ କି.ମି. (୪ ଲେନ) ବିଶିଷ୍ଟ ହେବାକୁ ଥିବା ବେଳେ ପ୍ରାୟ ୪୩୬ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏନେଇ ବିଭାଗୀୟ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସୁନାରାମ ମୁର୍ମୁ ପ୍ରକାଶ କରିଛନ୍ତି। ତେବେ ଭବାନୀପାଟଣା-ଖରିଆର ନୂତନ ୪ ଲେନ ରାସ୍ତା ପାଇଁ ଟେଣ୍ଡର ହେବା ପରେ ୨ ଜିଲା ବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଭବାନୀପାଟଣାରୁ-ଖରିଆର (ନୂଆପଡା) ଜିଲାକୁ ସଂଯୋଗ କରୁଥିବା ତୁର୍କେଲ ବ୍ରିଜ ଗତମାସ ୨୭ତାରିଖରେ ପ୍ରବଳ ବର୍ଷା ଯୋଗୁ ଦବି ଯାଇଥିଲା। ଯାହାଫଳରେ ଲୋକଙ୍କ ସୁରକ୍ଷା ପାଇଁ ପୂର୍ତ୍ତ ବିଭାଗ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରିଥିଲା। ଏବେ ଏହି ପୋଲ ଦେଇ ଯାତାୟତ ବନ୍ଦ ହୋଇଥିବାବେଳେ ବର୍ତ୍ତମାନ ବ୍ରିଜ ପୂର୍ବରୁ ଆରଡ଼ି ରାସ୍ତାଦେଇ ଖରିଆର,ନୂଆପଡାକୁ ଲୋକେ ଯାତାୟତ କରୁଛନ୍ତି। ତେଲ ନଦୀ ଉପରେ ତୁର୍କେଲ ବ୍ରିଜ ୫୦ ବର୍ଷ ପୂର୍ବରୁ ଅର୍ଥାତ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ଗତ କିଛି ଦିନ ତଳେ ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ କମିଟି ଆସି ଏହି ବ୍ରିଜକୁ ଅନୁଧ୍ୟାନ କରିଥିଲେ। ଏହାର ରିପୋର୍ଟ ଆସିବା ପରେ ବ୍ରିଜର ସାମୟିକ ମରାମତି ହେବ କି ସମ୍ପୂର୍ଣ୍ଣ ବନ୍ଦ କରାହେବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଥିଲା। କିନ୍ତୁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ, ପୂନର୍ବାର ଆଉ ଏକ ଉଚ୍ଚ ସ୍ତରୀୟ ଅଧିକାରୀ ଅନୁଧ୍ୟାନ କରି ଚୂଡାନ୍ତ ରିପୋର୍ଟ ଦେବାପରେ ବ୍ରିଜର କାର୍ଯ୍ୟ ଆରମ୍ଭ ନିଷ୍ପତ୍ତି ଗ୍ରହଣ କରାଯିବ। ସେହିପରି ଜୁନରେ ଜିଲାରେ ପିଡବ୍ଲୁଡି ଅଧିନରେ ଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବ୍ରିଜକୁ ଦିଲ୍ଲୀର ସେଣ୍ଟ୍ରାଲ ରୋଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଶନ (ସିଆରଆରଆଇ) ଟିମ ଆସି ସର୍ଭେ କରି ଯାଇଥିବା ପ୍ରକାଶ କରିଥିଲେ। ଏହି ସର୍ଭେର ରିପୋର୍ଟ ସେମାନେ ସରକାରଙ୍କୁ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ସାଇବର ଠକ ରାକେଟର ୫ ମଧ୍ୟସ୍ଥି ଗିରଫ

## ବିଭିନ୍ନ ବ୍ୟାଙ୍କର ୨୩ ପାସ୍‌ବୁକ୍, ୬ ମୋବାଇଲ ଫୋନ୍ ଜବତ



ଗିରଫ ଅଭିଯୁକ୍ତମାନେ।

ସୁନ୍ଦରଗଡ,୩୦।୧୦(ଜୟ ନାରାୟଣ ମେଣ୍ଡୁଲି)

ସାଇବର ଠକେଇରୁ ବର୍ତ୍ତିବା ପାଇଁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ବର୍ତ୍ତମାନ ସାଇବର ସୁରକ୍ଷା ଅଭିଯାନ ମାଧ୍ୟମରେ ବ୍ୟାପକ ଜନସଚେତନତା କରାଯାଉଛି। ଏହା ମଧ୍ୟରେ ଅଭିନବ ଉପାୟରେ ସାଧାରଣ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରି ନେଉଥିବା ଭଳି ଏକ ସାଇବର ଠକ ରାକେଟକୁ ସୁନ୍ଦରଗଡ଼ ପୋଲିସ ଠାବ କରିଛି। ଗୁରୁବାର ଭଷ୍ମା ଥାନା ପୋଲିସ ଏହି ସାଇବର ଠକ ରାକେଟ୍‌ର ୫ଜଣ ମଧ୍ୟସ୍ଥି (ଦଲାଲଙ୍କୁ) ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଷ୍ମା ଥାନା ଅଞ୍ଚଳର ନିବାସ ନାଏକ(୨୬), ହରେରାମ ଦେଓ(୫୦), ଭାରତ ମହାନନ୍ଦ(୩୧), ବିମଲ ଗର୍ଡିଆ(୩୯) ଓ କଳାକାର ତାଣ୍ଡିଆ(୪୦)। ଏ ନେଇ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ଭଷ୍ମା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ବିଭିନ୍ନ ବ୍ୟାଙ୍କରେ ଏକାଧିକ ଆକାଉଣ୍ଟ ଖୋଲିଥିଲେ ଏବଂ ପ୍ରତି ଆକାଉଣ୍ଟ ପାଇଁ ୧୦ହଜାର ଟଙ୍କା ବିନିମୟରେ ସାଇବର ଠକଙ୍କୁ ଏଟିଏମ କାର୍ଡ ଦେଉଥିଲେ। ଏହି ଆକାଉଣ୍ଟ ପାଇବା ପରେ ସାଇବର ଅପରାଧୀମାନେ ଗତ କିଛି ମାସ ମଧ୍ୟରେ ଏହି ଆକାଉଣ୍ଟ ଗୁଡିକରେ ବିପୁଳ ପରିମାଣର ଟଙ୍କା ଦେଣନେଣ କରୁଥିଲେ। ଅଭିଯୁକ୍ତଙ୍କ ଜରିଆରେ ସାଇବର ଠକମାନେ ସ୍ଥାନୀୟ ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ସହ ଆକାଉଣ୍ଟଧାରୀଙ୍କ ନାମରେ ଇସ୍ୟୁ ହେଉଥିବା ଏଟିଏମ କାର୍ଡ, ନିଜର ଫୋନ ସିମକୁ ଲିଙ୍କ୍ କରି ସାଇବର ଠକେଇ କରି ଏହି ଆକାଉଣ୍ଟ ଗୁଡିକରେ ଟଙ୍କା କାରବାର କରୁଥିଲେ। ଏଥିପାଇଁ ଆକାଉଣ୍ଟ ପିଛା ଏହି ଅଭିଯୁକ୍ତ ମଧ୍ୟସ୍ଥିମାନଙ୍କୁ ୧୦ରୁ ୧୫ହଜାର ଟଙ୍କା ଲେଖାଏଁ ପଠାଯାଉଥିଲା। ପୋଲିସ ଏଭଳି ଚାଞ୍ଚଲ୍ୟକର ସାଇବର ଅପରାଧ ସମ୍ପର୍କରେ କିଛି ବିଶ୍ୱସ୍ତ ସ୍ଥାନୀୟ ଲୋକଙ୍କ ସୂତ୍ରରୁ ସୂଚନା ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏହି ଆକାଉଣ୍ଟ ଗୁଡିକରେ ବହୁ ଲକ୍ଷ ଟଙ୍କାର ଜାଲିଆତି ତଥା ସନ୍ଦେହଜନକ କାରବାର ହୋଇଥିବା ଜଣାପଡିଥିଲା। ବର୍ତ୍ତମାନ ପୋଲିସ ଏହି ଘଟଣାର ତଦନ୍ତରେ ଗୋପନୀୟତା ଦୃଷ୍ଟିରୁ ଅଧିକ ସବିଶେଷ ତଥ୍ୟ ଦେଇ ନ ଥିବା ବେଳେ ଖୁବ ଶୀଘ୍ର ଏହି ସାଇବର ଠକମାନଙ୍କ ନିକଟରେ ପହଞ୍ଚିବ ବୋଲି ସଦର ଏସଡିପିଓ ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ଭଷ୍ମା ଥାନାରେ ଏ ନେଇ କେସ୍ ନମ୍ବର ୩୧୮/୨୦୨୫ରେ ଭାରତୀୟ ନ୍ୟାୟ ସଂହିତାର ଧାରା୬୧(୨), ୩୩୬//୩୧୮(୪) ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଖବରଦାତା ସମ୍ମିଳନୀରେ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭଷ୍ମା ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ଉପସ୍ଥିତ ଥିଲେ। ଏସ୍‌ଡିପିଓ ସାଧାରଣ ଲୋକଙ୍କୁ ସତର୍କ ଓ ସଚେତନ ପାଇଁ କହିଛନ୍ତି ଯେ, ଆପଣମାନେ ନିଜର ବ୍ୟାଙ୍କ ଆକାଉଣ୍ଟକୁ ନିଜେ ବ୍ୟବହାର କରନ୍ତୁ। କୌଣସି ପ୍ରଲୋଭନର ଶିକାର ହୋଇ ଅନ୍ୟ କାହାକୁ ବ୍ୟବହାର ପାଇଁ ନିଜର ଆକାଉଣ୍ଟ ନମ୍ବର ଦିଅନ୍ତୁ ନାହିଁ। ନ ହେଲେ କେତେବେଳେ ଆପଣ ମଧ୍ୟ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି କହିଛନ୍ତି।

# ସଚେତନତା ସାଇବର ଠକେଇକୁ ରୋକିପାରିବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ସୁନ୍ଦରଗଡ,୩୦।୧୦(ଜୟ ନାରାୟଣ ମେଣ୍ଡୁଲି)

ସଚେତନତା ହିଁ ସାଇବର ଠକେଇକୁ ରୋକିପାରିବ। ବର୍ତ୍ତମାନ ସାଇବର ଠକମାନେ ତାଙ୍କ ଜାଲ ବିଛାଇ ସାଧାରଣ ଲୋକଙ୍କୁ ପ୍ରତିମୁହୂର୍ତ୍ତରେ କିଭଳି ଠକିବେ ଉଦ୍ୟମ କରୁଛନ୍ତି। ଏଣୁ ସାଇବର ସୁରକ୍ଷା ପାଇଁ ଆମେ ମାନେ ସଚେତନ ହେବାକୁ ପଡିବ ବୋଲି ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ଥାନା ପୋଲିସ ପକ୍ଷରୁ ଆୟୋଜିତ ସାଇବର ସୁରକ୍ଷା ସଚେତନତା ସଭାରେ ବରିଷ୍ଠ ପୋଲିସ ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ଏହି ସଭାରେ ଯୋଗଦେଇ ଅତିରିକ୍ତ ପୋଲିସ ଅଧୀକ୍ଷକ କୃଷ୍ଣପ୍ରସାଦ ମିଶ୍ର , ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ଟାଉନ ଥାନା ଆଇଆଇସି ପ୍ରୀତିମଞ୍ଜରୀ ମେଣ୍ଡୁଲି, ସାଇବର ସେଲ୍‌ର ଇନ୍ସପେକ୍ଟର ମୁକେଶ ସାହାଣୀ ପ୍ରମୁଖ ଉପସ୍ଥିତ ଜନସାଧାରଣଙ୍କୁ ସାଇବର ସୁରକ୍ଷା ପାଇଁ ଆବଶ୍ୟକ ସତର୍କତା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରି ସଚେତନ କରିଥିଲେ। ଅଜଣା କଲ୍, ମେସେଜକୁ କ୍ଲିକ୍ ନ କରିବା ସହ ନିଜର ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ, ଓଟିପି, ଏଟିଏମ୍ ପାସ୍ ୱାର୍ଡ ଆଦି ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ଶେୟାର ନ କରିବାକୁ କହିଥିଲେ। ଯଦି କିଛି ଏଭଳି ଅଘଟଣର ଶିକାର ହୁଅନ୍ତି ତେବେ ତୁରନ୍ତ ପୋଲିସର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ବରିଷ୍ଠ ନାଗରିକ, ମହିଳା, ମ୍ୟୁନିସିପାଲିଟି କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଇନ୍ସପେକ୍ଟର ଡୋଳାମଣି ନାଏକ ସ୍ୱାଗତ ଅଭିଭାଷଣ ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ଦାୟିତ୍ୱ ଗ୍ରହଣ କଲେ ନାଏବ ସରପଞ୍ଚ



ବଡ଼ଗା,୩୦।୧୦(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ପଞ୍ଚାୟତର ସରପଞ୍ଚ ମେନକା କାଲୋ ଅନାସ୍ଥା ପ୍ରସ୍ତାବରେ ପଦ ହରାଇଛନ୍ତି। ଗୁରୁବାର ବ୍ଲକ ପ୍ରଶାସନ ଦ୍ୱାରା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ବିରେନ୍ଦ୍ର ବାର୍ଲାଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଛି। ବିରେନ୍ଦ୍ର ବଡ଼ଗାଁ ବ୍ଲକ କାର୍ଯ୍ୟାଳୟକୁ ଯାଇ ସେଠାରେ ଜିପିଓ ଦାୟିତ୍ୱରେ ଥିବା ଦିଲିପ ମାଝୀ, ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବୈଷ୍ଣବ ଉରମାଲଙ୍କ ଉପସ୍ଥିତରେ ବଡ଼ଗାଁ ବିଡ଼ିଓଙ୍କୁ ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିବା ବିଷୟରେ ଲିଖିତଭାବେ ଅବଗତ କରାଇଥିଲେ। ପ୍ରକାଶ ଯୋଗ୍ୟ ଯେ ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟମାନେ ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମେନକା କାଲୋ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରି ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହି ଅନାସ୍ଥା ପ୍ରସ୍ତାବରେ ମେନକା ହାରିଯିବା ପରେ ତାଙ୍କର ପଦ ହରାଇଛନ୍ତି।

# ମଶାରି ବ୍ୟବହାର ଉପରେ ଗୁରୁତ୍ୱାରୋପ



ମଶାରି ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଆଁରମୁଣ୍ଡା,୩୦।୧୦(ମହେନ୍ଦ୍ର କୁମାର ସାହୁ)

## ବ୍ଲକସ୍ତରୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମ

ଶୋଇଲା ବେଳେ ବିଶେଷ କରି ରାତିରେ ସମସ୍ତେ କୀଟନାଶକ ଔଷଧ ବୋଳା ମଶାରି ବ୍ୟବହାର କରିବା ଆବଶ୍ୟକ। ଏହାର ବ୍ୟବହାର କେବଳ ମଶା ଦାଉରୁ ନୁହେଁ, ଅନ୍ୟାନ୍ୟ ବିଷାକ୍ତ କୀଟ କିମ୍ବା ସର୍ପ ଦଂଶନରୁ ମଧ୍ୟ ନିରାପଦ ହୋଇଥାଏ ବୋଲି କୁଆଁରମୁଣ୍ଡା ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୁରୁବାର ଆୟୋଜିତ ବ୍ଲକସ୍ତରୀୟ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମସ୍ତେ ମଶାରି ବ୍ୟବହାର କରିବା ପାଇଁ ଅତିଥିମାନେ ଏହି ଅବସରରେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସରପଞ୍ଚ ରାଜେଶ ହାଁସଦା, କୁଆଁରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ, ସିଡିପିଓ ତପସ୍ୱିନୀ ବେସନ, ଯୁବନେତା ମନୋଜ ଦାସ, ରଞ୍ଜିତ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ମଶାରି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ସୁକାନ୍ତ କୁମାର ନାଏକ, ମ୍ୟାଲେରିଆ ସୁପର ଭାଇଜର ମାନସ ରଞ୍ଜନ ନାଏକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବରିଷ୍ଠ କର୍ମଚାରୀ ଦେବାଶିଷ ସାହୁ, ଫାର୍ମାସିଷ୍ଟ ଉମାକାନ୍ତ ପତି ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ୧୨୦ଟି ବଣ୍ଟନ କେନ୍ଦ୍ର ଖୋଲାଯାଇ ୩୬ ହଜାର ୨୬ଟି ପଟିକିଆ ଓ ୩୨ ହଜାର ୧୯୯ ସର୍ବମୋଟ ୬୮ ହଜାର ୨୨୫ ଖଣ୍ଡ ମଶାରି ବଣ୍ଟନ କରାଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ ଏହି ଅବସରରେ ସୂଚନା ଦେଇଛନ୍ତି।

# ଫସଲ ନଷ୍ଟ କଲେ ହାତୀପଲ

## ବରକାନି ଗାଁରେ ହାତୀ ଆତଙ୍କ

ବନ୍ଧମୁଣ୍ଡା,୩୦।୧୦(ସୁବ୍ରତ ଦେ): ବନ୍ଧମୁଣ୍ଡା ନିକଟସ୍ଥ ବରକାନି ଗାଁରେ ବୁଧବାର ରାତି ପ୍ରାୟ ୧୦ଟାରେ ଜଙ୍ଗଲୀ ହାତୀପଲ ପଶି ଫସଲ ନଷ୍ଟ କରିଥିଲେ। ସୂଚନା ମିଳିବା ପରେ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ହାତୀଙ୍କୁ ଘଉଡାଇଥିଲେ। ହାତୀପଲ ଯୋଗୁ ଗ୍ରାମରେ ଆତଙ୍କ ଖେଳିଯାଇଛି। ହାତୀ ଆକ୍ରମଣ ନିୟନ୍ତ୍ରଣ ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଗ୍ରାମବାସୀ ବନ ବିଭାଗ ନିକଟରେ ଦାବି ଜଣାଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟରେ ସତର୍କତା ସଚେତନତା ସପ୍ତାହ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବନ୍ଧମୁଣ୍ଡା,୩୦।୧୦(ସୁବ୍ରତ ଦେ)

ସତର୍କତା ସଚେତନତା ସପ୍ତାହ ଅବସରରେ ଗୁରୁବାର ରାଉରକେଲା ଆୟକର ବିଭାଗ ସହଯୋଗରେ ବନ୍ଧମୁଣ୍ଡା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଏକ ସୂଚନାପ୍ରଦ ଏବଂ ଆଦାନପ୍ରଦାନ ଅଧିବେଶନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ସଚ୍ଚୋଟତା, ସ୍ୱଚ୍ଛତା ଏବଂ ନୈତିକ ଆଚରଣର ମୂଲ୍ୟବୋଧ ବିଷୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା, ଯାହା ଦୁର୍ନୀତିମୁକ୍ତ ଏବଂ ପ୍ରଗତିଶୀଳ ଭାରତ ଗଠନ ପାଇଁ ଅତ୍ୟାବଶ୍ୟକ ସ୍ତମ୍ଭ। ଏହି ଅଧିବେଶନର ନେତୃତ୍ୱ ଆୟକର ବିଭାଗର ସହାୟକ କମିଶନର ସୁମନ ଦେବ ରାୟ ନେଇଥିଲେ। ତାଙ୍କ ସହ ଇନ୍ଦ୍ରଜିତ ସିଂହ, ଅବିନାଶ କୁମାର, ସୁଶ୍ରୀ ସୋନାଲି ବର୍ମା ଏବଂ ସୁଶ୍ରୀ କାଜଲ କୈରା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଶ୍ରେଣୀର ପ୍ରାୟ ୧୨୦ ଜଣ ଛାତ୍ରୀଛାତ୍ର ଉତ୍ସାହର ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ନୈତିକ ମୂଲ୍ୟବୋଧ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ଅଧିବେଶନର ବିଷୟ ଥିଲା 'ସଚ୍ଚୋଟତା ପ୍ରତିଜ୍ଞା', ଯାହାକୁ ସ୍କୁଲର ପ୍ରିନ୍ସିପାଲ ହେମଲତା ନାୟକ ସମସ୍ତ ଛାତ୍ର ଏବଂ ଶିକ୍ଷକମାନଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରେରଣାର ଉତ୍ସ ପ୍ରମାଣିତ ହୋଇଥିଲା। ସେମାନଙ୍କୁ ସଚେତନ ନାଗରିକ ହେବା ଏବଂ ଦୁର୍ନୀତିମୁକ୍ତ ଭାରତ ଗଠନରେ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲା।

# ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୩୦।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ତଲସରା ପୋଲିସ ବିଭାଗ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନଡେଗା ଫାଣ୍ଡି ଅଧିକାରୀ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ତଲସରା ଥାନାର ଆଇଆଇସି ପୁଷ୍ପେନ୍ଦୁ ସାଗର ଯୋଗଦେଇଥିଲେ। ଆଜିର ଟେକ୍ନୋଲୋଜି ଦୁନିଆରେ ସାମ୍ପ୍ରତିକ ମଣିଷ ଅନେକ ପ୍ରକାର ଠକାମିର ଶିକାର ହେଉଛି । ସେଥିପ୍ରତି ସତର୍କ ହେବା ସହ ଇଣ୍ଟରନେଟର ସଦୁପଯୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମହରଗି ଲାରଙ୍ଗ ଅଜଣା ଲୋକଙ୍କୁ ତଥ୍ୟ, ଓଟିପି, ଫଟୋ ନ ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ସତର୍କ କରାଇଥିଲେ। କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ଜେନାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ।

# ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

ସୁନ୍ଦରଗଡ଼,୩୦।୧୦(ଜୟ ନାରାୟଣ ମେଣ୍ଡୁଲି)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ନୂଆଡିହି ହାଇସ୍କୁଲ ଖେଳପଡିଆଠାରେ ବ୍ଲକ ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ ଭୋଲ, ସମ୍ମାନୀତ ଅତିଥି ଟିପିଡବ୍ଲ୍ୟୁ ପ୍ରୋଜେକ୍ଟ ମ୍ୟାନେଜର ଅନୀଲ କୁମାର ପଟେଲ, ସୁଜିତ ସା, ଗର୍ଜନବାହାଲ ପିଇଟି ଭବାନୀ ଶଙ୍କର ଛଛାନ, ରାଏବଗା ସରପଞ୍ଚ ଇନ୍ଦ୍ରମଣୀ କଲୋ, ଦରଲୀପଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଟେଲ, ଟଙ୍କଧର ହାଇସ୍କୁଲ ଉପଦେଷ୍ଟା କମିଟିର ସଭାପତି କୁଳମଣି ପଟେଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଟଙ୍କଧର ହାଇସ୍କୁଲ ପ୍ରଧାନ ଶିକ୍ଷକ ଘନଶ୍ୟାମ ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଏହି ପ୍ରତିଯୋଗିତାରେ ୪ ଟି ଯୋନର ୭୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଟଙ୍କଧର ହାଇସ୍କୁଲ ନୂଆଡ଼ିହିର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ୪ ଟି ଜୋନର ଶାରିରିକ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଏହିରେ କୃତୀ ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି।

# ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା ଶିବିର

କୁତ୍ରା,୩୦।୧୦(ଦେବାଶିଷ ସାହୁ)

ପୂର୍କାପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତିକାଲୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁତ୍ରା ଅଗ୍ନିଶମ ବିଭାଗ ତରଫରୁ ଏକ ଅଗ୍ନି ସୁରକ୍ଷା ସଚେତନତା ଶିବିର ଗୁରୁବାର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଅଗ୍ନିଶମ ବିଭାଗର ଅଧିକାରୀମାନେ ନିଆଁ ସମ୍ବନ୍ଧିତ ମୂଳ ତଥ୍ୟ ଓ ସତର୍କତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସେମାନେ କହିଥିଲେ, ନିଆଁ ହେଉଛି ଏକ ରାସାୟନିକ ପ୍ରତିକ୍ରିୟା। ଯେଉଁଥିରେ ଆଲୋକ ତାପ ଓ ଶକ୍ତି ଉତ୍ପନ୍ନ ହୁଏ। ଶିବିରରେ ଛାତ୍ରୀଛାତ୍ରମାନଙ୍କୁ ଆପତକାଳୀନ ପରିସ୍ଥିତିରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ କିପରି ସହାୟତା କରିବେ ଏବଂ ନିଜକୁ ନିଆଁ ଓ ଅନ୍ୟାନ୍ୟ ବିପଦରୁ କିପରି ରକ୍ଷା କରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସଚେତନତା ଶିବିର ମନୋଜ ଡୁଙ୍ଗଡୁଙ୍ଗଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା,ଅଧ୍ୟାପକ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।


ଶିବିରରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

# ସବ୍‌ଡେଗା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ସୁନ୍ଦରଗଡ,୩୦।୧୦(ଜୟ ନାରାୟଣ ମେଣ୍ଡୁଲି)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସବ୍‌ଡେଗା ବ୍ଲକ ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଗୁରୁବାର ସ୍ଥାନୀୟ ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନ୍ୟୁ ଓଡ଼ିଶା ଉଚ୍ଚ ବିଦ୍ୟାଳୟ ଗାଇବିରା ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସବ୍‌ଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ନିଜର କ୍ରୀଡ଼ାପ୍ରତିଭାର ବିକାଶ ପାଇଁ ନିୟମିତ ଅଭ୍ୟାସ ଜାରି ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଭାବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁକ୍ତେଶରୀ ପଟେଲ, ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ ପ୍ରସାଦ ଟେଟେ, ନ୍ୟୁ ଓଡିଶା ଉଚ୍ଚ ବିଦ୍ୟାଳୟ ଗାଇବିରାର ପ୍ରଧାନ ଶିକ୍ଷକ ସବିତା ପଟ୍ଟନାୟକ, ଆର କେ ପି ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ କରଲାଘାଟିର ପ୍ରଧାନ ଶିକ୍ଷକ ଗିରିଧାରୀ ଡନସେନା, ସରକାରୀ ଉଚ୍ଚ ବିଦ୍ୟାଳୟ ରାଜପୁରର ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ବ୍ଲକର ୧୦ ଟି କ୍ଲଷ୍ଟରର ୪ ଟି ଜୋନରୁ ପ୍ରାୟ ୩୦୦ ଜଣ ୧୪ ବର୍ଷ ରୁ କମ ଓ ୧୭ ବର୍ଷ ରୁ କମ ଉଭୟ ବାଳିକା ଓ ବାଳକ ମାନଙ୍କୁ ନେଇ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କ୍ରୀଡା ଶିକ୍ଷକ ସୁରେଶ ଖରଡିଆ, ମମତା ପଟେଲ, ଅଶ୍ୱିନୀ ପଧାନ, ବିଶ୍ୱରଞ୍ଜନ ପଟେଲ, ଦାମୋଦର ଭୋଇ, ମିଟୁ ସାହୁ, ପ୍ରଭାକର ବାରିକ, ପଞ୍ଚାନନ ବାରିକ, ଫୁଲଜେନସିଆ ଲାକ୍ରା, ଜିରାନ ଓରିଆ, ଅରବିନ୍ଦ ସାହୁ, ରୁନିଆ କୁଜୁର, ଉମାକାନ୍ତ ମାଝୀ, ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଝାରସୁଗୁଡ଼ା, ୩୦।୧୦(ଆଶିଷ ରଞ୍ଜନ ଦାଶ)– ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅଧୀନ ତେଲିପଡ଼ା ଅଞ୍ଚଳର ଏକ ଘରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ବିହାର ପାଟଣା ଜିଲା ପାଲିଗଞ୍ଜ ଥାନା ଅନ୍ତର୍ଗତ ଅମରପୁରା ଗ୍ରାମର ଅମର କୁମାର (୩୦)। ସେ ବଡ଼ମାଲ ଅଞ୍ଚଳର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ୨ ଦିନ ହେବ କମ୍ପାନୀକୁ କାମ କରିବାକୁ ନ ଯିବାରୁ ଗୁରୁବାର ସକାଳେ କମ୍ପାନୀ କର୍ମଚାରୀ ତାଙ୍କ ଘରକୁ ଆସି କବାଟ ବାଡେଇଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ପରେ ଘରର ଝରକା ଖୋଲାଯିବାରୁ ସେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ କମ୍ପାନୀ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସମସ୍ୟା ଘେରରେ ଗୋବିନ୍ଦପୁର ପିଏଚ୍‌ସି

ଲଖନପୁର,୩୦।୧୦(ଗୌତମ ସାହୁ)



ରାଜ୍ୟ ସରକାର ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏପରି କି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ କରୁଛନ୍ତି। ହେଲେ ଅନେକ କ୍ଷେତ୍ରରେ ରୋଗୀମାନେ ଏହାର ସୁଫଳ ପାଉନାହାନ୍ତି। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)ରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଜାମଗାଁ, ସମରବଗା, କଦମଡ଼ିହି, ଭଅଁରଖୋଲ ପଞ୍ଚାୟତର ୧୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭରଶୀଳ। ହେଲେ ଏଠାରେ ଡାକ୍ତର ନ ଥିବାରୁ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏଠାରେ ନିଯୁକ୍ତ ଡାକ୍ତର ଗତ ଫେବୃୟାରୀ ୨୬ ତାରିଖରୁ ଉଚ୍ଚ ଶିକ୍ଷା ପାଇଁ ଯାଇଛନ୍ତି। ଫଳରେ ଏହି ପଦବୀ ଖାଲି ପଡ଼ିଛି। ସେହିପରି ଏଠାରେ ନିୟୋଜିତ ଜଣେ ମହିଳା ନର୍ସିଂ ଅଫିସର ପ୍ରସବକାଳୀନ ଛୁଟିରେ ଅଛନ୍ତି। ତେଣୁ ବର୍ତ୍ତମାନ ଅସ୍ଥାୟୀ ଭାବେ ଅନ୍ୟ ସ୍ଥାନରୁ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଜଣେ ପୁରୁଷ କର୍ମୀଙ୍କୁ ଡେପୁଟେଶନରେ ଉକ୍ତ ହସ୍ପିଟାଲକୁ ଅଣାଯାଇଛି। ଜଣେ ସୁରକ୍ଷା କର୍ମୀଙ୍କ ସହିତ ଜଣେ ସୁଇପର ଏଠାରେ ନିୟୋଜିତ ଅଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଚତୁଃପାର୍ଶ୍ୱ ମୁକୁଳା ଥିବାରୁ ଗୋରୁ, କୁକୁରଙ୍କ ଆଡ୍ଡାସ୍ଥଳି ପାଲଟିଛି। ଏପରି କି ଏହାର ଚତୁଃପାର୍ଶ୍ୱ ଅନାବନା ଘାସଲତାରେ ପରିପୂର୍ଣ୍ଣ ହୋଇଛି। ସେହିପରି ଏଠାରେ ବିଶୁଦ୍ଧ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ନାହିଁ। ମୁଖ୍ୟ ରାସ୍ତାରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମସ୍ୟା ରହିଛି। ହେଲେ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଡାକ୍ତର ନିଯୁକ୍ତ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଉଦିତ୍ କୁମାର ପଟେଲ କହିଛନ୍ତି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଶୀଘ୍ର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଝାରସୁଗୁଡ଼ା ସିଡିଏମ୍‌ଓ ଏମ୍.ଏମ୍. ପଣ୍ଡା କହିଛନ୍ତି, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତର ନିଯୁକ୍ତି ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଛି।

# ବ୍ରାଉନ୍‌ସୁଗାର ଜବତ: ୪ ଗିରଫ




ଜବତ ସାମଗ୍ରୀ, ଗିରଫ ଅଭିଯୁକ୍ତ।

ଝାରସୁଗୁଡ଼ା,୩୦।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ କବରସ୍ଥାନପଡ଼ା ଅଞ୍ଚଳରୁ ପୋଲିସ ୯.୬୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରାଯାଇଛି । ସେମାନେ ହେଲେ ସଦର ଥାନା ଅଞ୍ଚଳର କଲ୍ୟାଣୀ କଲେତ(୨୧), ଆରତୀ ସୁନା(୪୭), ହାଲିମା ବେଗମ୍ (୪୫), ଏସ୍.କେ. ଅଲତାଫ (୨୨) ବୋଲି ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ସୂଚନା ଅନୁଯାୟୀ, ଅପରେଶନ ନେତ୍ରର ଏକ ଅଂଶ ଭାବରେ ଝାରସୁଗୁଡ଼ା ପୋଲିସ ଅସାମାଜିକ କାର୍ଯ୍ୟକଳାପ, ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ବ୍ୟବସାୟ ଏବଂ ମହିଳା ବିରୋଧୀ ଅପରାଧ ରୋକିବା ଉପରେ ସତର୍କ ନଜର ରଖିଛି । ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୁରୁବାର ଭୋର ୫ଟା ୩୦ରେ ଏକ ଟିମ୍ ହନୁମାନ ମନ୍ଦିର ଛକ ନିକଟ କବରସ୍ଥାନପଡ଼ାରେ ଚଢ଼ାଉ କରିଥିଲା। ସେଠାରୁ ୯.୬୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଥିବା ଗୋଟିଏ ପଲିଥିନ ପ୍ୟାକେଟ, ୮୦ ଖଣ୍ଡ ପ୍ଲାଷ୍ଟିକ ଛୋଟ ପାତ୍ର, ବ୍ରାଉନ୍‌ସୁଗାର ପ୍ୟାକିଂ ପାଇଁ ୯୫ଟି ଛୋଟ ରଙ୍ଗିନ କାଗଜ ଖଣ୍ଡ, ୭୪୭୦ ଟଙ୍କା, ଦୁଇଟି ମୋବାଇଲ ଫୋନ ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୪୭୫/୨୫) ରୁଜୁ ହୋଇଛି।

# ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ମିତବ୍ୟୟିତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଗୌତମ ବାଘଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପରଦାର ଯୋଗଦେଇ ସଞ୍ଚୟ କରିବା ସହ ସାଇବର ଠକେଇରୁ ବଞ୍ଚିବା ଉପରେ ଆଲୋକପାତ କରିଥିଲେ। ପୋଷ୍ଟ ମାଷ୍ଟର ସନ୍ତୋଷ କୁମାର ସାମଲ ପୋଷ୍ଟ ଅଫିସରେ ନିଜ ସଞ୍ଚୟ ଅର୍ଥ ଜମା କରିବା ସହ ପୋଷ୍ଟ ଅଫିସର ବିଭିନ୍ନ ସ୍କିମ୍ ଉପରେ ଅବଗତ କରାଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ଡେପୁଟି କଲେକ୍ଟର ଲକ୍ଷ୍ମଣ କୁମାର ଓମାତ, ଅଞ୍ଜୁନି କୁଜୁର, ଏଜ୍‌ଲିନ ବାରା, ସହକାରୀ ଜିଲାପାଳ ହେମନ୍ତ ସିଂ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

# ସାଇବର କ୍ରାଇମ୍ ସଚେତନତା ଶିବିର



କାର୍ଯ୍ୟକ୍ରମରେ ଏସ୍‌ପି, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

ବ୍ରଜରାଜନଗର, ୩୦।୧୦ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର କଲେଜ ପରିସରରେ ସାଇବର କ୍ରାଇମ୍ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣୀ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, କଲେଜ ଅଧକ୍ଷ ବିଜୟ କୁମାର ସାହୁ, ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଇନ୍ସପେକ୍ଟର ବନ୍ଦନା ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସାଇବର କ୍ରାଇମ୍ ସମ୍ପର୍କରେ ସଚେତନ କରିଥିଲେ। ବିଶେଷକରି ସଚେତନ ହେଲେ ସାଇବର କ୍ରାଇମ୍ ରୋକି ହେବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଝାରସୁଗୁଡ଼ା ସୃଜନୀ କଳା ପରିଷଦର କଳାକାରମାନେ ସାଇବର କ୍ରାଇମ୍ ସଚେତନତା ଉପରେ ନୃତ୍ୟ ଓ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ ଓ ଅଧ୍ୟାପିକା ଦୀପିକା କେରକେଟା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ଅଜୟ ଦୀପ, ଲୁଗୁ ଚରଣ ମାରାଣ୍ଡି, ଅଧ୍ୟାପିକା ଡା. ଋତୁପର୍ଣ୍ଣା ମହାନ୍ତି, ସୁଶ୍ରୀ ଲତିକା ପ୍ରଧାନ, ପଦ୍ମାବତୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜେଲଛକରେ ଜବରଦଖଲ ଉଚ୍ଛେଦ

ସମ୍ବଲପୁର,୩୦।୧୦
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମର ପ୍ରବର୍ତ୍ତନ ବିଭାଗ ପକ୍ଷରୁ ୩୨ନମ୍ବର ୱାର୍ଡର ଜେଲଛକଠାରେ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଜେଲଛକ କମିଶନର କଲୋନୀ ପାଚେରିକୁ ଲାଗି କରାଯାଇଥିବା ୧୭ଟି ଦୋକାନକୁ ଉଚ୍ଛେଦ କରାଯାଇ ସେମାନଙ୍କୁ ପୁରୁଣା ସିଆରପିଏଫ କ୍ୟାମ୍ପ ସାମନାରେ ଥଇଥାନ କରାଯାଇଛି। ଗୋଟିଏ ସ୍ଥାନରେ ନିର୍ଦ୍ଦିଷ୍ଟ ଦୋକାନଗୁଡିକ ବ୍ୟବସ୍ଥିତ ଢଙ୍ଗରେ ରହିଲେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଇଛି। ତେବେ ଗୋଟିଏ ପଟେ ପ୍ରବର୍ତ୍ତନ ବିଭାଗ ସହରର ସୋନ୍ଦର୍ଯ୍ୟ ବୃଦ୍ଧି ପାଇଁ ଜବରଦଖଲ ଉଚ୍ଛେଦ କରୁଥିବା ବେଳେ ବିଜ୍ଞାପନ ହୋର୍ଡିଂ ଲଗାଇବା ପାଇଁ ଦେଇଥିବା ଠିକାସଂସ୍ଥା ରାସ୍ତାକଡରେ ମନଇଚ୍ଛା ହୋଡିଂ ଲଗାଇବା ପାଇଁ ଲୁହା ପୋତୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବାକି ରହିଯାଇଥିବା କେତେକ ଦୋକାନୀଙ୍କୁ ଦୋକାନ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ମଧ୍ୟ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରହିବ ବୋଲି ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି ।



ପୁରୁଣା ସିଆରପିଏଫ କ୍ୟାମ୍ପ ସାମନାରେ ଉଠାଦୋକାନୀ ମାନଙ୍କୁ ଥଇଥାନ କରାଯାଉଛି ।

# ମା' ଅନ୍ଧାରୀ ଦେବୀଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

## ଜଙ୍ଗଲ ସୁରକ୍ଷା ପାଇଁ ସାଇକେଲ ଶୋଭାଯାତ୍ରା

ଝାରସୁଗୁଡ଼ା/ଲଇକେରା, ୩୦।୧୦ (ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ଓ କିର୍ମିରା ବ୍ଲକ ସୀମାନ୍ତରେ ଥିବା ପାକେଲଖୋଲ କୁଆଁରମାଲସ୍ଥିତ ଅନ୍ଧାରୀ ପର୍ବତ ଶିଖରରେ ମା' ଅନ୍ଧାରୀ ଦେବୀ ବନଦୁର୍ଗାଙ୍କ ପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଢ଼େ ୪ କି.ମି. ପଥୁରିଆ ରାସ୍ତା ଅତିକ୍ରମ କରି ଲକ୍ଷାଧିକ ଶ୍ରଦ୍ଧାଳୁ ଦେବୀଙ୍କ ଦର୍ଶନ କରିଥିଲେ। ପୂଜକ ରମାକାନ୍ତ କର ପୂଜା ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବେ ଆବିଷ୍କାର ନାଏକ କାର୍ଯ୍ୟ ତୁଲାଇଥିଲେ। ପର୍ବତ ଚତୁଃପାର୍ଶରେ ଘେରି ରହିଥିବା ଜଙ୍ଗଲର ସୁରକ୍ଷା ପାଇଁ ଝାରସୁଗୁଡ଼ା ଜିଲା ପରିବେଶ ସମିତି ଆନୁକୂଲ୍ୟରେ ୧୫ ଖଣ୍ଡ ଗ୍ରାମର ଭିଏସ୍‌ଏସ୍ କମିଟିର ସଭ୍ୟଙ୍କୁ ନେଇ ମା' ଅନ୍ଧାରୀ ଯାତ୍ରା କମିଟି ଅଧ୍ୟକ୍ଷ ଡ. ସୁଜିତ ନାଏକଙ୍କ ନେତୃତ୍ୱରେ ସ୍କୁଲ ଛାତ୍ରୀଛାତ୍ର, ପ୍ରକୃତିପ୍ରେମୀ, ମା' ଅନ୍ଧାରୀ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ ସାଇକେଲ ଶୋଭାଯାତ୍ରାରେ ବାହାରି ସଚେତନତା ସୃଷ୍ଟି କରିଥିଲେ। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମଧ୍ୟ ମା'ଙ୍କ ଦର୍ଶନ କରିଥିଲେ। ପର୍ବତ ପାଦଦେଶ କହଁରୁଆଠାରେ ମା' ଅନ୍ଧାରୀ ସେବା ଟ୍ରଷ୍ଟ ପକ୍ଷରୁ ସାମାଜିକ କର୍ମୀ ତେଜରାଜ ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ। ବନ ସୁରକ୍ଷା ସମିତି ଓ ଯାତ୍ରା କମିଟିର ସମ୍ପାଦକ ସମ୍ବିତ୍ ନାଏକ, କୋଷାଧକ୍ଷ ସୁରେନ୍ଦ୍ର ନାଏକ, ବିକ୍ରମ ନାଏକ, ବାବୁଲି କର, ଅରୁଣ ପଟେଲ, ଅଜୟ ପଟେଲ, ପ୍ରଦୀପ ପ୍ରଧାନ, ରାଜକୁମାର ନାଏକ, ଦୀପକ ରାଉତ, ବାପି ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ପର୍ବତ ପାଦ ଦେଶରେ ଥିବା ପାକେଲଖୋଲ ଓ କୁଆଁରମାଲଠାରେ ବନଦୁର୍ଗା ପୂଜା ହେବ। ଏଥିରେ ବହୁ ଜନସମାଗମ ହେବା ସମ୍ଭାବନା ରହିଛି। ଏଣୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂଙ୍କ ନେତୃତ୍ୱରେ ଲଇକେରା ଥାନା ଅଧିକାରୀ ଦିଲ୍ଲୀପ ବେହେରାଙ୍କ ସହ ୪ ପ୍ଲାଟୁନ ଫୋର୍ସ ନିଯୁକ୍ତ ହୋଇଛନ୍ତି।

# ରାଷ୍ଟ୍ରୀୟ ଏକତା ଦିବସରେ ବିଭିନ୍ନ ପ୍ରତିଯୋଗିତା

## ଭାଗନେଲେ ୩୩ ବିଦ୍ୟାଳୟର ୨୩୭ ଛାତ୍ରୀଛାତ୍ର

ସମ୍ବଲପୁର,୩୦।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ଭାବରେ ପାଳନ କରାଯାଉଛି। ଏହି ପରିପେକ୍ଷୀରେ ଗୁରୁବାର ସର୍ଦ୍ଦାର ପଟେଲ ଏବଂ ଜାତୀୟ ଏକତା ବିଷୟବସ୍ତୁ ଉପରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ହୋଇଥିଲା। ଏଥିରେ ଜିଲାର ୩୩ ଶିକ୍ଷାନୁଷ୍ଠାନରୁ ୨୩୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ହେବାକୁ ଯାଉଥିବା ୟୁନିଟି ମାର୍ଚ୍ଚର ସାଧାରଣ ସମାବେଶରେ ପୁରସ୍କୃତ କରାଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସୂଚିତ କରିଛନ୍ତି।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସେମିରେ କେରୁଆଲବାହାଲ, ମିର୍ଦ୍ଧାଡେରା

ବେଲପାହାଡ଼, ୩୦।୧୦(ସୁବାସ ପ୍ରଧାନ)

ବେଲପାହାଡ଼ ରେଫରି ଆସୋସିଏଶନ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ତୃତୀୟ ବେଲପାହାଡ଼ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ୬ଷ୍ଠ ଦିନର ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ସୁନ୍ଦରଗଡ଼ର ଅର୍ମାନ ଏକାଦଶ ଓ କେରୁଆଲବାହାଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେରୁଆଲବାହାଲ ଟିମ୍ ୧–୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲ ଖେଳକୁ ଉନ୍ନୀତ ହୋଇଛି। କେରୁଆଲବାହାଲ ଟିମ୍‌ର ମୁକେଶ କିଷାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମିର୍ଦ୍ଧାଡେରା ଓ ଯୋରାବଗା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମିର୍ଦ୍ଧାଡେରା ଟିମ୍ ୨–୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଛି। ମିର୍ଦ୍ଧାଡେରା ଟିମ୍‌ର ବିଶାଳ ମୁଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି। ଗିରୀଶ ଚନ୍ଦ୍ର ଜୟପୁରିଆ ମ୍ୟାଚ୍ କମିଶନର ଥିବାବେଳେ ରେଫରି ଗିରୀଶ ପ୍ରଧାନ, କାର୍ତ୍ତିକ ଦାସ, ମହେନ୍ଦ୍ର ବଗର୍ତ୍ତି, ଅଗସ୍ତି ହଟିପଟ୍ଟା, ସଞ୍ଜୟ ମିର୍ଦ୍ଧା, ତୁଷାର ଲୋହାର, ସୂର୍ଯ୍ୟ ନାରାୟଣ ମିର୍ଦ୍ଧା ଓ ଅଭିଳାଷ ସାହୁ ଖେଳ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ଖେଳାଳି ସରୋଜ ସା, ମନବୋଧ ଭଇଁଶାଳ, ସଞ୍ଜୀବ ମହନ୍ତ, ରାଧେଶ୍ୟାମ ମିଶ୍ର, ଦେବାଶିଷ ସାହୁ ପ୍ରମୁଖ ଯୋଗଦେଇଥିଲେ।



ଖେଳାଳିଙ୍କ ସହିତ ଅତିଥି କରମର୍ଦ୍ଦନ କରୁଛନ୍ତି।

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

## ଶିଶୁ ଉତ୍ସବ ମହକ

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)




ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଦେବଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ସେଣ୍ଟର ଫର୍ କଲ୍‌ଚର୍‌ରେ ଶିଶୁ ଆଶ୍ରୟ ଗୃହର ପିଲାଙ୍କ ବାର୍ଷିକ ଉତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲାପାଳ ପରୀକ୍ଷିତ ସାହୁ, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ, କିଶୋର ନ୍ୟାୟ ପରିଷଦର ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ ଯୋଗଦେଇଥିଲେ। ଏହି ଅବସରରେ ଶିଶୁଗୃହର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିଶୁ ଗୃହର ବାର୍ଷିକ କ୍ରୀଡ଼ା ଉତ୍ସବ ଉତ୍ସାହ-୨୦୨୫ର ବିଭିନ୍ନ ବର୍ଗର ବିଜେତାଙ୍କୁ ଅତିଥି ପୁରସ୍କୃତ କରିଥିଲେ । ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଶିଶୁଗୃହର ପିଲାମାନଙ୍କୁ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଆର୍ଥିକ ସହାୟତାରେ ସାଇକେଲ ବଣ୍ଟନ କରାଯାଇଥିଲା। ନୃତ୍ୟଗୁରୁ ଘନଶ୍ୟାମ ବେହେରା, ତାଲିମଦାତା ନୃପେନ୍ଦ୍ର ଗୁମାନ୍‌ସିଂ ଓ ଶ୍ରେଷ୍ଠ କର୍ମଚାରୀ ଭାବେ ଗଗନ ବିହାରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ଗୃହ ଅନ୍ତେବାସୀଙ୍କ ପାଇଁ ନୃତ୍ୟ ଓ ଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଶିଷ୍ଟ କଳାକାର ରାକେଶ ଶତପଥୀ ଓ ସୁମନ ମହାକୁଡ଼ ବିଚାରକ ଭାବେ ଯୋଗଦେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଡିଏସ୍‌ପି ଅମୂଲ୍ୟ ପୁନମ ଲାକ୍ରା, ସମ୍ମାନିତ ଅତିଥି ଭାବେ ପୋଲିସ ଅଧିକାରୀ ଜସ୍ମିତା ମାଝୀ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ମମତା ବିଶ୍ୱାଳ, ଆଇନଜୀବୀ ସରୋଜିନୀ ମିଶ୍ର, ସିଡି ଅନୁଷ୍ଠାନର ସଂଯୋଜକ ସଂସାର ବାଗ ଓ ପ୍ରିୟଙ୍କା ବାରିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭାଗୀୟ ଅଧିକାରୀ ଚିନ୍ମୟ ସ୍ୱାଇଁ, କ୍ରାନ୍ତିମଞ୍ଜରି ଧାଉନଳିଆ, ଦେବାରଞ୍ଜନ ପ୍ରଧାନ, କରିଷ୍ମା ମହାକୁଡ଼, ସୂର୍ଯ୍ୟକାନ୍ତି ଭମସାଗର, ଶ୍ରୀଦତ୍ତ ସାହୁ, ସତ୍ୟପ୍ରିୟା ପ୍ରଧାନ, ସୁଜିତ ନାୟକ, ଅଜିତ୍ ନାୟକ ଓ ତପସ୍ୱିନୀ ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାସ୍ତରରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ଆସନ୍ତା ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ପ୍ରତିନିଧିତ୍ୱ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବୀମା ଟଙ୍କା ପାଇବାକୁ ଚୋରି ନାଟକ

ଭୁବନେଶ୍ୱର,୩୦।୧୦
(ସତ୍ୟଜିତ ରାଉତ)

## ମାଲିକ, ବ୍ୟବସାୟୀ ପାର୍ଟନର, ଅନ୍ୟ ୧୧ ଗିରଫ



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ବ୍ୟବସାୟରେ କ୍ଷତି ହେବାରୁ ଦେଇପାରୁ ନ ଥିଲେ ଦୋକାନ ଭଡ଼ା। ଋଣଭାର ଏତେ ବଢ଼ିଯାଇଥିଲା ଯେ, ଏହାକୁ ପରିଶୋଧ କରିବାକୁ ଚିନ୍ତାରେ ପଡ଼ିଥିଲେ। ଏସବୁ ସମସ୍ୟାରୁ ମୁକୁଳିବାକୁ ଯାଇ ବାଛିଥିଲେ ଅପରାଧର ବାଟ। ବୀମା ଟଙ୍କା ପାଇଁ ନିଜ ବ୍ୟବସାୟ ପ୍ରତିଷ୍ଠାନରୁ ଚୋରିର ନାଟକ ରଚିବାକୁ କରିଥିଲେ ବଡ଼ ଯୋଜନା। ତମାଣ୍ଡୋ ବଜାରସ୍ଥିତ ଏକ ପ୍ଲାଇଉଡ୍ ଦୋକାନରୁ ଚୋରି ହେବା ପୂର୍ବରୁ କମିଶନରେଟ୍ ପୋଲିସ ଏହାକୁ ଭଣ୍ଡୁର କରିଛି। ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନର ମାଲିକ, ତାଙ୍କ ବିଜନେସ୍ ପାର୍ଟନର ଓ ଚୋରିରେ ନିୟୋଜିତ ହେବାକୁ ଥିବା ୧୧ଜଣ ବ୍ୟକ୍ତିଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ବଜାରସ୍ଥିତ 'ଆଦ୍ୟାଶା ଟ୍ରେଡର୍ସ'ର ମାଲିକ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିର ସନ୍ତୋଷ କୁମାର ମହାରଣା (୪୩), ବ୍ୟବସାୟୀ ପାର୍ଟନର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ମନୋଜ ସେଜପାଡ଼ା (୩୪)। ଅନ୍ୟ ୧୧ଜଣ ଅଭିଯୁକ୍ତ ହେଲେ ଖୁଣ୍ଟା ଥାନା ଅଞ୍ଚଳର ହରିହର ସତୁଆଲ (୩୭), ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ଏସ୍‌କେ ମାକ୍ସୁଦ (୩୨), ଏସ୍‌କେ, ଅବଦୁଲ୍ ରେହମାନ (୩୩), ଏସ୍‌କେ ନାସିର୍ (୨୦), ହରେକୃଷ୍ଣ ନାୟକ (୫୩), ଶ୍ୟାମସୁନ୍ଦର ସିଂ (୨୪), ଏସ୍‌କେ ରାଜା (୨୦), ବରହମପୁର ଥାନା ଅଞ୍ଚଳର ବସନ୍ତ କୁମାର ସେନାପତି (୩୬), ସମୀର ଜେନା (୨୦), ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଏସ୍‌କେ ରାଜୁ (୨୨) ଓ ଜିସାନ୍ ଖାନ୍ (୨୫)। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିକଅପ୍ ଭ୍ୟାନ୍, ଦୁଇଟି ଟାଟା ଏସିଇ, ଗୋଟିଏ ବୋଲେରୋ, ଗୋଟିଏ ବୁଲେଟ୍, ୮ଟି ଫେସ୍ ମାସ୍କ, ଗୋଟିଏ ଆଇରନ କଟର୍ ମେଶିନ୍, ୨ଟି ପ୍ଲାସ୍, ୬ଟି ହ୍ୟାଣ୍ଡ ଗ୍ଲୋଭ୍‌ସ, ଗୋଟିଏ ସ୍କ୍ରୁଡାଇଭର, ଦୁଇଟି ଛୁରି, ମୋବାଇଲ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚୋରିରେ ନିୟୋଜିତ ଥିବା ୧୧ଜଣ ଅଭିଯୁକ୍ତଙ୍କ ପୂର୍ବ ଆପରାଧିକ ଇତିହାସ ବିଷୟରେ ଜାଣିବାକୁ ପ୍ରୟାସ ଚାଲିଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି।

### ୟୁଟ୍ୟୁବ୍‌ରୁ ଶିଖିଥିଲେ କୌଶଳ

ଅଭିଯୁକ୍ତ ସନ୍ତୋଷ ତମାଣ୍ଡୋ ବଜାରରେ ଅଭିଯୋଗକାରୀ ଅବିନାଶ ପଟ୍ଟନାୟକଙ୍କ ଘରକୁ ମାସିକ ୨୫ ହଜାର ଟଙ୍କା ଭଡ଼ାରେ ନେଇ ୮ରୁ ୯ବର୍ଷ ହେବ ବ୍ୟବସାୟ ପ୍ରତିଷ୍ଠାନ 'ଆଦ୍ୟାଶା ଟ୍ରେଡର୍ସ' ଚଳାଉଛନ୍ତି। ସନ୍ତୋଷଙ୍କ ବ୍ୟବସାୟରେ କ୍ଷତି ହେବା କାରଣରୁ ସେ ଦେଢ଼ବର୍ଷ ହେବ ଦୋକାନ ଭଡା ଦେଇପାରି ନ ଥିଲେ। ଏପରିକି ୨୦୨୪ ନଭେମ୍ବରରୁ ସେ ଅବିନାଶଙ୍କଠାରୁ ୩ ଲକ୍ଷ ଟଙ୍କା ମଧ୍ୟ ଋଣ ନେଇଥିଲେ। ଏଭଳି ୭.୨୫ ଲକ୍ଷ ଟଙ୍କା ସେ ଅବିନାଶଙ୍କୁ ଦେବାର ଥିଲା। ତେବେ ସେ ବ୍ୟବସାୟିକ ପ୍ରତିଷ୍ଠାନ ନାଁରେ ବୀମା କରିଥିବାବେଳେ ଚୋରି ମାମଲା ଦେଖାଇ ୧୮ଲକ୍ଷ ବୀମା ଟଙ୍କା ପାଇବାକୁ ଯୋଜନା କରିଥିଲେ। ଏଥପାଇଁ ସନ୍ତୋଷ ୟୁଟ୍ୟୁବ୍‌ରୁ ଭିଡିଓ ଦେଖି କୌଶଳ ଶିଖିଥିଲେ। ସେ ଏଥିପାଇଁ ଖୁଣ୍ଟାରେ ଫର୍ନିଚର ଦୋକାନ କରିଥିବା ମନୋଜଙ୍କ ସହାୟତା ନେଇଥିଲେ। ଚୋରି କାଣ୍ଡ ଭିଆଇବାକୁ ମନୋଜ ୧୧ଜଣ ଲୋକ ଠିକ୍ କରିଥିଲେ। ଚୋରି ହେବା ପରେ ଉକ୍ତ ସାମଗ୍ରୀକୁ ମନୋଜ ତାଙ୍କ ଦୋକାନରେ ବିକ୍ରି କରିବାକୁ କଥା ଛିଡ଼ିଥିଲା। ତେବେ ୧୧ ଜଣ ବ୍ୟକ୍ତିଙ୍କୁ କାମ ପାଇଁ ହଜାରେ ଲେଖାଏ ଦିଆଯାଇଥିବା ବେଳେ ବୀମା ଟଙ୍କା ପାଇବା ପରେ ଆଉ ୫ ହଜାର ଟଙ୍କା ଲେଖାଏ ଦିଆଯାଇଥାନ୍ତା ବୋଲି ପୋଲିସ ନିକଟରେ ସନ୍ତୋଷ କହିଛନ୍ତି।

### ଢାବାରେ ଯୋଜନା ବେଳେ ଧରାପଡ଼ିଲେ

ବୁଧବାର ବିଳମ୍ବିତ ରାତିରେ ସନ୍ତୋଷ ତାଙ୍କ ନିଜ ଦୋକାନରେ ଚୋରି କରିବାକୁ ନିକଟସ୍ଥ ଏକ ଢାବାରେ ବସି ଯୋଜନା କରିଥିଲେ। ସେମାନେ ସେଠାରେ ରାତ୍ରିଭୋଜନ କରିବା ସହ କିଭଳି ଚୋରିକୁ ସଫଳ ରୂପ ଦେବେ ସେନେଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଜାଣିପାରି ତମାଣ୍ଡୋ ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ପଚରାଉଚରା ପରେ ବୀମା ଟଙ୍କା ପାଇବାକୁ ଏହି କାଣ୍ଡ ହୋଇଥାନ୍ତା ବୋଲି ଜଣାପଡ଼ିଥିଲା। ପୋଲିସ ଠାରୁ ସୂଚନା ପାଇ ଦୋକାନ ଘର ମାଲିକ ଅବିନାଶ ଏତଲା ଦେଇଥିଲେ। ତମାଣ୍ଡୋ ଥାନା ଏନେଇ ମାମଲା (ନଂ.୩୨୫/୨୦୨୫) ରୁଜୁ କରି ତଦନ୍ତ କରୁଛି।

# ମାସେ ପରେ ଜେଲରୁ ବାହାରିଲେ ୯୪ ଏସ୍ଆଇ ଆଶାୟୀ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)



ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଥିବା ଚାକିରି ଆଶାୟୀମାନେ।

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୧୧୪ ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ୧ ମାସ ପରେ ଗୁରୁବାର ସେମାନଙ୍କ ମଧ୍ୟରୁ ୯୪ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି। ପୂର୍ବାହ୍ନରେ ପ୍ରଥମେ ୬ଜଣ ମହିଳା ପରୀକ୍ଷାର୍ଥୀ କାରାଗାରରୁ ବାହାରିଥିଲେ। ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାର ଅନ୍ୟ ୮୮ଜଣ ପରୀକ୍ଷାର୍ଥୀ କାରାଗାରରୁ ବାହାରି ସେମାନଙ୍କ ଅଭିଭାବକ ତଥା ସମ୍ପର୍କୀୟଙ୍କ ସହ ଯାଇଛନ୍ତି। ଶୁକ୍ରବାର ବଳକା ୨୦ ଜଣ ଜେଲ୍‌ରୁ ବାହାରିବେ ବୋଲି ଜଣାପଡିଛି।

ଚାକିରି ଆଶାୟୀମାନେ କାରାଗାର ଭିତରୁ ବାହାରକୁ ଆସିବା ବେଳେ କପଡ଼ାରେ ନିଜ ମୁହଁ ଘୋଡାଇ ଦେଇଥିଲେ। ସେମାନଙ୍କୁ ନେବାକୁ ଆସିଥିବା ଅଭିଭାବକମାନେ କାରାଗାର ମୁଖ୍ୟ ଫାଟକ ସମ୍ମୁଖରେ ରହିଥିଲେ। ଏଥିଯୋଗୁ ଦିନତମାମ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳେ ଗହଳି ଦେଖାଯାଇଥିଲା। ପିଲାମାନେ ନିର୍ଦ୍ଦୋଷ ଅଛନ୍ତି। କୋର୍ଟ ନ୍ୟାୟ ଦେବେ ବୋଲି ଭରସା ଅଛି। ନ୍ୟାୟ ନ ମିଳିଲେ ହାଇକୋର୍ଟରେ ପିଟିଶନ ଦାଖଲ କରିବୁ ବୋଲି ଅଭିଭାବକମାନେ କହିଛନ୍ତି।

ସୂଚନାଯୋଗ୍ୟ, ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ବ୍ରହ୍ମପୁର ପୋଲିସ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ମୋଟ ୧୨୩ ଜଣଙ୍କୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ୨୯ ତାରିଖରୁ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିବା ୧୧୪ ଜଣ ଚାକିରି ଆଶାୟୀଙ୍କ ସମେତ ୭ ଜଣ ଦଲାଲ ତଥା ଏଜେଣ୍ଟଙ୍କୁ ଜାମିନ ପାଇଁ ସେମାନଙ୍କ ଓକିଲ ବ୍ରହ୍ମପୁର ଭିଜିଲାନ୍ସ ଅଦାଲତରେ ଆବେଦନ କରିଥିଲେ। କୋର୍ଟ କେବଳ ୧୧୪ ଜଣ ଚାକିରି ଆଶାୟୀଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

# ବିମାନବନ୍ଦରରୁ ଧରାପଡ଼ିଲେ ମୋଷ୍ଟୱାଣ୍ଟେଡ୍

ଭୁବନେଶ୍ୱର,୩୦।୧୦(ସତ୍ୟଜିତ ରାଉତ)

## ଜାରି ହୋଇଥିଲା ଲୁକ୍ ଆଉଟ ସର୍କୁଲାର୍



ଦ୍ୱିବେନ୍ଦୁ ମହାରଣା

ଦିଲ୍ଲୀରେ ଏକ ବଡ଼ଧରଣର ଠକେଇ ମାମଲାରେ ସମ୍ପୃକ୍ତ ଥିବା ମୋଷ୍ଟୱାଣ୍ଟେଡ୍ ଦ୍ୱିବେନ୍ଦୁ ମହାରଣା ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରୁ ଧରାପଡ଼ିଛନ୍ତି। ସିଆଇଏସ୍ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ) ଟିମ୍ ତାଙ୍କୁ ଅଟକ ରଖି ଭୁବନେଶ୍ୱର ଏୟାରପୋର୍ଟ ଥାନାକୁ ହସ୍ତାନ୍ତର କରିଛି। ଦ୍ୱିବେନ୍ଦୁଙ୍କ ଘର କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ। ସେ ଫେରାର ଥିବାବେଳେ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର୍ ଜାରି ହୋଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦିଲ୍ଲୀରେ ଦ୍ୱିବେନ୍ଦୁଙ୍କ ବିରୋଧରେ ବହୁ କୋଟି ଟଙ୍କାର ଠକେଇ ମାମଲା ରହିଛି। ସେ ଗିରଫଦାରିକୁ ଏଡ଼ାଇବା ପାଇଁ ସିବିଆଇକୁ ଚକ୍‌ମା ଦେଇ ଲୁଚି ରହିଥିଲେ। ଗିରଫ ପରେ ଦିଲ୍ଲୀ ସିବିଆଇ ଟିମ୍ ଦ୍ୱିବେନ୍ଦୁଙ୍କୁ ଗିରଫ କରି ନେବା ପାଇଁ ଭୁବନେଶ୍ୱର ଆସୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ମାମଲାରେ ଦ୍ୱିବେନ୍ଦୁଙ୍କ ଅନ୍ୟ ସହଯୋଗୀଙ୍କୁ ମଧ୍ୟ ସିବିଆଇ ପୂର୍ବରୁ ଗିରଫ କରିଛି। ହେଲେ ଦ୍ୱିବେନ୍ଦୁ ବହୁଦିନ ଧରି ଫେରାର ଥିବାରୁ ତାଙ୍କ ବିରୋଧରେ ସିବିଆଇ କୋର୍ଟ ଏନ୍‌ବିଡବ୍ଲ୍ୟୁ (ଗିରଫ ବିହୀନ ଜାମିନ ପରୱାନା) ଜାରି କରିଥିଲା। ଏପରିକି କିଛିମାସ ତଳେ ସିବିଆଇର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ ପକ୍ଷରୁ ଦ୍ୱିବେନ୍ଦୁଙ୍କ ବିରୋଧରେ ଲୁକ୍ଆଉଟ୍ ସର୍କୁଲାର୍ ଜାରି କରାଯାଇଥିଲା। ତେବେ ଦ୍ୱିବେନ୍ଦୁ ଆବୁଧାବିରେ ଥିବାବେଳେ କଟକସ୍ଥିତ ଘରକୁ ଆସିବାକୁ ଯୋଜନା କରିଥିଲେ। ଗୁରୁବାର ସକାଳେ ସେ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କର ପରିଚୟ ପତ୍ର ଯାଞ୍ଚ କରିବା ପରେ କାବୁ କରିଥିଲେ। ଏୟାରପୋର୍ଟରେ ନିୟୋଜିତ ସିଆଇଏସ୍ଏଫ୍ ଯବାନଙ୍କ ସହାୟତାରେ ଇମିଗ୍ରେଶନ୍ ଅଧିକାରୀମାନେ ଦ୍ୱିବେନ୍ଦୁଙ୍କୁ ଧରି ଏୟାରପୋର୍ଟ ଥାନାକୁ ନେଇଥିଲେ। ଦିଲ୍ଲୀ ସିବିଆଇ ଟିମ୍ ଭୁବନେଶ୍ୱରରେ ପହଞ୍ଚିବା ପରେ ଦ୍ୱିବେନ୍ଦୁଙ୍କୁ ଗିରଫ କରିନେବ ବୋଲି ସୂଚନା ମିଳିଛି।

# ୫ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

## ପାଓମେକ୍ସ ଷ୍ଟିଲ କାରଖାନା ଡିଜିଏମ ହତ୍ୟା ମାମଲା

କଟକ,୩୦।୧୦(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ୍ ରାଧେଶ୍ୟାମ ରାୟଙ୍କ ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ଅନ୍ୟପକ୍ଷରେ ମାମଲାର ଅନ୍ୟତମ ଅଭିଯୁକ୍ତ ମହତାବ ଖାରସେଲଙ୍କ ଜାମିନ ଆବେଦନ ହାଇକୋର୍ଟ ଖାରଜ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତମାନେ ହେଲେ ପୂର୍ଣ୍ଣଚନ୍ଦ୍ର ନାଗ, ଅନ୍ତରାମ ବିଶି, ବୀରେନ୍ଦ୍ର ବାଗ, ଗରୁଡ଼ଧ୍ୱଜ ସାହୁ ଓ ମଦନ ଜାଲ। ପ୍ରତ୍ୟେକ ୫୦ ହଜାର ଟଙ୍କାର ୨ଜଣ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚଲିକାରେ ନିମ୍ନ ଅଦାଲତରୁ ଜାମିନରେ ଯିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଜାମିନରେ ଯିବା ପରେ ଅଭିଯୁକ୍ତମାନେ କୌଣସି ଆପରାଧିକ କାର୍ଯ୍ୟରେ ଲିପ୍ତ ହେବେ ନାହିଁ। ଏଥିସହ ପ୍ରତି ତାରିଖରେ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ, ଟିଟିଲାଗଡ଼ରେ ଥିବା ପାଓମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କୁ ୨୦୧୧ରେ ହତ୍ୟା କରାଯାଇଥିଲା।

## Business

# ୧୨,୨୦୦କୋଟିରେ ବିକଶିତହେବ ଜାତୀୟ ଜଳପଥ ୫, ୬୪

## ଆଇଡବ୍ଲ୍ୟୁଏଆଇ, ଓଡ଼ିଶା ସରକାର, ପିପିଏ ଏବଂ ଏମ୍‌ସିଏଲ୍ ମଧ୍ୟରେ ଚୁକ୍ତି



ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)

ଜାତୀୟ ଜଳପଥ-୫(ଏନ୍‌ଡବ୍ଲ୍ୟୁ-୫) ଏବଂ ଜାତୀୟ ଜଳପଥ-୬୪ (ଏନ୍‌ଡବ୍ଲ୍ୟୁ-୬୪)ର ବିକାଶ ଏବଂ କାର୍ଯ୍ୟକ୍ଷମ କରାଯିବ। ପ୍ରାୟ ୧୨,୨୦୦ କୋଟି ଟଙ୍କାର ଆନୁମାନିକ ନିବେଶରେ ଏହି ପ୍ରକଳ୍ପ ରୂପାୟନ କରାଯିବ। ମୁମ୍ବାଇର ନେସ୍କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ ୨୦୨୫ କାର୍ଯ୍ୟକ୍ରମରେ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ), ଓଡ଼ିଶା ସରକାର, ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଏବଂ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ମଧ୍ୟରେ ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

ସ୍ଥାୟୀ ମାଲ ପରିବହନ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧି ପାଇଁ ଓଡ଼ିଶାର ନଦୀ ପ୍ରଣାଳୀକୁ ଉପଯୋଗ କରିବା ଦିଗରେ ଏହି ଚୁକ୍ତିନାମା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଆଭ୍ୟନ୍ତରୀଣ ଜଳପଥ ଦେଇ ତାଳଚେର କୋଇଲା କ୍ଷେତ୍ରରୁ ପାରାଦୀପ ଏବଂ ଧାମରା ବନ୍ଦରକୁ କୋଇଲା ଏବଂ ଅନ୍ୟାନ୍ୟ ବଲ୍କ କାର୍ଗୋର ସୁଗମ ପରିବହନ କରାଯିବ। ଏହି ପଦକ୍ଷେପ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ, ରାସ୍ତା ଏବଂ ରେଳ ନେଟ୍‌ୱର୍କକୁ କମ୍ କରିବାରେ ଏବଂ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ଏହା ଭାରତ ସରକାରଙ୍କ ବିକଶିତ ଭାରତ @୨୦୪୭ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବ। ଏହି ପ୍ରକଳ୍ପ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ- ଓଡ଼ିଶା ଲିମିଟେଡ୍ (ଆଇଡବ୍ଲ୍ୟୁସିଓଏଲ୍) ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଆଇଡବ୍ଲ୍ୟୁଏଆଇ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି, ବୈଧାନିକ ମଞ୍ଜୁରୀ ହାସଲ ଏବଂ ଟର୍ମିନାଲ, ବ୍ୟାରେଜ ଏବଂ ନାଭିଗେଶନ ସିଷ୍ଟମ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ କରିବାରେ ନେତୃତ୍ୱ ନେବ। ଓଡ଼ିଶା ସରକାର ଜବରଦଖଲମୁକ୍ତ ଜମି ଯୋଗାଇବ, ମଞ୍ଜୁରୀକୁ ସହଜ କରିବ ଏବଂ ପ୍ରଶାସନିକ ସହାୟତା ପ୍ରଦାନ କରିବ। ଏମ୍‌ସିଏଲ୍ ନିଶ୍ଚିତ କାର୍ଗୋ ପରିବହନ ଏବଂ ପ୍ରଥମ ମାଇଲ ସଂଯୋଗୀକରଣ ନିଶ୍ଚିତ କରିବା ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କାର୍ଗୋ ପରିଚାଳନାକୁ ପ୍ରୋତ୍ସାହିତ କରିବ ଏବଂ ଅନ୍ତର୍ଦ୍ଦେଶୀୟ ଜଳପଥକୁ ମୋଡାଲ ସ୍ଥାନାନ୍ତରକୁ ପ୍ରୋତ୍ସାହିତ କରିବ।

## ଆଇଏମ୍‌ଡବ୍ଲ୍ୟୁ-୨୦୨୫ରେ ଓଡ଼ିଶା ଷ୍ଟଲ୍ ପୁରସ୍କୃତ

ଭୁବନେଶ୍ୱର,୩୦।୧୦

ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ ସପ୍ତାହ (ଆଇଏମ୍‌ଡବ୍ଲ୍ୟୁ) ୨୦୨୫ରେ ଓଡ଼ିଶା ରାଜ୍ୟ ଷ୍ଟଲ୍ ଏହାର ସୃଜନଶୀଳ ଡିଜାଇନ, ଆକର୍ଷଣୀୟ ବିଷୟବସ୍ତୁ ଏବଂ ରାଜ୍ୟର ସାମୁଦ୍ରିକ ଐତିହ୍ୟ ଏବଂ ଭବିଷ୍ୟତ ଦୃଷ୍ଟିକୋଣର ଦୂରଦୃଷ୍ଟିପୂର୍ଣ୍ଣ ଉପସ୍ଥାପନାକୁ ସ୍ୱୀକୃତି ଦେଇ ଶ୍ରେଷ୍ଠ ଷ୍ଟଲ୍ ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ହୋଇଛି। ଏହି ପୁରସ୍କାର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପ୍ରଦାନ କରିଥିଲେ । ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଶାସନ ସଚିବ ବିଧାନ ଚନ୍ଦ୍ର ରାୟ ବନ୍ଦର ଓ ଆଇଡବ୍ଲ୍ୟୁଟି ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଏବଂ କ୍ୟାପ୍ଟେନ ସୁଶାନ୍ତ ରାଉଳ ବାଗ ଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଓଡ଼ିଶା ସାମୁଦ୍ରିକ ବୋର୍ଡ ଦ୍ୱାରା ସଂଯୋଜିତ, ଷ୍ଟଲ୍ 'ଓଡ଼ିଶା - ଐତିହ୍ୟ ଏବଂ ଆଶାର ଯାତ୍ରା' ବିଷୟବସ୍ତୁ ଉପରେ ଡିଜାଇନ କରାଯାଇଥିଲା। ଏଥିରେ ପ୍ରାଚୀନ ବୋଇତ ବନ୍ଦାଣ ପରମ୍ପରା ଏବଂ କଳିଙ୍ଗର ଜାହାଜ ନିର୍ମାଣ କାରିଗରିଠାରୁ ଆରମ୍ଭକରି ରାଜ୍ୟର ଆଧୁନିକ ବନ୍ଦର-ନେତୃତ୍ୱାଧୀନ ବିକାଶ, ଜାହାଜ ନିର୍ମାଣ କ୍ଲଷ୍ଟର, ଆଭ୍ୟନ୍ତରୀଣ ଜଳପଥ, କ୍ରୁଜ୍ ପର୍ଯ୍ୟଟନ ଏବଂ ନୀଳ ଅର୍ଥନୀତି ପଦକ୍ଷେପ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶିତ କରାଯାଇଥିଲା।

# ୮୦୦ ଜଣଙ୍କୁ ବୃତ୍ତିଗତ ତାଲିମ



## ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ

ଭୁବନେଶ୍ୱର,୩୦।୧୦

ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ ଅଧୀନରେ ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ଏବଂ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ୫୫% ମହିଳା ଅଂଶଗ୍ରହଣ ସହିତ କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଇଁ ରୋଜଗାରର ଦ୍ୱାର ଉନ୍ମୁକ୍ତ କରୁଛି। ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) ଓ ନାବାର୍ଡ ସହଯୋଗରେ ଚାଲୁଛି। ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ ସମ୍ପର୍କିତ ତାଲିମ ଦିଆଯାଉଛି। ତାଲିମପ୍ରାପ୍ତ ଯୁବପିଢ଼ିଙ୍କ ମଧ୍ୟରୁ ୭୫% କାମରେ ନିଯୁକ୍ତ ହୋଇଥିବା ବେଦାନ୍ତ ପକ୍ଷରୁ ସୂଚନା ଦିଆଯାଇଛି। ଭଟଗୁଡ଼ା ଗାଁର ୨୧ ବର୍ଷୀୟ ବିଘ୍ନନାଶିନୀ ବିଶି ବେଦାନ୍ତ ଆଲୁମିନିୟମ ଦ୍ୱାରା ଦିଆଯାଇଥିବା ପ୍ରଶିକ୍ଷଣ ପରେ ପୁଣେର ଫିଏଷ୍ଟା ବାରବିକ୍ୟୁ ନେସନରେ କାମ କରୁଛନ୍ତି। ଅନ୍ୟପଟେ ଖାଦ୍ୟ ଓ ପାନୀୟ ବର୍ଗର ୨୨ତମ ବ୍ୟାଚ୍ ୧୦୦% ପ୍ଲେସ୍‌ମେଣ୍ଟ ହାସଲ କରିଛି। ଏହି ବ୍ୟାଚ୍‌ର ୨୪ଜଣଙ୍କ ମଧ୍ୟରୁ ଛାତ୍ରମାନେ ମଦୁରାଇର ଏଭିଏନ୍ ଗ୍ରୁପ୍, ବାଙ୍ଗାଲୋରର ସୋଡେକ୍ସୋ, ପୁଣେର କ୍ଲବ୍ ମହିନ୍ଦ୍ରା ଓ ଭୁବନେଶ୍ୱରର ଅସ୍ମିତା ହଲିଡେଜ୍ ଭଳି ପ୍ରସିଦ୍ଧ ସଂସ୍ଥାରେ କାମ ପାଇଛନ୍ତି। ବେଦାନ୍ତ ଆଲୁମିନା ବିଜ୍‌ନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯୁବପିଢ଼ିକୁ ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ସଶକ୍ତ କରିବା ଆମ ବିକାଶ ଦୃଷ୍ଟିକୋଣର କେନ୍ଦ୍ରସ୍ଥଳ।

# ନିଃଶୁଳ୍କ ଗୁଗଲ ଏଆଇ ପ୍ରୋ ଆକ୍ସେସ୍ ଆରମ୍ଭ

ଭୁବନେଶ୍ୱର,୩୦।୧୦

## ରିଲାଏନ୍ସ ଓ ଗଗୁଲର ସହଭାଗିତା

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ରିଲାଏନ୍ସ ଇଣ୍ଟେଲିଜେନ୍ସ ଲିମିଟେଡ୍ ଏବଂ ଗୁଗଲ ମାଧ୍ୟମରେ ଦେଶରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିପ୍ଳବକୁ ତ୍ୱରାନ୍ୱିତକରିବା ପାଇଁ ଏକ ସହଭାଗିତା ଘୋଷଣା କରାଯାଇଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ସହ ସହଭାଗିତାରେ ଗୁଗଲ, ଯୋଗ୍ୟ ଜିଓ ଉପଭୋକ୍ତାଙ୍କ ପାଇଁ ଗୁଗଲର ଏଆଇ ପ୍ରୋ ଯୋଜନା ସହ ଗୁଗଲ ଜେମିନିର ନୂଆ ସଂସ୍କରଣ ୧୮ ମାସ ପାଇଁ ନିଃଶୁଳ୍କରେ ଉପଲବ୍ଧ ହେବ। ଏହି ଅଫରରେ ଜେମିନି ଆପ୍‌ରେ ଗୁଗଲର ସବୁଠାରୁ ସକ୍ଷମ ଜେମିନି ୨.୫ ପ୍ରୋ ମଡେଲ୍‌କୁ ଅଧିକ ପ୍ରବେଶ, ସେମାନଙ୍କର ଅତ୍ୟାଧୁନିକ ନାନୋ ବାନାନା ଏବଂ ଭିଓ ୩.୧ ମଡେଲ ସହ ଚମତ୍କାର ଚିତ୍ର ଏବଂ ଭିଡିଓ ସୃଷ୍ଟିକରିବାର ଉଚ୍ଚ ସୀମା, ଅଧ୍ୟୟନ ଏବଂ ଗବେଷଣା ପାଇଁ ନୋଟ୍‌ବୁକ୍ ଏଲ୍ଏମ୍‌କୁ ବିସ୍ତାରିତ ପ୍ରବେଶ, ୨ ଟିବି କ୍ଲାଉଡ୍ ଷ୍ଟୋରେଜ ସୁବିଧା ମିଳିବ। ଏହି ୧୮ ମାସର ଅଫରର ବାସ୍ତବ ମୂଲ୍ୟ ୩୫,୧୦୦। ଯୋଗ୍ୟ ଜିଓ ଉପଭୋକ୍ତାମାନେ ମାଇଜିଓ ଆପ୍ ମାଧ୍ୟମରେ ଏହି ଅଫରକୁ ସକ୍ରିୟ କରିପାରିବେ। ଏହି ରୋଲ୍‌ଆଉଟ୍ ୧୮ରୁ ୨୫ ବର୍ଷ ବୟସ୍କଙ୍କ ପାଇଁ ଅସୀମିତ ୫ଜିପ୍ଲାନ୍‌ର ପ୍ରାରମ୍ଭିକ ପ୍ରବେଶ ସହିତ ଆରମ୍ଭ ହେବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧ୍ୟକ୍ଷ ମୁକେଶ ଡି. ଅମ୍ବାନୀ କହିଛନ୍ତି, ଗୁଗଲ ଭଳି ରଣନୈତିକ ଏବଂ ଦୀର୍ଘକାଳୀନ ଅଂଶୀଦାରଙ୍କ ସହ ଆମର ସହଯୋଗ ମାଧ୍ୟମରେ, ଆମେ ଭାରତକୁ କେବଳ ଏଆଇ-ସକ୍ଷମ ନୁହେଁ ବରଂ ଏଆଇ-ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଗୁଗଲ ଏବଂ ଆଲ୍‌ଫାବେଟର ସିଇଓ ସୁନ୍ଦର ପିଚାଇ ସହଭାଗିତା ପାଇଁ ଉତ୍ସାହିତ ଥିବା କହିଛନ୍ତି।

# ଏନ୍‌ଏଚ୍‌ଏଆଇର ଟୋଲ୍ ସଂଗ୍ରହ ୨,୦୬୨ କୋଟି ହ୍ରାସ

ଭୁବନେଶ୍ୱର,୩୦।୧୦

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ( ଏନ୍‌ଏଚ୍‌ଏଆଇ) ସାର୍ବଜନୀନ ବିତ୍ତ ପୋଷିତ ପ୍ଲାଜାଗୁଡ଼ିକରେ ଟୋଲ୍ ସଂଗ୍ରହ ହ୍ରାସ କରିଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ୪,୭୩୬ କୋଟି ଟଙ୍କା ଟୋଲ ସଂଗ୍ରହ ହୋଇଥିବାବେଳେ ଆର୍ଥିକ ବର୍ଷ ୨୦୨୪-୨୫ରେ ଏହା ୨,୬୭୪ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ବର୍ଷକରେ ଏନ୍‌ଏଚ୍‌ଏଆଇକୁ ୨,୦୬୨ କୋଟି ଟଙ୍କା ଟୋଲ୍ ସଂଗ୍ରହ ହ୍ରାସ କରିଛି। ଅର୍ଥାତ୍ ଟୋଲ୍ ସଂଗ୍ରହ ଆର୍ଥିକ ବର୍ଷ ୨୦୨୩-୨୪ରେ ୧୭.୨୭%ରୁ ଆର୍ଥିକ ବର୍ଷ ୨୦୨୪-୨୫ରେ ୯.୨୭%କୁ ହ୍ରାସ ପାଇଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ଟୋଲ୍ ଏଜେନ୍ସିଗୁଡ଼ିକ ଦ୍ୱାରା ମୋଟ ଟୋଲ୍ ସଂଗୃହୀତ ୨୭,୪୧୭ କୋଟି ଥିଲା, ଯେଉଁଥିରୁ ପ୍ରାୟ ୨୨,୬୮୧ କୋଟି ଟଙ୍କା ଏନ୍‌ଏଚ୍‌ଏଆଇକୁ ଜମା କରାଯାଇଥିଲା। ମାତ୍ର ଆର୍ଥିକ ବର୍ଷ ୨୦୨୪-୨୫ରେ ଟୋଲ୍ ଏଜେନ୍ସିଗୁଡ଼ିକ ମୋଟ ପ୍ରାୟ ୨୮,୮୨୩ କୋଟି ଟୋଲ୍ ଫି' ସଂଗ୍ରହ କରିଥିଲେ, ଯେଉଁଥିରୁ ପ୍ରାୟ ୨୬,୧୪୯ କୋଟି ଟଙ୍କାର ଏନ୍‌ଏଚ୍‌ଏଆଇକୁ ଜମା କରାଯାଇଛି। ଏନ୍‌ଏଚ୍‌ଏଆଇ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଉଦ୍ୟମ ଯୋଗୁ ହୋଇଛି ଯେପରି ବର୍ତ୍ତମାନର ଚୁକ୍ତିଗୁଡ଼ିକର ନିକଟ ନିରୀକ୍ଷଣ, ୩ ମାସର ଡିମଡ୍ ଏକ୍ସଟେନସନ ବ୍ୟବସ୍ଥା ବିଲୋପ, ସମୟାନୁସାରେ ବିଡିଂ, ଅଧିକାଂଶ ଚୁକ୍ତିକୁ ୧ ବର୍ଷ ଅବଧି ପାଇଁ ପ୍ରଦାନ ନିଶ୍ଚିତ କରିବା ଏବଂ ୩ ମାସର ସ୍ୱଳ୍ପକାଳୀନ ଚୁକ୍ତିଗୁଡ଼ିକୁ ନ୍ୟୁନତମ କରିବା ଦ୍ୱାରା ଏହି ଟୋଲ୍ ସଂଗ୍ରହ କମ୍ କରାଯାଇପାରିଛି। ଏହାସହ ସ୍ୱଳ୍ପକାଳୀନ ୩ ମାସର ଚୁକ୍ତିଗୁଡ଼ିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହା ବ୍ୟତୀତ ଏନ୍‌ଏଚ୍‌ଏଆଇ 'ଅଲ୍ ଇଣ୍ଡିଆ ୟୁଜର ଫି କଲେକ୍‌ସନ ଫେଡେରେଶନ' ସହ ନିୟମିତ ଭାବେ ଯୋଗାଯୋଗ କରି ଟୋଲ୍ ସଂଗ୍ରହ ଏଜେନ୍ସିଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ କାର୍ଯ୍ୟ କରୁଛି। ଟୋଲ୍ ସଂଗ୍ରହ ଏଜେନ୍ସିଗୁଡ଼ିକର ପରଫର୍ମାନ୍ସ ସିକ୍ୟୁରିଟି (ନଗଦ ଅଂଶ) ଏବଂ ବ୍ୟାଙ୍କ ଗ୍ୟାରେଣ୍ଟିର ସମୟାନୁସାରେ ମୁକ୍ତି ସେମାନଙ୍କର ବିଡିଂ କ୍ଷମତାକୁ ଆହୁରି ବଢ଼ାଇ ଉଚ୍ଚ ବିଡ୍ ରାଶି ଆଣିଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଗୁରୁବାର ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ ଏହି ନୂତନ ଶାଖାର ଉଦଘାଟନ କରିଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୬ତମ ଶାଖା ଅଟେ। ଏହି ଅବସରରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ବାଲୁଗାଁ ଶାଖାର ଶାଖା ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମଲିକ କହିଛନ୍ତି।

## ଦୁଃଖ ବଢ଼ାଇଲା ମେଲିସା



ଶତାବ୍ଦୀର ସବୁଠୁ ଶକ୍ତିଶାଳୀ ବାତ୍ୟା 'ମେଲିସା' ବୁଧବାର ରାତିରେ ଆଫ୍ରିକୀୟ ରାଷ୍ଟ୍ର ଜାମାଇକାର ସେଣ୍ଟ ଏଲିଜାବେଥ୍‌ଠାରେ ସ୍ଥଳଭାଗ ଛୁଇଁବା ପରେ ଘଟାଇଥିବା କ୍ଷୟକ୍ଷତିର ଆକାଶମାର୍ଗରୁ ନିଆଯାଇଥିବା ଫଟୋ। ୫ ବର୍ଗ ଅନ୍ତର୍ଗତ ଏହି ପ୍ରଳୟଙ୍କରୀ ବାତ୍ୟାରେ ପବନର ବେଗ ୨୯୮ କିଲୋମିଟର ରହିଥିଲା। ଏଥିରେ ଅନ୍ୟୂନ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହ ଜାମାଇକାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। କ୍ୟୁବା ଓ ହାଇତି ମଧ୍ୟ ବହୁଳ ପ୍ରଭାବିତ ହୋଇଛି।

# ପ୍ରବାସୀଙ୍କ କାର୍ଯ୍ୟ ପର୍‌ମିଟ୍ ସ୍ୱତଃ ନବୀକରଣ ବନ୍ଦକଲା ଆମେରିକା

**ୱାଶିଂଟନ,୩୦।୧୦**

ପ୍ରବାସୀ କର୍ମଚାରୀମାନଙ୍କ ରୋଜଗାର ପ୍ରାଧିକରଣ ଦସ୍ତାବିଜ (ଇଏଡି)ର ସ୍ୱତଃ ସମୟସୀମା ବୃଦ୍ଧି ବ୍ୟବସ୍ଥାକୁ ଏକ ଅନ୍ତରୀଣ ନିୟମ ବଳରେ ବନ୍ଦ କରିଦିଆଯାଇଥିବା ଆମେରିକାର ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଘୋଷଣା କରିଛି। ଏଭଳି ପଦକ୍ଷେପ ଭାରତୀୟଙ୍କ ସମେତ ଆମେରିକାରେ ରହି କାର୍ଯ୍ୟ କରୁଥିବା ଅନେକ ହଜାର ପ୍ରବାସୀ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଯେଉଁମାନେ ଅକ୍ଟୋବର ୩୦ରେ କିମ୍ବା ଏହା ପରେ ଇଏଡି ନବୀକରଣ ପାଇଁ ଆବେଦନ କରିବେ, ସେମାନଙ୍କ ଇଏଡି ସମୟସୀମା ଆଉ ସ୍ୱତଃ ବୃଦ୍ଧି କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ତେବେ ଅକ୍ଟୋବର ୩୦ ପୂର୍ବରୁ ଯେଉଁ ଇଏଡିଗୁଡ଼ିକର ସମୟସୀମା ସ୍ୱତଃ ବୃଦ୍ଧି କରାଯାଇଛି, ତାହା ନୂଆ ନିୟମ ଦ୍ୱାରା ପ୍ରଭାବିତ ହେବ ନାହିଁ। ଜନସାଧାରଣଙ୍କ ସୁରକ୍ଷା ଏବଂ ଜାତୀୟ ସୁରକ୍ଷା ପାଇଁ ଅଧିକ ପୁନଃ ନିରୀକ୍ଷଣ ଓ ଯାଞ୍ଚ କରାଯିବ ବୋଲି ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ପର୍‌ମିଟ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ଠିକ୍ ସମୟରେ ନବୀକରଣ ଆବେଦନ କରାଯାଇଥିଲେ, ପ୍ରବାସୀ କର୍ମଚାରୀମାନଙ୍କୁ ଆମେରିକାରେ ୫୪୦ ଦିନ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ନିୟମ ଜୋ ବାଇଡେନ୍ ପ୍ରଶାସନ ସମୟରୁ ଚାଲି ଆସୁଥିବାବେଳେ ଏହାକୁ ହଟାଇ ଦିଆଯାଇଛି। ସମ୍ପ୍ରତି ଅଣାଯାଇଥିବା ନିୟମରେ ସୀମିତ ବ୍ୟତିକ୍ରମ ରହିଛି। ଟିପିଏସ୍ ସମ୍ପର୍କିତ ନିଯୁକ୍ତି ଦସ୍ତାବିଜ ପାଇଁ ଆଇନର ବ୍ୟବସ୍ଥା କିମ୍ବା ସଂଘୀୟ ପଞ୍ଜିକା ବିଜ୍ଞପ୍ତି ଜରିଆରେ ପର୍‌ମିଟ୍ ସମୟସୀମା ବଢ଼ାଯାଇପାରବ ବୋଲି ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ନୂଆ ନିୟମ ଅନୁଯାୟୀ ପ୍ରବାସୀ କର୍ମଚାରୀମାନଙ୍କ ଅତୀତର ସମସ୍ତ ବିବରଣୀକୁ ଯାଞ୍ଚ କରାଯିବ। ଏହାଦ୍ୱାରା ଜାଲିଆତିକୁ ରୋକାଯାଇ ପାରିବ।

### ପ୍ରଭାବିତ ହେବେ ଭାରତୀୟ




## ଡିଜିଟାଲ ଆରେଷ୍ଟରେ ୧.୨ କୋଟି ହରାଇଥିବା ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ

**ପୁଣେ,୩୦।୧୦**

ଡିଜିଟାଲ ଆରେଷ୍ଟ ସାଇବର ଠକେଇରେ ଫସି ମାସେ ତଳେ ୧.୨ କୋଟି ଟଙ୍କା ହରାଇଥିବା ପୁଣେର ୮୩ ବର୍ଷୀୟ ବ୍ୟକ୍ତିଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଠକମାନେ ନିଜକୁ ପୋଲିସ ଓ ସିବିଆଇ ଅଫିସରର ପରିଚୟ ଦେଇ ଉକ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ତାଙ୍କ ସ୍ତ୍ରୀଙ୍କୁ ଟାର୍ଗେଟ୍ କରିଥିଲେ। ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ସମ୍ପୃକ୍ତ ଥିବା ମନିଲଣ୍ଡରିଂ ମାମଲାରେ ତାଙ୍କ ନାମ ରହିଥିବା କହି ସେମାନେ ଉକ୍ତ ବୃଦ୍ଧ ବ୍ୟକ୍ତିଙ୍କୁ ଭୟଭୀତ କରାଇବା ସହ ଏକାଧିକ ଥରରେ ୧.୨ କୋଟି ଟଙ୍କା ନେଇଯାଇଥିଲେ। ହୃଦ୍‌ଘାତରେ ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଏନେଇ ଏକ ଏତଲା ଦେଇଥିବା ସାଇବର ଥାନା ଅଧିକାରୀ କହିଛନ୍ତି।

# ଟ୍ରମ୍ପ୍ ଟାରିଫ୍: ଚାଇନା ପାଇଁ ୪୭%

**ସିଓଲ,୩୦।୧୦(ରଏଟର୍ସ/ଏପି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଦକ୍ଷିଣ କୋରିଆରେ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବା ପରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ଆମଦାନୀ ଶୁଳ୍କକୁ ୪୭%କୁ ହ୍ରାସ କରିଛନ୍ତି। ଏହା ବଦଳରେ ଚାଇନା ଆମେରିକାକୁ ରେଆର ଆର୍ଥ ଏଲିମେଣ୍ଟ ରପ୍ତାନି ଓ ସେଠାରୁ ସୋୟାବିନ୍ ଆମଦାନୀ ପାଇଁ ରାଜି ହୋଇଛି।

ଦକ୍ଷିଣ କୋରିଆର ବୁସାନ ସହରରେ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସହଯୋଗ (ଏପିଇସି) ସମ୍ମିଳନୀ ପରିପ୍ରେକ୍ଷୀରେ ଦୁଇ ମହାଶକ୍ତି ଆମେରିକା ଓ ଚାଇନା ପୂର୍ବ ତିକ୍ତତା ହ୍ରାସକରି ପୁଣି ପରସ୍ପରର ନିକଟତର ହେବାକୁ ଉଦ୍ୟମ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ୧ ଘଣ୍ଟା ୪୫ ମିନିଟ ଧରି ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଟ୍ରମ୍ପ୍ ଗତ ଜାନୁଆରୀରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଦୁଇନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ସାମ୍ନାସାମ୍ନି ସାକ୍ଷାତ। ଏୟାରଫୋର୍ସ ୱାନ୍‌ରେ ଟ୍ରମ୍ପ୍ ପ୍ରେସ୍‌କୁ କହିଛନ୍ତି, ଚାଇନା ଫେଣ୍ଟାନିଲ ପ୍ରସ୍ତୁତି ପାଇଁ ରାସାୟନିକ ସାମଗ୍ରୀ ବିକ୍ରି କରୁଥିବାରୁ ଏହା ଉପରେ ଆମେରିକା ପୂର୍ବରୁ ୨୦% ଦଣ୍ଡାତ୍ମକ ଟାରିଫ୍ ଲାଗୁ କରିଥିଲା। ଜିନ୍‌ପିଙ୍ଗ୍‌ଙ୍କ ସହ ସଫଳ ଆଲୋଚନା ପରେ ଏହାକୁ ୧୦%କୁ ହ୍ରାସ କରାଯାଇଛି। ଫଳରେ ଚାଇନା ସାମଗ୍ରୀଗୁଡ଼ିକ ଉପରେ ପୂର୍ବରୁ ଲାଗୁ ହୋଇଥିବା ୫୭% ଆମଦାନୀ ଶୁଳ୍କ ଏବେ ୪୭ ପ୍ରତିଶତକୁ ଖସିଆସିଛି।

ଟ୍ରମ୍ପ୍ ଆହୁରି କହିଛନ୍ତି, ସେ ୨୦୨୬ ଏପ୍ରିଲରେ ଚାଇନା ଗସ୍ତ କରିବେ। ତାଙ୍କ ଗସ୍ତ ପରେ ଜିନ୍‌ପିଙ୍ଗ୍ ମଧ୍ୟ ଆମେରିକା ଯିବେ। ସାକ୍ଷାତ ବେଳେ ଚାଇନାକୁ ଅଧିକ ଅତ୍ୟାଧୁନିକ କମ୍ପ୍ୟୁଟର ଚିପ୍ସ ରପ୍ତାନି ନେଇ ମଧ୍ୟ ଆଲୋଚନା ହୋଇଛି। ଏନେଇ ଏନ୍‌ଭିଡିଆ ଚାଇନିଜ୍ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିବ। ଚାଇନା ସହ ଆମେରିକାର ସମ୍ପର୍କରେ ବିଶେଷ ବଡ଼ ପ୍ରତିବନ୍ଧକ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ଅନ୍ୟପକ୍ଷେ ଚାଇନା ଆମେରିକାରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ୍ ଟନ୍ ସୋୟାବିନ୍ କିଣିବାକୁ ଚୁକ୍ତିବଦ୍ଧ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନଠାରୁ ଜାନୁଆରୀ ମଧ୍ୟରେ ବେଜିଂ ୧୨ ନିୟୁତ ମେଟ୍ରିକ୍ ଟନ୍ ସୋୟାବିନ୍ ଆମଦାନୀ ପାଇଁ ରାଜି ହୋଇଥିବା ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ ସୂଚନା ଦେଇଛନ୍ତି। କେବଳ ଏତିକି ନୁହେଁ, ବିରଳ ଖଣିଜ ରପ୍ତାନି ଉପରେ ବେଜିଂ ପକ୍ଷରୁ ଲଗାଯାଇଥିବା କଟକଣାକୁ ମଧ୍ୟ କୋହଳ କରିବାକୁ ଜିନ୍‌ପିଙ୍ଗ୍ ସହମତି ପ୍ରକାଶ କରିଛନ୍ତି। ତେବେ ଏହି ୧୦୦ ମିନିଟର ସକାରାତ୍ମକ ଆଲୋଚନା ପରେ ମଧ୍ୟ ବିଶ୍ୱର ୨ ବୃହତ୍ ଅର୍ଥନୀତି କେତେକ ପ୍ରସଙ୍ଗକୁ ନେଇ ସ୍ୱାଭାବିକ ସ୍ଥିତିକୁ ଆସି ନ ଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି। ମାନୁଫାକ୍ଚରିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଭଳି ପ୍ରସଙ୍ଗରେ ଆମେରିକା ଓ ଚାଇନା ଅନେକ ଦୃଷ୍ଟିରୁ ପରସ୍ପର ବିରୋଧୀ କାର୍ଯ୍ୟ କରୁଥିବାରୁ ଟ୍ରମ୍ପ୍‌ଙ୍କ ସଦ୍ୟ ଉଦ୍ୟମ ବିଶେଷ ଫଳପ୍ରଦ ହୋଇ ନ ପାରେ ବୋଲି କୁହାଯାଉଛି।

### ଦକ୍ଷିଣ କୋରିଆରେ ଟ୍ରମ୍ପ୍-ଜିନ୍‌ପିଙ୍ଗ୍ ଭେଟ



## ଡେଲିଭରି ଏଜେଣ୍ଟଙ୍କୁ କାର୍ ମଡ଼ାଇ ହତ୍ୟା

**ବେଙ୍ଗାଲୁରୁ,୩୦।୧୦**

ଜଣେ ଡେଲିଭରି ଏଜେଣ୍ଟଙ୍କ ବାଇକ୍‌କୁ ପିଛାକରି କାର୍ ମଡ଼ାଇ ହତ୍ୟା କରିବା ପରେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରୁଥିବା ଏକ ଦମ୍ପତିଙ୍କୁ ବେଙ୍ଗାଲୁରୁ ପୋଲିସ ଗିରଫ କରିଛି। ଗତ ୨୫ ତାରିଖ ରାତିରେ ଦକ୍ଷିଣ ବେଙ୍ଗାଲୁରୁର ଶ୍ରୀରାମ ମନ୍ଦିର ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ଡେଲିଭରି ଏଜେଣ୍ଟ ଦର୍ଶନଙ୍କର ମୃତ୍ୟୁ ଘଟିଥିବାବେଳେ ପଛ ସିଟ୍‌ରେ ବସିଥିବା ତାଙ୍କ ବନ୍ଧୁ ବରୁଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁ ନେଇ ପ୍ରଥମେ ମାମଲା ଦାଏର ହୋଇଥିଲା। ତେବେ ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରିବା ସହ ତଦନ୍ତରୁ କାର୍ ଚାଳକ ଜାଣିଶୁଣି ବାଇକ୍‌କୁ ପିଛା କରିବା ସହ ଧକ୍କା ଦେଇଥିବା ଜଣାପଡ଼ିଥିଲା। ଡିସିପି ଲୋକେଶ ଜଗଲସୁରଙ୍କ କହିବା ଅନୁଯାୟୀ ଦର୍ଶନଙ୍କ ବାଇକ୍ ଘସିହୋଇଯିବାରୁ କାର୍ ସାଇଡ୍ ମିରର ଭାଙ୍ଗିଯାଇଥିଲା। ଏହାକୁ ନେଇ କାର୍ ଚାଳକ ଏବଂ ଦର୍ଶନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ କାର୍‌ଚାଳକ ବାଇକ୍‌କୁ ପିଛା କରି ଜାଣିଶୁଣି ଧକ୍କା ଦେଇଥିଲେ। ଅଭିଯୁକ୍ତ କାର୍‌ଚାଳକ ମନୋଜ ଶର୍ମା ଜଣେ ଶିକ୍ଷକ। ଧକ୍କା ଦେବା ପରେ ସେ ଓ ତାଙ୍କ ସ୍ତ୍ରୀ ମୁହଁରେ ମାସ୍କ ପିନ୍ଧି ଘଟଣାସ୍ଥଳକୁ ଆସି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କାର୍ ପାର୍ଟ୍ସକୁ ସଂଗ୍ରହ କରିଥିଲେ। ଘଟଣା ଜଣାପଡ଼ିବା ପରେ ହତ୍ୟା ଓ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ମନୋଜ ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରାଯିବା ସହ କୋର୍ଟରେ ହାଜର କରାଯାଇଛି।

## ଥାଇଲାଣ୍ଡରୁ ଫେରିବେ ୫୦୦ ଭାରତୀୟ

**ନୂଆଦିଲ୍ଲୀ/ବ୍ୟାଙ୍କକ୍,୩୦।୧୦**

ମ୍ୟାନ୍‌ମାର ସ୍କାମ୍ ସେଣ୍ଟରଗୁଡ଼ିକରେ ଚଢ଼ାଉ ପରେ ସେଠାରୁ ଥାଇଲାଣ୍ଡକୁ ପଳାୟନ କରିଥିବା ପ୍ରାୟ ୫୦୦ ଭାରତୀୟଙ୍କୁ ସ୍ୱଦେଶକୁ ଫେରାଇ ଅଣାଯିବ। ଏନେଇ କେନ୍ଦ୍ର ସରକାର ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଥିବା ସୂତ୍ରରୁ ଜଣାପଡ଼ିଛି। ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ପ୍ରତ୍ୟର୍ପିତ ହେବାକୁ ଥିବା ଭାରତୀୟମାନଙ୍କୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ବିମାନ ପଠାଯିବ। ଏହି ଭାରତୀୟମାନେ ପଶ୍ଚିମ ଥାଇଲାଣ୍ଡର ସୀମାନ୍ତ ମାଓ ସୋଟ୍ ସହରରେ ଅଟକ ଥିବା ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ କହିଛନ୍ତି।

## କଶ୍ମୀରରେ ବାଦଲଫଟା ବର୍ଷା: ଏବେ ବି ୩୧ ନିଖୋଜ

**ଶ୍ରୀନଗର,୩୦।୧୦**

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଚେସୋଟି ଗ୍ରାମରେ ଅଗଷ୍ଟ ୧୪ରେ ପ୍ରଳୟଙ୍କରୀ ବାଦଲଫଟା ବର୍ଷାରେ ଏବେ ବି ୩୧ ଜଣ ନିଖୋଜ ଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁ ହଠାତ୍ ବନ୍ୟା ସହ ମାଟିକାଦୁଅ ମାଡ଼ିଆସି ୧୯ଟି ବିଲ୍ଡିଂ ଓ କେତେକ ଗାଡ଼ିକୁ ଭସାଇ ନେଇଥିଲା। ସେନା ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ନିୟନ୍ତ୍ରିତ ବିସ୍ଫୋରଣ ଜରିଆରେ ଭଗ୍ନାବଶେଷକୁ ହଟାଇ ମୃତଦେହ ଖୋଜିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୩୧ ଜଣଙ୍କ ପତ୍ତା ମିଳିନାହିଁ। ୬୩ ମୃତ ଦେହ ଚିହ୍ନଟ ହୋଇଥିବାବେଳେ ଅନ୍ୟ ୩ଟିକୁ ଚିହ୍ନଟ କରାଯାଇ ପାରି ନ ଥିବା ଜମ୍ମୁ-କଶ୍ମୀର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିଛନ୍ତି।

## ନିର୍ମାଣାଧୀନ ରେଳ ବ୍ରିଜ୍‌ରେ କ୍ରେନ୍ ଖସି ୨ ମୃତ

**ଭୋପାଳ,୩୦।୧୦**

ମଧ୍ୟପ୍ରଦେଶର ଧର୍ ଜିଲାରେ ଗୁରୁବାର ସକାଳେ ରେଳ୍‌ୱେ ବ୍ରିଜ ନିର୍ମାଣରେ ନିୟୋଜିତ ଥିବା ଏକ କ୍ରେନ ଏକ ଟ୍ରକ୍ ଉପରେ ଖସିପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଏହା ତଳେ ଚାପି ହୋଇ ରହିଯାଇଥିବା ଆଶଙ୍କା କରାଯାଉଛି। ପିଥମପୁର ଶିଳ୍ପାଞ୍ଚଳ ସହରର ସାଗୌର ଅଞ୍ଚଳରେ ଏହି ଘଟଣା ଘଟିଛି। ୧୬ ଟନ୍‌ର ଏକ ସ୍ଲାବ୍ ଉପରେ କ୍ରେନ୍‌ଟି ରହିଥିବା ବେଳେ ହଠାତ୍ ଓଲଟି ପଡ଼ି ସେହି ବାଟ ଦେଇ ଯାଉଥିବା ଏକ ପିକ୍‌ଅପ୍ ଟ୍ରକ୍ ଉପରେ ଖସିପଡ଼ିଥିଲା ବୋଲି ଏସ୍‌ପି ମୟଙ୍କ ଅୱସ୍ତି କହିଛନ୍ତି। ନିର୍ମାଣ କାର୍ଯ୍ୟ ପୂର୍ବରୁ ଉପଯୁକ୍ତ ସର୍ଭିସ ରୋଡ ପ୍ରସ୍ତୁତ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ଦୁର୍ଘଟଣା ପାଇଁ ରେଳ୍‌ୱେ ଏବଂ ଠିକାଦାରଙ୍କୁ ଦାୟୀ କରିଛନ୍ତି।

## ପୋସେଇଡୋନ୍ ଡ୍ରୋନ୍ ପରୀକ୍ଷା କଲା ରୁଷିଆ



**ମସ୍କୋ,୩୦।୧୦**

ରୁଷିଆ ବୁଡ଼ାଜାହାଜରୁ ଅସୀମିତ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ଆଣବିକ ଶକ୍ତିସମ୍ପନ୍ନ ପୋସେଇଡୋନ୍ ଡ୍ରୋନ୍‌ର ସଫଳ ପରୀକ୍ଷା କରିଛି। ଏହି ପରୀକ୍ଷଣ ସମ୍ପର୍କରେ ବୁଧବାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୂଚନା ଦେଇଛନ୍ତି। ପୁଟିନ୍ ଏକ ସେନା ହସ୍ପିଟାଲକୁ ଯାଇଥିବାବେଳେ ସାମରିକ ଅଧିକାରୀଙ୍କ ସହ ସାକ୍ଷାତ ବେଳେ ଟେଲିଭିଜନକୁ କହିଛନ୍ତି, ପୋସେଇଡୋନ୍ ଡ୍ରୋନ୍ ଆଣବିକ ଶକ୍ତିସମ୍ପନ୍ନ ସ୍ୱୟଂଚାଳିତ ମାନବରହିତ ଯାନ, ଯାହାକି ରୁଷିଆର ସବୁଠୁ ଅତ୍ୟାଧୁନିକ 'ସମରତ୍' ବାଲିଷ୍ଟିକ୍ ମିଶାଇଲଠାରୁ ମଧ୍ୟ ଶକ୍ତିଶାଳୀ। ଏହି ଘାତକ ଡ୍ରୋନ୍‌ର ସଫଳ ପରୀକ୍ଷଣ ଏକ ବୁଡ଼ାଜାହାଜରୁ କରାଯାଇଛି। ମଙ୍ଗଳବାର ପରୀକ୍ଷା କରାଯାଇଥିବା ସମରତ୍ ମିଶାଇଲକୁ ଖୁବ୍‌ଶୀଘ୍ର ଯୁଦ୍ଧ କ୍ଷେତ୍ରରେ ମୁତୟନ କରାଯିବ ବୋଲି ୟୁକ୍ରେନ୍ ଯୁଦ୍ଧରେ ଆହତ ଜଣେ ସୈନ୍ୟଙ୍କୁ ସାଙ୍ଗରେ ଧରି ପୁଟିନ୍ କହିଛନ୍ତି। ପୁଟିନ୍‌ଙ୍କ ଭାଷାରେ ଘଣ୍ଟାପ୍ରତି ୧୮୫ କି.ମି. ଯାତ୍ରାକରି ୧୦,୦୦୦ କି.ମି. ଦୂରକୁ ଲକ୍ଷ୍ୟଭେଦ କରିପାରୁଥିବା ଏହି ଡ୍ରୋନ୍‌ର ପରୀକ୍ଷଣ ପଛର ଲକ୍ଷ୍ୟ ହେଉଛି, ୟୁକ୍ରେନ୍ ଯୁଦ୍ଧକୁ ନେଇ ପାଶ୍ଚାତ୍ୟର ଚାପରେ ରୁଷିଆ ମୁଣ୍ଡ ନୁଆଇବ ନାହିଁ। ଅନ୍ୟପକ୍ଷେ ଉକ୍ତ ଡ୍ରୋନ୍‌ରୁ ନିର୍ଗତ ରେଡିଓଆକ୍ଟିଭ୍ ଓସେନ୍ ସ୍ୱେଲ୍ ବିସ୍ତୃତ ଉପକୂଳ ଅଞ୍ଚଳକୁ ଧ୍ୱଂସ କରିଦେବ ବୋଲି ବିଶ୍ଳେଷକମାନେ ସତର୍କ କରାଇଛନ୍ତି।

### ଫୁର୍‌ସତ

# ରାଗୁଛନ୍ତି ଆମିରଙ୍କ ପ୍ରେମିକା



ବଲିଉଡ ଅଭିନେତା ଆମିର ଖାନଙ୍କ ପ୍ରେମିକା ଗୌରୀ ସ୍ପ୍ରାର୍ଟ ଆଜିକାଲି ବେଶ ଚର୍ଚ୍ଚାରେ ଅଛନ୍ତି। ଯେବେଠୁ ଆମିର ଗୌରୀଙ୍କ ପ୍ରେମରେ ପଡିଲେଣି ସେବେଠୁ ମିଡିଆ ତାଙ୍କ ପିଛା ଛାଡୁନି। ଗୌରୀ ଯୁଆଡେ ଯାଉଛନ୍ତି ଫଟୋଗ୍ରାଫର୍ ବି ତାଙ୍କ ପଛେ ପଛେ ହାଜର। ଏହା ଦେଖି ସେ ରାଗିଯାଉଛନ୍ତି। ନିକଟରେ ମୁମ୍ବାଇର ବାନ୍ଦ୍ରାରେ କାମ ପାଇଁ ବାହାରକୁ ଯାଉଥିବା ସମୟରେ, ଫଟୋଗ୍ରାଫର ତାଙ୍କୁ ଘେରି ରହିଥିଲେ। ଏହା ଦେଖି ସେ ବିରକ୍ତ ହୋଇ ପଛକୁ ହଟିଯିବାକୁ ଅନୁରୋଧ କରିଥିଲେ। ମୋତେ କାହିଁକି ଫଲୋ କରୁଛ, ମୋତେ ଏକୁଟିଆ ଛାଡିଦିଅ ବୋଲି କହିଥିଲେ।

ଯଦିଓ ଆମିର ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରାୟତଃ ସ୍ପଟଲାଇଟ ଠାରୁ ଦୂରରେ ରଖିଛନ୍ତି, ଗୌରୀଙ୍କ ସହିତ ତାଙ୍କ ସମ୍ପର୍କ ପ୍ରାୟତଃ ଧ୍ୟାନ ଆକର୍ଷଣ କରେ। ଆମିର କିଛି ମାସ ପୂର୍ବରୁ ଗୌରୀଙ୍କ ସହ ସମ୍ପର୍କକୁ ସ୍ୱୀକାର କରିଥିଲେ। ହୃଦୟରୁ ଗୌରୀଙ୍କୁ ବିବାହ କରିଛନ୍ତି। ସେ ଏବଂ ମୁଁ ପରସ୍ପର ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଆମେ ସାଥୀ। ଆମେ ଏକାଠି ଅଛୁ। ମୁଁ ତାଙ୍କ ସହିତ ପୂର୍ବରୁ ବିବାହିତ। ତେଣୁ ଆମେ ଏହାକୁ ଆନୁଷ୍ଠାନିକ କରିବୁ କି ନାହିଁ ତାହା ଆଗକୁ ବଢ଼ିବା ସହିତ ନିଷ୍ପତ୍ତି ନେବା। ୬୦ବର୍ଷୀୟ ଆମିର ଏବଂ ୪୬ ବର୍ଷୀୟ ଗୌରୀଙ୍କ ମଧ୍ୟରେ ୧୪ ବର୍ଷର ବୟସ ପାର୍ଥକ୍ୟ ଅଛି। ଗୌରୀଙ୍କୁ ଡେଟ କରିବା ପୂର୍ବରୁ, ଆମିର ୨୦୦୫ ରୁ ୨୦୨୧ ପର୍ଯ୍ୟନ୍ତ ଚଳଚ୍ଚିତ୍ର ନିର୍ମାତା କିରଣ ରାଓଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ଏକ ପୁଅ ଅଛି ଏବଂ ୧୬ ବର୍ଷ ବିବାହ ପରେ ୨୦୨୧ରେ ସେମାନଙ୍କର ଛାଡପତ୍ର ଘୋଷଣା କରିଥିଲେ। ଆମିର ପୂର୍ବରୁ ୧୯୮୬ ରୁ ୨୦୦୨ ପର୍ଯ୍ୟନ୍ତ ରୀନା ଦତ୍ତାଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କ ଦୁଇଟି ସନ୍ତାନ ଜୁନୈଦ ଖାନ ଏବଂ ଇରା ଖାନ ଅଛନ୍ତି। ୨୦୦୨ରେ ସେମାନଙ୍କର ଛାଡପତ୍ର ହୋଇଥିଲା।

# ସ୍ପେନରେ ବିଶ୍ୱର ପ୍ରଥମ ଧଳା ଜଙ୍ଗଲୀ ବିରାଡ଼ି

**ମାଡ୍ରିଡ୍:** ବିଶ୍ୱରେ ପ୍ରଥମ ଥର ପାଇଁ ଏକ ଧଳା ଜଙ୍ଗଲୀ ବିଲେଇ (ଲିବେରିଆନ ଲିଙ୍କ୍ସ)ସ୍ପେନ୍‌ର ଦକ୍ଷିଣାଞ୍ଚଳସ୍ଥିତ ଜାଏନ ପାହାଡ଼ରେ ଦେଖିବାକୁ ମିଳିଛି। ବିଲୁପ୍ତପ୍ରାୟ ଏହି ବନ୍ୟ ବିରାଡିର ଏପରି ଦୁର୍ଲଭ ରୂପ ସଂରକ୍ଷଣ ପ୍ରୟାସର ଏକ ବଡ଼ ସଫଳତା ଭାବେ ପାଳନ କରାଯାଉଛି। ସ୍ପେନୀୟ ବନ୍ୟଜନ୍ତୁ ଫଟୋଗ୍ରାଫର ଆଞ୍ଜେଲ ହିଡାଲଗୋଙ୍କ ଦ୍ୱାରା ଉତ୍ତୋଳିତ ଏକ ଭିଡିଓରେ ଏହି 'ଲିଙ୍କ୍ସ'ର ଶରୀରରେ ଏକ ଅସାମାନ୍ୟ ଧଳା, କ୍ରିମ ରଙ୍ଗର ପଟା ପଟା ଦାଗ ରହିଥିବା ଦେଖାଯାଇଛି। ତେବେ ଏହାର ତୀକ୍ଷ୍ଣ ଆଖି, କାନରେ ଥିବା କଳା ଝୁମ୍ପା ଏବଂ ମୁହଁର ସ୍ୱାଭାବିକ ଆକୃତି ଅକ୍ଷୁର୍ଣ୍ଣ ରହିଛି।

ବିଶେଷଜ୍ଞଙ୍କ ମତରେ, ଲିଙ୍କ୍ସଟି ଲ୍ୟୁସିଜିମ ନାମକ ଏକ ଦୁର୍ଲଭ ଜେନେଟିକ ସମସ୍ୟାର ଶିକାର, ଯାହା ଶରୀରର କିଛି ଅଂଶରେ ରଙ୍ଗ କ୍ଷୟ ହେବା ଯୋଗୁଁ ହୋଇଥାଏ। ତେବେ ଏହା ଆଲବିନିଜିମ ଠାରୁ ଭିନ୍ନ, କାରଣ ଲ୍ୟୁସିଜିମ ଆଖିର ସ୍ୱାଭାବିକ ରଙ୍ଗ ଏବଂ ସମଗ୍ର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ। ଏହି ଦୁର୍ଲଭ ପ୍ରାଣୀକୁ ସୁରକ୍ଷା ଦେବା ପାଇଁ ଏହାର ନିର୍ଦ୍ଦିଷ୍ଟ ଅବସ୍ଥାନକୁ ଗୋପନୀୟ ରଖାଯାଇଛି।



ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
**ନୂଆଦିଲ୍ଲୀ/ବ୍ୟାଙ୍କକ୍,୩୦।୧୦**

ମ୍ୟାନ୍‌ମାର ସ୍କାମ୍ ସେଣ୍ଟରଗୁଡ଼ିକରେ ଚଢ଼ାଉ ପରେ ସେଠାରୁ ଥାଇଲାଣ୍ଡକୁ ପଳାୟନ କରିଥିବା ପ୍ରାୟ ୫୦୦ ଭାରତୀୟଙ୍କୁ ସ୍ୱଦେଶକୁ ଫେରାଇ ଅଣାଯିବ। ଏନେଇ କେନ୍ଦ୍ର ସରକାର ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଥିବା ସୂତ୍ରରୁ ଜଣାପଡ଼ିଛି। ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ପ୍ରତ୍ୟର୍ପିତ ହେବାକୁ ଥିବା ଭାରତୀୟମାନଙ୍କୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ବିମାନ ପଠାଯିବ। ଏହି ଭାରତୀୟମାନେ ପଶ୍ଚିମ ଥାଇଲାଣ୍ଡର ସୀମାନ୍ତ ମାଓ ସୋଟ୍ ସହରରେ ଅଟକ ଥିବା ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ କହିଛନ୍ତି।

## କଶ୍ମୀରରେ ବାଦଲଫଟା ବର୍ଷା: ଏବେ ବି ୩୧ ନିଖୋଜ

**ଶ୍ରୀନଗର,୩୦।୧୦**

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଚେସୋଟି ଗ୍ରାମରେ ଅଗଷ୍ଟ ୧୪ରେ ପ୍ରଳୟଙ୍କରୀ ବାଦଲଫଟା ବର୍ଷାରେ ଏବେ ବି ୩୧ ଜଣ ନିଖୋଜ ଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁ ହଠାତ୍ ବନ୍ୟା ସହ ମାଟିକାଦୁଅ ମାଡ଼ିଆସି ୧୯ଟି ବିଲ୍ଡିଂ ଓ କେତେକ ଗାଡ଼ିକୁ ଭସାଇ ନେଇଥିଲା। ସେନା ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ନିୟନ୍ତ୍ରିତ ବିସ୍ଫୋରଣ ଜରିଆରେ ଭଗ୍ନାବଶେଷକୁ ହଟାଇ ମୃତଦେହ ଖୋଜିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୩୧ ଜଣଙ୍କ ପତ୍ତା ମିଳିନାହିଁ। ୬୩ ମୃତ ଦେହ ଚିହ୍ନଟ ହୋଇଥିବାବେଳେ ଅନ୍ୟ ୩ଟିକୁ ଚିହ୍ନଟ କରାଯାଇ ପାରି ନ ଥିବା ଜମ୍ମୁ-କଶ୍ମୀର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିଛନ୍ତି।

## ନିର୍ମାଣାଧୀନ ରେଳ ବ୍ରିଜ୍‌ରେ କ୍ରେନ୍ ଖସି ୨ ମୃତ

**ଭୋପାଳ,୩୦।୧୦**

ମଧ୍ୟପ୍ରଦେଶର ଧର୍ ଜିଲାରେ ଗୁରୁବାର ସକାଳେ ରେଲ୍‌ୱେ ବ୍ରିଜ ନିର୍ମାଣରେ ନିୟୋଜିତ ଥିବା ଏକ କ୍ରେନ ଏକ ଟ୍ରକ୍ ଉପରେ ଖସିପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଏହା ତଳେ ଚାପି ହୋଇ ରହିଯାଇଥିବା ଆଶଙ୍କା କରାଯାଉଛି। ପିଥମପୁର ଶିଳ୍ପାଞ୍ଚଳ ସହରର ସାଗୌର ଅଞ୍ଚଳରେ ଏହି ଘଟଣା ଘଟିଛି। ୧୬ ଟନ୍‌ର ଏକ ସ୍ଲାବ୍ ଉପରେ କ୍ରେନ୍‌ଟି ରହିଥିବା ବେଳେ ହଠାତ୍ ଓଲଟି ପଡ଼ି ସେହି ବାଟ ଦେଇ ଯାଉଥିବା ଏକ ପିକ୍‌ଅପ୍ ଟ୍ରକ୍ ଉପରେ ଖସିପଡ଼ିଥିଲା ବୋଲି ଏସ୍‌ପି ମୟଙ୍କ ଅୱସ୍ତି କହିଛନ୍ତି। ନିର୍ମାଣ କାର୍ଯ୍ୟ ପୂର୍ବରୁ ଉପଯୁକ୍ତ ସର୍ଭିସ ରୋଡ ପ୍ରସ୍ତୁତ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ଦୁର୍ଘଟଣା ପାଇଁ ରେଲ୍‌ୱେ ଏବଂ ଠିକାଦାରଙ୍କୁ ଦାୟୀ କରିଛନ୍ତି।

### ଫୁର୍‌ସତ

## ରାଗୁଛନ୍ତି ଆମିରଙ୍କ ପ୍ରେମିକା



ବଲିଉଡ ଅଭିନେତା ଆମିର ଖାନଙ୍କ ପ୍ରେମିକା ଗୌରୀ ସ୍ପ୍ରାର୍ଟ ଆଜିକାଲି ବେଶ ଚର୍ଚ୍ଚାରେ ଅଛନ୍ତି। ଯେବେଠୁ ଆମିର ଗୌରୀଙ୍କ ପ୍ରେମରେ ପଡିଲେଣି ସେବେଠୁ ମିଡିଆ ତାଙ୍କ ପିଛା ଛାଡୁନି। ଗୌରୀ ଯୁଆଡେ ଯାଉଛନ୍ତି ଫଟୋଗ୍ରାଫର୍ ବି ତାଙ୍କ ପଛେ ପଛେ ହାଜର। ଏହା ଦେଖି ସେ ରାଗିଯାଉଛନ୍ତି। ନିକଟରେ ମୁମ୍ବାଇର ବାନ୍ଦ୍ରାରେ କାମ ପାଇଁ ବାହାରକୁ ଯାଉଥିବା ସମୟରେ, ଫଟୋଗ୍ରାଫର ତାଙ୍କୁ ଘେରି ରହିଥିଲେ। ଏହା ଦେଖି ସେ ବିରକ୍ତ ହୋଇ ପଛକୁ ହଟିଯିବାକୁ ଅନୁରୋଧ କରିଥିଲେ। ମୋତେ କାହିଁକି ଫଲୋ କରୁଛ, ମୋତେ ଏକୁଟିଆ ଛାଡିଦିଅ ବୋଲି କହିଥିଲେ। ଯଦିଓ ଆମିର ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରାୟତଃ ସ୍ପଟଲାଇଟ ଠାରୁ ଦୂରରେ ରଖିଛନ୍ତି, ଗୌରୀଙ୍କ ସହିତ ତାଙ୍କ ସମ୍ପର୍କ ପ୍ରାୟତଃ ଧ୍ୟାନ ଆକର୍ଷଣ କରେ। ଆମିର କିଛି ମାସ ପୂର୍ବରୁ ଗୌରୀଙ୍କ ସହ ସମ୍ପର୍କକୁ ସେ ସ୍ୱୀକାର କରିଥିଲେ। ହୃଦୟରୁ ଗୌରୀଙ୍କୁ ବିବାହ କରିଛନ୍ତି। ସେ ଏବଂ ମୁଁ ପରସ୍ପର ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଆମେ ସାଥୀ। ଆମେ ଏକାଠି ଅଛୁ। ତେଣୁ ଆମେ ଏହାକୁ ଆନୁଷ୍ଠାନିକ କରିବୁ କି ନାହିଁ ତାହା ଆଗକୁ ବଢ଼ିବା ସହିତ ନିଷ୍ପତ୍ତି ନେବି। ୬୦ବର୍ଷୀୟ ଆମିର ଏବଂ ୪୬ ବର୍ଷୀୟ ଗୌରୀଙ୍କ ମଧ୍ୟରେ ୧୪ ବର୍ଷର ବୟସ ପାର୍ଥକ୍ୟ ଅଛି। ଏହା ପୂର୍ବରୁ ଆମିର କିରଣ ରାଓ ଏବଂ ରୀନା ଦତ୍ତାଙ୍କୁ ବିବାହ କରିଥିଲେ।

## ସ୍ପେନରେ ବିଶ୍ୱର ପ୍ରଥମ ଧଳା ଜଙ୍ଗଲୀ ବିରାଡ଼ି



**ମାଡ୍ରିଡ୍:** ବିଶ୍ୱରେ ପ୍ରଥମ ଥର ପାଇଁ ଏକ ଧଳା ଜଙ୍ଗଲୀ ବିଲେଇ (ଲିବେରିଆନ ଲିଙ୍କ୍ସ)ସ୍ପେନ୍‌ର ଦକ୍ଷିଣାଞ୍ଚଳସ୍ଥିତ ଜାଏନ ପାହାଡ଼ରେ ଦେଖିବାକୁ ମିଳିଛି। ବିଲୁପ୍ତପ୍ରାୟ ଏହି ବନ୍ୟ ବିରାଡିର ଏପରି ଦୁର୍ଲଭ ରୂପ ସଂରକ୍ଷଣ ପ୍ରୟାସର ଏକ ବଡ଼ ସଫଳତା ଭାବେ ପାଳନ କରାଯାଉଛି। ସ୍ପେନୀୟ ବନ୍ୟଜନ୍ତୁ ଫଟୋଗ୍ରାଫର ଆଞ୍ଜେଲ ହିଡାଲଗୋଙ୍କ ଦ୍ୱାରା ଉତ୍ତୋଳିତ ଏକ ଭିଡିଓରେ ଏହି 'ଲିଙ୍କ୍ସ'ର ଶରୀରରେ ଏକ ଅସାମାନ୍ୟ ଧଳା, କ୍ରିମ ରଙ୍ଗର ପଟା ପଟା ଦାଗ ରହିଥିବା ଦେଖାଯାଇଛି। ତେବେ ଏହାର ତୀକ୍ଷ୍ଣ ଆଖି, କାନରେ ଥିବା କଳା ଝୁମ୍ପା ଏବଂ ମୁହଁର ସ୍ୱାଭାବିକ ଆକୃତି ଅକ୍ଷୁର୍ଣ୍ଣ ରହିଛି। ବିଶେଷଜ୍ଞଙ୍କ ମତରେ, ଲିଙ୍କ୍ସଟି ଲ୍ୟୁସିଜିମ ନାମକ ଏକ ଦୁର୍ଲଭ ଜେନେଟିକ ସମସ୍ୟାର ଶିକାର, ଯାହା ଶରୀରର କିଛି ଅଂଶରେ ରଙ୍ଗ କ୍ଷୟ ହେବା ଯୋଗୁଁ ହୋଇଥାଏ। ତେବେ ଏହା ଆଲବିନିଜିମ ଠାରୁ ଭିନ୍ନ, କାରଣ ଲ୍ୟୁସିଜିମ ଆଖିର ସ୍ୱାଭାବିକ ରଙ୍ଗ ଏବଂ ସମଗ୍ର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ନାହିଁ। ଏହି ଦୁର୍ଲଭ ପ୍ରାଣୀକୁ ସୁରକ୍ଷା ଦେବା ପାଇଁ ଏହାର ନିର୍ଦ୍ଦିଷ୍ଟ ଅବସ୍ଥାନକୁ ଗୋପନୀୟ ରଖାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGARH
Email: rw_dharmagarh@yahoo.com
BID IDENTIFICATION NO.DMGH/Online-08 OF 2025-26, Dates: 24.10.2025
"e" PROCUREMENT NOTICE
No.O-1139: Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
1. Name of the Work : Road Works in the district of Kalahandi as mentioned in DTCN
2. Total No. of Works : 35 Nos.
3. Estimated Cost: Rs.12.71 lakhs to Rs.46.61 Lakhs
4. Period of Completion: 01 & 02 Calendar Month.
5. Other details:

| Availability of Tender online for bidding | | Last date & time seeking tender clarification | Date & Time of Opening of tender |
|---|---|---|---|
| From | To | | |
| 30.10.2025 At 10.00 AM | 10.11.2025 Upto 5.00 PM | 07.11.2025 Upto 5.00 PM | 11.11.2025 At 11.00 AM |

Further details can be seen from the website www.tendersorissa.gov.in.
Sd./- Superintending Engineer
Rural Works Division, Dharmagarh
OIPR-25100/11/0033/2526

GOVERNMENT OF ODISHA
OFFICE OF THE DIVISIONAL FOREST OFFICER
BAMRA WILDLIFE DIVISION, BAMRA, SAMBALPUR
At/P.O.: Bamra, Dist.: Sambalpur, E-mail: dfobmbwl004@gmail.com
BID IDENTIFICATION No. 1F-BMB/04/ Dt.28.10.2025 (Online)/2025-26
No. MM-254
E-Procurement Notice
No. 181 Dated: 28.10.2025

| | | | |
|---|---|---|---|
| | The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate Bids in Single Cover System in ONLINE Mode. | | |
| 1. | No. of work (Project) | : | 3 (Three) Nos. |
| 2. | Estimated Cost | : | Rs.13,35,935/- to 25,21,058/- (Excluding 18% GST) |
| 3. | Tender Cost | : | Rs.6,000/- for each project |
| 4. | Class of Contractor | : | "D", "C" & "B" Class Contractors |
| 5. | Period of Completion | : | 03 (Three) Calendar Months (90 days) |
| 6. | Availability of bid document in the website | : | 18.00 hours of 30.10.2025 to 17.00 hours of 10.11.2025 |
| 7. | Date of Opening of Tenders | : | 11.30 hours on Dt.11.11.2025 |
| 8. | The bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only. | | |

Sd./- Divisional Forest Officer
Bamra Wildlife Division
OIPR-08144/11/0009/2526

OFFICE OF THE
CHIEF DISTRICT MEDICAL & PUBLIC HEALTH OFFICER, PURI
NO. E-473
Grand Road, Medical Square, Puri, PIN No. - 752002
Phone No.: 06752-222124(O) & 232294 (C.S.) E Mail: cdspuri@gmail.com
Expression of Interest Notice
For Supply of Drugs & Medical Consumables on Discount Basis
No. 4819 Sub Store Puri Dated: 27.10.2025

| | | |
|---|---|---|
| Date of Publication of Bid document in website | : | Dt.28.10.2025 from 11.00 A.M. |
| Last date & time of receipt of bid documents | : | Dt.11.11.25 upto 11.00 A.M. |
| Date & time of opening of Tender (Cover-A) | : | Dt.11.11.25 at 12.00 Noon |
| Venue | : | Officer Chamber of CDM & PHO, Puri |

"For details regarding this tender call notice please visit the website www.puri.nic.in or contact office of the undersigned during the office hour in all working days".
Sd./- Chief District Medical & Public Health Officer, Puri
OIPR-10021/11/0025/2526

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, KANDHAMAL
No.A-795
e-Procurement Notice
Bid Identification No.-08/2025-26
Letter No. 2437 Date : 25.10.2025

| | |
|---|---|
| Name of work | Improvement to M.I. Projects under Critical Grant and DPIW scheme for 2025-26. |
| No. Works | 10 (ten) Nos. |
| Estimated Cost | from Rs.8.11 lakh to Rs.24.52 lakh Approximately |
| Tender paper cost | Rs.4000 & Rs.6000.00 (Non-refundable) |
| Period of Completion | 90 (ninety days) only. |
| Availability of Bid documents | From 10.00 A.M. of 01.11.2025 to 17.30 hrs of 10.11.2025 in website (www.tendersodisha.gov.in) |
| Time of receipt of bid through on line | From 10.00 A.M. of 01.11.2025 to 17.30 hrs of 10.11.2025 through online |
| Date of opening of bid documents | At 11.00 hrs of 11.11.2025 in the O/o S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |
| The detail tender call notice can also be seen in the DOWR website http/dowrorissa.gov.in | |
| Name & Address of the OIT | Superintending Engineer, M.I. Division, Kandhamal, Phulbani, At/PO : Phulbani. PS : Phulbani Town, Dist. : Kandhamal, E-mail : kmidplb@gmail.com |
| Further details can be seen from the e-Procurement market place http//www.tendersodisha.gov.in | |

Sd./- (Er.Surjya Narayana Panigrahi)
Superintending Engineer
M.I.Division, Kandhamal
OIPR-32040/11/0013/2526

ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 P.M.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

**ପ୍ରଥମ ପୃଷ୍ଠାରୁ...**

## ଷ୍ଟୁଡିଓରେ ୧୭ ପିଲା...

ଅର୍ଥ ପଇଠ କରାଯାଇ ନ ଥିବା ସେ ଅଭିଯୋଗ ଆଣିଥିଲେ। ଏହି ସାନିଟେସନ୍ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୨ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ୨୦୨୪ ଜାନୁଆରୀରେ ମହାରାଷ୍ଟ୍ରର ତତ୍କାଳୀନ ଶିକ୍ଷାମନ୍ତ୍ରୀ ଦୀପକ କେସର୍କାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ ଅର୍ଥ ମିଳି ନ ଥିବା ଦର୍ଶାଇ ରୋହିତ ସେହିବର୍ଷ ୨ ଥର ଅନଶନ କରିଥିଲେ। ଇତିମଧ୍ୟରେ ଯୁଗ୍ମ ପୋଲିସ କମିଶନର (ଆଇନଶୃଙ୍ଖଳା) ସତ୍ୟନାରାୟଣ କହିଛନ୍ତି, ସବୁ ପିଲାଙ୍କୁ ସୁରକ୍ଷିତ ଉଦ୍ଧାର କରି ସେମାନଙ୍କ ମା'ବାପାଙ୍କୁ ହସ୍ତାନ୍ତର କରାଯାଇଛି। ଏହାସହ ଜଣେ ବରିଷ୍ଠ ନାଗରିକ ଓ ଅନ୍ୟ ଜଣଙ୍କୁ ମଧ୍ୟ ମୁକ୍ତ କରାଯାଇଛି। ରୋହିତ ଜଣେ ମାନସିକ ରୋଗୀ ହୋଇଥିବା ସନ୍ଦେହ କରାଯାଉଛି। ତାଙ୍କ ନିକଟରୁ ଏୟାରଗନ୍ ଓ କିଛି ରାସାୟନିକ ପଦାର୍ଥ ଜବତ କରାଯାଇଛି। ଏହା ଏକ ଆହ୍ୱାନପୂର୍ଣ୍ଣ ଅପରେଶନ୍ ଥିଲା। ଅଧିକ ତଦନ୍ତ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ଦାଦନ: ସମସ୍ୟା ନୁହେଁ...

ଓଡ଼ିଶାରେ ମୁଣ୍ଡଟେକି ଆଜି ଏକ ବଡ ଦ୍ରୁମରେ ପରିଣତ ହୋଇଛି। ତେଣୁ ଆଉ ଆଶା ନାହିଁ, ନିଜ ଭାଗ୍ୟକୁ ଆଦରି ଆମେ ସେମିତି ଚାଲିବୁ ବୋଲି ଶବର କହିଛନ୍ତି।

କୋମନା ବ୍ଲକର କୁରୁମପୁରୀରେ ମଧ୍ୟ ସେହି ସମାନ ଅବସ୍ଥା। ଗ୍ରାମର ପ୍ରତି ୱାର୍ଡରୁ ପ୍ରାୟ ୪୦ରୁ ୫୦ ଜଣ ଲେଖାଏ ଦାଦନ ଯାଉଛନ୍ତି। ନିଜ ଅଞ୍ଚଳରେ କାମ ମିଳୁ ନ ଥିବାରୁ ବାହାର ରାଜ୍ୟକୁ ଦାଦନ ଯାଉଥିବା ସେଠାକାର କେତେଜଣ ବ୍ୟକ୍ତି ପ୍ରକାଶ କରିଛନ୍ତି। ସେହିପରି ମାନିଗୋଡ଼ ପଞ୍ଚାୟତର ଗନିଆରୀ ଗ୍ରାମର ରାକେଶ ଅହିର କହନ୍ତି, ଆମ ଅଞ୍ଚଳରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି। ସେମାନେ ଧାନଚାଷ ସହିତ କପା ଓ ମକାଚାଷ ମଧ୍ୟ କରିଥାନ୍ତି। ମାତ୍ର ଅଧିକାଂଶ ନାମମାତ୍ର ଚାଷୀ ହୋଇଥିବାରୁ ଅଭାବ ଲାଗି ରହିଥାଏ। ଘରର ଆର୍ଥିକ ସମସ୍ୟାର ସୁଧାର ଆଣିବାକୁ ଘର ଛାଡ଼ି ଦାଦନ ଯିବାକୁ ବାଧ୍ୟ ହେଉଥିବା କହିଛନ୍ତି। ସେହିପରି ପଲସିପାଣି ପଞ୍ଚାୟତର ବାଞ୍ଜିବାହାଲ ଗ୍ରାମର ଗୌରାଙ୍ଗ ଖରସେଲ କହିଛନ୍ତି, ସେମାନଙ୍କ ଅଞ୍ଚଳର ପିଲାମାନେ ପରିବାର ପ୍ରତିପୋଷଣ ପାଇଁ ମାଟ୍ରିକ କିମ୍ବା ଯୁକ୍ତ୨ ପାଠପଢ଼ା ପରେ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। କୋନାବିରା ପଞ୍ଚାୟତ ପାଣ୍ଡେଲାହାଲି ଗ୍ରାମର ଡିଲେଶ ପଟେଲ ଓ ବହଲମୁଣ୍ଡା ଗ୍ରାମର ପ୍ରିତେଶ ହୋତା ନାମକ ଯୁକ୍ତ୨ ଛାତ୍ର ଆମ ସହିତ କଥାହେବାବେଳେ ପିଲାମାନେ ଦାଦନ ଯାଇ ସେଠାରେ ରୋଜଗାର କରି ନିଶା ଅଭ୍ୟାସ ମଧ୍ୟ କରିଦେଉଥିବା କହିଛନ୍ତି। ଫଳରେ ସେମାନେ ଘରକୁ ଆସିଲେ ଅଞ୍ଚଳରେ ଅନେକ ସମୟରେ ଚୋରି, ଡକାୟତି ଭଳି ଅସାମାଜିକ କାମରେ ମଧ୍ୟ ଲିପ୍ତ ରହୁଛନ୍ତି। ଏଭଳିସ୍ଥଳେ ଦାଦନ ସମସ୍ୟା ସମାଧାନ ପାଇଁ କେହି ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁଃଖଦ ବୋଲି ସେମାନେ କହିଛନ୍ତି।

କିଛିଦିନ ତଳେ ଜିଲାରୁ ଦାଦନ ଶ୍ରମିକ ସଂଖ୍ୟା ଦେବାଲାଗି ସ୍ଥାନୀୟ ପ୍ରଶାସନର କେତେଜଣ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲୁ। ହେଲେ ସେହି ଅଧିକାରୀମାନେ ନିର୍ବାଚନରେ ବ୍ୟସ୍ତ ଅଛନ୍ତି, ସନ୍ଧ୍ୟାରେ ତଥ୍ୟ ଦେବେ ବୋଲି କହିଥିଲେ। ପୁଣିଥରେ ସନ୍ଧ୍ୟାରେ ଉକ୍ତ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରାଯିବା ପରେ ସେମାନେ ଏଭଳି ବ୍ୟସ୍ତ ଥିବାର ନାଟକ ରଚିଥିଲେ ଯେ, ସେଥିରୁ ତଥ୍ୟ ନ ଦେବାକୁ ସେମାନେ ଚାହୁଁଥିବା ବୁଝାପଡୁଥିଲା। ଅନେକ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଦାଦନ ଶ୍ରମିକଙ୍କ ସଂଖ୍ୟା ଭୁଲ ଦିଆଯାଉଥିବା ବିଷୟ ଏବେ ଆମେ ତୃଣମୂଳ ସ୍ତରକୁ ଯିବାପରେ ଅନୁଭବ କରିପାରୁଛୁ। ବୁଧବାର ଦ୍ୱିପ୍ରହର ସମୟରେ କଂଗ୍ରେସ ଦାଦନ ସମସ୍ୟା ନେଇ ଏକ ଖବରଦାତା ସମ୍ମିଳନୀ କରିଥିଲା। ଜିଲାର ଦାଦନ ଶ୍ରମିକଙ୍କ ସଂଖ୍ୟା ବଢୁଥିବା କହି ବର୍ତ୍ତମାନ ସରକାର ଉପରକୁ ଅଙ୍ଗୁଳି ଉଠାଇଥିଲା। ହେଲେ ଉକ୍ତ ଖବରଦାତା ସମ୍ମିଳନୀରୁ ଏହା ବୁଝାପଡ଼ି ନ ଥିଲା ଯେ, ନୂଆପଡା ଉପନିର୍ବାଚନରେ ଯଦି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ବିଜୟୀ ହୁଅନ୍ତି, ତେବେ ଦାଦନ ସମସ୍ୟା କିପରି ଦୂର ହୋଇପାରିବ। ରାଜନୀତି ସହ ସଂଶ୍ଳିଷ୍ଟ ଥିବା କୋମନା ବ୍ଲକର ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ଏବେ ଏଠାରେ ପହଞ୍ଚି ସାରିଛନ୍ତି। ଆଗକୁ ୯ ତାରିଖ ଯାଏ ସେମାନେ ଡେରା ପକାଇ ରହିବେ। ଦେଖିବାର ଅଛି ଦାଦନ ସମସ୍ୟା ଦୂର କରିବା ନେଇ ସେମାନଙ୍କ ଆନ୍ତରିକତା କେତେ ରହିଛି।

ଜିଲାର ଦାଦନ ଶ୍ରମିକଙ୍କ ସଂଖ୍ୟା ଏବଂ ଏହାର ପ୍ରତିକାର ନେଇ ଜିଲା ପ୍ରଶାସନ ପକ୍ଷରୁ କି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାରେ ଜଣେ ହେଲେ ଦାଦନ ଶ୍ରମିକଙ୍କ ପଞ୍ଜୀକରଣ ହୋଇନାହିଁ। ଗତ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ୯୨ ଜଣ ଦାଦନ ସର୍ଦ୍ଦାର ପଞ୍ଜୀକରଣ କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଓ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଦନ ପଞ୍ଜୀକରଣର ବ୍ୟବସ୍ଥା ହୋଇଛି। ହେଲେ ଏଠାରେ ଶିକ୍ଷାର ଅଭାବରୁ ଶ୍ରମିକମାନେ ପଞ୍ଜୀକରଣ କରିପାରୁନାହାନ୍ତି ବୋଲି ସାହୁ କହିଛନ୍ତି। ଅର୍ଥାତ୍ ଜିଲା ଶ୍ରମ ଅଧିକାରୀଙ୍କ ଗୋଟିଏ କଥା ସ୍ପଷ୍ଟ କରୁଛି, ଦାଦନ ଖଟିବାକୁ ଯାଉଥିବା ବହୁଶ୍ରମିକ ପଞ୍ଜୀକରଣ କରିପାରୁ ନ ଥିବା ଜିଲା ପ୍ରଶାସନକୁ ଜଣାଅଛି। ହେଲେ ସେମାନେ କିପରି ପଞ୍ଜୀକରଣ କରିବେ ସେକଥା କୁହା ନ ଯାଇ, ଜାଣିଶୁଣି ଦାଦନ ଶ୍ରମିକଙ୍କ ତଥ୍ୟ ରଖାଯାଉ ନାହିଁ।

## ନଭେମ୍ବର ପହିଲାରୁ...

ଅନ୍‌ଲାଇନରେ ସ୍ଲଟ ବୁକ୍ କରି ତହସିଲ ଅଫିସରେ ଜମି ପଞ୍ଜୀକରଣ କରିହେବ। ତେବେ ନଭେମ୍ବର ପହିଲାରୁ ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଅଫିସରେ ଜମି କିଣାବିକା ଆରମ୍ଭ ହେବାକୁ ରହିଛି। ଏହାପରେ ବାକି ୨୭୩ ତହସିଲ ସହିତ ଡିସେମ୍ବର ସୁଦ୍ଧା ସମସ୍ତ ତହସିଲରେ ଏହି ସେବା ଆରମ୍ଭ ହେବ। ଏନେଇ ଖୁବଶୀଘ୍ର ବିଭାଗ ପକ୍ଷରୁ ସବୁ ତହସିଲକୁ ନିର୍ଦ୍ଦେଶନାମା ଜାରି ହେବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ଓଡ଼ିଶାରେ ହେବ ୯୨...

ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡ଼କ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D–06

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/– ପ୍ଲଟ୍ ବିକ୍ରିହେବ– 9776974912. D–05

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D–2364




Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open Jyoti spa positively health benefits (Expert therapist). 8458067955. D-76942

Full body massage by odia therapist in homely atmosphere. 9078618337. D-2417

**LOST**

By virtue of an affidavit sworn before the Executive Magistrate, Khariar, I, Debasish Chinmaya Nag, S/o.- Jyoti Charan Nag, Resident of At- Ward No.- 01, Missionpada, P.O.- Khariar, Dist.- Nuapada, PIN- 766107, Odisha state that I have lost my Bachelor of Pharmacy Certificate, Pharmacy licence, 10th Board Certificate, +2 Marksheet with other relevant Certificates theft during travelling in train. D-2432

Vivek Patra, BPUT Regd. No.- 1221211047 of OEC, has been lost B.Tech degree certificate. If anybody found please call me 8658725282. D-2431

**AFFIDAVIT**

By virtue of an affidavit sworn before the Executive Magistrate, Kuchinda, date- 19.09.24, I, Bhikshu Damodar Patel, R/o. Village/P.O.- Salebhadi, P.S.-Mahulpali, Dist.-Sambalpur declare that in S.B.I, Jarda Branch Savings account my name has been mentioned as Bhikhuram Patel. Now I want to change my name from Bhikhuram Patel to Bhikshu Damodar Patel for my all purposes.
Bhikshu Damodar Patel D-2423

I, S Pravalika, D/o.- Sirigudi Balaji, Residing At- Beherensilet, P.O.- Chatuanka, P.S.- Kantabanji, Dist.- Balangir, Odisha have changed my name to Sirigudi Pravalika vide affidavit dated- 27.10.2025 at Kantabanji. D-2426

By virtue of an affidavit sworn before Executive Magistrate of Athagarh dated 30.10.2025, I, Ajaya Kumar Patra. At/P.O.- Megha, P.S.- Athagarh, Dist.- Cuttack declare that I have changed the name of my daughter from Sai Ayusurya Priyadarshini Patra to Sai Aisurya Priyadarshini. Henceforth, She shall be known as Sai Aisurya Priyadarshini for all purposes.
Ajaya kumar patra
Applicant D-2424

By virtue of an affidavit sworn before Executive Magistrate, Erasama, dated- 16.10.2025, I, Sobharani Dei (old name) wife of Raghunath swain, Permanent Resident At- Srichandanpur, Post- Pokhariapada, P.S.- Erasama, Dist.- Jagatsinghpur, PIN- 754138 I have changed my surname DEI to SWAIN. I shall be known as Sobharani Swain for all future proposes. D-2427

By virtue of an affidavit sworn before Notary Public, Jatani, vide No -2877, dated- 15.10.2025, I, Sheetal Agrawalla, W/o.- Rahul Kumar Agrawalla, Address At- Ramchandrapur Bazar, P.O./P.S.- Jatani, Dist.- Khordha, PIN- 752050, Odisha declare that I have changed my name from Sheetal Kedia to Sheetal Agrawalla. Now onwards I shall be known as Sheetal Agrawalla for all future purposes. D-2428

ମୁଁ ସମୀର ରଂଜନ ପାଢ଼ୀ, ବୟସ– ୪୪ ବର୍ଷ, ସା– ଖଣ୍ଡିଆବନ୍ଧ, ପୋଷ୍ଟ– ଗୋପୀନାଥପୁର, ପୁରୀ, ଏତଦ୍ୱାରା ସର୍ବସାଧାରଣରେ ସତ୍ୟପାଠ କରି ଜଣାଉଅଛି କି ମୋତେ ଜନ୍ମରୁ ଲାଳନ ପାଳନ କରିଥିଲେ ମୋର ପାଳିତ ବାପା ସହଦେବ ସାମର୍ଥା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋର ନାମରେ କୌଣସି ପୁଅପତ୍ର ଦଲିଲ କିମ୍ବା ଜମିଜମା ସମ୍ବନ୍ଧୀୟ ସରକାରୀ ପ୍ରମାଣପତ୍ର କରିନାହାନ୍ତି। ତେଣୁ କୋର୍ଟ ସତ୍ୟପାଠ ମୁତାବକ ଆଜିଠାରୁ ମୋର ନାମ ସମୀର ରଂଜନ ସାମର୍ଥା ପରିବର୍ତ୍ତେ ସମୀର ରଂଜନ ପାଢ଼ୀ ଏବଂ ପିତାଙ୍କ ନାମ ସହଦେବ ସାମର୍ଥା ପରିବର୍ତ୍ତେ ନକୁଳ ପାଢ଼ୀ ରହିବା ପାଇଁ ସତ୍ୟପାଠ ମାଧ୍ୟମରେ ଜଣାଉଛି। ଧ–୨୪୩୦

By virtue of an affidavit sworn before the Notary, Birmaharajpur, date- 30.10.25, I, Bikash Mishra, R/o. Village- Nuapada, P.O./P.S.- Subalaya, Dist.- Subarnapur declare that I have changed the name of my daughter from Mamisha Mishra to Manisha Mishra. Henceforth, she shall be known as Manisha Mishra for all purposes.
Bikash Mishra D-2425

Affidavit before Executive Magistrate, Khallikote, No.- A/3785, 24.10.2025, I, Trilochan Pradhan (Old name), S/o.- Chaitanya Pradhan, Vill./P.O.- Langaleswar, P.S.- Khallikote, Ganjam I change my name Trilochan Pradhan to Trilochana Pradhan. Henceforth, I shall be known as Trilochana Pradhan for all future purpose. D-2429

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

# ମନେ ପଡ଼ନ୍ତି

**୨୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି**
ବରୁଣେଇସାହି, ଖୋର୍ଦ୍ଧା
ତିରୋଧାନ: ଅଁଳା ନବମୀ– ୨୦୦୨
ବାପା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ଆପଣଙ୍କର ପିଲାମାନେ
ଧ–୨୩୩୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ ତଟିନୀ ଦାସ**
(ପୂର୍ବତନ ଅଧ୍ୟକ୍ଷା ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ), ଭୁବନେଶ୍ୱର
ଆବିର୍ଭାବ : ୧୩.୦୩.୧୯୫୬
ତିରୋଧାନ : ୧୧.୧୧.୨୦୨୪
ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମରଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଧ–୨୪୩୩



**ସ୍ୱର୍ଗତା ସ୍ୱପ୍ନାରାଣୀ ବିଶ୍ୱାଳ**
ଠିକଣା - ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା
ଅଁଳା ନବମୀ (୨୦୨୫)
ତୁମେ ଆଜି ନାହଁ, ହେଲେ ତୁମ ସ୍ମୃତି ଆମ ପାଖରେ ସଦା ସର୍ବଦା ସତେଜ। ତୁମେ ଆମ ସହ ଥିଲ, ଏବେ ଅଛ, ଆଗକୁ ମଧ୍ୟ ରହିଥିବ। ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ଆମ ପରିବାର, ତୁମ ପରିବାର, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ–୨୪୩୪

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଏକାଦଶାହ ଉପଲକ୍ଷେ**



**୰ ରାଜ୍ୟଶ୍ରୀ ମିଶ୍ର**
ମୂଳବାସିନ୍ଦା - କୁଣ୍ଡେଇ ବେଣ୍ଟ ସାହି, ପୁରୀ
ବର୍ତ୍ତମାନ ଅବସ୍ଥାନ - ବିବେକାନନ୍ଦ ବିହାର, ବିବେକାନନ୍ଦ ମାର୍ଗ
ତୁମର ଆନ୍ତରିକ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ସମସ୍ତଙ୍କୁ ବିହ୍ୱଳ କରିଛି। ଏହି ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ
ଧ–୨୪୩୫

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି**



**୰ ମହେଶ୍ୱର ମିଶ୍ର**
୧୨୧, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ - ୦୩.୦୧.୧୯୩୩
ତିରୋଧାନ - ୨୪.୧୧.୨୦୨୦
କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ
ଧ–୨୪୩୬

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଗୋପିନାଥ ପଣ୍ଡା**
ଟେଲି କମ୍ୟୁନିକେଶନ ଇଞ୍ଜିନିୟର
N6-505, ଜୟଦେବ ବିହାର
ତିରୋଧାନ : କାର୍ତ୍ତିକ ବଡ଼ଦଶମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ପିଲାମାନେ।
ଧ–୨୪୩୭

# ରନିଂ ଟ୍ରାକ୍‌ରୁ ସଫଳ ଭାରୋତ୍ତୋଳିକା

ଓଡ଼ିଶାର ଅନେକ କ୍ରୀଡ଼ା ପ୍ରତିଭା ଏବେ ଜୁନିୟର ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିବାରେ ଲାଗିଛନ୍ତି। କଠିନ ପରିଶ୍ରମ ଏବଂ ନିଷ୍ଠା ସହ ନିରନ୍ତର ଅଭ୍ୟାସ କରୁଥିବା ଏହି ପ୍ରତିଭାସମ୍ପନ୍ନ ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶର ନାମ ଉଜ୍ଜ୍ୱଳ କରୁଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଲେ ପ୍ରୀତିସ୍ମିତା ଭୋଇ। ରନିଂ ଟ୍ରାକ୍‌ରୁ ଖେଳ ଜୀବନ ଆରମ୍ଭ କରି କ୍ରମେ ଭାରୋତ୍ତୋଳନ ପ୍ରେମରେ ପଡ଼ିଥିବା ପ୍ରୀତିସ୍ମିତା ଏସିଆନ ୟୁଥ୍ ଗେମ୍ସରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ଯେ କେବଳ ନିଜ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ତା’ ନୁହେଁ ନୂଆ ଏସୀୟ ଓ ବିଶ୍ୱ ରେକର୍ଡ ମଧ୍ୟ ସୃଷ୍ଟି କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି...

**–ତପନ କୁମାର ସ୍ୱାଇଁ**


ପ୍ରୀତିସ୍ମିତା ଭୋଇ

### ରେକର୍ଡ ବୁକ୍‌ରେ ଭାରୋତ୍ତୋଳନ ପ୍ରତିଭା

ନିକଟରେ ବାହାରିନ୍‌ର ମାନାମାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟରେ ନୂଆ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି ଓଡ଼ିଶାର ପ୍ରୀତିସ୍ମିତା ଭୋଇ। କେବଳ ରାଜ୍ୟରେ ନୁହେଁ ଦେଶ ଏବଂ ବିଦେଶରେ ଏବେ ଚର୍ଚ୍ଚାରେ ରହିଥିବା ପ୍ରୀତିସ୍ମିତାଙ୍କ ଖେଳ ଜୀବନ ରନିଂ ଟ୍ରାକ୍‌ରୁ ଆରମ୍ଭ ହୋଇଥିଲା ବୋଲି ହୁଏତ ଅନେକେ ଜାଣି ନ ଥିବେ। ସ୍କୁଲରେ ୧୦୦ ଓ ୨୦୦ ମିଟର ରେସ୍‌ରେ ଭାଗ ନେଉଥିବା ଏହି କ୍ରୀଡ଼ା ପ୍ରତିଭା ପରେ ଦୂରଦୃଷ୍ଟି ସମ୍ପନ୍ନ କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ପରାମର୍ଶକ୍ରମେ ଭାରୋତ୍ତୋଳନ ପ୍ରେମରେ ପଡ଼ିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିବାପରି ସେ ଛୋଟ ବେଳରୁ ସଫଳତାର ଶୀଢ଼ି ଚଢ଼ି ଏବେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି। ଏପରିକି ତାଙ୍କୁ ଏବେ ଭାରତର ପରବର୍ତ୍ତୀ ମୀରାବାଇ ଚାନୁ ରୂପରେ ମଧ୍ୟ ଦେଖିବାକୁ ଆରମ୍ଭ କରିଛନ୍ତି ଭାରତର ଭାରୋତ୍ତୋଳନ ବିଶେଷଜ୍ଞ। ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ଉପକେନ୍ଦ୍ରରେ ପ୍ରଶିକ୍ଷଣପ୍ରାପ୍ତ ୧୬ ବର୍ଷୀୟା ପ୍ରୀତିସ୍ମିତା ଅକ୍ଟୋବର ୨୬ ତାରିଖରେ ମାନାମାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଗେମ୍ସର ବାଳିକା ୪୪ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ କରିଥିଲେ। ୪୪ କେଜି ଓଜନ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ ହେଉଛି ଏସୀୟ ଓ ୱାର୍ଲ୍ଡ ୟୁଥ୍ ରେକର୍ଡ। ପୂର୍ବରୁ ୮୯ କେଜି ଏସିଆନ ଏବଂ ୯୦ କେଜି ଉତ୍ତୋଳନ ବିଶ୍ୱ ରେକର୍ଡ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପ୍ରୀତିସ୍ମିତା ନିଜ ନାମରେ ଥିବା ବିଶ୍ୱ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି। ଯେଉଁଦିନ ଅନ୍ୟ ଭାରତୀୟ ଭାରୋତ୍ତୋଳକମାନେ ଖରାପ ପ୍ରଦର୍ଶନ କରି ପ୍ରଭାବହୀନ ରହିଥିଲେ ସେହିଦିନ ଏହି ଟିନ୍‌ଏଜ୍ ଆଥ୍‌ଲେଟ ଚମକ ଦେଖାଇଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମ ଉଦ୍ୟମରେ ୮୭ କେଜି ଉତ୍ତୋଳନ କରିଥିଲେ। ଦ୍ୱିତୀୟ ଲିଫ୍ଟରେ ୯୦ ଏବଂ ଶେଷରେ ସେ ୯୨ କେଜି ଉତ୍ତୋଳନ କରି ରେକର୍ଡ ବୁକ୍‌ରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିଲେ। ସ୍ନାଚ୍‌ରେ ସେ ପ୍ରଥମ ଉଦ୍ୟମରେ ୬୬ କେଜି ଉତ୍ତୋଳନ କରିଥିବାବେଳେ ଦ୍ୱିତୀୟ ଓ ତୃତୀୟ ଉଦ୍ୟମରେ ଯଥାକ୍ରମେ ୬୮ ଓ ୬୯ କେଜି ଉଠାଇବାରେ ବିଫଳ ହୋଇଥିଲେ। ମାତ୍ର ଏହା ତାଙ୍କୁ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ କରିପାରି ନ ଥିଲା।

### ଅନ୍ତର୍ଜାତୀୟ ପଦାର୍ପଣରେ ସଫଳତା

୨୦୦୮ ନଭେମ୍ବର ୧୪ରେ ଢେଙ୍କାନାଳରେ ଜନ୍ମିତ ପ୍ରୀତିସ୍ମିତାଙ୍କ ମା’ଙ୍କ ନାମ ଯମୁନା ଓ ବାପା ସ୍ୱର୍ଗତ ମହେନ୍ଦ୍ର ଭୋଇ। ଓଡ଼ିଶା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରର ଢେଙ୍କାନାଳରେ ଥିବା ଉପକେନ୍ଦ୍ରରେ କୋଚ୍ ଗୋପାଳ ଦାସଙ୍କଠାରୁ ପ୍ରୀତିସ୍ମିତା ପ୍ରଶିକ୍ଷଣପ୍ରାପ୍ତ। ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବା ପ୍ରୀତିସ୍ମିତାଙ୍କ ପାଇଁ ଏହା ନୂଆ ନୁହେଁ। ଛୋଟବେଳରୁ ବାପାଙ୍କୁ ହରାଇଥିବା ଏହି ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ରାଜ୍ୟ ଏବଂ ଜାତୀୟ ସ୍ତରରେ ଅନେକ ସଫଳତା ପାଇବାପରେ ୨୦୨୪ରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଭାରୋତ୍ତୋଳନରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ନିଜ ଅନ୍ତର୍ଜାତୀୟ ପଦାର୍ପଣରୁ ହିଁ ସେ ଚମକ ଦେଖାଇ କ୍ରୀଡ଼ା ଜଗତର ଦୃଷ୍ଟି ଆକର୍ଷଣ କରିଥିଲେ। ଲିମାଠାରେ ସେ ମହିଳା ୪୦ କେଜି ବର୍ଗରେ ମୋଟ ୧୩୩ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେଠାରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୭୬ କେଜି ଉତ୍ତୋଳନ କରି ନୂଆ ୟୁଥ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଥିଲେ। ୨୦୨୪ ଡିସେମ୍ବରରେ ସେ କାତାରର ଦୋହାଠାରେ ଅନୁଷ୍ଠିତ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ୪୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ଓଭରଅଲ୍ ୫ମ ସ୍ଥାନରେ ରହିଥିଲେ ହେଁ କ୍ଲିନ୍ ଆଣ୍ଡ ଜର୍କରେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୨୫ରେ ସଫଳତାର ଶୀର୍ଷରେ ରହିଛନ୍ତି ପ୍ରୀତିସ୍ମିତା। ଅଗଷ୍ଟରେ ଗୁଜରାଟର ଅହମଦାବାଦରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୟୁଥ୍ ମହିଳା ୪୪ କେଜି ବର୍ଗରେ ସେ ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କର ୮୭ ଓ ମୋଟ୍ ୧୫୦ କେଜି ଉତ୍ତୋଳନ କରି ୩ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ଏସିଆନ ୟୁଥ୍ ଗେମ୍ସରେ ସେ ଏସିଆନ ଓ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

### ପୁରସ୍କାର/ସମ୍ମାନ

ପରିଶ୍ରମ କେବେ ବ୍ୟର୍ଥ ଯାଏନି। ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶ ବିଦେଶରେ ସୁନା, ରୁପା ପଦକ ସାଉଁଟୁଥିବା ପ୍ରୀତିସ୍ମିତାଙ୍କୁ ୨୦୨୪ରେ ମିଳିଥିଲା ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ୨୦୨୪ ଡିସେମ୍ବର ୨୬ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଥିଲେ। ସେହିପରି ୨୦୨୪ ଅଗଷ୍ଟ ୨୯ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ବର୍ଷର ଶ୍ରେଷ୍ଠ ଉଦୀୟମାନ ଖେଳାଳିଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଭାରତର ପ୍ରମୁଖ ଫେରୋ ଆଲଏଜ କମ୍ପାନୀ ଇମ୍ଫାଦ୍ୱାରା ପରିଚାଳିତ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ତାଙ୍କୁ ଆଗାମୀ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଅନ୍ୟତମ ଉପ ବିଜେତାଭାବେ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଛି। ପ୍ରୀତିସ୍ମିତା ସମ୍ପ୍ରତି ଉତ୍ତର ପ୍ରଦେଶର ମୋଦିନଗରସ୍ଥିତ ‘ୱେଟ୍‌ଲିଫ୍ଟିଂ ୱାରିୟର୍ସ’ ଅନୁଷ୍ଠାନରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ବିଜୟ ଶର୍ମାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ବଡ଼ ସଫଳତା ହାସଲ କରିଥିବାରୁ ପ୍ରୀତିସ୍ମିତାଙ୍କୁ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।


କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ସହ ପ୍ରୀତିସ୍ମିତା ଭୋଇ

## ପ୍ରୀତିସ୍ମିତାଙ୍କ ସଫଳତା ପଛରେ ଗୋପାଳକୃଷ୍ଣ

ଭାରୋତ୍ତୋଳନରେ ପ୍ରୀତିସ୍ମିତାଙ୍କ ପ୍ରଥମ ଗୁରୁ ହେଉଛନ୍ତି ଗୋପାଳ କୃଷ୍ଣ ଦାସ। ୨୦୧୩-୧୪ରେ ଢେଙ୍କାନାଳରେ ଏକ ଜିମ୍ନାସିୟମରେ ପିଲାମାନଙ୍କୁ ଟ୍ରେନିଂ ଦେବା ଆରମ୍ଭ କରିଥିବା ଗୋପାଳ କୃଷ୍ଣ ୨୦୧୯ରୁ ପ୍ରୀତିସ୍ମିତାଙ୍କୁ ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ପ୍ରୀତିସ୍ମିତାଙ୍କ ସହ ଗୋପାଳକୃଷ୍ଣଙ୍କ ପରିଚୟ ମଧ୍ୟ ଏକ ସଂଯୋଗ ଏବଂ ବିଧିନିର୍ଦ୍ଦିଷ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ। ଢେଙ୍କାନାଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଥରେ ଅତିଥିଭାବେ ଯୋଗ ଦେଇଥିଲେ ଗୋପାଳକୃଷ୍ଣ। ସେତେବେଳେ ୭ମ ଶ୍ରେଣୀରେ ପଢୁଥିବା ପ୍ରୀତିସ୍ମିତା ୧୦୦ ଓ ୨୦୦ ମିଟର ରେସ୍‌ରେ ଭାଗନେଇ ପାରଦର୍ଶିତା ଦେଖାଇଥିଲେ। ତାଙ୍କ ପ୍ରତିଭାକୁ ଚିହ୍ନି ପାରିଥିଲେ ଦୂରଦୃଷ୍ଟି ସମ୍ପନ୍ନ କୋଚ୍ ଗୋପାଳକୃଷ୍ଣ। ସେ ପ୍ରୀତିସ୍ମିତାଙ୍କ ଘରକୁ ଯାଇ ତାଙ୍କ ମା’ଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରଥମେ ପ୍ରୀତିସ୍ମିତାଙ୍କ ମା’ ରାଜି ହୋଇ ନ ଥିଲେ ମଧ୍ୟ ପରେ ବୁଝିଥିଲେ ଏବଂ ଝିଅକୁ ଛାଡ଼ିବାକୁ ରାଜି ହୋଇଥିଲେ। ପ୍ରଥମଥରପାଇଁ ଜଣେ ବାଳିକାଙ୍କୁ ଭାରୋତ୍ତୋଳନ ପ୍ରଶିକ୍ଷଣ ଦେବାର ସୁଯୋଗ ଆସିଥିବାରୁ ଗୋପାଳକୃଷ୍ଣ ମଧ୍ୟ ଖୁବ୍ ଉତ୍ସାହିତ ହୋଇ ପଡ଼ିଥିଲେ। ଭାରୋତ୍ତୋଳନ ପାଇଁ ପ୍ରୀତିସ୍ମିତାଙ୍କ ନିକଟରେ ଶାରୀରିକ ଦକ୍ଷତା ନ ଥିବାରୁ ଗୋପାଳ କୃଷ୍ଣଙ୍କୁ ଯୋଜନାବଦ୍ଧ ଭାବେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ପଡ଼ିଥିଲା। ଖାଦ୍ୟପେୟଠାରୁ ଆରମ୍ଭ କରି ଟ୍ରେନିଂ ଆଦି ସମସ୍ତ ଦାୟିତ୍ୱ ସେ ପ୍ରତ୍ୟକ୍ଷଭାବେ ବୁଝିଥିଲେ। ଦୃଢ଼ ମନୋବଳ ଏବଂ ଶୃଙ୍ଖଳା ଜ୍ଞାନ ଯୋଗୁ ପ୍ରୀତିସ୍ମିତା ଗୁରୁଙ୍କ ନିର୍ଦ୍ଦେଶରେ ଧିରେଧିରେ ଭାରୋତ୍ତୋଳନରେ ଦୃଢ଼ ହେଲେ ଏବଂ ସଫଳତା ପାଇବାକୁ ଲାଗିଲେ। ୨୦୨୨ରେ ଢେଙ୍କାନାଳ ଏଚ୍‌ପିସି ସବ୍‌ସେଣ୍ଟର ହେବାପରେ ପ୍ରୀତିସ୍ମିତା ସେଠାରେ ଉଚ୍ଚସ୍ତରର ଟ୍ରେନିଂ ନେବା ସହ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି। ଗୋପାଳକୃଷ୍ଣଙ୍କ କହିବା ଅନୁସାରେ ପ୍ରୀତିସ୍ମିତା ସ୍ନାଚ୍ ଉତ୍ତୋଳନରେ ଟିକେ ଦୁର୍ବଳ ଅଛନ୍ତି। ସେ ଏବେ ଉତ୍ତର ପ୍ରଦେଶର ମୋଦିନଗରେ ପ୍ରତିଷ୍ଠିତ କୋଚ୍ ବିଜୟ ଶର୍ମାଙ୍କଠାରୁ ଟ୍ରେନିଂ ନେଉଛନ୍ତି। ପ୍ରୀତିସ୍ମିତାଙ୍କୁ ବିଜୟ ଶର୍ମା ଭାରତର ଭବିଷ୍ୟତ ମୀରାବାଇ ଚାନୁ ରୂପରେ ଦେଖୁଛନ୍ତି। ତେଣୁ ତାଙ୍କ ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳ ବୋଲି ଗୋପାଳକୃଷ୍ଣ ପ୍ରକାଶ କରିଛନ୍ତି।

# ଆଇସ୍‌ଲାଣ୍ଡରୁ କେପ୍ ଭର୍ଡେ

ଆଫ୍ରିକୀୟ ଦ୍ୱୀପରାଷ୍ଟ୍ର କେପ୍ ଭର୍ଡେ ଆଗାମୀ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୧୯୩୦ରେ ପୁରୁଷ ବିଶ୍ୱକପ୍ ଟୁର୍ନାମେଣ୍ଟ ଆରମ୍ଭ ହେବା ପରେ ଲୋକସଂଖ୍ୟା ଦୃଷ୍ଟିରୁ ଏହା ଦ୍ୱିତୀୟ କ୍ଷୁଦ୍ରତମ ଦେଶ ଭାବେ ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଆଇସ୍‌ଲାଣ୍ଡ ଏହି ତାଲିକାର ଶୀର୍ଷରେ ରହିଛି...

**–ବିଜୟ ରଣା**

**ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ୫ କ୍ଷୁଦ୍ର ଦେଶ**

ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ୨୦୨୬ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଇତିହାସରେ ଏଥର ପ୍ରଥମଥର ପାଇଁ ୩ଟି ଦେଶ ଆମେରିକା, କାନାଡା ଓ ମେକ୍ସିକୋ ଏହି ମେଗା ପ୍ରତିଯୋଗିତାକୁ ଆୟୋଜନ କରିବେ। ମ୍ୟାଚଗୁଡ଼ିକ ୧୬ଟି ସହରରେ ଖେଳାଯିବ। ଆଗାମୀ ସଂସ୍କରଣରେ ପ୍ରଥମଥର ପାଇଁ ୪୮ଟି ଦଳ ଅଂଶଗ୍ରହଣ କରିବେ। ପୂର୍ବରୁ ୩୨ ଦଳକୁ ନେଇ ପ୍ରତିଯୋଗିତା ହେଉଥିଲା। ଲୋକସଂଖ୍ୟା ଦୃଷ୍ଟିରୁ ଅନେକ କ୍ଷୁଦ୍ରତମ ଦେଶ ପୂର୍ବରୁ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ନଜିର ରହିଛି। ଏଥର ଏଥିରେ ଯୋଡ଼ି ହୋଇଛି ଆଫ୍ରିକୀୟ ଦ୍ୱୀପରାଷ୍ଟ୍ର କେପ୍ ଭର୍ଡେ। ଇସ୍ୱାଟିନିକୁ ୩-୦ ଗୋଲ୍‌ରେ ପରାସ୍ତ କରିବା ପରେ କେପ୍ ଭର୍ଡେ ପ୍ରଥମଥର ଫିଫା ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଲୋକସଂଖ୍ୟା ଦୃଷ୍ଟିରୁ ଏହାର ଜନସଂଖ୍ୟା ଆମେରିକାର ଭର୍ମଣ୍ଟ ନାମକ ଏକ ପ୍ରଦେଶର ଲୋକସଂଖ୍ୟାଠାରୁ କମ୍। ୧୯୩୦ରେ ପୁରୁଷ ବିଶ୍ୱକପ୍ ଟୁର୍ନାମେଣ୍ଟ ଆରମ୍ଭ ହେବା ପରେ ଏହା ଦ୍ୱିତୀୟ କ୍ଷୁଦ୍ରତମ ଦେଶ ଭାବେ ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି।

**ଆଇସ୍‌ଲାଣ୍ଡ:** ବିଶ୍ୱକପ୍ ଖେଳିବାରେ ଏହା ହେଉଛି ବିଶ୍ୱର ସବୁଠାରୁ କ୍ଷୁଦ୍ର ଦେଶ। ୨୦୧୮ରେ ରୁଷିଆରେ ଏହି ଟୁର୍ନାମେଣ୍ଟ ପାଇଁ ଆଇସ୍‌ଲାଣ୍ଡ ଯୋଗ୍ୟତା ହାସଲ କରିଥିଲା। ସେତେବେଳେ ଏହାର ମୋଟ ଜନସଂଖ୍ୟା ୩,୫୦,୦୦୦ ଥିଲା। ଏହାର ଦୁଇବର୍ଷ ପୂର୍ବରୁ ଦଳ ଇଂଲଣ୍ଡକୁ ପରାସ୍ତକରି ୨୦୧୬ ୟୁରୋପିଆନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲା। ରୁଷିଆରେ ଏହି ଦଳ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍ ଡ୍ର ରଖିବାରେ ସକ୍ଷମ ହୋଇଥିଲା, କିନ୍ତୁ କ୍ରୋଏସିଆ ଓ ନାଇଜେରିଆ ନିକଟରୁ ହାରି ଏହାର ବିଶ୍ୱକପ୍ ଗ୍ରୁପ୍‌ରେ ଶେଷ ସ୍ଥାନରେ ରହିଥିଲା।

**କେପ୍ ଭର୍ଡେ:** ଏହି ଦ୍ୱୀପ ରାଷ୍ଟ୍ର ପଶ୍ଚିମ ଆଫ୍ରିକା ଉପକୂଳରେ ଅବସ୍ଥିତ। ଏହାର ଲୋକସଂଖ୍ୟା ପ୍ରାୟ ୫,୨୫,୦୦୦ ଏବଂ ଫିଫା ପୁରୁଷ ବିଶ୍ୱ ର୍ୟାଙ୍କିଙ୍ଗରେ ଏହି ଦେଶ ୭୦ତମ ସ୍ଥାନରେ ରହିଛି। ମହାଦେଶର ଅନ୍ୟତମ ଶକ୍ତିଶାଳୀ ଦଳ କାମେରୁନ୍‌କୁ ପଛରେ ପକାଇ ଏହି ଦେଶ ଆଫ୍ରିକାନ କ୍ୱାଲିଫାଇଂ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ୫୦ ବର୍ଷ ପୂର୍ବେ ପର୍ତ୍ତୁଗାଲଠାରୁ ସ୍ୱାଧୀନତା ଲାଭ କରିଥିବା ଏହି ଦେଶ ୪ଥର ଆଫ୍ରିକା କପ୍ ଅଫ୍ ନେଶନ୍ସ ଖେଳିଛି ଏବଂ ୨୦୧୩ ଓ ୨୦୨୩ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଯାଇପାରିଛି। ଆସନ୍ତାବର୍ଷ ଆମେରିକା, ମେକ୍ସିକୋ ଓ କାନାଡାରେ ଖେଳାଯିବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ଦେଶଗୁଡ଼ିକ ମଧ୍ୟରେ ଏହି ଦେଶ ସବୁଠାରୁ କ୍ଷୁଦ୍ରତମ।

**ପାରାଗୁଏ:** ଦକ୍ଷିଣ ଆମେରିକା ଅନ୍ତର୍ଗତ ଏହି ଦେଶ ୧୯୩୦ ଉଦ୍‌ଘାଟନୀ ବିଶ୍ୱକପ୍ ଖେଳିଥିଲା। ସେତେବେଳେ ଏହାର ଜନସଂଖ୍ୟା ୧ ନିୟୁତରୁ ସାମାନ୍ୟ କମ୍ ଥିଲା। ଏଠାରେ ବେଲ୍‌ଜିୟମ ବିପକ୍ଷରେ ବିଜୟ ହାସଲ କରିଥିଲେ ମଧ୍ୟ ଆମେରିକା ନିକଟରୁ ପରାଜିତ ହେବାପରେ ପାରାଗୁଏ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ପାରାଗୁଏ ୯ମ ଥର ବିଶ୍ୱକପ୍ ଖେଳିବାକୁ ଯାଉଛି। ଦକ୍ଷିଣ ଆମେରିକାର ଯେଉଁ ୬ଟି ଦେଶ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି ସେମାନଙ୍କ ମଧ୍ୟରେ ପାରାଗୁଏ ହେଉଛି ଅନ୍ୟତମ।

**ତ୍ରିନିଦାଦ୍ ଆଣ୍ଡ ଟୋବାଗୋ:** କାରିବିୟନ ଦେଶ ତ୍ରିନିଦାଦ୍ ଓ ଟୋବାଗୋ ଏକ ଇଣ୍ଟରନ୍ୟାଶନାଲ ପ୍ଲେ-ଅଫ୍ ଜିତି ପ୍ରଥମଥର ଏବଂ ଏକମାତ୍ର ବିଶ୍ୱକପ୍ ୨୦୦୬ରେ ଜର୍ମାନୀରେ ଖେଳିଥିଲା। ସେତେବେଳେ ଏହାର ଜନସଂଖ୍ୟା ୧.୩ ନିୟୁତ ରହିଥିଲା। ସେହି ଟୁର୍ନାମେଣ୍ଟରେ ତ୍ରିନିଦାଦ୍ ଓ ଟୋବାଗୋ ସବୁଠାରୁ କ୍ଷୁଦ୍ରତମ ଦେଶ ରହିଥିଲା। ଦଳ ସ୍ୱିଡେନ ବିପକ୍ଷ ମ୍ୟାଚ୍‌କୁ ଡ୍ର’ ରଖିଥିବା ବେଳେ ଇଂଲଣ୍ଡ ଓ ପାରାଗୁଏଠାରୁ ପରାଜିତ ହୋଇ ନିଜ ଗ୍ରୁପ୍‌ର ଅନ୍ତିମ ସ୍ଥାନରେ ରହିଥିଲା। ଏହାପରଠାରୁ ଏହି ଦେଶ ଥରେ ହେଲେ ବିଶ୍ୱକପ୍ ଖେଳିନାହିଁ।

**ନର୍ଦ୍ଦର୍ନ ଆୟରଲାଣ୍ଡ:** ଏହି ଦେଶ ୧୯୫୮ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଏହାର ଜନସଂଖ୍ୟା ୧.୪ ନିୟୁତ ଥିଲା। ଦଳ ଗ୍ରୁପ୍ ପର୍ଯ୍ୟାୟରେ ଚେକୋସ୍ଲୋଭିଆକୁ ପରାସ୍ତ କରିଥିଲା। ଆର୍ଜେଣ୍ଟିନାଠାରୁ ହାରିଥିବା ବେଳେ ଜର୍ମାନୀ ବିପକ୍ଷ ମ୍ୟାଚ୍ ଡ୍ର’ ରଖିଥିଲା। ଦଳ ନକ୍‌ଆଉଟ ପର୍ଯ୍ୟାୟରେ ଫ୍ରାନ୍ସଠାରୁ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା।





ଇସ୍ୱାଟିନିକୁ ହରାଇବାପରେ ଉଲ୍ଲସିତ କେପ୍ ଭର୍ଡେ ଖେଳାଳି


ଦେଶରେ ପ୍ରଶଂସକଙ୍କ ବିଜୟ ଉଲ୍ଲାସ

## ପରଫର୍ମାନ୍ସ

ଭାରତୀୟ ବିଜ୍ଞାପନ ଲୋକପ୍ରିୟ
ବଦଳାଇ ରୂପରେଖ
ଏକଦା ଦି ଇକୋନମିକ ଟାଇମିସର
ଥିଲେ ପ୍ରଭାବଶାଳୀ ଲୋକ
ପୀୟୂଷ ପାଣ୍ଡେ ପରଲୋକ
ରଣଜୀ ଟ୍ରଫି ଖେଳାଳିରୁ ବିଜ୍ଞାପନ
କିମ୍ବଦନ୍ତୀ ସିଏ ଲେଖ।

ଅନ୍ତର୍ଜାତୀୟ ଜୁ-ଜିତସୁ ଖେଳାଳି
ରୋହିଣୀ କଲାମ ମୃତ
ସୁଇସାଇଡ କରିଥିବା ଦେଖିଥିଲେ
ଭଉଣୀ ରଶନି ମିତ
ଇନକ୍ୱାରି କହିବ ସତ
ଭାରତୀୟ କ୍ରୀଡା ଜଗତ ଖବର
ପାଇ ବଡ଼ ଆଚମ୍ବିତ।




ଖେଳାଳି ହେଉକି ବିଜିନେସ ମେନ
ହେଉ ନେତା ମନ୍ତ୍ରୀ ରାଜା
ଜନମ ମାତ୍ରକେ ମରଣ ରହିଛି
କାଳ କରିଅଛି ଖଞ୍ଜା
କର୍ମ ଘେନି ଅଛି ସଜ୍ଜା
ଲୋକ ଚାଲିଗଲେ ତାର ପରଫର୍ମାନ୍ସ
ଯଶ ପାଉଥାଏ ପୂଜା।

**–ସୁବାସ ଚନ୍ଦ୍ର ପ୍ରଧାନ**

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୧/୨୦୨୫ Bhubaneswar, Friday, October 31/ 2025

# ଭାରତକୁ ଫାଇନାଲରେ ପହଞ୍ଚାଇଲେ ଜେମିମା


ଅଷ୍ଟ୍ରେଲିଆକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ନବୀ ମୁମ୍ବାଇ,୩୦।୧୦**

ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଭାରତ ୫ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୩୯ ରନର ବିଶାଳ ଟାର୍ଗେଟକୁ ଜେମିମା ରୋଡ୍ରିଗ୍ସଙ୍କ ଅପରାଜିତ ୧୨୭ ରନର ପାଳି ବଳରେ ଭାରତ ୪୮.୩ ଓଭରରେ ୫

**ମହିଳା କ୍ରିକେଟ୍ ବିଶ୍ୱକପ୍**

ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଭାରତ ତୃତୀୟ ଥର ପାଇଁ ମହିଳା ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨ ତାରିଖରେ ଖେଳାଯିବାକୁ ଥିବା ଫାଇନାଲରେ ଭାରତ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ।

ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୪୯.୫ ଓଭରରେ ୩୩୮ ରନ କରି ଅଲଆଉଟ୍ ହୋଇଯାଇଥିଲା। ଫୋଏବ ଲିଚ୍‌ଫିଲ୍ଡ ୯୩ ବଲରେ ୧୭ ଚୌକା ଓ ୩ ଛକା ସହିତ ବିସ୍ଫୋରକ ୧୧୯ ରନର ଶତକୀୟ ଇନିଂସ ଖେଳିଥିଲେ। ସେ ଆଉଟ୍ ହେବା ପୂର୍ବରୁ ଏଲିସ ପେରୀଙ୍କ ସହ ଦ୍ୱିତୀୟ ଉଇକେଟ ପାଇଁ ୧୩୩ ବଲରେ ୧୫୫ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଆଶଲେ ଗାର୍ଡ଼ନର ୪୫ ବଲରେ ୪ ଲେଖାଏ ଚୌକା ଓ ଛକା ସହିତ ୬୩ ରନ କରିଥିଲେ। ଭାରତ ପାଇଁ ବୋଲିଂରେ ଶ୍ରୀ ଚରନୀ ଓ ଦୀପ୍ତି ଶର୍ମା ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଦଳ ଖୁବ ଶସ୍ତାରେ ଶେଫାଳୀ ବର୍ମା (୧୦) ଓ ଫୁଲ୍ ଫର୍ମରେ ଥିବା ସ୍ମୃତି ମନ୍ଧାନା (୨୪)ଙ୍କ ଉଇକେଟ ହରାଇଥିଲା। ଏହାପରେ ଜେମିମା ଓ ଅଧିନାୟକ ହରମନପ୍ରୀତ କୌର ତୃତୀୟ ଉଇକେଟ ପାଇଁ ୧୬୭ ରନ ଯୋଡ଼ିଥିଲା। ଭାରତୀୟ ଦଳ ଭଲ ସ୍ଥିତିରେ ଥିବା ବେଳେ କୌର ୮୮ ବଲରେ ୮୯ (୧୦ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ପଞ୍ଚମ କ୍ରମରେ ବ୍ୟାଟିଂ ଆସିଥିବା ଦୀପ୍ତି ଶର୍ମା ୨୪ ରନ କରି ରନ୍ ଆଉଟ୍ ହୋଇଥିଲେ। ଜେମିମା କ୍ୟାରିୟରର ତୃତୀୟ ଶତକ ପୂରଣ କରିବା ପରେ ରିଚା ଘୋଷଙ୍କ ସହ ମିଶି ପଞ୍ଚମ ଉଇକେଟରେ ୩୧ ବଲରେ ଦ୍ରୁତ ୪୬ ରନ ଯୋଡ଼ିଥିଲେ। ରିଚା ୨୬ (୨ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ଜେମିମା ୧୨୭ (୧୪ ଚୌକା) ଓ ଅମନଜୋତ ୧୫ (୨ ଚୌକା) ରନ କରି ମ୍ୟାଚ୍ ଫିନିଶ କରିଥିଲେ। ଫଳରେ ଭାରତ ୪୮.୩ ଓଭରରେ ୫ ଉଇକେଟ ହରାଇ ୩୪୧ ରନ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୪୯.୫ ଓଭରରେ ୩୩୮/ଅଲଆଉଟ୍ (ଫୋଏବ ଲିଚ୍‌ଫିଲ୍ଡ-୧୧୯, ଆଲିସ ପେରୀ-୭୭, ଆଶଲେ ଗାର୍ଡ଼ନର-୬୩, ଶ୍ରୀ ଚରନୀ-୨/୪୯, ଦୀପ୍ତି ଶର୍ମା-୨/୭୩ )। ଭାରତ: ୪୮.୩ ଓଭରରେ ୩୪୧/୫ (ଜେମିମା ରୋଡ୍ରିଗ୍ସ-୧୨୭*, ହରମନପ୍ରୀତ କୌର-୮୯, କିମ ଗାର୍ଥ-୨/୪୬, ଆନାବେଲ ସଦରଲାଣ୍ଡ-୨/୬୯)।

# ଟେନିସ ଖେଳାଳି ଦଲୱିନ୍ଦର ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.)**



ନିଷିଦ୍ଧ ପଦାର୍ଥ ମର୍ଫିନ ସେବନ କରିଥିବା ଅଭିଯୋଗରେ ଇଣ୍ଟରନ୍ୟାଶନାଲ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ଗୁରୁବାର ୨୦୧୭ ଜାତୀୟ ଟେନିସ ଚାମ୍ପିୟନ ଦଲୱିନ୍ଦର ସିଂଙ୍କୁ ସସ୍‌ପେଣ୍ଡ କରିଛନ୍ତି। ଦଲୱିନ୍ଦର ୨୦୧୭ ଏପ୍ରିଲରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବିଶ୍ୱ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ ୭୯୧ତମ ସ୍ଥାନରେ ରହିଥିଲେ। ୨୦୨୫ ମାର୍ଚ୍ଚରେ ଚଣ୍ଡିଗଡ଼ରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଇଭେଣ୍ଟରେ ଅଂଶଗ୍ରହଣ ବେଳେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ସେ ମର୍ଫିନ ବ୍ୟବହାର କରିଥିବାରୁ ତାଙ୍କ ଫଳାଫଳ ପଜିଟିଭ ଆସିଥିଲା। ସସ୍‌ପେଣ୍ଡ ସମୟରେ ଦଲୱିନ୍ଦରଙ୍କୁ ଖେଳିବା, କୋଚିଂ ଦେବାରୁ ବାରଣ କରାଯାଇଛି। ଖେଳାଳି ଜଣକ ସଫେଇ ଦେଇ କହିଛନ୍ତି ଯେ, କଟକିରେ ଅସ୍ତ୍ରୋପଚାର ଯୋଗୁ ତାଙ୍କୁ ୧୨ ମାସ ଧରି ଔଷଧ ସେବନ କରିବାକୁ ହୋଇଥିଲା। ହେଲେ ଦଲୱିନ୍ଦର ତଥ୍ୟଗତ ପ୍ରମାଣ ଦେଇପାରିନାହାନ୍ତି। ଦଲୱିନ୍ଦରଙ୍କ ସସ୍‌ପେଣ୍ଡ ଆଦେଶ ଗତ ଅକ୍ଟୋବର ୨୨ରୁ କାର୍ଯ୍ୟକାରୀ ହୋଇଛି। ଏହାର ମିଆଦ ୨୦୨୭ ଅକ୍ଟୋବର ୨୧ରେ ଶେଷ ହେବ। ଟେଉଁ ଇଭେଣ୍ଟ ବେଳେ ଏହି ଟେନିସ ଖେଳାଳିଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ଏଥିରୁ ମିଳିଥିବା ର୍‍ୟାଙ୍କିଙ୍ଗ ପଏଣ୍ଟ ଓ ପୁରସ୍କାର ରାଶିକୁ ବାଜ୍ୟାପ୍ତି କରାଯାଇଛି।

# ରାଜ୍ୟ ଭାରୋତ୍ତୋଳନ: ଗଞ୍ଜାମ ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୩୦।୧୦(ଅନାଦି କର)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ରଠାରେ ଚାଲିଥିବା ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୟୁଥ, ଜୁନିୟର ଓ ସିନିୟର ବିଭାଗରେ ଗଞ୍ଜାମ ଚାମ୍ପିୟନ ହୋଇଥିବା ବେଳେ ୟୁଥ ଓ ଜୁନିୟର ବିଭାଗରେ ଢେଙ୍କାନାଳ ରନରଅପ୍ ହୋଇଛି। ସେହିଭଳି ସିନିୟର ବିଭାଗରେ ଖୋର୍ଦ୍ଧା ରନରଅପ ହୋଇଛି। ବେଷ୍ଟଲିଫ୍ଟର ଭାବେ ୟୁଥ ଓ ଜୁନିୟର ବିଭାଗରେ ଢେଙ୍କାନାଳର ସୁବ୍ରତ ନାଏକ ଏବଂ ସିନିୟର ବିଭାଗରେ ମୁନା ନାଏକ, ୟୁଥ ବାଳିକା ଓ ଜୁନିୟର ବିଭାଗରେ ନବରଙ୍ଗପୁରର ମିନା ସାନ୍ତା ଓ ସିନିୟର ମହିଳା ବିଭାଗରେ ମୟୁରଭଞ୍ଜର ସ୍ନେହା ସୋରେନ ବେଷ୍ଟଲିଫ୍ଟର ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘର ସଭାପତି ସମୀର ମହାନ୍ତି ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରାଜ୍ୟ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଜାତୀୟ ସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ଯୋଗ ଦେଇଥିଲେ।

**ଭାରତ- ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ**

# ମଧ୍ୟାହ୍ନଭୋଜନ ପୂର୍ବରୁ ଚା'ପାନ ବିରତି

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.)**

ପୂର୍ବାଞ୍ଚଳ ଭାରତରେ ଶୀତଋତୁରେ ଶୀଘ୍ର ସୂର୍ଯ୍ୟାସ୍ତ ହେଉଥିବାରୁ ଗୁଆହାଟୀର ବର୍ଷାପରାରେ ନଭେମ୍ବର ୨୨ରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ବେଳେ ପ୍ରଥମ ସେସନ ଖେଳ ପରେ ଏବଂ ମଧ୍ୟାହ୍ନଭୋଜନ ପୂର୍ବରୁ ଚା'ପାନ ବିରତି ହେବ। ଭାରତରେ ସାଧାରଣତଃ ଭାବେ ଏକ ଟେଷ୍ଟ ମ୍ୟାଚ ସକାଳ ୯ଟା ୩୦ରେ ଆରମ୍ଭ ହୋଇ ଅପରାହ୍ନ ୪ଟା ୩୦ରେ ଶେଷ ହୋଇଥାଏ। ମାତ୍ର ଗୁଆହାଟୀରେ ଖେଳ ସକାଳ ୯ଟାରେ ଆରମ୍ଭ ହୋଇ ୪ଟାରେ ଶେଷ ହେବ। ତେଣୁ ପ୍ରଥମ ସେସନ ଖେଳ ପରେ ଚା'ପାନ ବିରତି ପୂର୍ବାହ୍ନ ୧୧ଟାରୁ ୧୧ଟା ୨୦ ପର୍ଯ୍ୟନ୍ତ ଏବଂ ମଧ୍ୟାହ୍ନଭୋଜନ ବିରତି ଅପରାହ୍ନ ୧ଟା୨୦ରୁ ୨ଟା ପର୍ଯ୍ୟନ୍ତ ହେବ। ଅନ୍ତିମ ସେସନ ଖେଳ ୨ଟାରୁ ୪ଟା ୧୫ ପର୍ଯ୍ୟନ୍ତ ହୋଇପାରେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ କର୍ମକର୍ତ୍ତା ଭିତିରି ସୂଚନା ଦେଇଛନ୍ତି।

# କେନ୍ଦୁଝର ୭ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୩୦।୧୦ (ବିଜୟ ରଣା)**


ପ୍ଲେୟର ଅଫ୍ ଦି ମ୍ୟାଚ୍ ରାହୁଲଦେବ ନାଏକ।

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ବିଡ଼ାନାସୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ କେନ୍ଦୁଝର ୭ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କଳାହାଣ୍ଡି ଦଳ ୨୫.୩ ଓଭରରେ ୧୦୩ରରେ ଅଲଆଉଟ ହୋଯାଇଥିଲା। ଦଳର ଟପ୍ ସ୍କୋରର ସୌର୍ଯ୍ୟ ଅଗ୍ରୱାଲ ୩୭ ଏବଂ ଶ୍ରେୟାଂଶ ଆଚାରୀ ୨୭ ରନ କରିଥିଲେ। କେନ୍ଦୁଝର ଦଳର ସଫଳ ବୋଲର ରାହୁଲଦେବ ନାଏକ ତାଙ୍କ ୬ ଓଭର ବୋଲିରେ ୧ ମେଡେନ ସହ ମାତ୍ର ୯ ରନ ଦେଇ ୫ଉଇକେଟ ଅକ୍ତିଆର କରିଥିଲେ। ଆଶୁତୋଷ ନାୟକ ୬ ରନ ବିନିମୟରେ ୨ ଉଡକେଟ ନେଇଥିଲେ। ଜବାବରେ କେନ୍ଦୁଝର ଦଳ ୨୦ ଓଭରରେ ୩ ଉଇକେଟ ବିନିମୟରେ ୧୦୫ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆଶୁତୋଷ ନାୟକ ୫୪ରନ (୫୨ବଲ୍) କରି ଅପରାଜିତ ରହିଥିବା ବେଳେ କ୍ରିଷ୍ଣଜିତ୍ ସାହୁ ୨୦ରନ

**୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ**

କରିଥିଲେ। ବିଜୟୀ ଦଳର ରାହୁଲଦେବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବର୍ଷା ଯୋଗୁ ସନ୍ ସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ଓ ଢେଙ୍କାନାଳ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚ ବାତିଲ କରିଦିଆଯାଇଥିଲା। ରେଭନ୍‌ଶା ଗ୍ରାଉଣ୍ଡ -୨ରେ କଟକ 'ବି' ବନାମ ରାୟଗଡ଼ା ମ୍ୟାଚ ମଧ୍ୟ ଖେଳାଯାଇ ପାରି ନ ଥିଲା।

# ବେକରେ ବଲ ବାଜି ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ମୃତ୍ୟୁ

**ମେଲବୋର୍ନ, ୩୦।୧୦**

ଟ୍ରେନିଂ ସେସନ ବେଳେ ବେକରେ ବଲ ବାଜିବାରୁ ଅଷ୍ଟ୍ରେଲିଆର ୧୭ ବର୍ଷୀୟ କ୍ରିକେଟର ବେନ ଅଷ୍ଟିନଙ୍କ ମୃତ୍ୟୁ ଘଟିଛି। ସବ୍‌ଅର୍ବାନ ମେଲବୋର୍ନରେ ଫେର୍ନଟ୍ରି ଗଲୀ କ୍ଲବ ପାଇଁ ମଙ୍ଗଳବାର ଟ୍ରେନିଂବେଳେ ବଲ ତାଙ୍କ ବେକ ଓ ମୁଣ୍ଡ ପାଖରେ ବାଜିଥିଲା। ସେ ହେଲମେଟ ପିନ୍ଧିଥିଲେ। ହେଲେ ନେକ ଗାର୍ଡ ଲଗାଇ ନ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲା। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଫେର୍ନଟ୍ରି ଗଲୀ କ୍ରିକେଟ କ୍ଲବ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିପୂର୍ବରୁ ୨୦୧୪ରେ ଅଷ୍ଟ୍ରେଲିଆନ ଖେଳାଳି ଫିଲ ହ୍ୟୁଗ୍ସ ଏକ ଫାଷ୍ଟ-କ୍ଲାସ ମ୍ୟାଚ୍‌ବେଳେ କାନ ପାଖରେ ବଲ ବାଜିବା ଯୋଗୁ ପ୍ରାଣ ହରାଇଥିଲେ।

**ପିନ୍ଧିଲେ କଳା ଆର୍ମବ୍ୟାଣ୍ଡ**

ବେକରେ ବଲ ବାଜିବା କାରଣରୁ ଅଷ୍ଟ୍ରେଲୀୟ କ୍ରିକେଟର ଅଷ୍ଟିନଙ୍କ ମୃତ୍ୟୁ ଖବର କ୍ରିକେଟ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରିବା ପାଇଁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଗୁରୁବାର ଖେଳାଯାଇଥିବା ବିଶ୍ୱକପ୍ ସେମିଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

# ଇଲମପାର୍ଥି ଭାରତର ୯୦ତମ ଗ୍ରାଣ୍ଡମାଷ୍ଟର

**ନୂଆଦିଲ୍ଲୀ, ୩୦।୧୦:** ଗତ କିଛି ବର୍ଷରେ ଭାରତରୁ ନୂଆ ନୂଆ ଚେସ୍ ପ୍ରତିଭା ବାହାରିବା ଧାରା ଜାରି ରହିଛି। ତାମିଲନାଡୁର ୧୬ ବର୍ଷୀୟା ଇଲମପାର୍ଥି ଏଆର୍ ଦେଶର ୯୦ତମ ଗ୍ରାଣ୍ଡମାଷ୍ଟର (ଜିଏମ୍) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ବୋସନିଆ ଓ ହର୍ଜେଗୋଭିନାଠାରେ ଚାଲିଥିବା ବିଜେଲଜିନା ଓପନରେ ସେ ତାଙ୍କର ଅନ୍ତିମ ଜିଏମ୍ ନର୍ମ ହାସଲ କରିଛନ୍ତି।

# ଦିଲ୍ଲୀ-ପୁନେରୀ ଫାଇନାଲ ଆଜି

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.)**

ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ସିଜନ ୧୨ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦୁଇ ଦଳ ଦବଙ୍ଗ ଦିଲ୍ଲୀ ଓ ପୁନେରୀ ପଲ୍‌ଟନ ମଧ୍ୟରେ ଗ୍ରାଣ୍ଡ ଫିନାଲେ ଶୁକ୍ରବାର ସ୍ଥାନୀୟ ଥ୍ୟାଗରାଜ ଇନ୍‌ଡୋର ଷ୍ଟାଡିୟମରେ ହେବ। ଉଭୟ ଦଳ ସମାନ ଢଙ୍ଗରେ ଫାଇନାଲରେ ପ୍ରବେଶ କରି ପଏଣ୍ଟ ଟେବୁଲର ପ୍ରଥମ ଦୁଇ ସ୍ଥାନ ଅଧିକାର କରିଥିଲେ। ସିଜନ ୮ଚାମ୍ପିୟନ ଦବଙ୍ଗ ଦିଲ୍ଲୀ କ୍ୱାଲିଫାୟର-୧ରେ ନାଟକୀୟ ବିଜୟ ହାସଲ କରିଥିଲା। ପୁନେରୀ ପଲ୍‌ଟନ ବିପକ୍ଷ ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩୪-୩୪ରେ ଅମୀମାଂସିତ ଭାବେ ଶେଷ ହେବାପରେ ଦବଙ୍ଗ ଦିଲ୍ଲୀ ଟାଇବ୍ରେକରରେ ୬-୪ରେ ବିଜୟୀ ହୋଇଥିଲା। ପୂର୍ବତନ ଦବଙ୍ଗ ଦିଲ୍ଲୀ ଅଧିନାୟକ ଯୋଗୀନ୍ଦର ନରୱାଲଙ୍କଠାରୁ କୋଚିଂ ନେଉଥିବା ଏହି ଦଳ ଅଧିନାୟକ ଆଶୁ ମଲିକଙ୍କ ନେତୃତ୍ୱରେ ଏହି ସିଜନରେ କଠିନ ମୁହୂର୍ତ୍ତରେ ଉଲ୍ଲେଖନୀୟ ଧୈର୍ଯ୍ୟ ପ୍ରଦର୍ଶନ କରିଥିବା ଲକ୍ଷ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ପୁନେରୀ ପଲ୍‌ଟନ କ୍ୱାଲିଫାୟର-୨ରେ ତେଲୁଗୁ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଦୃଢ ପ୍ରତ୍ୟାବର୍ତ୍ତନ ସହ ବିଜୟ ଲାଭ କରିଥିଲା।

# ପ୍ରଥମ ଦିବସରେ ଦକ୍ଷିଣ ଆଫ୍ରିକା 'ଏ' ୨୯୯/୯

**ବେଙ୍ଗାଲୁରୁ, ୩୦।୧୦ (ପି.ଟି.)**


ତନୁଷ କୋଟିଆନ

ତନୁଷ କୋଟିଆନଙ୍କ ନେତୃତ୍ୱରେ ଭାରତ 'ଏ' ଦଳ ସ୍ପିନରମାନଙ୍କ ଚମତ୍କାର ବୋଲିଂ ଯୋଗୁ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୪ ଦିନିଆ ମ୍ୟାଚରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା 'ଏ' ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯ଉଇକେଟ ବିନିମୟରେ ୨୯୯ ରନ କରିଛି। ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା 'ଏ' ଦଳର ଜୋର୍ଡାନ ହର୍ମାନ ଓ ଜେବେର ହାମ୍‌ଜାଙ୍କ ମଧ୍ୟରେ ଶତକୀୟ ଭାଗୀଦାରି ଉଲ୍ଲେଖନୀୟ ଥିଲା। ହର୍ମାନ (୭୧) ଓ ହାମ୍‌ଜା (୬୬) ଦ୍ୱିତୀୟ ଉଇକେଟ ଭାଗୀଦାରି ୧୩୦ ରନ ଯୋଗ କରିଥିଲେ। ଦୁଇ ଖେଳାଳି ଗୋଟିଏ ସେସନ ପୂରା ଏବଂ ଅନ୍ୟ ଏକ ସେସନର ଅଧା ପର୍ଯ୍ୟନ୍ତ କ୍ରିଜରେ ମହଜୁଦ ରହିଥିଲେ। କିନ୍ତୁ ଭାରତ 'ଏ' ପେସ୍ ବୋଲର ଗୁରନୁର ବ୍ରାର୍ (୧/୪୫)ଙ୍କ ବଲ୍‌ରେ ଏକ ଶଟ୍ ଖେଳିବାକୁ ଯାଇ ହାମ୍‌ଜା ଉଇକେଟକିପର ରିଷଭ ପନ୍ତଙ୍କ ଦ୍ୱାରା କଟ୍ ବିହାଇଣ୍ଡ ହୋଇଯିବା ପରେ ଭାରତୀୟ ସ୍ପିନ ବୋଲରମାନେ ପ୍ରଭାବୀ ବୋଲିଂ କରି ମ୍ୟାଚ ନିୟନ୍ତ୍ରଣକୁ ନେଇ ଆସିଥିଲେ। ପରେ ହର୍ମାନ ଭାରତ 'ଏ' ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ଅଫ୍‌ସ୍ପିନର କୋଟିଆନ (୪/୮୩)ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟ ସଫଳ ଯୋଡ଼ି ଜୋର୍ଡାନଙ୍କ ବଡ଼ ଭାଇ ରୁବିନ ହର୍ମାନ (୫୪) ଓ ଟିଆନ ଭାନ୍ ଭୁରେନ (୪୬) ୬ଷ୍ଠ ଉଇକେଟରେ ୭୨ ରନ ଯୋଗ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା 'ଏ' ପ୍ରଥମ ଇନିଂସ: ୨୯୯/୯ (ଜୋର୍ଡାନ ହର୍ମାନ-୭୧, ଜୁବେର ହାମ୍‌ଜା-୬୬, ରୁବିନ ହର୍ମାନ-୫୪, ଟିଆନ ଭାନ୍ ଭୁରେନ୍-୪୬; ତନୁଷ କୋଟିଆନ-୪/୮୩, ମାନବ ସୁଥର-୨/୬୨)।

# ଆଜି ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟି୨୦

**ମେଲବୋର୍ନ,୩୦।୧୦(ପି.ଟି.)**



ଦୁଇ ଦଳର ଅଧିନାୟକ ମିଚେଲ ମାର୍ଶ ଓ ସୂର୍ଯ୍ୟକୁମାର ଯାଦବ।

ସ୍ଥାନୀୟ ଏମ୍‌ସିଜିଠାରେ ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ତା'ର ଆଟାକିଂ କ୍ରିକେଟ ଖେଳିବ ବୋଲି ଆଶା କରାଯାଉଛି। କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ମାତ୍ର ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ହେଲେ ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ସେ ୨୪ ବଲରେ ଅପରାଜିତ ୩୯ ରନ ଇନିଂସ ଖେଳିଥିଲେ। ଏଥିସହ ସେ ଅଷ୍ଟ୍ରେଲିଆର ମୁଖ୍ୟ ପେସର ଜୋଶ ହାଜେଲଉଡଙ୍କ ବଲରେ ୧୨୫ ମିଟର ଲମ୍ବା ଛକା ଲଗାଇଥିଲେ। ସୂର୍ଯ୍ୟଙ୍କ ଫର୍ମକୁ ଫେରିବା ଭାରତୀୟ ଦଳର ବ୍ୟାଟିଂ ଲାଇନ୍ ପାଇଁ ଶୁଭ ସଙ୍କେତ। ସୂର୍ଯ୍ୟକୁମାର ଅଧିନାୟକ ହେବା ପରଠାରୁ ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେଉଥିବା ଭାରତୀୟ ଦଳ ହାଇ-ରିସ୍କ କ୍ରିକେଟ ଖେଳୁଛି। ଗୌତମ ଗମ୍ଭୀର ମୁଖ୍ୟ କୋଚ୍ ଭାବେ ଦଳରେ ଯୋଗଦେବା ପରଠାରୁ ଦଳ ନିୟମିତ ୨୦୦ରୁ ୨୫୦ ସ୍କୋର କରୁଛି। ଅତ୍ୟଧିକ ଆଟାକିଂ ଷ୍ଟାଇଲ ଯୋଗୁ ବେଳେବେଳେ ଦଳକୁ ୧୨୦-୧୩୦ରେ ଅଲଆଉଟ୍ ହେବାକୁ ପଡ଼ିଛି। ଗତ କିଛି ମ୍ୟାଚ୍‌ରେ ଭାରତୀୟ ଟି୨୦ ବ୍ୟାଟରଙ୍କ ଅତ୍ୟଧିକ ଆଟାକିଂ ବ୍ୟାଟିଂ ଦର୍ଶାଉଛି ସେମାନେ ଗମ୍ଭୀରଙ୍କ ଫିଲୋଶଫିରେ ଅନୁପ୍ରାଣିତ ଅଛନ୍ତି। କାନବେରା ମ୍ୟାଚ୍‌ରେ ଦଳକୁ ବୋଲିଂ କରିବାକୁ ସୁଯୋଗ ମିଳି ନ ଥିଲା। ମାତ୍ର ପ୍ରିମିୟର ପେସର ଯଶପ୍ରୀତ ବୁମରାଙ୍କ ସହ ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବଙ୍କ ଭଳି ଦକ୍ଷ ସ୍ପିନର ରହିଛନ୍ତି, ଯେଉଁମାନେ ଆବଶ୍ୟକ ସମୟରେ ଯେକୌଣସି ପ୍ରତିପକ୍ଷ ଦଳକୁ ଯଥା ସମ୍ଭବ କମ୍ ସ୍କୋରରେ ରୋକିପାରିବେ। ମ୍ୟାଚ୍‌ରେ ସେମାନଙ୍କ ମୁଖ୍ୟ କାର୍ଯ୍ୟ ହେବ ଟ୍ରାଭିସ ହେଡ୍ ଓ ମିଚେଲ ମାର୍ଶଙ୍କୁ ଯଥା ଶୀଘ୍ର ପାଭିଲିଅନ ପଠାଇବା। ଏହି ଦୁଇ ବ୍ୟାଟର ଅତୀତରେ ଭାରତୀୟ ଦଳକୁ ଖୁବ ସମସ୍ୟାରେ ପକାଇଛନ୍ତି। ତେବେ ଅଷ୍ଟ୍ରେଲିଆ ମଧ୍ୟ ଭାରତୀୟ ଦଳ ଭଳି ଅତ୍ୟଧିକ ଆଟାକିଂ କ୍ରିକେଟ ଖେଳିବା ପସନ୍ଦ କରେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ (ଉପ ଅଧିନାୟକ), ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମସନ(ଉଇକେଟକିପର), ଶିବମ ଦୁବେ, ଅକ୍ଷର ପଟେଲ, ହର୍ଷିତ ରାଣା, ଅର୍ଶଦୀପ ସିଂ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ।

**ସମ୍ଭାବ୍ୟ ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ (ଉଇକେଟକିପର), ଟିମ ଡେଭିଡ୍, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ, ମିଚେଲ ଓୱେନ, ନାଥନ ଏଲିସ, ଜୋଶ ହାଜେଲଉଡ୍, ଜାଭିଅର ବାର୍ଟଲେଟ, ତନବୀର ସାଙ୍ଘା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ